ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୬/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Friday, December 16/2022 | Page 16 | ₹ 7.00 | ★★★★★★

୪୯ଶ ଭାଗ ୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 23 | ମୂଲ୍ୟ ₹୭/-




**କୁଲ୍‌ଦୀପଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ**

ବାଂଲାଦେଶ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଭାରତର କୁଲ୍‌ଦୀପ ଯାଦବ ୪୦ରନ କରିବା ସହ ୪ଉଇକେଟ ଅକ୍ତିଆର କରିଛନ୍ତି।

୦୮

୦୪

**ମିଛ ଖବରଠୁ ଦୂରରେ ରୁହ**

ସୋସିଆଲ ମିଡିଆ ନକାରାତ୍ମକ ଚିନ୍ତାଧାରାକୁ ପ୍ରଶ୍ରୟ ଦେଉଥିବା କୋଲକାତା ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲର ଲୋକାର୍ପଣ ଅବସରରେ ସୁପରଷ୍ଟାର ଶାହରୁଖ ଖାନ୍ କହିଛନ୍ତି।



# ଓଡ଼ିଆ ଯୁବତୀଙ୍କୁ ୪୯ଥର ଛୁରାମାଡ଼

## ପୋଖରୀରୁ ରକ୍ତାକ୍ତ ମୃତଦେହ ଜବତ



ଗୁଜରାଟ କ୍ରାଇମ୍‌ବ୍ରାଞ୍ଚ ହେପାଜତରେ ଅଭିଯୁକ୍ତ ଜଗନ୍ନାଥ ଗୌଡ଼।

- ■ ନଭେମ୍ବର ୨୮ରେ ଭୁବନେଶ୍ୱରରୁ ଯୁବତୀଙ୍କୁ ସୁରଟ ନେଇଥିଲେ ଅଭିଯୁକ୍ତ
- ■ ୩ବର୍ଷ ଧରି ଉଭୟଙ୍କ ମଧ୍ୟରେ ଥିଲା ସମ୍ପର୍କ

**ସୁରଟ,୧୫।୧୨**

ରାଜଧାନୀ ଦିଲ୍ଲୀର ମେହେରୁଆଲିରେ ଶ୍ରଦ୍ଧା ୱାକରଙ୍କୁ ବୟଫ୍ରେଣ୍ଡ ଅଫ୍‌ତାବ ପୁନାୱାଲା ହତ୍ୟା ପରେ ୩୫ଖଣ୍ଡ କରି ବିଭିନ୍ନ ସ୍ଥାନରେ ପକାଇବା ଘଟଣା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଏହାର ମାସକ ପରେ ଆଉ ଏକ ଲୋମହର୍ଷଣକାରୀ ଘଟଣା ସାମ୍ନାକୁ ଆସିଛି। ସୁରଟରେ ଜଣେ ଯୁବକ ତାଙ୍କ ବାନ୍ଧବୀଙ୍କୁ ୪୯ ଥର ଛୁରାମାଡ଼ କରି ହତ୍ୟା କରିବା ପରେ ପୋଖରୀରେ ପକାଇ ଦେଇ ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିଛନ୍ତି। ତେବେ ଗୁଜରାଟ କ୍ରାଇମ୍‌ବ୍ରାଞ୍ଚ ୫୦୦ରୁ ଊର୍ଦ୍ଧ୍ୱ ସିସିଟିଭି ଫୁଟେଜ ଏବଂ କଲ୍ ଡିଟେଲ୍ସକୁ ଆଧାର କରି ଘଟଣାର ପର୍ଦ୍ଦାଫାଶ କରିବା ସହ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ଏଥିସହ ଯୁବକଙ୍କଠାରୁ ମିଳିଥିବା ସୂଚନାକୁ ଆଧାର କରି ରକ୍ତାକ୍ତ ମୃତଦେହକୁ ଗୁରୁବାର ଏକ ପୋଖରୀରୁ ଉଦ୍ଧାର କରିଛି। ମୃତା ଯୁବତୀ ହେଉଛନ୍ତି ଲୁନି ଦାସ ଏବଂ ସେ ଭୁବନେଶ୍ୱରରେ ରହୁଥିବା ପୋଲିସ ଜାଣିବାକୁ ପାଇଛି। ହତ୍ୟା କରିଥିବା ପୁରୁଷ ବନ୍ଧୁ ଜଣକ ହେଉଛନ୍ତି ଜଗନ୍ନାଥ ଗୌଡ଼(୨୪)। ସେ ମଧ୍ୟ ଓଡ଼ିଶାର ବୋଲି କୁହାଯାଉଛି। ଲୁନିଙ୍କ ମୃତଦେହକୁ ପୋଲିସ ସୁରଟର ଅଞ୍ଜନି ଶିଳ୍ପାଞ୍ଚଳରେ ଥିବା ଏକ ପୋଖରୀରୁ ଜବତ କରିଛି।

ମିଳିଥିବା ସୂଚନା ଅନୁସାରେ, ଗତ ୩ବର୍ଷ ହେଲା ଲୁନିଙ୍କ ସହ ଜଗନ୍ନାଥଙ୍କ ପ୍ରେମ ସମ୍ପର୍କ ରହିଥିଲା। ଜଗନ୍ନାଥ ସୁରଟରେ ରହି ସ୍ଥାନୀୟ ଅଞ୍ଜନି କାରଖାନାରେ କାର୍ଯ୍ୟ କରନ୍ତି। ଲୁନି ବିବାହ ପାଇଁ ଜଗନ୍ନାଥଙ୍କୁ ସବୁବେଳେ ବାଧ କରି ମାନସିକ ନିର୍ଯାତନା ଦେଉଥିଲେ। ଏଥିରେ ରାଗିଯାଇ ଲୁନିଙ୍କୁ ସବୁଦିନ ପାଇଁ ସଫା କରିବାକୁ ଜଗନ୍ନାଥ ଚିନ୍ତା କରିଥିଲେ। ପୂର୍ବ ଯୋଜନା ମୁତାବକ ଗତ କିଛି ଦିନ ତଳେ ଜଗନ୍ନାଥ ଭୁବନେଶ୍ୱରରେ ପହଞ୍ଚିଥିଲେ। ଏଠାରୁ ଲୁନିଙ୍କୁ ସାଙ୍ଗରେ ଧରି ବୁଲାଇ ନେବାକୁ କହି ପୁରୀ-ଅହମ୍ମଦାବାଦ ଏକ୍ସପ୍ରେସରେ ସୁରଟରେ ଗତ ନଭେମ୍ବର ୨୮ରେ ପହଞ୍ଚିଥିଲେ। ପରେ ସେ ଲୁନିଙ୍କୁ ସୁରଟର ଅମରୋଲି ଥାନା ଅଞ୍ଚଳରେ ଏକ କ୍ଷେତକୁ ନେଇ ଛୁରିରେ ୪୯ଥର ଭୁସି ହତ୍ୟା କରିଥିଲେ। ହତ୍ୟା କରିବା ସମୟରେ ଜଗନ୍ନାଥ ହିଂସ୍ର ହୋଇଯାଇଥିଲେ ବୋଲି ସୁରଟ ପୋଲିସର ଯୁଗ୍ମ କମିଶନର ଶରଦ ସିଂଘଲ ସୂଚନା ଦେଇଛନ୍ତି। ସିଂଘଲଙ୍କ କହିବା ହେଲା, ଏହା ଏକ ଜଟିଳ ହତ୍ୟା ମାମଲା। ବହୁ ସିସିଟିଭି ଫୁଟେଜକୁ ଯାଞ୍ଚ କରିବା ପରେ ଆମେ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଛୁ। ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତ ଅତ୍ୟଧିକ ନିଶା ସେବନ କରନ୍ତି ଏବଂ ହତ୍ୟା କରିବା ସମୟରେ ଅତ୍ୟଧିକ କ୍ରୋଧାନ୍ୱିତ ଥିଲେ ବୋଲି ଜଣାପଡ଼ିଛି। ଯୁବତୀ ଜଣକ ଅଭିଯୁକ୍ତଙ୍କୁ ବିବାହ ପାଇଁ ଚାପ ପକାଉଥିଲେ। ତେଣୁ ଏଥିରେ ରାଗିଯାଇ ଅଭିଯୁକ୍ତ ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ମୃତାଙ୍କ ବୟସ ୨୨ରୁ ୨୩ ମଧ୍ୟରେ ହେବ। ସେ ଏକ ଟି-ଶାର୍ଟ ପରିଧାନ କରିଥିଲେ, ଯେଉଁଥିରେ ଓଡ଼ିଆରେ କିଛି ଲେଖା ହୋଇଛି। ତେଣୁ ସେ ଜଣେ ଓଡ଼ିଆ ବୋଲି ଜଣାପଡ଼ିଛି। ତେବେ ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ମାମଲାରେ ଚାର୍ଜସିଟ ଦାଖଲ କରାଯିବ ବୋଲି ସିଂଘଲ୍ କହିଛନ୍ତି। ଅପରପକ୍ଷରେ ହତ୍ୟାର ଶିକାର ହୋଇଥିବା ଯୁବତୀ ଭୁବନେଶ୍ୱରରେ ରହୁଥିବାରୁ ତାଙ୍କ ପ୍ରକୃତ ଠିକଣା କ'ଣ ତାହା ଜାଣିବା ଏବେ ବଡ଼ ପ୍ରଶ୍ନ ପାଲଟିଛି। ତେବେ ଏନେଇ ଭୁବନେଶ୍ୱର ପୋଲିସ ସହ ସୁରଟ ପୋଲିସ କୌଣସି ଯୋଗାଯୋଗ କରି ନ ଥିବା ଡିସିପି ପ୍ରତୀକ ସିଂ କହିଛନ୍ତି।

# ଜାନୁୟାରୀ ୧ରୁ ଶ୍ରୀମନ୍ଦିରକୁ ମୋବାଇଲ ମନା

## ଶ୍ରୀମନ୍ଦିର ପରିଚାଳନା କମିଟିରେ ବାଜିଲା ମୋହର



- ■ ନୀତିକାନ୍ତି ଲାଗି ଶ୍ରୀମନ୍ଦିରରେ ରହିବ ଗୋଟିଏ ଫୋନ
- ■ ୨ ସ୍ଥାନରେ ସେବାୟତ, ପୋଲିସ ରଖିବେ ଫୋନ
- ■ ଆଦର୍ଶ ଗୁରୁକୁଳ ନିମନ୍ତେ ଚୁକ୍ତିନାମା ସ୍ୱାକ୍ଷରିତ
- ■ ରତ୍ନଭଣ୍ଡାର ପ୍ରସଙ୍ଗରେ ହେଲାନି ଆଲୋଚନା

**ପୁରୀ ଅଫିସ,୧୫।୧୨**

ଶ୍ରୀମନ୍ଦିରରେ ମୋବାଇଲ ଫୋନକୁ ନେଇ ଦୀର୍ଘଦିନ ଧରି ଲାଗିରହିଥିବା ବିବାଦ ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏଣିକି କେହି ବି ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେଇପାରିବେ ନାହିଁ। ପୂର୍ବରୁ ଶ୍ରୀମନ୍ଦିର ପ୍ରବେଶ ବେଳେ ଭକ୍ତଙ୍କ ଉପରେ ମୋବାଇଲ ନେବାରେ କଟକଣା ଲଗାଯାଇଥିବା ବେଳେ ଆସନ୍ତା ଜାନୁୟାରୀ ୧ତାରିଖଠାରୁ କୌଣସି ସେବାୟତ କିମ୍ବା ପୋଲିସ, ଅଧିକାରୀ ଶ୍ରୀମନ୍ଦିରକୁ ମୋବାଇଲ ନେଇପାରିବେ ନାହିଁ। ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଗୁରୁବାର ସ୍ଥାନୀୟ ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସ ପରିସରରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଛି। ମୁଖ୍ୟତଃ ଅନେକ ସମୟରେ ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହେଉଥିବାରୁ ଜାନୁୟାରୀ ୧ରୁ ଶ୍ରୀମନ୍ଦିରରେ ସମ୍ପୂର୍ଣ୍ଣ ମୋବାଇଲ ଫୋନ ନିଷେଧ କରାଯାଇଛି। କେବଳ ମହାପ୍ରଭୁଙ୍କ ନୀତିକାନ୍ତି ସୂଚନା ପାଇଁ ଗୋଟିଏ ଫୋନ୍ ଶ୍ରୀମନ୍ଦିର ☞ପୃଷ୍ଠା-୪

**ବିଭିନ୍ନ ସମୟରେ ସୋସିଆଲ ମିଡିଆରେ ଶ୍ରୀମନ୍ଦିର ଭିତରୁ ଭାଇରାଲ ହୋଇଥିବା ଫଟୋ**

ପୃଷ୍ଠା-୫

**ଆଜିର ସମ୍ପାଦକୀୟ**

ଜଳବାୟୁ ପରିବର୍ତ୍ତନ ଓ ବାଣିଜ୍ୟିକ ନୀତି









# ମିଳିଲାଣି ୩.୫ କୋଟିର ସମ୍ପତ୍ତି, ଚାଲିଛି ଖୋଜା

## କମିଶନରେଟ୍ ପୋଲିସର ଏସ୍‌ଆଇଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଭୁବନେଶ୍ୱର, (ବ୍ୟୁରୋ)/ ରଣପୁର,୧୫।୧୨(ସ୍ୱ.ପ୍ର.)**



ଅଭିମନ୍ୟୁ ଚୌଧୁରୀ

- ■ ନୟାଗଡ଼, ଭୁବନେଶ୍ୱରରେ ଏକକାଳୀନ ଚଢ଼ଉ
- ■ ଘରୁ ମିଳିଲା ନଗଦ ୧.୭୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା
- ■ ୮ ପ୍ଲଟ୍, ୬୮.୮୦ ଲକ୍ଷ ବ୍ୟାଙ୍କ ଜମାରାଶି ଠାବ

ପୋଲିସ ବିଭାଗରେ କେତେଜଣ ଅଧିକାରୀ ଲାଞ୍ଚ କାରବାର କରି କୋଟି କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରୁଛନ୍ତି। ବିଗତ ଦିନରେ ଭିଜିଲାନ୍ସ ଏକାଧିକ ପୋଲିସ କର୍ମଚାରୀଙ୍କୁ ଧରିବା ପରେ ସେମାନଙ୍କର ଅମାପ ସମ୍ପତ୍ତି ପଦାକୁ ଆସିଛି। ଗୁରୁବାର ଟୁଇନ୍ ସିଟି କମିଶନରେଟ ପୋଲିସର ଭୁବନେଶ୍ୱର ତମାଣ୍ଡୋ ଥାନାରେ କାର୍ଯ୍ୟରତ ସବ୍‌ଇନ୍ସପେକ୍ଟର (ଏସ୍‌ଆଇ) ଅଭିମନ୍ୟୁ ଚୌଧୁରୀଙ୍କ କାର୍ଯ୍ୟାଳୟ ଏବଂ ଘର ସମେତ ନୟାଗଡ଼ ଓ ଭୁବନେଶ୍ୱରର ୩ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ଭିଜିଲାନ୍ସର ୩ଜଣ ଡିଏସ୍‌ପି, ୧୧ଜଣ ଇନ୍ସପେକ୍ଟର, ୬ଜଣ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ସାମିଲ ରହିଛନ୍ତି।

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର ୟୁନିଟ-୧୮ ପାଇକନଗରସ୍ଥିତ ପ୍ଲଟ ନଂ. ୩୬୧/୯୦୧ରେ ସବ୍‌ଇନ୍ସପେକ୍ଟର ଅଭିମନ୍ୟୁ ଚୌଧୁରୀଙ୍କ ୧୦ ହଜାର ସ୍କୋୟାର ଫୁଟରେ ଥିବା ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୪ ମହଲା କୋଠା ଠାବ ହୋଇଛି। ଏହି କୋଠାରେ ୨୯ଟି ରୁମ୍ ଥିବା ବେଳେ ୨୫ଟି ରୁମ୍‌କୁ ଭଡ଼ାରେ ଲଗାଯାଇଛି। ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ତାଳକଣି ପଞ୍ଚାୟତ ନଛିପୁର ପୈତୃକ ଗାଁରେ ୬.୨୨ ଲକ୍ଷ ଟଙ୍କାର ଏକ ମହଲା କୋଠା ଠାବ ହୋଇଛି। ଭିଜିଲାନ୍ସର ଟେକ୍‌ନିକାଲ୍ ୱିଙ୍ଗ୍ ପକ୍ଷରୁ ଏସବୁର ପ୍ରକୃତ ମୂଲ୍ୟ ହିସାବ କରାଯାଉଛି। ସେହିପରି ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳରେ ୭ଟି ପ୍ଲଟ ଓ ନୟାଗଡ଼ ନଛିପୁରରେ ଗୋଟିଏ ପ୍ଲଟ ଠାବ ହୋଇଛି। ଏହି ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ ଜଣାପଡ଼ି ନ ଥିଲେ ମଧ୍ୟ କବଲାରେ ଉଲ୍ଲେଖ ମୂଲ୍ୟ ଅନୁସାରେ ୯୦ ଲକ୍ଷ ଟଙ୍କା ହେବ। ତେବେ କବଲା ହେବା ସମୟରେ କମ୍ ମୂଲ୍ୟ ଦର୍ଶାଯାଇଥିବା ଭିଜିଲାନ୍ସ ସନ୍ଦେହ କରୁଛି। ସେହିପରି ତାଙ୍କ ଘରୁ ୧୫.୯୦ ଲକ୍ଷର ସୁନା ଓ ରୁପା ଅଳଙ୍କାର ଏବଂ ଘରୋଇ ସାମଗ୍ରୀ, ୧.୮୯ ଲକ୍ଷ ଟଙ୍କାର ୩ଟି ବାଇକ୍, ୬.୯୫ ଲକ୍ଷର ☞ପୃଷ୍ଠା-୪

# ଯିଏ ପିଇବ, ସିଏ ମରିବ: ନୀତୀଶ

## ବିହାର ମଦ ମୃତ୍ୟୁସଂଖ୍ୟା ୪୦

### ବିହାର ସରକାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ କେନ୍ଦ୍ର: ଭାଜପା ଏମ୍‌ପି

**ପାଟନା/ନୂଆଦିଲ୍ଲୀ,୧୫।୧୨**

ବିହାରର ସରନ ଜିଲା ଅନ୍ତର୍ଗତ ଛାପ୍ରା ଅଞ୍ଚଳରେ ବିଷାକ୍ତ ମଦ୍ୟପାନ ଜନିତ ମୃତ୍ୟୁସଂଖ୍ୟା ଗୁରୁବାର ୪୦ରେ ପହଞ୍ଚିଛି। ଆଇନଗତ କାର୍ଯ୍ୟାନୁଷ୍ଠାନ ଭୟରେ କେତେକ ପରିବାର ମୃତ୍ୟୁ ଖବରକୁ ଲୁଚାଇ ରଖିଥିଲେ ବୋଲି ସିଭିଲ୍ ସର୍ଜନ ତଥା ମେଡିକାଲର ଭାରପ୍ରାପ୍ତ ଅଫିସର ଡ. ସାଗର ଦୁଲାଲ ସିଂ କହିଛନ୍ତି। ସେପଟେ ମଦମୃତ୍ୟୁକୁ ନେଇ ରାଜଧାନୀ ଜୋର୍‌ଦାର ହୋଇଛି। ବିରୋଧୀ ଦଳଗୁଡ଼ିକ ବିହାରର ମହାମେଣ୍ଟ ସରକାରଙ୍କୁ ଟାର୍ଗେଟ କରିଥିବାବେଳେ ଯିଏ ମଦ ପିଇବ, ସିଏ ମରିବ ବୋଲି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଛନ୍ତି। ମଦ ସ୍ୱାସ୍ଥ୍ୟ ପାଇଁ କିପରି ହାନିକାରକ, ଛାପ୍ରା ଅଞ୍ଚଳର ମଦମୃତ୍ୟୁ ତାହାର ଉଦାହରଣ। ଯଦି କେହି ମଦ ପିଅନ୍ତି, ସେ ମରିବେ, ଏହାର ଉଦାହରଣ ଆମ ଆଗରେ ବୋଲି ନୀତୀଶ ଗଣମାଧ୍ୟମକୁ କହିଥିଲେ। ଯେଉଁ ରାଜ୍ୟଗୁଡ଼ିକରେ ମଦ୍ୟପାନକୁ ନିଷେଧ କରାଯାଇ ନାହିଁ, ସେଠାରେ ମଧ୍ୟ ମଦ ପିଇ ଲୋକେ ମରୁଛନ୍ତି। ଲୋକେ ସତର୍କ ହେବା ଆବଶ୍ୟକ। ଯେହେତୁ ବିହାରରେ ମଦକୁ ନିଷେଧ କରାଯାଇଛି, ଏଠାରେ କିଛି ବିଷାକ୍ତ ଜିନିଷ ବିକ୍ରି କରାଯାଉଛି, ଯାହାକୁ ପିଇ ଲୋକେ ମରୁଛନ୍ତି। ମଦ ଖରାପ, ଏହାକୁ ପିଇବା ଉଚିତ ନୁହେଁ ବୋଲ ନୀତୀଶ କହିଛନ୍ତି।

ବିହାରରେ ମଦମୃତ୍ୟୁକୁ ନେଇ ଲୋକସଭାରେ ଗୁରୁବାର ଜୋର୍‌ଦାର ହଟ୍ଟଗୋଳ ହୋଇଥିଲା। ଏହା ଗଣହତ୍ୟା ବୋଲି ଭାଜପା ସଦସ୍ୟମାନେ ଅଭିଯୋଗ କରିବା ସହ କେନ୍ଦ୍ର ସରକାର ତୁରନ୍ତ ନୀତୀଶ ସରକାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ଶୂନ୍ୟକାଳରେ ପଶ୍ଚିମ ଚମ୍ପାରନ୍‌ର ଭାଜପା ଏମ୍‌ପି ସଞ୍ଜୟ ଜୟସ୍ୱାଲ କହିଥିଲେ, ରାଜ୍ୟରେ ମଦ ନିଷେଧ ହେବା ସତ୍ତ୍ୱେ ପୋଲିସ ଅଫିସରମାନଙ୍କ ସୁରକ୍ଷାରେ ବିଷାକ୍ତ ମଦ କାରବାର ଚାଲିଛି। ମୁଖ୍ୟମନ୍ତ୍ରୀ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ମଦମୃତ୍ୟୁକୁ ଗଣହତ୍ୟା କହି ଔରଙ୍ଗାବାଦ ଭାଜପା ଏମ୍‌ପି ସୁଶୀଲ କୁମାର ସିଂ ବିହାର ସରକାରଙ୍କୁ ଏଥିପାଇଁ ଦାୟୀ କରିଥିଲେ। ବିହାର ବିଧାନସଭାରେ ମଧ୍ୟ ଦ୍ୱିତୀୟ ଦିନ ପାଇଁ ମଦମୃତ୍ୟୁକୁ ନେଇ ହୋହାଲ୍ଲା ହୋଇଥିଲା। ରାଜ୍ୟ ସରକାର ମଦ ନିଷେଧ ଆଇନର ପୁନର୍ବିଚାର କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବାକୁ ମହାମେଣ୍ଟ ସରକାରର ଅନ୍ୟତମ ସମର୍ଥକ ସିପିଆଇ(ଏମ୍‌ଏଲ୍) ଲିବରେଶନ ପକ୍ଷରୁ ଦାବି କରାଯାଇଥିଲା।






ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଗୁରୁବାର ହିମାଚଳ ପ୍ରଦେଶର ନୂଆ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ଓ ରାଜ୍ୟ କଂଗ୍ରେସ ସଭାପତି ପ୍ରତିଭା ସିଂ ସାକ୍ଷାତ କରୁଛନ୍ତି। (ଫଟୋ: ଚମନ ଗୌତମ)

# କଂଗ୍ରେସ ପାଇଁ ପରୀକ୍ଷା

## ନାଗାଲାଣ୍ଡ, ମେଘାଳୟ, ତ୍ରିପୁରାରେ ଆଗାମୀ ବିଧାନସଭା ନିର୍ବାଚନ

ଗୁଆହାଟୀ,୧୫।୧୨

ଉତ୍ତରପୂର୍ବାଞ୍ଚଳର ୩ ରାଜ୍ୟ ନାଗାଲାଣ୍ଡ, ମେଘାଳୟ ଏବଂ ତ୍ରିପୁରା ନିର୍ବାଚନରେ କଂଗ୍ରେସ କ୍ଷମତାକୁ ଫେରିବାକୁ ହେଲେ ବହୁତ କିଛି କରିବାକୁ ପଡ଼ିବ। ଏକଦା ଏହି ଦଳ ସମଗ୍ର ଉତ୍ତରପୂର୍ବାଞ୍ଚଳରେ କ୍ଷମତାରେ ଥିଲା। ୨୦୧୪ରେ ଭାଜପା କ୍ଷମତାକୁ ଆସିବା ପରେ କଂଗ୍ରେସ ହାତରୁ ଗୋଟିଏ ପରେ ଗୋଟିଏ ରାଜ୍ୟ ଖସିବା ଆରମ୍ଭ ହୋଇଥିଲା। ଫେବୃୟାରୀରେ ଉପରୋକ୍ତ ୩ ରାଜ୍ୟରେ ଏକସଙ୍ଗେ ବିଧାନସଭା ନିର୍ବାଚନ ହେବା ଆଶା କରାଯାଉଛି। ତେବେ କୌଣସି ରାଜ୍ୟରେ କଂଗ୍ରେସ କ୍ଷମତା ଦୌଡ଼ରେ ନାହିଁ ଏବଂ ଅଧିକାଂଶ ନେତା ଦଳ ଛାଡ଼ି ଶାସକ ଦଳ କିମ୍ବା ଅନ୍ୟ ଦଳରେ ସାମିଲ ହୋଇଛନ୍ତି।

ନାଗାଲାଣ୍ଡରେ କଂଗ୍ରେସର ଆଦୌ ବିଧାୟକ ନ ଥିବାବେଳେ ତ୍ରିପୁରା ଓ ମେଘାଳୟରେ ଜଣେ ଲେଖାଏ ବିଧାୟକ ରହିଛନ୍ତି। ଚଳିତ ବର୍ଷ ଆରମ୍ଭରେ ମେଘାଳୟର ୫ କଂଗ୍ରେସ ବିଧାୟେକ କନ୍‌ରାଡ ସାଙ୍ଗମା ସରକାରଙ୍କ ଆଡ଼କୁ ଢଳୁଥିବା ଜଣାପଡ଼ିବା ପରେ ଦଳ ତାଙ୍କୁ ନିଲମ୍ବନ କରିଥିଲା। ୨୦୧୮ ବିଧାନସଭା ନିର୍ବାଚନରେ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିଲେ ମଧ୍ୟ ସେଠାରେ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ନେତୃତ୍ୱରେ ସରକାର ଗଢ଼ାଯାଇଥିଲା। ଗତବର୍ଷ ନଭେମ୍ବରରେ



୧୭ କଂଗ୍ରେସ ବିଧାୟକଙ୍କ ମଧ୍ୟରୁ ୧୨ ଜଣ ପୂର୍ବତନ ମୁଖ୍ୟମନ୍ତ୍ରୀ ମୁକୁଲ ସାଙ୍ଗମାଙ୍କ ନେତୃତ୍ୱରେ ତୃଣମୂଳ କଂଗ୍ରେସରେ ଯୋଗ ଦେଇଥିଲେ। ଫଳରେ ମମତା ବାନାର୍ଜୀଙ୍କ ଦଳ ସେଠାରେ ମୁଖ୍ୟ ବିରୋଧୀ ଦଳ ହୋଇଥିଲା।

ସେହିପରି ତ୍ରିପୁରା ବିଧାନସଭାରେ ସୁଦୀପ ରାୟ ବର୍ମନ ଏକମାତ୍ର କଂଗ୍ରେସ ବିଧାୟକ। ସେ ପୂର୍ବ ନିର୍ବାଚନରେ ଭାଜପା ଟିକେଟରେ ବିଜୟୀ ହୋଇ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବିଧାନସଭାରୁ ଇସ୍ତଫା ଦେଇଥିଲେ ଏବଂ ଉପନିର୍ବାଚନରେ କଂଗ୍ରେସ ଟିକେଟରେ ବିଜୟୀ ହୋଇଥିଲେ। ସେହିପରି ନାଗାଲାଣ୍ଡ ବିଧାନସଭା ୨୦୧୮ରୁ କଂଗ୍ରେସ ଶୂନ୍ୟ ରହିଛି। ସେଠାରେ ଭାଜପା, ନ୍ୟାଶନାଲ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି ଏବଂ ନାଗା ପିପୁଲ୍ସ ଫ୍ରଣ୍ଟର ମେଣ୍ଟ ସରକାର ଚାଲିଛି।

# ପାର୍ଲାମେଣ୍ଟରେ ଅର୍ଚ୍ଚନା ନାଗ ପ୍ରସଙ୍ଗ

## ସିବିଆଇ ତଦନ୍ତ ଦାବି କଲେ ପୂଜାରୀ

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି କରିଥିବା ଅର୍ଚ୍ଚନା ନାଗ ମାମଲା ପାର୍ଲାମେଣ୍ଟରେ ଉଠିଛି। ଭାଜପା ଏମ୍‌ପି ସୁରେଶ ପୂଜାରୀ ଗୁରୁବାର ଏହି ପ୍ରସଙ୍ଗ ଉଠାଇଛନ୍ତି। ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇଥିବା ଏହି ମାମଲାରେ ଅନେକ ବଡ଼ ବଡ଼ ନେତା, ଅଫିସର, ବ୍ୟବସାୟୀ, ଫିଲ୍ମ ପ୍ରଯୋଜକଙ୍କ ନାଁ ସାମ୍ନାକୁ ଆସିଛି। ଏହାର ସିବିଆଇ ତଦନ୍ତ ହେଉ ବୋଲି ସେ ଦାବି କରିଛନ୍ତି।

ପୂଜାରୀ କହିଛନ୍ତି, ଅର୍ଚ୍ଚନା ନାଗ ସେକ୍ସ ସ୍କାଣ୍ଡାଲ ଓ ହନିଟ୍ରାପ୍ ଘଟଣା ଓଡ଼ିଶାବାସୀଙ୍କୁ ବିଚଳିତ କରିଛି। ଏହି ଘଟଣାରେ ବଡ଼ ବଡ଼ ରାଜନେତା, ମନ୍ତ୍ରୀ, ନିର୍ବାଚିତ ପ୍ରତିନିଧି, ବଡ଼ ବଡ଼ ବେପାରୀ, ସିନେମା ପ୍ରଯୋଜକ, ସରକାରୀ ଅଧିକାରୀ ଓ ପୋଲିସ ଅଧିକାରୀମାନେ ସମ୍ପୃକ୍ତ ଥିବା ଅଭିଯୋଗ ରହିଛି। ସିଷ୍ଟମ୍‌କୁ ଚଳାଉଥିବା ସମସ୍ତ ବ୍ୟକ୍ତି ବର୍ତ୍ତମାନ କାଠଗଡ଼ାରେ। ହନିଟ୍ରାପ୍ ଜରିଆରେ ଲୋକଙ୍କୁ ଫସାଇବା, ଲୋକଙ୍କୁ ଫସାଇବା ପରେ ତା'ର ଭିଡିଓ ଶୁଟିଂ କରିବା, ଭିଡିଓ ଶୁଟିଂ କଲା ପରେ ବ୍ଲାକ୍‌ମେଲିଂ କରି ଅର୍ଚ୍ଚନା ଯେଉଁ ଅର୍ଥ ଉପାର୍ଜନ କରୁଥିଲେ ଏବଂ ଯେଉଁମାନେ ଦେଉଥିଲେ, ସେମାନେ ଏ ବିପୁଳ ଟଙ୍କା ଆଣିଲେ କେଉଁଠୁ। ଉପାର୍ଜନର ଉତ୍ସ କ'ଣ ଥିଲା। ଅନ୍ୟପଟେ ତଦନ୍ତକାରୀ ସଂସ୍ଥା ଇଡି କେବଳ ଅର୍ଥ କାରବାର ପ୍ରସଙ୍ଗରେ ଯାଞ୍ଚ କରିବ। କିନ୍ତୁ ରାଜ୍ୟର ସବୁଠୁ ବଡ଼ ସେକ୍ସ ସ୍କାଣ୍ଡାଲରେ ସମ୍ପୃକ୍ତ ଥିବା ରାଜନେତା, ମନ୍ତ୍ରୀ, ନିର୍ବାଚିତ ପ୍ରତିନିଧି, ବଡ଼ ବଡ଼ ବେପାରୀ, ସିନେମା ପ୍ରଯୋଜକ, ସରକାରୀ ଅଧିକାରୀ ଓ ପୋଲିସ ଅଧିକାରୀମାନେ ଖସିଯିବାର ଆଶଙ୍କା ପ୍ରକାଶ ପାଇଛି। ଏହି ଘଟଣାର ତଦନ୍ତ ପ୍ରଥମେ ରାଜ୍ୟ ପୋଲିସ କରୁଥିଲା ଏବଂ ବର୍ତ୍ତମାନ ଏହାର ତଦନ୍ତ ଭାର ଇଡି ଉପରେ ନ୍ୟସ୍ତ। ପ୍ରଭାବଶାଳୀ ଲୋକମାନେ ସମ୍ପୃକ୍ତ ଥିବା କାରଣରୁ ତଦନ୍ତ ବାଟବଣା ହେବାର ଯଥେଷ୍ଟ ଆଶଙ୍କା ରହିଛି।

ଉଚ୍ଚସ୍ତରୀୟ ଏବଂ ଠିକ୍ ତଦନ୍ତ ନ ହେଲେ ସତ୍ୟ ସାମ୍ନାକୁ ଆସିବ ନାହିଁ। ଏପରି କି ଘଟଣାର ମୁଖ୍ୟ ଅଭିଯୁକ୍ତ ଅର୍ଚ୍ଚନା ନାଗ, ତାଙ୍କର ସମସ୍ତ ସହଯୋଗୀ ଏବଂ ସଂପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କ ଲାଏ ଡିଟେକ୍ଶନ ଟେଷ୍ଟ ହେବାର ମଧ୍ୟ ଜରୁରୀ ରହିଛି। ଯେଉଁମାନେ ରାଜନେତାର ମୁଖା ପିନ୍ଧି ଏଭଳି ଅପକର୍ମ କରୁଥିଲେ ସେମାନଙ୍କ ନାମ ମଧ୍ୟ ଜନସାଧାରଣଙ୍କ ସମ୍ମୁଖରେ ନିହାତି ଉପସ୍ଥାପନ ହେବା କଥା। ଏଭଳି ଜଟିଳ କେସ୍ ସିବିଆଇ ଦ୍ୱାରା ତଦନ୍ତ କରାଯାଉ। ତଦନ୍ତ ପ୍ରକ୍ରିୟା ବିଳମ୍ବ ହେବାର ଆଶଙ୍କା ପ୍ରକାଶ ପାଉଥିବାରୁ ସମଗ୍ର ଘଟଣାକୁ ଫାଷ୍ଟଟ୍ରାକ୍ କୋର୍ଟ ଜରିଆରେ ଶୁଣାଣି କରାଯାଉ ବୋଲି ପୂଜାରୀ ଦାବି କରିଛନ୍ତି।

# 'ମହିଳା ସଂରକ୍ଷଣ ବିଲ୍ ପାରିତ ହେଉ'

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ ବିଲ୍ ପାରିତ କରିବା ନେଇ ବିଜେଡି ଦାବି ଉଠାଇଛି। ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଗୁରୁବାର ରାଜ୍ୟ ସଭାରେ ଏକ ସ୍ୱତନ୍ତ୍ର ଆଲେଖ୍ୟରେ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ମହିଳା ବିଲ୍ ପାରିତ ହେଲେ ନାରୀ ସଶକ୍ତୀକରଣ କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ହେବ। ଭାରତ ସ୍ୱାଧୀନତାର ୭୫ ବର୍ଷରେ ଅମୃତ ମହୋତ୍ସବ ପାଳୁଥିବା ବେଳେ ଆସନ୍ତା ବର୍ଷ ଭାରତ ଜି-୨୦ ସମ୍ମିଳନୀରେ ଅଧ୍ୟକ୍ଷତା କରିବ। ଏହି ପ୍ରସ୍ତାବ ପାରିତ କରିବାର ଏକ ବଡ଼



ସସ୍ମିତ ପାତ୍ର

ସୁଯୋଗ ଆସିଛି। ମହିଳା ସଂରକ୍ଷଣ ବିଲ୍ ପାରିତ କରି ବିଶ୍ୱରେ ଭାରତ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିବ।

ଏହି ବିଲ୍ ୬୬କୋଟି ମହିଳା ସଶକ୍ତୀକରଣରେ ଇତିହାସ ସୃଷ୍ଟି କରିବ। ପାର୍ଲାମେଣ୍ଟରେ ୩୩ ପ୍ରତିଶତ ସଂରକ୍ଷଣ ହେଲେ ମହିଳାଙ୍କୁ ନେତୃତ୍ୱ ଦେବା କ୍ଷେତ୍ରରେ ନୂଆ ମାଇଲଷ୍ଟୋନ ସ୍ଥାପନ ହୋଇପାରିବ। ଗତ ୧ ବର୍ଷ ହେବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ସଂରକ୍ଷଣ ବିଲ୍ ସଂସଦରେ ପାରିତ କରିବାକୁ ଦାବି କରିଆସୁଛନ୍ତି। ୨୦୧୮ରେ ବିଜେଡି ପକ୍ଷରୁ ଏକ ପ୍ରତିନିଧିମଣ୍ଡଳୀ ୨୨ଟି ରାଜନୈତିକ ଦଳକୁ ଭେଟି ଏହି ବିଲ୍‌କୁ ସମର୍ଥନ କରିବା ପାଇଁ ଅପିଲ କରାଯାଇଥିଲା। ୨୦୧୯ ଲୋକ ସଭା ନିର୍ବାଚନରେ ବିଜେଡି ପକ୍ଷରୁ ୩୩ ପ୍ରତିଶତ ମହିଳାଙ୍କୁ ପ୍ରାର୍ଥୀ କରାଯାଇଥିଲା।

# ପଦ୍ମପୁର ପ୍ରତିଶ୍ରୁତି ପାଳନ ପାଇଁ ବିଜେଡିର କସରତ

## ଜାନୁୟାରୀରେ ଯିବେ ମୁଖ୍ୟମନ୍ତ୍ରୀ

- କେଉଁ ଯୋଜନାକୁ ଲୋକେ ବେଶି ଚାହୁଁଛନ୍ତି ତା'ର ରିପୋର୍ଟ ନେଲେ
- ଭାଜପା, ଆର୍‌ଏସ୍‌ଏସ୍, ବିଶ୍ୱହିନ୍ଦୁ ପରିଷଦ ଭୂମିକା କଥା ବୁଝିଲେ

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନ ଦାୟିତ୍ୱରେ ଥିବା ନେତାମାନଙ୍କୁ ନବୀନ ନିବାସରୁ ଗୁରୁବାର ପୂର୍ବାହ୍ନ ୧୧ଟା ସୁଦ୍ଧା ପହଞ୍ଚିବା ପାଇଁ ଡକରା ମିଳିଥିଲା। ଡକରା ପାଇ ଦାୟିତ୍ୱରେ ଥିବା ସମସ୍ତ ନେତା ଯାଇ ନବୀନ ନିବାସରେ ପହଞ୍ଚିଥିଲେ। ଏହାସହ ଯେଉଁମାନେ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ପାଇଥିଲେ ସମସ୍ତଙ୍କୁ ଫଳାଫଳ ସମ୍ପର୍କିତ ରିପୋର୍ଟ ନେଇ ଆସିବାକୁ କୁହାଯାଇଥିଲା। ସେହି ଅନୁଯାୟୀ ନିର୍ବାଚନମଣ୍ଡଳୀଠାରୁ ଆରମ୍ଭ କରି ବ୍ଲକ ଏବଂ ଜୋନ୍ ଓ ପଞ୍ଚାୟତ ଦାୟିତ୍ୱରେ ଥିବା ନେତାମାନେ ନିଜ ରିପୋର୍ଟକୁ ସାଙ୍ଗରେ ଧରି ଯାଇ ପହଞ୍ଚି ଯାଇଥିଲେ। ଏହାପରେ ସମସ୍ତ ନେତାଙ୍କୁ ନେଇ ଜୋନ୍‌ୱାରି ପଦ୍ମପୁରରେ ହୋଇଥିବା ଫଳାଫଳର ସମୀକ୍ଷା କରାଯାଇଥିଲା। କେଉଁ ପଞ୍ଚାୟତରେ କେତେ ରେଜଲ୍ଟ ହୋଇଛି, କେଉଁଠାରେ ଖରାପ ହୋଇଛି ଏବଂ କେଉଁଠାରେ ଦଳର ଭଲ ପ୍ରଦର୍ଶନ ହୋଇଛି ସବୁର ତର୍ଜମା କରାଯାଇଥିଲା। ଏହାପରେ କେଉଁ ନେତାମାନେ ଦାୟିତ୍ୱରେ ଥିବା ପଞ୍ଚାୟତରେ କ'ଣ ସବୁ ପ୍ରତିଶ୍ରୁତି ଦେଇ ଫେରିଛନ୍ତି ସେକଥା ମଧ୍ୟ ଜଣାଇଥିଲେ। ସେହି ପ୍ରତିଶ୍ରୁତି ଯେପରି ତୁରନ୍ତ ଏବଂ ଯଥା ଢଙ୍ଗରେ ପାଳନ ହେବ ସେନେଇ ସେମାନଙ୍କୁ ଗୁରୁତ୍ୱ ଦେବା ଲାଗି କୁହାଯାଇଥିଲା। ଏହାସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ମାସରେ ପଦ୍ମପୁର ଯିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା।

ସେହିପରି ଜୋନ୍‌ୱାରି ନେତାମାନଙ୍କୁ ଡାକି ପଦ୍ମପୁର ଉପନିର୍ବାଚନରେ କାମ କରିବା ସମୟରେ କ'ଣ ସବୁ ସେମାନଙ୍କ ଅନୁଭୂତି ରହିଲା ସେନେଇ ମଧ୍ୟ ପଚରାଯାଇଛି। ରାଜ୍ୟ ସରକାର ଆଣିଥିବା ଯୋଜନା ସବୁ ମଧ୍ୟରୁ କେଉଁଗୁଡ଼ିକ ଲୋକମାନଙ୍କ ଦ୍ୱାରା ବିଶେଷ ଆଦୃତ ହେଉଛି ,କେଉଁ ଯୋଜନାକୁ ହିତାଧିକାରୀମାନେ ଭଲ ପାଉନାହାନ୍ତି ସେନେଇ ପଞ୍ଚାୟତସ୍ତରରେ ଦାୟିତ୍ୱରେ ଥିବା ନେତାମାନଙ୍କୁ ପଚରାଯାଇଥିଲା। ଏହାସହ ଭାଜପା, ରାଷ୍ଟ୍ରୀୟ ସ୍ୱୟଂ ସେବକ, ବିଶ୍ୱ ହିନ୍ଦୁ ପରିଷଦ ବାଲାଙ୍କ ଭୂମିକା କିପରି ରହୁଛି ସେନେଇ ମଧ୍ୟ ମତାମତ ନିଆଯାଇଥିଲା। ଏହାସହ ଅନ୍ୟ କେଉଁ ଯୋଜନା କଲେ ଲୋକଙ୍କ ଦ୍ୱାରା ଆଦୃତ ହୋଇପାରିବ ସେକଥା ମଧ୍ୟ ପଚରାଯାଇଥିଲା। ତେବେ ଆସନ୍ତା ଜାନୁୟାରୀରେ ମୁଖ୍ୟମନ୍ତ୍ରୀ ପଦ୍ମପୁର ନିର୍ବାଚନମଣ୍ଡଳୀର ସମସ୍ତଙ୍କୁ ଧନ୍ୟବାଦ ଦେବାକୁ ଯିବେ। ଏହା ପୂର୍ବରୁ ପଞ୍ଚାୟତସ୍ତରରେ ନେତାମାନେ ଯାହାସବୁ ପ୍ରତିଶ୍ରୁତି ଦେଇଛନ୍ତି ସେସବୁର ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରି କିପରି ତୃଣମୂଳସ୍ତରରେ କାମ ହେବ ସେନେଇ କାମ ଆରମ୍ଭ କରିଦେବାକୁ ସରକାରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଯେବେ ପଦ୍ମପୁର ଯିବେ ସେହି କାର୍ଯ୍ୟାଦେଶ ବଣ୍ଟାଯିବ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ତେବେ ବୈଠକ ଶେଷରେ ସବୁ ନେତାଙ୍କୁ ଜଗନ୍ନାଥଙ୍କ ମହାପ୍ରସାଦ ବଣ୍ଟାଯାଇଥିଲା। ତେବେ ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ମୁଖ୍ୟମନ୍ତ୍ରୀ ପଦ୍ମପୁର ଗସ୍ତ କରିବେ। କିନ୍ତୁ ମୁଖ୍ୟମନ୍ତ୍ରୀ କେବେ ଯିବେ ତା'ର ତାରିଖ ନିର୍ଦ୍ଧାରଣ ହୋଇନାହିଁ ବୋଲି ସେ କହିଛନ୍ତି।

# କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ଭାଜପା ଏମ୍‌ପି

## 'ରାଜ୍ୟରେ ଆୟୁଷ୍ମାନ ଭାରତ-ପିଏମ୍‌ଜେଏୱାଇ ଯୋଜନା ଲାଗୁ ପାଇଁ ପରାମର୍ଶ ଦିଅନ୍ତୁ'

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

ପାର୍ଲାମେଣ୍ଟ ଅଧିବେଶନ ଚାଲିଥିବା ବେଳେ ରାଜ୍ୟର ୩ କେନ୍ଦ୍ରମନ୍ତ୍ରୀଙ୍କ ସହ ସମସ୍ତ ଭାଜପା ଏମ୍‌ପି ଗୁରୁବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କୁ ସାକ୍ଷାତ କରିଛନ୍ତି। ଓଡ଼ିଶାରେ ଖୁବ୍‌ଶୀଘ୍ର ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ଏବି-ପିଏମ୍‌ଜେଏୱାଇ) ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଅନ୍ତୁ ବୋଲି ରାଜ୍ୟର ଭାଜପା ଏମ୍‌ପିମାନେ ଅନୁରୋଧ କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଧର୍ମେନ୍ଦ୍ର ପ୍ରଧାନ, ବିଶ୍ୱେଶ୍ୱର ଟୁଡୁ, ଏମ୍‌ପି ଜୁଏଲ ଓରାମ, ପ୍ରତାପ ଷଡ଼ଙ୍ଗୀ, ବସନ୍ତ ପଣ୍ଡା, ସୁରେଶ ପୂଜାରୀ, ନୀତେଶ ଗଙ୍ଗଦେବ, ଅପରାଜିତା ଷଡ଼ଙ୍ଗୀ, ସଙ୍ଗୀତା ସିଙ୍ଗଦେଓ ପ୍ରମୁଖ ଉପସ୍ଥିତ ଥିଲେ।

ମାଣ୍ଡବ୍ୟଙ୍କୁ ସାକ୍ଷାତ ସମୟରେ ସେମାନେ ଏକ ଦାବିପତ୍ର ଦେବା ସହ କହିଛନ୍ତି, ୨୦୧୯-୨୦ ଆର୍ଥିକ ବର୍ଷରେ ସାମଗ୍ରିକ ସ୍ୱାସ୍ଥ୍ୟାବସ୍ଥା ପ୍ରଦର୍ଶନ ତୁଳନାରେ ୧୯ଟି ପ୍ରମୁଖ ରାଜ୍ୟ ମଧ୍ୟରେ ଓଡ଼ିଶାର ସ୍ଥାନ ୧୪ ନମ୍ବରରେ ଥିଲା, ଯାହା ପଡ଼ୋଶୀ ଝାଡ଼ଖଣ୍ଡ ଓ ଛତିଶଗଡ଼ ରାଜ୍ୟଠାରୁ ମଧ୍ୟ କମ୍। ୨୦୧୪ ମସିହା ପରଠାରୁ ନବଜାତ ମୃତ୍ୟୁହାର, ଶିଶୁ, କିଶୋର, ମହିଳାଙ୍କ ମଧ୍ୟରେ ରକ୍ତହୀନତାରେ ଓଡ଼ିଶାର ପ୍ରଦର୍ଶନ ନୈରାଶ୍ୟଜନକ। ଓଡ଼ିଶାରେ ନୂଆ ମେଡିକାଲ ପାଇଁ ଉପଯୁକ୍ତ ସମ୍ବଳ ନ ଥିବାରୁ ଗ୍ରାମାଞ୍ଚଳରେ ପ୍ରାୟ ୪୦ ପ୍ରତିଶତ ଡାକ୍ତର ପଦବୀ ଖାଲିପଡ଼ିଛି। ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ନ ହେବା ଯୋଗୁ ଅଧିକାଂଶ ପ୍ରବାସୀ ଓଡ଼ିଆ ଲୋକ ସ୍ୱାସ୍ଥ୍ୟବୀମାର ଲାଭ ନେବାରୁ ବଞ୍ଚିତ ହେଉଛନ୍ତି। ଦେଶର ୨୦ଟି ରାଜ୍ୟରେ ଆୟୁଷ୍ମାନ ଯୋଜନା ସମେତ ରାଜ୍ୟର ନିଜସ୍ୱ ଯୋଜନା ସମାନ୍ତରାଳ ଭାବେ କାର୍ଯ୍ୟକାରୀ ହେଉଛି। ଏହାଦ୍ୱାରା ୨୦୧୧ର ସାମାଜିକ, ଆର୍ଥିକ ଓ ଜାତିଭିତ୍ତିକ ଗଣନା(ଏସ୍‌ଇସିସି) ତାଲିକା ବାହାରେ ଥିବା ଲୋକମାନେ ମଧ୍ୟ ସ୍ୱାସ୍ଥ୍ୟବୀମାର ଲାଭ ପାଇପାରିବେ। ରାଜ୍ୟ ନିଜ ପାଣ୍ଠିରୁ ଅଧିକ ଲୋକ ଯୋଡ଼ିପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୨୦୧୮ ରେ ଆରମ୍ଭ ହୋଇଥିବା ଆୟୁଷ୍ମାନ ଭାରତ ଯୋଜନା ଏକ ଐତିହାସିକ ପଦକ୍ଷେପ। ଏହି ଯୋଜନାରେ ପ୍ରତ୍ୟେକ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଉତ୍ତମ ଚିକିତ୍ସା ସେବା ଯୋଗାଇଦେବାର ବ୍ୟବସ୍ଥା ରହିଛି। ଓଡ଼ିଶା ଭଳି ଅଳ୍ପ କେତେକ ରାଜ୍ୟ ସର୍ବଭାରତୀୟ ସ୍ୱାସ୍ଥ୍ୟ ଯୋଜନାର ଲାଭରୁ ନାଗରିକଙ୍କୁ ବଞ୍ଚିତ କରୁଛନ୍ତି। ଆୟୁଷ୍ମାନ ଭାରତ କାର୍ଯ୍ୟକାରୀ ନ ହେବା ଯୋଗୁ ସ୍ୱାସ୍ଥ୍ୟକ୍ଷେତ୍ରରେ ଓଡ଼ିଶାର ସ୍ଥିତି ବିପର୍ଯ୍ୟସ୍ତ ଆଡ଼କୁ ଗତି କରୁଛି ବୋଲି ସେମାନେ କହିଛନ୍ତି।

ତେବେ ଏନେଇ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ କହିଛନ୍ତି, ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟ ସରକାର ଯେଉଁ ସୁବିଧା ଯୋଗାଇ ଦେଉଛନ୍ତି ତାହା ଆୟୁଷ୍ମାନ ଯୋଜନାରେ ନାହିଁ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟ ସରକାର ପୁରୁଷଙ୍କୁ ୫ ଲକ୍ଷ ଏବଂ ମହିଳାଙ୍କ ଲାଗି ୧୦ ଲକ୍ଷ ଟଙ୍କାର ସୁବିଧା ଯୋଗାଇ ଦେଉଛନ୍ତି, ହେଲେ ଆୟୁଷ୍ମାନ ଭାରତରେ କେବଳ ହିତାଧିକାରୀଙ୍କୁ ୫ ଲକ୍ଷ ଟଙ୍କାର ମେଡିକାଲ ସୁବିଧା ମିଳୁଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ଧରି ଯାଇ ହିତାଧିକାରୀ ହସ୍ପିଟାଲରେ ପହଞ୍ଚିଗଲେ ତାଙ୍କୁ ସିଧାସଳଖ ଚିକିତ୍ସା ସୁବିଧା ମିଳୁଛି। ତେଣୁ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବାର କିଛି ଆବଶ୍ୟକତା ନ ଥିବା ରାଜେନ୍ଦ୍ର କହିଛନ୍ତି।



## ୧୮ରୁ ବଢ଼ିବ ଶୀତ

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ):** ରାଜ୍ୟରେ ଶୀତର ପ୍ରକୋପ ହ୍ରାସ ପାଇଛି। ଆସନ୍ତା ୧୮ ତାରିଖରୁ ପାଗ ପରିବର୍ତ୍ତନ ହେବ। ଉତ୍ତର ପୂର୍ବ ଦିଗରୁ ରାଜ୍ୟକୁ ଥଣ୍ଡା ବାୟୁ ପ୍ରବାହିତ ହେବ। ଏହାର ପ୍ରଭାବରେ ଶୀତ ବଢ଼ିବ। ସର୍ବନିମ୍ନ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଗୁରୁବାର କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୧୪.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ କୋରାପୁଟ ୧୫, ସୁନ୍ଦରଗଡ଼ ୧୫.୩, ଫୁଲବାଣୀ ୧୫.୫, ଦାରିଙ୍ଗବାଡ଼ି ୧୫.୫, ବାରିପଦା ୧୫.୫, ବାଲେଶ୍ୱର ୧୬, ଅନୁଗୋଳ ୧୬.୬, କଟକ ୧୭.୫, ବୌଦ୍ଧ ୧୭, ଦେବଗଡ଼ ୧୭.୨, ସମ୍ବଲପୁର ୧୭.୮ ଏବଂ ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୭.୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# କେଳୁଣୀ ମୁହାଣରୁ ବେଆଇନ ଟ୍ରଲର ଜବତ



**କୋଣାର୍କ,୧୫।୧୨(ଡି.ଏନ୍.ଏ.)**

ଅସ୍ତରଙ୍ଗ ଅନ୍ତର୍ଗତ କେଳୁଣୀ ମୁହାଣ ନିକଟ ନିଷିଦ୍ଧାଞ୍ଚଳରୁ ଗୁରୁବାର ଅପରାହ୍ନରେ ଅସ୍ତରଙ୍ଗ ବନ ବିଭାଗ ପକ୍ଷରୁ ଏକ ବେଆଇନ ଟ୍ରଲର ଜବତ କରାଯାଇଛି। ଉକ୍ତ ଟ୍ରଲର ନାମ ମହାଲକ୍ଷ୍ମୀ ହୋଇଥିବା ବେଳେ ଏହା ଅସ୍ତରଙ୍ଗ ନୂଆଗଡ଼ ଅଞ୍ଚଳର ବୋଲି ଜଣାପଡିଛି। ଏଥିସହ କେତେଜଣ ମତ୍ସ୍ୟଜୀବୀଙ୍କୁ ଅଟକ ରଖି ପଚରାଉଚରା କରାଯାଇଛି। ସୂଚନା ଅନୁସାରେ, ବର୍ତ୍ତମାନ ଅଲିଭ କଇଁଛଙ୍କ ଅଣ୍ଡାଦାନ ସମୟ ହୋଇଥିବାରୁ ସମୁଦ୍ର ଭିତରୁ ମାଛ ଧରିବା ପାଇଁ ଟ୍ରଲରଗୁଡ଼ିକୁ ବାରଣ କରାଯାଇଥିଲା। ସେଥିପାଇଁ ପ୍ରଶାସନ ପକ୍ଷରୁ ପ୍ରତି ଟ୍ରଲର ପିଛା ୭ହଜାର ଟଙ୍କା ଟ୍ରଲର ମାଲିକଙ୍କୁ ଦିଆଯାଇଥାଏ। କିନ୍ତୁ ଟ୍ରଲର ମାଲିକମାନେ ଟଙ୍କା ନେବା ପରେ ବି ଚୋରାରେ ନିଷିଦ୍ଧାଞ୍ଚଳରୁ ବେଆଇନ ଭାବେ ମାଛ ଧରୁଥିବା ଦେଖିବାକୁ ମିଳୁଛି। ଫଳରେ ଅସ୍ତରଙ୍ଗ ବନ ବିଭାଗ ପାଟ୍ରୋଲିଂ କରୁଥିବା ସମୟରେ ଗୁରୁବାର ଏକ ଟ୍ରଲର ଜବତ କରିବା ସହ ମତ୍ସ୍ୟଜୀବୀଙ୍କୁ ଧରିଛନ୍ତି। ଉକ୍ତ ଟ୍ରଲରକୁ ଆଣି ଚନ୍ଦ୍ରଭାଗା ତେଲୁଗୁ ବସ୍ତି ନିକଟରେ ରଖାଯାଇ କୋଣାର୍କ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରିଛି। ସେପଟେ ସରକାରୀ ଅଧିକାରୀ ଓ ଟ୍ରଲର ମାଲିକଙ୍କ ମଧ୍ୟରେ ସଲାସୁତରା ଥିବାରୁ ଅଲିଭ କଇଁଛ ବଳିପଡୁଛନ୍ତି। ଯାହା କିଛିଦିନ ପରେ ପୁରୀଠାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ଅଲିଭ କଇଁଛମାନଙ୍କର ଅଣ୍ଡା ଦେବା ବନ୍ଦକୁ ନେଇ ଚିନ୍ତାରେ ପରିବେଶବିତ। ତେବେ ଜବତ ଟ୍ରଲରରେ ଥିବା ମାଛକୁ ଶୁକ୍ରବାର ନିଲାମ କରାଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି।

# ଓଡ଼ିଶାକୁ ଏଗ୍ରିକଲଚର୍ ଲିଡରଶିପ୍ ଆୱାର୍ଡ-୨୦୨୨

**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)**

କୃଷି ବିକାଶ ଏବଂ କୃଷକ କଲ୍ୟାଣରେ ଉଲ୍ଲେଖନୀୟ ଅବଦାନ ପାଇଁ ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ଜାତୀୟସ୍ତରରେ ପୁରସ୍କୃତ ହୋଇଛି ଓଡ଼ିଶା। ନୂଆଦିଲ୍ଲୀସ୍ଥିତ ଏରୋସିଟିସ୍ଥିତ ହଲିଡେ ଇନ୍‌ଠାରେ ଏଗ୍ରିକଲ୍‌ଚର ଟୁଡେ ଗ୍ରୁପ୍ ପକ୍ଷରୁ ଗୁରୁବାର ଅନୁଷ୍ଠିତ ତ୍ରୟୋଦଶ ଏଗ୍ରିକଲଚର ଲିଡରଶିପ୍ ଆୱାର୍ଡ-୨୦୨୨ କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଅତିରିକ୍ତ ଶାସନ ସଚିବ ଅଞ୍ଜନା ପଣ୍ଡା ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। କୃଷି ଉତ୍ପାଦନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ, କୃଷି କ୍ଷେତ୍ରରେ ନୂତନ ନୀତି ନିର୍ଦ୍ଧାରଣ କରିଥିବାରୁ ଜାତୀୟସ୍ତରରେ ଗଠିତ ଜୁରି ପ୍ୟାନେଲ୍ ଓଡ଼ିଶାକୁ ପ୍ରଶଂସା କରିଛନ୍ତି। ଏକଦା ଖାଦ୍ୟଶସ୍ୟ ଉତ୍ପାଦନରେ ନିଅଣ୍ଟିଆ ରାଜ୍ୟ ଥିଲା ଓଡ଼ିଶା। ତେବେ ରାଜ୍ୟ ସରକାରଙ୍କ ସମୟୋଚିତ ପଦକ୍ଷେପ ଏବଂ ଚାଷୀଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ଏବେ ଆତ୍ମନିର୍ଭରଶୀଳ ରାଜ୍ୟ ଭାବେ ପରିଗଣିତ ହୋଇଛି। ରାଜ୍ୟ ବାହାରକୁ ବଳକା ଚାଉଳ ରପ୍ତାନି କରି ଓଡ଼ିଶା ଉଦାହରଣ ସୃଷ୍ଟି କରିଛି।

# ସଚିବ, ସିଏମ୍‌ସି କମିଶନରଙ୍କୁ ଜବାବ ମାଗିଲେ ଏନ୍‌ଏଚ୍‌ଆର୍‌ସି

## ସ୍ୱେରେଜ ଟାଙ୍କିରେ ପଡ଼ି ୨ ଶ୍ରମିକଙ୍କ ମୃତ୍ୟୁ ଘଟଣା

**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)**

କଟକର ସିଡିଏ ସେକ୍ଟର-୧୦ ଅଞ୍ଚଳରେ ସ୍ୱେରେଜ ଟାଙ୍କି ସଫା କରୁଥିବାବେଳେ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣାକୁ ନେଇ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଖୋଳତାଡ଼ ଆରମ୍ଭ କରିଛନ୍ତି। ଏହି ଘଟଣାର ୨୦ ମାସ ପରେ ଗୁରୁବାର କମିଶନ ତିନିଜଣ ଉଚ୍ଚସ୍ତରୀୟ ଅଧିକାରୀଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି। ଏ ନେଇ ସବିଶେଷ ରିପୋର୍ଟ ଆଗାମୀ ୩ ସପ୍ତାହ ଭିତରେ ଦାଖଲ କରିବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ, କଟକ ମହାନଗର ନିଗମ କମିଶନର ଏବଂ ଦ୍ୱୈତନଗରୀ ପୋଲିସ କମିଶନରଙ୍କୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ମିଳିବା ପରେ ଆସନ୍ତା ଜାନୁୟାରୀ ୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଏନ୍‌ଏଚ୍‌ଆର୍‌ସି କହିଛନ୍ତି।

ସୂଚନାନୁଯାୟୀ, ୨୦୨୧ ଏପ୍ରିଲ ୧୫ ତାରିଖରେ ସିଡିଏ ସେକ୍ଟର-୧୦ ଅଞ୍ଚଳର ଗଡ଼ା ଛକ ରାସ୍ତା ପାର୍ଶ୍ୱରେ ସ୍ୱେରେଜ ଟାଙ୍କି ସଫା ପାଇଁ ପି.ଶଙ୍କର, ଡି.ଶିବା ଏବଂ ବିଷ୍ଣୁ ନାୟକଙ୍କୁ ନିୟୋଜିତ କରାଯାଇଥିଲା। ଏମାନେ ଟାଙ୍କି ଭିତରେ ପଶିଥିବା ସମୟରେ ଶ୍ୱାସରୁଦ୍ଧ ହୋଇ ପାଟପୁରର ପି.ଶଙ୍କର ଓ ବଡ଼ମ୍ବାର ବିଷ୍ଣୁ ନାୟକଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଡି.ଶିବା ଗୁରୁତର ଆହତ ହୋଇଥିଲେ। କଟକ ମହାନଗର ନିଗମ (ସିଏମ୍‌ସି)ର ଚରମ ଅବହେଳା ଯୋଗୁ ବାରମ୍ବାର ଏପରି ଘଟଣା ଘଟୁଛି ବୋଲି ଦର୍ଶାଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମାନବିକ ଅଧିକାର କର୍ମୀ ଅଖଣ୍ଡ ଜାତୀୟ ମାନବିକ ଅଧିକାର କମିଶନଙ୍କ ନିକଟରେ ପିଟିଶନ୍ ଦାଏର କରିଥିଲେ। ଏଥିସହ ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ସାରା ଦେଶରେ ମାନୁଆଲ୍ ସ୍କାଭେଞ୍ଜିଂ (ମଣିଷଙ୍କ ଦ୍ୱାରା ମଇଳା ସଫେଇ କାର୍ଯ୍ୟ)କୁ ନିଷେଧ କରାଯାଇଥିବାବେଳେ ଏବେ ବି ଓଡ଼ିଶାର ବିଭିନ୍ନ ସ୍ଥାନରେ ଏଭଳି କାର୍ଯ୍ୟ ହେଉଛି। ଏପରିକି କୌଣସି ନିରାପତ୍ତା ସାମଗ୍ରୀ ବ୍ୟବହାର କରାଯାଉନାହିଁ। ଫଳରେ ଅନେକ ଶ୍ରମିକଙ୍କ ଜୀବନ ଯାଉଛି ବୋଲି ଅଖଣ୍ଡ ଅଭିଯୋଗ କରିଛନ୍ତି। ତେଣୁ ଏଭଳି ବେନିୟମ କାମ କରାଉଥିବା ଠିକାଦାର ଏବଂ ଅଫିସରଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଦାବି କରିଛନ୍ତି। ଅଭିଯୋଗ ପରେ କମିଶନ ଏହାକୁ ଗୁରୁତ୍ୱର ସହ ବିଚାର କରି ଗୃହ ଓ ନଗର ଉନ୍ନୟନ ବିଭାଗର ସଚିବ, ସିଏମ୍‌ସି କମିଶନର୍ ଏବଂ ପୋଲିସ୍ କମିଶନରଙ୍କୁ ଜବାବ ମାଗିଛନ୍ତି।




# ପରିବାର ଲୋକଙ୍କ ବୟାନ ରେକର୍ଡ କଲା ପୋଲିସ

## ଆନନ୍ଦ ଟପ୍ପୋ ମୃତ୍ୟୁ ମାମଲା

**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)**

ବହୁଚର୍ଚ୍ଚିତ ଆନନ୍ଦ ଟପ୍ପୋ ମୃତ୍ୟୁ ମାମଲାରେ କମିଶନରେଟ ପୋଲିସ ତଦନ୍ତ ଜାରି ରଖିଛି। ସୋମବାର ଆନନ୍ଦଙ୍କ ପିଲାଦିନର ସାଙ୍ଗ ତଥା ଆନ୍ତର୍ଜାତିକ ହକି ଖେଳାଳି ବୀରେନ୍ଦ୍ର ଲାକ୍ରା ଏବଂ ବୁଧବାର ମୃତ ଆନନ୍ଦଙ୍କ ବାନ୍ଧବୀ ମନଜିତ୍ ଟେଟେଙ୍କ ବୟାନ ରେକର୍ଡ କରିଥିଲା ପୋଲିସ। ଏଭଳି ସ୍ଥିତିରେ ପୋଲିସ ଗୁରୁବାର ଆନନ୍ଦଙ୍କ ପରିବାର ଲୋକଙ୍କ ବୟାନ ରେକର୍ଡ କରିଛି। ପୂର୍ବାହ୍ନ ପ୍ରାୟ ୧୦ଟାରେ ଭୁବନେଶ୍ୱର ଡିସିପି ଅଫିସରେ ଆନନ୍ଦଙ୍କ ବାପା ବନ୍ଧନ ଟପ୍ପୋ, ମାଆ, ସ୍ତ୍ରୀ ଓ ବଡ଼ ଭାଇ ପହଞ୍ଚିଥିଲେ। ଏହି ମାମଲାରେ ପୋଲିସ ଟିମ୍ ସମସ୍ତଙ୍କୁ ପଚରାଉଚରା କରି ସିଆର୍‌ପିସି ୧୬୧ରେ ବୟାନ ରେକର୍ଡ କରିଥିଲା। ଏହାପରେ ଅପରାହ୍ନ ପ୍ରାୟ ୨ଟା ୩୦ରେ ସେମାନେ ଡିସିପି ଅଫିସରୁ ଚାଲିଯାଇଥିଲେ। ମୃତ ଆନନ୍ଦଙ୍କ ମା' ଗଣମାଧ୍ୟମକୁ କହିଛନ୍ତି, ମୋ' ଦୁଇପୁଅଙ୍କୁ ଯେଉଁ ଦୃଷ୍ଟିରେ ଦେଖୁଥିଲି ବୀରେନ୍ଦ୍ରଙ୍କୁ ମଧ୍ୟ ସେଭଳି ଦେଖୁଥିଲି। ଏହି ଘଟଣାରେ ବୀରେନ୍ଦ୍ର ଓ ମନ୍‌ଜିତଙ୍କ ଉପରେ ତାଙ୍କର ସନ୍ଦେହ ରହିଥିବା ସେ ପ୍ରକାଶ କରିଛନ୍ତି। ତେବେ ଆନନ୍ଦଙ୍କ ବ୍ୟବଚ୍ଛେଦ ରିପୋର୍ଟରୁ ଆତ୍ମହତ୍ୟା ବୋଲି ସ୍ପଷ୍ଟ ହୋଇଥିବା ବେଳେ ପର୍ଯ୍ୟାୟକ୍ରମେ ଅଧିକ କିଛି ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ବିବାହର ମାତ୍ର ୧୦ ଦିନ ପରେ ଆନନ୍ଦ ଭୁବନେଶ୍ୱର ଆସି ଇନ୍‌ଫୋସିଟି ଅଞ୍ଚଳସ୍ଥିତ ଫ୍ଲାଟ୍‌ରେ ରହୁଥିଲେ। ଗତ ଫେବୃୟାରୀ ୨୮ ତାରିଖ ସକାଳ ୭ଟାରେ ସେ ରାଉରକେଲାରୁ ଫେରି ଉକ୍ତ ଫ୍ଲାଟ୍‌କୁ ଆସିଥିଲେ। ପୂର୍ବାହ୍ନ ୧୦ଟାରେ ଆନନ୍ଦଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ବାପାଙ୍କୁ ବୀରେନ୍ଦ୍ର ଜଣାଇଥିଲେ। ଏଥିସହ ଆନନ୍ଦଙ୍କୁ ସେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ତେବେ ଡାକ୍ତର ସେଠାରେ ଆନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବୀରେନ୍ଦ୍ର ଓ ମନ୍‌ଜିତଙ୍କ ନାଁରେ ଆନନ୍ଦଙ୍କ ବାପା ହତ୍ୟା ଅଭିଯୋଗ ଆଣିଥିଲେ। ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତ ନଭେମ୍ବର ୨୪ରେ ପୋଲିସ ଏକ ହତ୍ୟା ମାମଲା (ନଂ. ୩୩୬/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରାନ୍ଧଣା ବଡ଼ ଗଞ୍ଜଣା,**
**ପାଣି ଅଣା ବଡ଼ ସୁଖ;**
**ଦଣ୍ଡେ ଯିବ, ପହଣ୍ଡେ ଆସିବ,**
**ଚାହୁଁ ଥିବ ପାଞ୍ଚ ମୁଖ।**

ରାନ୍ଧିବା ଏକ କଳା। ରାନ୍ଧିବାବେଳେ ସଠିକ ଭାଗମାପ ନ ରହିଲେ ଖାଦ୍ୟ ଭଲ ପ୍ରସ୍ତୁତ ହୋଇପାରି ନ ଥାଏ, ତେଣୁ ରାନ୍ଧିଲାବେଳେ ସତର୍କ ଦୃଷ୍ଟି ରଖିବାକୁ ପଡ଼ିଥାଏ। ରନ୍ଧାବଢ଼ାଠାରୁ ପାଣି ବୋହିବା ସହଜସାଧ୍ୟ ବା ସୁଖକର। ସାଧାରଣତଃ ଝିଅ ବୋହୂମାନେ ପାଣି ବୋହିଲା ବେଳେ ପରସ୍ପର ମଧ୍ୟରେ ସୁଖଦୁଃଖ ବାଣ୍ଟି ବାଟ ଚାଲିଥାନ୍ତି। ଏପରି ମନର ଭାବ ଆଦାନପ୍ରଦାନ କରିବା ଭିତରେ ପାଣି ବୋହିବାର ଶ୍ରମ କିଛିଟା ଲାଘବ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ରସିକ ଯାଉଛି ବନ୍ଧରେ;**
**ବଣ ମଲ୍ଲିଫୁଲ, ପାକଲା ଗାମୁଛା,**
**ପଶି ହେଉନାହିଁ ଗନ୍ଧରେ।**

ରସିକ ପଣରେ ଠିକ୍, ମାତ୍ର ଦୃଷ୍ଟିକୋଣ ଖୁବ ନିରସ। ତୁଚ୍ଛାକୁ ରସିକିଆପଣ ଦେଖାଇହେଉଥିବା ବ୍ୟକ୍ତିର ଭିନ୍ନ ଦୃଷ୍ଟିଭଙ୍ଗୀ ଏବଂ ନ୍ୟୂନ ଆଚରଣ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ପ୍ରଥମ ପୃଷ୍ଠାରୁ...

## ଜାନୁୟାରୀ ୧ରୁ...

କାର୍ଯ୍ୟାଳୟ ଭିତରେ ରହିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଯାଦବଙ୍କ କହିବା ଅନୁଯାୟୀ, ଗତ ୭ ତାରିଖରେ ଛତିଶା ନିଯୋଗ ବୈଠକରେ ଶ୍ରୀମନ୍ଦିର ଭିତରକୁ ଜାନୁୟାରୀ ୧ରୁ ମୋବାଇଲ ଫୋନ୍ ନିଷେଧ ନେଇ ହୋଇଥିବା ନିଷ୍ପତ୍ତି ଉପରେ ପରିଚାଳନା କମିଟି ମୋହର ମାରିଛି। ତେବେ ଶ୍ରୀମନ୍ଦିରକୁ ଯାଉଥିବା ସେବାୟତ, ପୋଲିସ ଓ ଅଧିକାରୀମାନେ ସିଂହଦ୍ୱାର ଓ ଦକ୍ଷିଣ ଦ୍ୱାରରେ ହେବାକୁ ଥିବା ଦୁଇଟି କେନ୍ଦ୍ରରେ ତାଙ୍କ ସ୍ମାର୍ଟଫୋନ୍ ଜିମା ଦେଇଯିବେ। କେବଳ ମହାପ୍ରଭୁଙ୍କ ନୀତିକାନ୍ତିର ସୂଚନା ପାଇଁ ଗୋଟିଏ ସ୍ମାର୍ଟଫୋନ୍ ଶ୍ରୀମନ୍ଦିର ଭିତରେ ରହିବ, ଯାହାକୁ ଜଣେ କମାଣ୍ଡର ପରିଚାଳନା କରିବେ ବୋଲି ଆଲୋଚନା ହୋଇଛି। ସେହିପରି ସେବାୟତ ପିଲାଙ୍କ ପାଇଁ ଆଦର୍ଶ ଗୁରୁକୁଳ ନିମନ୍ତେ ବିର୍ଲା ଏଜୁକେଶନ ସୋସାଇଟି ସହ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏଥିପାଇଁ ମାଟିତୋଟା ମୌଜାରେ ୩୪ ଏକର ଜମି ଆଦର୍ଶ ଗୁରୁକୁଳ ସୋସାଇଟି ନାଁରେ ପଞ୍ଜୀକରଣ କରାଯାଇଛି। ନିର୍ଦ୍ଧାରିତ ସମୟରେ ଗୁରୁକୁଳ କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାପରେ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପର ସ୍ଥିତାବସ୍ଥା ନେଇ ପରିଚାଳନା କମିଟିରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ପୂର୍ବରୁ ରାଜ୍ୟରେ ୪ହଜାର ହେକ୍ଟର ଜମିରେ ଚାରାରୋପଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସେଥିରୁ ୩ ହଜାର ୬ଶହ ହେକ୍ଟର ଜମିରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚାରାରୋପଣ କରାଯାଇଛି। ଏ ନେଇ ଦୁଇଟି ନିଷ୍ପତ୍ତି ନିଆଯାଇଛି। ପରିଚାଳନା କମିଟି ସଦସ୍ୟମାନେ ଯାଇ ସେଠାରେ ସ୍ଥିତି ପରଖିବେ। ମହାପ୍ରଭୁଙ୍କ ନାମରେ ୧୬ ଶହ ଏକର ଜଙ୍ଗଲ କିସମ ଜମି ରହିଛି। ସେଠାରେ ଚାରାରୋପଣ ପାଇଁ ବନ ବିଭାଗକୁ ଚିଠି ଲେଖାଯାଇ ଅନୁରୋଧ କରାଯିବ। ମହାପ୍ରଭୁଙ୍କ ନିମନ୍ତେ ଯେଉଁ ଯେଉଁ ବୃକ୍ଷର ଆବଶ୍ୟକତା ରହୁଛି ସେ ସବୁ ବୃକ୍ଷ ସେଠାରେ ରୋପଣ କରାଯିବ। ସେହିପରି ବୈଠକରେ ଆଗାମୀ ଦିନରେ ହେବାକୁ ଥିବା ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଓ ଗୁଣ୍ଡିଚା ମନ୍ଦିର ଉନ୍ନତୀକରଣ ପାଇଁ ହୋଇଥିବା ଯୋଜନା ସମ୍ପର୍କରେ ଆଲୋଚନା କରିବା ପରେ ତାହାକୁ ପରିଚାଳନା କମିଟି ଅନୁମୋଦନ କରିଛି। ଅପରପକ୍ଷେ ବର୍ତ୍ତମାନ ନିହାତି ଦରକାର ହେଉଥିବା ଗୁଣ୍ଡିଚା ମନ୍ଦିର ବିମ୍ବ୍‌ର ମରାମତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେନେଇ ଟେଣ୍ଡର ଡକାଯାଇ କାର୍ଯ୍ୟ କରାଯିବ। ତେବେ ଗୁଣ୍ଡିଚା ମନ୍ଦିର ନାଟମଣ୍ଡପ ବିମ୍ବ୍‌ରେ ସୃଷ୍ଟି ହୋଇଥିବା ଫାଟର ମରାମତି କାର୍ଯ୍ୟ ଏପ୍ରିଲ ସୁଦ୍ଧା ସାରିବାକୁ ଧାର୍ଯ୍ୟ ରଖାଯାଇଥିବା ମୁଖ୍ୟ ପ୍ରଶାସକ କହିଥିଲେ।

ଏଥିସହ ସେପ୍ଟେମ୍ବର ୫ ଓ ଅକ୍ଟୋବର ୨୮ରେ ହୋଇଥିବା ସେବକ କଲ୍ୟାଣ କମିଟି ଓ ଅର୍ଥ ସବ୍ କମିଟିର ନିଷ୍ପତ୍ତି ସହ ଛତିଶା ନିଯୋଗ ବୈଠକ, ନୀତି ସବ୍ କମିଟି ବୈଠକରେ ହୋଇଥିବା ନିଷ୍ପତ୍ତିକୁ ପରିଚାଳନା କମିଟି ଅନୁମୋଦନ କରିଛି। ସେହିପରି ନିକଟରେ ଖୋର୍ଦ୍ଧା ଜିଲାରେ ଖଣି ନେଇ ଏନ୍‌ଜିଟି ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ହୋଇଥିବା ୧୨ କୋଟି ଟଙ୍କା ଜରିମାନା ସମ୍ପର୍କରେ ଆଲୋଚନା ହୋଇଥିଲା। ଏନ୍‌ଜିଟି ନିର୍ଦ୍ଦେଶ ବିରୋଧରେ ଶ୍ରୀମନ୍ଦିର ପରିଚାଳନା କମିଟି ଉପର କୋର୍ଟକୁ ଅପିଲ୍‌ରେ ଯିବ। ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ସେବାୟତ ଅନନ୍ତ ତିଆଡ଼ି କହିଛନ୍ତି, ଜାନୁୟାରୀ ୧ରୁ ଶ୍ରୀମନ୍ଦିରକୁ ସମସ୍ତଙ୍କ ପାଇଁ ସ୍ମାର୍ଟ ମୋବାଇଲ ଫୋନ ନିଷେଧ ରହିବ। ତେବେ ବିନା କ୍ୟାମେରା ମୋବାଇଲ ବା କିପ୍ୟାଡ୍ ମୋବାଇଲ ସେବାୟତ ଚାହିଁଲେ ନେଇପାରିବେ। ଯଦି କୌଣସି ସେବାୟତ କିମ୍ବା କର୍ମଚାରୀ ଏହି ନିୟମ ଉଲ୍ଲଂଘନ କଲେ, ୧ ହଜାର ଜରିମାନା ଆଦାୟ କରାଯିବ। ସେହିପରି ବନ ପ୍ରକଳ୍ପ ନେଇ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ସେମାନେ ୨୦୧୬ ମସିହାର ରିପୋର୍ଟ ଦାଖଲ କରିଥିଲେ। ମୁଖ୍ୟତଃ ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ୭ ଫୁଟର ଗୋଲେଇ ଫାସି, ଧଉରା କାଠ ଆବଶ୍ୟକ ଥିବାବେଳେ ଅଧିକାଂଶ ସ୍ଥାନରେ ୩ ଫୁଟ ରହିଛି। ତେବେ କିପରି କାଠ ମିଳିବ ସେନେଇ ଆଲୋଚନା ହୋଇଥିଲା। ଯେପରି ଆସନ୍ତା ୧୫୦ ବର୍ଷ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ରଥ ନିର୍ମାଣରେ କୌଣସି ଅସୁବିଧା ନ ହେବ। ସେହିପରି ଗୁଣ୍ଡିଚା ମନ୍ଦିର ନାଟମଣ୍ଡପରେ ହୋଇଥିବା ଫାଟ ମରାମତି ସହ ଗୁଣ୍ଡିଚା ମନ୍ଦିର ଉନ୍ନତୀକରଣ ସମ୍ପର୍କରେ ଆଲୋଚନା ହୋଇଛି। ଫାଟର ମରାମତି କାର୍ଯ୍ୟ ରଥଯାତ୍ରା ପୂର୍ବରୁ ସରିବ, ଯାହାକୁ ଶ୍ରୀମନ୍ଦିର ପ୍ରଶାସନ କରିବ। ସେହିପରି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଓବିସିସି କରିବାକୁ ଥିବାରୁ କାର୍ଯ୍ୟ ସାରିବାକୁ ୧ବର୍ଷ ସମୟ ଲାଗିବ। ତେବେ ବୈଠକରେ ମୁଖ୍ୟ ରତ୍ନଭଣ୍ଡାର ମରାମତି ସମ୍ପର୍କରେ ଆଲୋଚନା କରାଯାଇ ନାହିଁ। ତାହା ଆଗାମୀ ପରିଚାଳନା କମିଟି ବୈଠକରେ ଆଲୋଚନା କରାଯିବ ବୋଲି ସେବାୟତ ତିଆଡ଼ି ସୂଚନା ଦେଇଛନ୍ତି।

## ମିଳିଲାଣି ୩.୫ କୋଟିର...

ଗୋଟିଏ ଚାରିଚକିଆ ଯାନ, ନଗଦ ୧.୭୫ ଲକ୍ଷ ଟଙ୍କା ଏବଂ ବିଭିନ୍ନ ବ୍ୟାଙ୍କରେ ୭୮.୮୦ ଲକ୍ଷ ଟଙ୍କା ଜମାରାଶି ଠାବ କରାଯାଇଛି। ଠାବ ହୋଇଥିବା ସମ୍ପତ୍ତିର ମୂଲ୍ୟ ୩.୫ କୋଟିରୁ ଊର୍ଦ୍ଧ୍ୱ କୋଟି ହେବ। ଏହି ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ କେତେ ଗୁଣ ଅଧିକ ସେନେଇ ଯାଞ୍ଚ ଚାଲିଛି। ଅଭିମନ୍ୟୁଙ୍କୁ ପଚରାଉଚରା କରାଯିବା ସହ ତାଙ୍କ ଘରେ ଚଢ଼ାଉ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ତେବେ ଜଣେ ଏସ୍‌ଆଇଙ୍କ ଏତେ ପରିମାଣର ସମ୍ପତ୍ତି ଠାବ ହେବା ପରେ ଏହାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟ, ଅଭିମନ୍ୟୁ ୧୯୮୯ରେ କନଷ୍ଟେବଳ ଭାବେ ଚାକିରି ଆରମ୍ଭ କରିଥିଲେ। ୨୦୦୯ରୁ ସେ ଏଏସ୍‌ଆଇକୁ ପଦନ୍ନୋତି ପାଇ ୨୦୨୧ ପର୍ଯ୍ୟନ୍ତ ଭୁବନେଶ୍ୱରର ବିଭିନ୍ନ ଥାନାରେ କାର୍ଯ୍ୟ କରିଥିଲେ। ୨୦୨୧ରେ ସେ ଏସ୍‌ଆଇକୁ ପଦନ୍ନୋତି ପାଇ ତମାଣ୍ଡୋ ଥାନାରେ ଥିଲେ। ୪ ବର୍ଷ ପରେ ସେ ଚାକିରିରୁ ଅବସର ନେଇଥାନ୍ତେ। ତେବେ ତାଙ୍କ ନାମରେ କିଛିଦିନ ହେଲା ମାଳ ମାଳ ଦୁର୍ନୀତି ଅଭିଯୋଗ ଆସିବା ପରେ ଭିଜିଲାନ୍ସ ତାଙ୍କୁ ସ୍କାନରରେ ଆଣିଥିଲା।



ପୁରୀ ଭକ୍ତନିବାସରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଉପସ୍ଥିତ ଗଜପତି ମହାରାଜ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଅନ୍ୟମାନେ।

# ଜିଲା ସଭାପତି ଗିରଫ, ସଂଖ୍ୟା ୩୨କୁ ବୃଦ୍ଧି

### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

**ସମ୍ବଲପୁର, ୧୫।୧୨ (ବ୍ୟୁରୋ)**

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା କରି ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ସମୟରେ ସମ୍ବଲପୁର କୋର୍ଟ ପରିସରରେ ଭଙ୍ଗାରୁଜା, ବିଚାରପତିଙ୍କୁ କୋର୍ଟରୁ ବାହାର କରିଦେବା ଭଳି ଘଟଣାରେ ପୋଲିସର ଗିରଫଦାରି ସଂଖ୍ୟା ବଢ଼ିଚାଲିଛି। ୩ ଦିନରେ ପୋଲିସ ୩୨ ଜଣଙ୍କୁ ଗିରଫ କରିସାରିଲାଣି। ସେମାନଙ୍କ ମଧ୍ୟରେ ୮ ଜଣ କିନ୍ନର, ଜଣେ ସାଧାରଣ ଲୋକ ଓ ୨୩ ଜଣ ଓକିଲ ରହିଛନ୍ତି। ପୂର୍ବରୁ ୧୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଗୁରୁବାର ୧୭ ଜଣ ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଜିଲା ଆବାହକ ପ୍ରଦୀପ ବହିଦାର ରହିଛନ୍ତି। ସମସ୍ତ ଗିରଫ ଅଭିଯୁକ୍ତଙ୍କୁ ମେଡିକାଲରେ ପରୀକ୍ଷା କରାଇ କୋର୍ଟ ଚାଲାଣ କରାଯାଇଛି। ଆଗକୁ ମଧ୍ୟ ଗିରଫ ଜାରି ରହିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।



ଜିଲା ଓକିଲ ସଂଘ ସଭାପତିଙ୍କୁ କୋର୍ଟଚାଲାଣ କରାଯାଉଛି।

ଅନ୍ୟପଟେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଆଳ କରି ଜିଲା ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସ ବିଚାପତିମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହେଲା। ହେଲେ ନିଜ ସମ୍ମାନ ରକ୍ଷା ପାଇଁ ଏବେ ଗିରଫ କରିଚାଲିଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି।

ଗୁରୁବାର ମଧ୍ୟ ୧୪୪ ଧାରା ବଳବତ୍ତର ରହିଥିଲା। ସହରରେ ପୋଲିସ ଅଧିକାରୀଙ୍କ ସମେତ ୨୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ।

ସୂଚନା ଅନୁସାରେ ସୋମବାର ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସମ୍ବଲପୁର କଚେରି ଛକରେ ଆନ୍ଦୋଳନ ଜାରି ରହିଥିଲା। ଏହି ସମୟରେ ପୋଲିସ ବିଚାରପତିମାନଙ୍କୁ କୋର୍ଟ ପରିସରକୁ ନେଇଥିଲା। ଏହା ଜାଣିବା ପରେ ଶତାଧିକ ଆନ୍ଦୋଳନକାରୀ କୋର୍ଟ ଭିତରକୁ ଧସେଇ ପଶିଥିଲେ। ଭଙ୍ଗାରୁଜା କରିବା ସହ ବିଚାରପତିମାନଙ୍କୁ କୋର୍ଟରୁ ବାହାର କରି ଦେଇଥିଲେ। ଘଟଣାକୁ ନେଇ ସୁପ୍ରିମକୋର୍ଟ ରାଜ୍ୟ ସରକାର ଓ ପୋଲିସ ବିଭାଗକୁ ସମାଲୋଚନା କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଏସ୍‌ପି ବାତୁଳା ଗଙ୍ଗାଧର କହିଛନ୍ତି, ଭିଡିଓ ରେକର୍ଡକୁ ଦେଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଆଉ କିଛିଦିନ ୧୪୪ ଧାରା ଲାଗୁ କରିବା ପାଇଁ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଛି ବୋଲି ସେ କହିଥିଲେ।

# ଘରେ ରୋଷେଇ ବେଳେ ମହିଳାଙ୍କୁ ଗୁଳି

**ଦେବଗଡ଼, ୧୫।୧୨ (ଡି.ଏନ୍.ଏ.)**

ଘରେ ରୋଷେଇ କରୁଥିବାବେଳେ ମହିଳାଙ୍କ ଉପରକୁ ଗୁଳିମାଡ଼ ହୋଇଛି। ଏଥିରେ ମହିଳା ଜଣଙ୍କ ଗୁରୁତର ହୋଇଛନ୍ତି। ବୁଧବାର ରାତିରେ ଦେବଗଡ଼ ଜିଲା ବାରକୋଟ ଥାନା କଦୋଗୁଡ଼ା ଗ୍ରାମରେ ଏଭଳି ଘଟଣା ଘଟିଛି। ଗ୍ରାମର ରାଜେଶ ମହନ୍ତଙ୍କ ସ୍ତ୍ରୀ ରୁକ୍ମିଣୀ (୩୦) ଘର ଭିତରେ ରୋଷେଇ କରୁଥିବାବେଳେ କେହି ଜଣେ ଦୁର୍ବୃତ୍ତ ଘର ଭିତରକୁ ପଶି ତାଙ୍କ ଉପରକୁ ହଠାତ ଗୁଳିମାଡ଼ କରିଥିଲେ। ରୁକ୍ମିଣୀଙ୍କ ବାମ ଗୋଡ଼ରେ ଗୁଳି ବାଜିଥିବାବେଳେ ଗୁରୁତର ଆହତ ହୋଇଛନ୍ତି। ଗୁଳିମାଡ଼ କରିଥିବା ଦୁର୍ବୃତ୍ତ ଜଣକ ନିଜ ମୁହଁକୁ କପଡ଼ାରେ ଘୋଡ଼ାଇ ରଖିଥିବାରୁ ତାଙ୍କୁ ଚିହ୍ନିପାରି ନ ଥିଲେ। ଗୁଳି ଶବ୍ଦ ଶୁଣି ରୁକ୍ମିଣୀଙ୍କ ସ୍ୱାମୀ ଓ ପରିବାରର ଅନ୍ୟ ସଦସ୍ୟ ଦୌଡି ଆସିଥିବାବେଳେ ଦୁର୍ବୃତ୍ତ ଜଣକ ଫେରାର ହୋଇଯାଇଥିଲେ। ରୁକ୍ମିଣୀଙ୍କୁ ଉଦ୍ଧାର କରି ପ୍ରଥମେ ବାରକୋଟ ସ୍ୱାସ୍ଥ୍ୟକେନ୍ଦ୍ର, ଅବସ୍ଥା ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ବିଳମ୍ବିତ ରାତିରେ ବୁର୍ଲା ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ତାଙ୍କ ପରିବାର ସହିତ କାହାରି ଶତ୍ରୁତା ନ ଥିଲା। କିନ୍ତୁ ହଠାତ୍ କିଏ ଓ କାହିଁକି ଗୁଳିମାଡ଼ କଲା ସେନେଇ କୌଣସି ସୂଚନା ମିଳିପାରିନାହିଁ। ବାରକୋଟ ଥାନା ପୋଲିସକୁ ଖବର ଦିଆଯାଇଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏପର୍ଯ୍ୟନ୍ତ କାହାକୁ ଗିରଫ କରି ନ ଥିବା ଜଣାପଡିଛି।



ଗୁଳିମାଡ଼ରେ ଗୁରୁତର ହୋଇଥିବା ରୁକ୍ମିଣୀ।

# ଚର୍ମବିଣ୍ଡି ରୋଗର ପ୍ରତିଷେଧକ ଟୀକା ଲାଗି ଟୀକାକରଣ ଦେୟ ଛାଡ଼

### ରୋଗ ସମ୍ପର୍କରେ ଜାଣିବାକୁ ଜାରି ହେଲା ଟୋଲ୍ ଫ୍ରି ନମ୍ବର

**ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ)**

ରାଜ୍ୟରେ ଗୋମହିଷାଦିଙ୍କୁ ଦିଆଯାଉଥିବା ଚର୍ମବିଣ୍ଡି ରୋଗର ପ୍ରତିଷେଧକ ଟୀକା ନିମନ୍ତେ ଦେୟ ଛାଡ଼ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଚର୍ମବିଣ୍ଡି ରୋଗର ଟୀକାକରଣ ଦେୟ ଛାଡ଼ କରାଯାଇ ଚିକିତ୍ସାକୁ ତ୍ୱରାନ୍ୱିତ କରାଯାଇଛି ବୋଲି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ରାଜ୍ୟରେ ଚର୍ମବିଣ୍ଡି ରୋଗକୁ ପ୍ରତିହତ କରିବା ପାଇଁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ବ୍ୟାପକ ଟୀକାକରଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ସମସ୍ତ ଗୋମହିଷାଦିଙ୍କର ଟୀକାକରଣ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି। ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ପକ୍ଷରୁ ଅଦ୍ୟାବଧି ୧୫ ଲକ୍ଷ ଡୋଜ ଟୀକା ରାଜ୍ୟର ବିଭିନ୍ନ ପ୍ରାଣୀଚିକିତ୍ସା କେନ୍ଦ୍ର ଓ ପ୍ରାଣୀଧନ କେନ୍ଦ୍ରକୁ ପଠାଯାଇଛି। ଖୁବଶୀଘ୍ର ଆଉ ୨୭ ଲକ୍ଷ ଡୋଜ ଟୀକା ପଠାଯିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟର ୩୧୪ଟି ଭ୍ରାମ୍ୟମାଣ ୟୁନିଟ୍, ୫୪୧ଟି ପ୍ରାଣୀଚିକିତ୍ସା କେନ୍ଦ୍ର ଏବଂ ୩୨୩୯ଟି ପ୍ରାଣୀସମ୍ପଦ ସହାୟକ କେନ୍ଦ୍ର ମାଧ୍ୟମରେ ଚର୍ମବିଣ୍ଡି ଆକ୍ରାନ୍ତଙ୍କ ଚିକିତ୍ସା କରାଯାଇଛି। ଚର୍ମବିଣ୍ଡି ରୋଗ ବିଷୟରେ ବିଶେଷଜ୍ଞଙ୍କଠାରୁ ପରାମର୍ଶ ପାଇବା ପାଇଁ ଟୋଲ୍ ଫ୍ରି ୧୫୫୩୩୩ କିମ୍ବା ୧୯୬୨ରେ ଡାଏଲ୍ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି।



# ‘ମିଛ ଖବରଠୁ ଦୂରରେ ରୁହ’

**କୋଲକାତା, ୧୫।୧୨:** ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍ ଗୁରୁବାର ୨୮ତମ କୋଲକାତା ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲର ଲୋକାର୍ପଣ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଅମିତାଭ ବଚ୍ଚନ, ରାଣୀ ମୁଖାର୍ଜୀ ଏବଂ ଶତ୍ରୁଘ୍ନ ସିହ୍ନା ପ୍ରମୁଖ କଳାକାର ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜାନୁୟାରୀରେ ରିଲିଜ୍ ହେବାକୁ ଥିବା ହିନ୍ଦୀ ଫିଲ୍ମ ‘ପଠାନ୍’କୁ ନେଇ ବିବାଦ ମୁଣ୍ଡ ଟେକିଥିବାବେଳେ ପ୍ରଥମଥର ପାଇଁ ଶାହରୁଖ ସର୍ବସମ୍ମୁଖରେ ଉପସ୍ଥିତ ହୋଇ ଅଭିଭାଷଣ ରଖିଛନ୍ତି। ନିଜ ସ୍ପିଚ୍‌ରେ ଶାହରୁଖ କହିଛନ୍ତି ଯେ, ନକାରାତ୍ମକ ଚିନ୍ତାଧାରାକୁ ସୋସିଆଲ ମିଡିଆ ପ୍ରଶୟ ଦେଉଛି। ଇଣ୍ଟରନେଟ୍‌ରେ ପ୍ରଘଟ ହେଉଥିବା ମିଛ ଖବରଠାରୁ ଲୋକେ ନିଜକୁ ଦୂରେଇ ରଖିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ଉଡ଼ନ୍ତା ସାପ ଭଳି ରୋବୋ

### ଆମେରିକୀୟ ବୈଜ୍ଞାନିକଙ୍କ ଗବେଷଣା

**ୱାଶିଂଟନ୍, ୧୫।୧୨**

ଆଧୁନିକ ଯୁଗରେ କଳକାରଖାନା ହେଉ ଅବା ରିସର୍ଚ୍ଚ ସେଣ୍ଟର ରୋବୋର ବ୍ୟବହାର ବିଭିନ୍ନ କ୍ଷେତ୍ରରେ ବଢ଼ିବାରେ ଲାଗିଛି। ରୋବୋ ସାହାଯ୍ୟରେ କମ୍ ସମୟରେ ଓ ଅତି ସହଜରେ ଅଧିକ କାମ ହେଉଥିବାରୁ ଅନେକେ ଏହାର ବ୍ୟବହାର ଲାଗି ଆଗ୍ରହ ପ୍ରକାଶ କରୁଛନ୍ତି। ବହୁ ରେଷ୍ଟୁରାଣ୍ଟରେ ମଧ୍ୟ ଏବେ ୱେଟରଙ୍କ ଜାଗା ନେଇ ସାରିଲେଣି ରୋବୋ। ସୁସ୍ୱାଦୁ ବ୍ୟଞ୍ଜନ ରାନ୍ଧିବାଠାରୁ ଆରମ୍ଭ କରି ଖାଦ୍ୟ ପରଷିବା ସବୁ କାର୍ଯ୍ୟରେ ବୈଜ୍ଞାନିକ ଜ୍ଞାନକୌଶଳରେ ତିଆରି ହେଉଥିବା ରୋବୋ ନିଜର ପାରଦର୍ଶିତା ଦେଖାଇଛି। ତେବେ ରୋବୋର କାର୍ଯ୍ୟକୁ ଆହୁରି ଫାଷ୍ଟ, ଫରୱାର୍ଡ କରିବା ସକାଶେ ଆମେରିକାସ୍ଥିତ ଭର୍ଜିନିଆ ୟୁନିଭର୍ସିଟିର ଗବେଷକମାନେ ରିସର୍ଚ୍ଚ ଆରମ୍ଭ କରିଛନ୍ତି। ଚାଲିବା, ଦୌଡ଼ିବା ସାଙ୍ଗକୁ ରୋବୋ ଏବେ ଉଡ଼ିବ। ଭର୍ଜିନିଆ ୟୁନିଭର୍ସିଟି ଏବଂ ଭର୍ଜିନିଆ ଟେକ୍‌ର ଗବେଷକମାନେ ମିଳିତ ଭାବେ ଏ ଦିଗରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ତେବେ ଉଡ଼ନ୍ତା ସାପ ଯେଉଁଭଳି ଭାବେ ଗୋଟିଏ ଗଛରୁ ଆଉ ଗୋଟିଏ ଗଛକୁ ଉଡ଼ିଥାଏ ସେଭଳି ରୋବୋ ପକ୍ଷେ କିପରି ଉଡ଼ିବା ସମ୍ଭବପର ହେବ ସେ ଦିଗରେ ଗବେଷକମାନେ ଅଧ୍ୟୟନ କରିଛନ୍ତି। ସେମାନେ ୫୦ରୁ ୮୦ ଫୁଟ ଦୂର ପର୍ଯ୍ୟନ୍ତ ଉଡୁଥିବା ସାପର ଗତିବିଧିକୁ ଲକ୍ଷ୍ୟ କରୁଛନ୍ତି। ଉଡ଼ନ୍ତା ସାପଠାରୁ ସଂଗୃହୀତ ତଥ୍ୟକୁ ଗବେଷକମାନେ ନିର୍ମାଣ କରିଥିବା କମ୍ପ୍ୟୁଟେଶନାଲ ମଡେଲ ଉପରେ ପ୍ରୟୋଗ କରୁଛନ୍ତି। ସାପ ଶରୀରରେ ଥିବ କ୍ରସ୍ ସେକ୍ସନ୍ ତାକୁ ବହୁ ଦୂର ପର୍ଯ୍ୟନ୍ତ ଉଡ଼ିବାରେ ସାହାଯ୍ୟ କରୁଛି। ଉଡ଼ିବା ସମୟରେ ସାପ କଡ଼ ମୋଡୁଥିବାବେଳେ ଶରୀରର ପଛ ଭାଗରେ ଲୋ’ ପ୍ରେସର୍ ଏବଂ ପେଟ ପାଖରେ ହାଇ ପ୍ରେସର୍ ତିଆରି ହୁଏ। ଫଳରେ ସାପ ଗୋଟିଏ ପାଖରୁ ଅନ୍ୟ ପାଖକୁ ସହଜରେ ଲମ୍ଫମାରି ଉଡ଼ିଯାଇପାରେ। ଉଡ଼ିବା ଲାଗି ସାପର ଶରୀରର ଗଠନ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଗବେଷକମାନେ କହିଛନ୍ତି। ବାୟୁ ମାଧ୍ୟମରେ ସାପ ପରି ରୋବୋକୁ ବହୁ ଦୂର ପର୍ଯ୍ୟନ୍ତ ଉଡ଼ାଇବା କଷ୍ଟକର ହେବ। ଆଗାମୀ ୧୦ ବର୍ଷ ଭିତରେ ଗବେଷକମାନେ ଏ କ୍ଷେତ୍ରରେ ସଫଳତା ପାଇବା ନେଇ ଆଶା ରଖିଛନ୍ତି। ଏହାପରେ ସ୍ନାଇଡ଼ର୍ ଓ ଅକ୍ଟୋପସ୍ ଭଳି ରୋବୋ ତିଆରି କରିବା ଲାଗି ରୋବୋ କମ୍ପାନୀଗୁଡ଼ିକ ଯୋଜନା କରିଛନ୍ତି।




# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଶନି ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତି କାରଣରୁ ଅ–ନାମାକ୍ଷର ବ୍ୟକ୍ତିମାନେ ଅଳସୁଆ ହୋଇପାରନ୍ତି। କିନ୍ତୁ ପ୍ରତିଯୋଗିତାରେ ସଫଳତା ଯୋଗୁ ମନକୁ ବୁଝାଇବାରେ ସମର୍ଥ ହେବେ। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ଆଜି ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ ।

**ବୃଷ** – ପରିସ୍ଥିତି ଠିକ୍ ନ ଥିବା ହେତୁ ଭଲ କଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ୍ ବୁଝିବେ। ଓ–ନାମାକ୍ଷର ବ୍ୟକ୍ତିଙ୍କ ସାଧାରଣ କଥାରେ ମତାନ୍ତର ଘଟିପାରେ। ବାରମ୍ବାର ବିଫଳତାଜନିତ କାର୍ଯ୍ୟହାନି କାରଣରୁ ମନରେ ସବୁବେଳେ ଟେନ୍ସନ ଲାଗିରହିବ। ତଥାପି ବନ୍ଧୁମାନଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ।

**ମିଥୁନ** – କୁ–ନାମାକ୍ଷର ବ୍ୟକ୍ତିଙ୍କୁ ବିଭିନ୍ନ ଧନ୍ଦା କରିବା ସକାଶେ ବନ୍ଧୁମାନେ ପ୍ରୋତ୍ସାହିତ କରିପାରନ୍ତି । ବ୍ୟବସାୟରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣ କଲେ ମନ୍ଦ ହେବନି। ନିକଟସ୍ଥ ଜଣାଶୁଣା ବ୍ୟକ୍ତିଙ୍କ ଦ୍ୱାରା ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ସଭାସମିତି, କ୍ରୀଡ଼ା, କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ ।

**କର୍କଟ** – ଆଜି ଆର୍ଥିକ ସମସ୍ୟା ନେଇ ମନରେ ଦୁର୍ଭାବନା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ଼ କରି ସହକର୍ମୀମାନେ କଳହର ମାତ୍ରାକୁ ବଢ଼ାଇବେ। ଡ–ନାମାକ୍ଷର ବ୍ୟକ୍ତିମାନେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ** – ମନରେ ସାହସ ବାନ୍ଧି କୌଣସି କାମ ଆରମ୍ଭ କରିପାରିଲେ ଅବଶ୍ୟ ସଫଳତା ପାଇବେ। ଯେତେ ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ। କିନ୍ତୁ ମଘା ନକ୍ଷତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ । ଆଜି ଏକା ସାଙ୍ଗରେ ଅନେକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

**କନ୍ୟା** – ପ୍ରତ୍ୟେକ ପରିସ୍ଥିତିରେ କିଛିଟା ସମସ୍ୟା ଭିତର ଦେଇ ଗତି କରିବାକୁ ପଡ଼ିବ। ପୂ–ନାମାକ୍ଷର ବ୍ୟକ୍ତିଙ୍କ ଅଫିସରେ ସାଧାରଣ କଥାରେ ବିତର୍କ ସୃଷ୍ଟି ହେବ। ଗୃହ ସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିବେ । ବିବାଦ ଓ ପରିବହନରେ କଳହ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ।

**ତୁଳା** – ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ନ ରହିଲେ ସମସ୍ୟା ସୃଷ୍ଟି ହୋଇପାରେ । ତ–ନାମାକ୍ଷର ବ୍ୟକ୍ତିଙ୍କ ମାନସିକ ଅଶାନ୍ତି ଲାଗିରହିବ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ରାଜନୈତିକ କ୍ଷେତ୍ର କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ବିଛା** – ଘର କାମ ସାଙ୍ଗକୁ ଅଫିସ କାମର ଜଞ୍ଜାଳ ବଳିଯିବା ହେତୁ ମନ ବିଚଳିତ ରହିବ । ଅଭାବ ଦୂରେଇବାର ପ୍ରୟାସ କଲେ ମଧ୍ୟ ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ। ବିଶାଖା ନକ୍ଷତ୍ର ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ।

**ଧନୁ** – ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତରେ ଚଳିବାକୁ ବାଧ ହେବେ। ପରିବହନ, ଆମଦାନୀ କାରବାର, କ୍ଷେତ୍ରରେ ନିଜ ନିଜର ସ୍ଥାନରେ ବେଶ୍ ଖୁସି ରହିବେ। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ବହୁତ ଜନ କଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହେବେ। ପୂର୍ବାଷାଢ଼ା ନକ୍ଷତ୍ର ଅର୍ଥ ସମ୍ପର୍କରୁ ମହିଳାମାନେ ଖୁସି ଅନୁଭବ କରିବେ।

**ମକର** – ଆଜି ଘରୋଇ କଳହରୁ ମଧ୍ୟ ରକ୍ଷା ପାଇବା ସହ ସମସ୍ୟା ସମାଧାନ ହୋଇପାରିବ । ସାୟାହ୍ନରେ ପ୍ରିୟ ବନ୍ଧୁଙ୍କ ବିଷୟରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ। ଶ୍ରବଣା ନକ୍ଷତ୍ରର ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**କୁମ୍ଭ** – ପରିବାରରେ କାହାର ସ୍ୱାସ୍ଥ୍ୟ ସକାଶେ ମନ ବ୍ୟସ୍ତ ରହିବ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଘରର ଥିବା ଭୂ– ସମ୍ପତ୍ତିକୁ କେନ୍ଦ୍ରକରି ଶତଭିଷା ନକ୍ଷତ୍ରର କଳହ ସୃଷ୍ଟି ହେବ।

**ମୀନ** – କିଛି କରିବା ପୂର୍ବରୁ ପରିସ୍ଥିତି ଆପଣାଛାଏଁ ସମାଧାନ ହୋଇଯିବ। ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କରନ୍ତୁ । ଯାତ୍ରା, ବାଣିଜ୍ୟ କାରବାରରେ କିଛିଟା ସାମୟିକ ସମସ୍ୟା ଲାଗି ରହିବ। ଚ–ନାମାକ୍ଷର ବ୍ୟକ୍ତି ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି କାମ କରିବା ଭଲ । କୌଣସି ବନ୍ଧୁଙ୍କ ସହ ସମ୍ପର୍କ ସ୍ଥାପନ ଆଗାମୀ ସମୟ ପାଇଁ କାମକୁ ଆସିପାରେ।

ଆଜି ଡିସେମ୍ବର ୧୬ ତାରିଖ,ଶୁକ୍ରବାର ଧନୁସଂକ୍ରାନ୍ତି, ଧନୁମୁଆଁ ଓ ପହିଲି ଭୋଗ ଆରମ୍ଭ, ସିଦ୍ଧାନ୍ତଦର୍ପଣ ପ୍ରଣେତା ପଠାଣି ସାମନ୍ତଙ୍କ ଜୟନ୍ତୀ ଓ ଜ୍ୟୋତିଷ ବିଶାରଦ ବାଇକୋଳି ମହାପାତ୍ରଙ୍କ ଜୟନ୍ତୀ, ରାଶି ନକ୍ଷତ୍ର–ଉତ୍ତରାଫାଲଗୁନୀ/ସିଂହ, ଦିବା ଘ.୦୨।୦୩ ମି. ଗତେ କନ୍ୟା ଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୭ମି. ଗତେ ଘ.୦୭।୦୦ମି. ମଧ୍ୟେ, ଘ.୦୭।୪୪ମି. ଗତେ ଘ.୦୮।୫୯ମି. ମଧ୍ୟେ ଶୁଦ୍ଧଶୁଭ ବେଳା। ଦିବା ଘ.୧୦।୨୦ମି. ଗତେ ଘ.୧୧।୪୨ମି. ମଧ୍ୟେ ରାହୁକାଳ।

## ଦିନକରେ ୬,୪୯,୭୩୦ ମେଟ୍ରିକ ଟନ ପଣ୍ୟ କାରବାର ରେକର୍ଡ

ପାରାଦୀପ,୧୫।୧୨(ସ୍ୱ.ପ୍ର.): ପାରାଦୀପ ବନ୍ଦର ଆଉ ଏକ ରେକର୍ଡ କରିଛି। ଦିନକରେ ୬,୪୯,୭୩୦ ମେଟ୍ରିକ ଟନ ପଣ୍ୟ କାରବାର ହୋଇଛି ବୋଲି ବନ୍ଦର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହାପୂର୍ବରୁ ୨୦୧୮ ଅକ୍ଟୋବର ୧୪ରେ ଗୋଟିଏ ଦିନରେ ୬,୩୯,୩୬୯ ମେଟ୍ରିକ ଟନ ପଣ୍ୟ କାରବାର ରେକର୍ଡ କରାଯାଇଥିଲା। ସେତେବେଳେ ସମ୍ଭାବ୍ୟ ବାତ୍ୟା ପାଇଁ ୨ ଦିନ ପୋର୍ଟ ଅପରେଶନ ବନ୍ଦ ଥିଲା। ବାତ୍ୟା ବିପଦ ଟଳିବା ପରେ ଆଙ୍କରେଜରେ ଥିବା ଜାହାଜଗୁଡ଼ିକୁ ପ୍ରବେଶ କରାଯାଇ ପଣ୍ୟ ବୋଝେଇ ଖଲାସ କରାଯାଇଥିଲା। ଏବେ ସେପରି କୌଣସି ଘଟଣା ନ ଥାଇ ଏପରି ସଫଳତା ହାସଲ ହୋଇଛି।

## ବିଭିନ୍ନ ସମୟରେ ସୋସିଆଲ ମିଡିଆରେ ଶ୍ରୀମନ୍ଦିର ଭିତରୁ ଭାଇରାଲ ହୋଇଥିବା ଫଟୋ








# ୪ ମିଶନ ଶକ୍ତି ଭବନ ଉଦ୍‌ଘାଟିତ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଜଗତ୍‌ସିଂହପୁରର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରୁଛନ୍ତି (ଉପର) । ସମାବେଶରେ ଉପସ୍ଥିତ ମହିଳା।

■ ଜଗତ୍‌ସିଂହପୁରରେ ୨୧୪ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
■ ଶାରଳା ପୀଠ ସୌନ୍ଦର୍ଯ୍ୟକରଣ ୨୦୨୩ ଡିସେମ୍ବରରେ ଶେଷ ହେବ
■ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୮ ଲକ୍ଷ ଉପକୃତ
■ ଲୋକଙ୍କ ଆସ୍ଥା,ବିଶ୍ୱାସକୁ ବଜାୟ ରଖିବା ପାଇଁ ଆମେ କାମ କରୁଛୁ: ନବୀନ

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)/ ଜଗତ୍‌ସିଂହପୁର(ଅଫିସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଜଗତ୍‌ସିଂହପୁର ଜିଲାରେ ପ୍ରାୟ ୨୧୪ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଜଗତ୍‌ସିଂହପୁର, ରଘୁନାଥପୁର, ତିର୍ତ୍ତୋଲ ଓ ବାଲିକୁଦାରେ ୪ଟି ମିଶନ ଶକ୍ତି ଭବନ ଉଦ୍‌ଘାଟନ କରିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ୧୦ ଶଯ୍ୟା ବିଶିଷ୍ଟ ଆଇସିୟୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହାଛଡ଼ା ୪୩ଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ମଧ୍ୟ ରଖିଛନ୍ତି। ଏହାଦ୍ୱାରା ଜିଲାର ୧୨ ଲକ୍ଷ ଲୋକ ଉପକାର ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଭର୍ଚୁଆଲ ମାଧ୍ୟମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାଧାରଣ ଲୋକଙ୍କ ଆସ୍ଥା ଓ ବିଶ୍ୱାସକୁ ବଜାୟ ରଖିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଆମେ କାମ କରୁଛୁ। ଏହା ଆଗକୁ ମଧ୍ୟ ଜାରି ରହିବ। ପାରାଦୀପଠାରେ ବିଜୁବାବୁ ଓଡ଼ିଶାର ଶିଳ୍ପ ବିକାଶ ପାଇଁ ଭିତ୍ତି ରଖିଥିଲେ। ପାରାଦୀପ ଆଜି ଦେଶର ଏକ ସମୃଦ୍ଧ ବନ୍ଦର ଭାବରେ ଅନେକ ସୁଯୋଗ ସୃଷ୍ଟି କରିଛି ଏବଂ ଏହା ଆମ ଅର୍ଥନୀତିର ଜୀବନରେଖା ହୋଇଛି। ମା' ଶାରଳାଙ୍କ ପୀଠ ହେଉଛି ମାତୃ ପୀଠ। ଜିଲାର ମିଶନ ଶକ୍ତିର ମା'ମାନେ ଆଜି ବିକାଶର ସାରଥି ହୋଇଛନ୍ତି। ଏବେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଦିଆଯିବା ସହିତ ଜିଲାସ୍ତରୀୟ ମିଶନ ଶକ୍ତି ଫେଡେରେଶନ ପାଇଁ ୧ କୋଟି ଟଙ୍କା ଓ ବ୍ଲକ୍ ସ୍ତରୀୟ ମିଶନ ଶକ୍ତି ଫେଡେରେଶନ ପାଇଁ ୫୦ ଲକ୍ଷ ଟଙ୍କାର ଏକ ରିଭଲଭିଂ ଫଣ୍ଡର ବ୍ୟବସ୍ଥା ରଖାଯାଇଛି। ମିଶନ ଶକ୍ତି କାର୍ଯ୍ୟକ୍ରମକୁ ଏହା ଆହୁରି ଆଗକୁ ନେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟସେବା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରତିଜୀବନ ଆମ ପାଇଁ ମୂଲ୍ୟବାନ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସାରା ଦେଶ ପାଇଁ ଏକ ମଡେଲ ହୋଇଛି। ଆଜି ପର୍ଯ୍ୟନ୍ତ ଏହି ଯୋଜନାରେ ୮ ଲକ୍ଷ ଲୋକ ଚିକିତ୍ସା ସୁବିଧା ପାଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ୧୬୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି। ୫-ଟି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମର ଉଚ୍ଚପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଗତ୍‌ସିଂହପୁର ଜିଲାରେ ବର୍ତ୍ତମାନ ସୁଦ୍ଧା ୧୦୨ଟି ସ୍କୁଲର ରୂପାନ୍ତର କରାଯାଇଛି ଏବଂ ଚତୁର୍ଥ ପର୍ଯ୍ୟାୟରେ ଜିଲାର ସମସ୍ତ ସ୍କୁଲକୁ ରୂପାନ୍ତରଣ କରାଯିବ। ମା' ଶାରଳା ମନ୍ଦିରକୁ 'ଇଣ୍ଟିଗ୍ରେଟେଡ ଡେଭଲପମେଣ୍ଟ ଅଫ୍ ହେରିଟେଜ ଆଣ୍ଡ ମନୁମେଣ୍ଟସ ଆଣ୍ଡ ଟୁରିଷ୍ଟ ଡେଷ୍ଟିନେଶନ' ଯୋଜନାରେ ସାମିଲ କରାଯାଇଛି। ମା'ଙ୍କ ପୀଠର ଉନ୍ନତୀକରଣ ପାଇଁ ୪୨ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ୨୦୨୩ ଡିସେମ୍ବର ସୁଦ୍ଧା ଏହି କାମ ସମ୍ପୂର୍ଣ୍ଣ ହେବ। ଏହି କାର୍ଯ୍ୟକ୍ରମରେ ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ପ୍ରମୁଖ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଯୋଗୁ ଓଡ଼ିଶା ଆଜି ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ସୁନାମ ଅର୍ଜନ କରିପାରିଛି। ଜଗତ୍‌ସିଂହପୁରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ସାରା ଜିଲାବାସୀଙ୍କ ପକ୍ଷରୁ ସେମାନେ କୃତଜ୍ଞତା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଜଗତ୍‌ସିଂହପୁର ଜିଲାପାଳ ସ୍ୱାଗତ ଭାଷଣ ଦେଇଥିଲେ।

# ହୋଟେଲ ମାଲିକ ଗିରଫ

## ମୟୂରଭଞ୍ଜରୁ ଆଣି ଭୁବନେଶ୍ୱରରେ ଦେହ ବ୍ୟବସାୟ ଘଟଣା

**ବାରିପଦା ଅଫିସ,୧୫।୧୨**

ମୟୂରଭଞ୍ଜ ଜିଲାରୁ ଜଣେ ନାବାଳିକାଙ୍କୁ ଆଣି ଭୁବନେଶ୍ୱରରେ ଦେହ ବ୍ୟବସାୟରେ ଲଗାଇବା ଘଟଣାରେ ଅଟକ ହୋଟେଲ ମାଲିକଙ୍କୁ ବାରିପଦା ଟାଉନ ଥାନା ପୋଲିସ ଗିରଫ କରିଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ କୃଷ୍ଣଚନ୍ଦ୍ର ଦାସ। ଭୁବନେଶ୍ୱର ରେଳଷ୍ଟେଶନ ନିକଟରେ ଥିବା ଏକ ହୋଟେଲର ସେ ମାଲିକ ଅଟନ୍ତି। ଏହି ଘଟଣାରେ ପୂର୍ବରୁ ତାଙ୍କ ଭଉଣୀ ଶିକ୍ଷୟିତ୍ରୀ ଟୁନା ଦାସଙ୍କୁ ପୋଲିସ ଗିରଫ କରିଥିଲା। ଅନ୍ୟପକ୍ଷରେ ଉକ୍ତ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ କୃଷ୍ଣଚନ୍ଦ୍ରଙ୍କ ବିରୋଧରେ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ. ୧୦୬୧ /୨୨) ରୁଜୁ କରିଛି। ଉଲ୍ଲେଖଯୋଗ୍ୟ, ଗିରଫ ଭଉଣୀଭାଇ ମିଶି ରାଜ୍ୟର ବିଭିନ୍ନ ଅଞ୍ଚଳରୁ ନାବାଳିକା ଓ ଯୁବତୀଙ୍କୁ ଆଣି ଦେହ ବ୍ୟବସାୟ କାରବାର ଚଳାଉଥିଲେ। ଏହି ଘଟଣାରେ ଜଡ଼ିତ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଟାଉନ ଥାନା ଆଇଆଇସି ବୀରେନ୍ଦ୍ର ସେନାପତି କହିଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-HPAC-22-23-17

କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱରଠାରେ LHB କୋଚ୍‌ଗୁଡ଼ିକର ଫ୍ରେମ୍ ତଳେ ସ୍କ୍ରାପିଙ୍ଗ୍, ସଫେଇ ଏବଂ ଉଚ୍ଚ ପ୍ରଦର୍ଶନ (High performance) ବିଶିଷ୍ଟ କଳଙ୍କି ନିରୋଧୀ ପ୍ରାଇମରର ଉପଯୋଗ ଓ ଯୋଗାଣ ସହିତ ICF କୋଚ୍‌ଗୁଡ଼ିକର ଫ୍ରେମ୍ ତଳେ ସ୍କ୍ରାପିଙ୍ଗ୍, ସଫେଇ ଏବଂ ଉଚ୍ଚ ପ୍ରଦର୍ଶନ (High performance) ବିଶିଷ୍ଟ କଳଙ୍କି ନିରୋଧୀ ପ୍ରାଇମରର ଉପଯୋଗ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 1,74,27,111.12, EMD (ଟଙ୍କାରେ): 2,37,100.00, ଶେଷ ହେବା ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.20.12.2022ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.01.2023 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର (POH), ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

PR-806/N/22-23



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 16-SBP-TRD-OT-2022-23, ତା.13.12.2022ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଗୋଡ଼ଭଗା ଟ୍ରାକ୍ସନ ସବ୍‌ଷ୍ଟେସନ (TSS) ଏବଂ ଦେଓଗାଁ ରୋଡ଼ ଟ୍ରାକ୍ସନ ସବ୍‌ଷ୍ଟେସନ (TSS) (ବିଦ୍ୟୁତ୍ ଟ୍ରାନ୍ସଫର୍ମର, CBs ଏବଂ MBs ର ଯୋଗାଣ ବ୍ୟତୀତ)ଠାରେ ଦ୍ୱିତୀୟ bay ଉପକରଣଗୁଡ଼ିକର ବ୍ୟବସ୍ଥା ଦ୍ୱାରା ଟ୍ରାକ୍ସନ ବିତରଣ ପ୍ରଣାଳୀର ବୃଦ୍ଧି।

ଆନୁମାନିକ ମୂଲ୍ୟ (ଟଙ୍କାରେ): 1,92,14,316.96, EMD (ଟଙ୍କାରେ) : 2,46,100/-, ଶେଷ ହେବା ଅବଧି : 08 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.01.2023ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-809/N/22-23



**BHUBANESWAR MUNICIPAL CORPORATION**

No. C-1939 e-Mail: ee1@bmc.gov.in

**e-Procurement Notice**

1. Bid Reference No. : BMC-DIV-1/21-2022-23 Dt.13.12.2022
2. Tender Call Notice No. : 58021 Dtd.13.12.2022
3. No. of Works : 2 (Two)
4. Bid Value : Rs.50,35,481/- to Rs.70,23,720/-
5. Period of Completion : 60 days

Date and time Schedule

| Start | End | Opening |
|---|---|---|
| 11.00 A.M. of 16.12.2022 | 5.00 P.M. of 30.12.2022 | 4.30 P.M. of 31.12.2022 |

6. Tender details can be seen for the e-Procurement portal **https://www.tendersodisha.gov.in.** & BMC Website **https://www.bmc.gov.in**.

**Sd./- Executive Engineer**
**BMC Division - 1**
OIPR-13002/11/0180/2223



**GOVERNMENT OF ODISHA**
**PANCHAYATI RAJ & D.W. DEPARTMENT**
**OFFICE OF THE**
**PANCHAYAT SAMITI, BHADRAK**
**SHORT TENDER CALL NOTICE**

No. 5806/DWSM Date: 12.12.2022

No. i-270: Sealed tender in conformity with the terms, conditions in tender documents are invited by Block Development Officer, Bhadrak from the intending supplier/firm for supply of Tri-cycle for Garbage Collection, so as to reach the office of the Panchayat Samiti, Bhadrak on or before 19.12.2022 by 5.30 P.M. and the tender paper will be opened on dated 20.12.2022 at 11.00 A.M. in presence of the bidder or their representatives.

1. Date of availability of Bid : 12.12.2022
2. Last date/time of submission of Bid : 19.12.2022 at 5.30 P.M.
3. Date of opening of Bid documents : 20.12.2022 at 11.00 A.M.
4. Place of opening bid and Address for Communication : Office of the Panchayat Samiti, Bhadrak, Bhadrak, Odisha - 756100 Mob.: 8895508510

The detail tender notice can be download from **www.bhadrak.nic.in** bid documents to be available at the Office of the Panchayat Samiti, Bhadrak till 19.12.2022 at 5.30 P.M. The bid documents are receive only Speed Post and Registered Post. Bid paper received through drop box and Courier service are liable to be rejected. The BDO, Bhadrak will not responsible for postal delay if any, in the delivery of document or non receipt of the same. Authority reserve the right to accept or reject any or all tenders without assigning any reason thereof or the tendering process may be cancelled in Toto. Any Corrigendum. Modifications will appear in **www.bhadrak.nic.in**.

**Sd./- Block Development Officer, Bhadrak**
OIPR-19211/11/0006/2223



**BHUBANESWAR DEVELOPMENT AUTHORITY**
AKASH SHOVA BUILDING,
SACHIVALAYA MARG, BHUBANESWAR - 751001
Visit us at: https://www.bda.gov.in

**INVITATION FOR BIDS**

Bid Identification No. 1247/EM/BDA Date: 14.12.2022

No. CAD-4136: The Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in Double Cover System in ONLINE MODE only from eligible contractors for civil Work as mentioned below.

Name of works : Development of Dr. A.P.J. Abdul Kalam Park at K-8, Kalinga Nagar, Bhubaneswar & Construction of Waste to Art Park at K-7, Kalinga Nagar, Bhubaneswar.
Total No. of works : 02 (Two) Nos.
Estimated cost : Rs.294.93 lakhs & Rs.149.97 lakh
Class of Contractor : 'A' & 'B'
Period of Completion : 06 (Six) Months & 04 (Four) Months
Cost of Bid documents for each work : Rs.10,000.00 + 18% GST = Rs.11,800.00
Earnest Money Deposit (EMD) : Bid Security Declaration
Availability of Tender : From 17.12.2022 to 5.00 P.M. of 31.12.2022 in the website
Date of time of opening of tender : Dt.04.01.2023 at 11.30 A.M.
Place of opening of tender : O/o. The Engineer Member, BDA, Bhubaneswar

Further details can be seen from the website: **https://tendersodisha.gov.in** Any addendum/corrigendum/cancellation of tender can also be seen in the said website.

**Sd./- Engineer Member, BDA, Bhubaneswar**
OIPR-13033/11/0416/2223



Odisha Coal and Power Limited OCPL

**ODISHA COAL AND POWER LTD.**
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 /2300664

**NOTICE INVITING TENDER**

NIT No. OCPL/ELE-148/2022 Date: 16.12.2022

Sealed bids in prescribed format are invited from companies/agencies/firms for the following work:

| Sl. No. | Name of the work | Cost of Tender Paper | Issue of Tender Document | Last date of Sale of Tender Document | Last Date of Submission/ Opening of bid |
|---|---|---|---|---|---|
| 01 | Construction of 33 KV double circuit line from 33/6.6 KV Main receiving substation inside CHP to Manharpur township complex at Sarbahal, Sundargarh, Odisha | Rs.11,800/- (Rupees Eleven Thousand and Eight Hundred Only) including GST | 16.12.2022 | 31.12.2022 | 03.00 / 03.30 P.M. on 09.01.2023 |

For further details, bidders may visit our website i.e. **www.ocpl.org.in**. Any clarification may please be addressed to the undersigned at the above address or by email to: **contracts@ocpl.org.in**.

**Sd./- General Manager (C & CA.)**

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୬ ଡିସେମ୍ବର, ୨୦୨୨

ମନୁଷ୍ୟକୁ ଚେତନାର ଏକ ଉଚ୍ଚତର ସ୍ତରକୁ ଉଠିଯିବାକୁ ହେବ। ତା'ହେଲେ ଯାଇ ସେ ତା'ର ଅଜ୍ଞାନ ଭିତରୁ - ସଂକୀର୍ଣ୍ଣ ସୀମାର ଘେର ଭିତରୁ -ସ୍ୱାର୍ଥପରତା ଭିତରୁ ଏବଂ ଏପରି କି ତା'ର ଦୁଃଖ ଯନ୍ତ୍ରଣା ଭିତରୁ ମୁକ୍ତି ପାଇପାରିବ। -ଶ୍ରୀମା



# ଜଳବାୟୁ ପରିବର୍ତ୍ତନ ଓ ବାଣିଜ୍ୟିକ ନୀତି



ଡାନି ରୋଡ୍ରିକ

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଦ୍ୱାରା 'ସୁପର୍ ଆଗ୍ରେସିଭ' ବା ଅତି ଆକ୍ରାମକ ଶିଳ୍ପନୀତି ଜାରି କରାଯିବା ପରେ ତାକୁ ନେଇ ଗତମାସ ଶେଷାର୍ଦ୍ଧରେ ବିଦେଶର ଜଣେ ନେତା ଅଭିଯୋଗ କରିଥିଲେ। ଏହି ନେତା ଜଣକ ଆମେରିକାର ଶତ୍ରୁ ଦେଶ ଭାବେ ଜଣାଶୁଣା ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ କିମ୍ବା ଚାଇନାର ରାଷ୍ଟ୍ରପତି ଶି ଜିନ୍‌ପିନ୍ ନ ଥିଲେ କିମ୍ବା ଆମେରିକାର କଟକଣାର ବୋଝକୁ ସମ୍ଭାଳୁଥିବା ଦେଶ ଇରାନର ରାଷ୍ଟ୍ରପତି ଇବ୍ରାହିମ ରଇସ କିମ୍ବା ଭେନେଜୁଆଲ ରାଷ୍ଟ୍ରପତି ନିକୋଲାସ ମାଦୁରୋ ନ ଥିଲେ। ଅଭିଯୋଗ ଆଣିଥିଲେ ଆମେରିକାର ମିତ୍ର ଦେଶ ଫ୍ରାନ୍ସର ରାଷ୍ଟ୍ରପତି ଏମାନୁଏଲ ମାକ୍ରଁ। ସେ ବାଇଡେନ୍‌ଙ୍କ ଇନ୍‌ଫ୍ଲେସନ ରିଡକ୍ସନ ଆକ୍ଟ (ଆଇଆର୍‌ଏ) ଉପରେ ଅଭିଯୋଗ ଆଣିଥିଲେ। ଏଥିରେ ବାଇଡେନ୍ ଆମେରିକା ଅର୍ଥ ବ୍ୟବସ୍ଥାରେ କାର୍ବନ ନିର୍ଗମନ କମ୍ କରିବାକୁ ନେଇ ବୈଦ୍ୟୁତିକ ଯାନ, ବ୍ୟାଟେରି ଏବଂ ଅନ୍ୟ ନବୀକରଣୀୟ ଟେକ୍‌ନୋଲୋଜି କ୍ଷେତ୍ରରେ ଘରୋଇ ନିବେଶରେ ସବ୍‌ସିଡି ବ୍ୟବସ୍ଥା କରିଛନ୍ତି। ସବସିଡ଼ି ପାଇଁ କମ୍ପାନୀଗୁଡ଼ିକ ଲାଗି ମାନଦଣ୍ଡ ରହିଛି, ଯେଉଁଥିରେ ସେମାନେ ଆମେରିକାର ଉତ୍ପାଦକମାନଙ୍କରୁ ଗୁରୁତ୍ୱପୂର୍ଣ୍ଣ ଇନ୍‌ପୁଟ ଆଣିବାକୁ ହେବ। ଏହି ବ୍ୟବସ୍ଥା ମାକ୍ରୋନଙ୍କ ସମେତ ଅନ୍ୟ ନେତାମାନଙ୍କୁ କ୍ଷୁବ୍ଧ କରିଛି। ମାକ୍ରଁଙ୍କ ଅଭିଯୋଗ ଯେ, ଏହି ନୂଆ ଆଇନ ୟୁରୋପୀୟ ଶିଳ୍ପକୁ ଅଣଦେଖା କରିବ। ଆଇଆର୍‌ଏର ପରିଣାମକୁ ନେଇ ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ, 'ତୁମ ସମସ୍ୟା ସମାଧାନ କରିବା ଲାଗି ଏହା ଆଣିଥାଇପାର, କିନ୍ତୁ ଏହାଦ୍ୱାରା ତୁମେ ମୋ ସମସ୍ୟା ବଢାଇଦେବ'।

ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ଲାଗି ଅନ୍ୟ ଦେଶଗୁଡ଼ିକ ଉପରେ ୟୁରୋପୀୟ ସଂଘ(ଇୟୁ) ସ୍ପଷ୍ଟତଃ ଆର୍ଥିକ ବୋଝ ଲଦିଦେବାକୁ ଯୋଜନା କରିଆସୁଛି। କାବର୍ନ ବର୍ଡର ଆଡ୍‌ଜଷ୍ଟମେଣ୍ଟ ମେକାନିଜମ୍(ସିବିଏଏମ୍) ମାଧ୍ୟମରେ ଇୟୁ ଖୁବ୍‌ଶୀଘ୍ର ଅଧିକ କାର୍ବନ ନିର୍ଗମନ କରୁଥିବା ଆମଦାନୀ ଦ୍ରବ୍ୟଗୁଡ଼ିକ ଉପରେ ଶୁଳ୍କ ଲାଗୁ କରିବ। କାର୍ବନ ପାଇଁ ଏବକାର ଅର୍ଥ ବ୍ୟବସ୍ଥାରେ ନିର୍ଦ୍ଦିଷ୍ଟ ଜିନିଷ କିମ୍ବା ସେବାର ମୂଲ୍ୟ ବଜାୟ ରଖିବା ହେଉଛି ଏହାର ଲକ୍ଷ୍ୟ। ଶସ୍ତା ଆମଦାନୀ ଦ୍ରବ୍ୟ ମାଧ୍ୟମରେ ୟୁରୋପୀୟ ଉତ୍ପାଦକମାନଙ୍କୁ ଦୁର୍ବଳ କରିବା ପାଇଁ ବିଦେଶୀ କମ୍ପାନୀଗୁଡ଼ିକୁ ଅନୁମତି ନ ଦେଇ ଏହା କରିବାକୁ ଲକ୍ଷ୍ୟ ରଖିଛି। କିନ୍ତୁ ଆମଦାନୀ ଶୁଳ୍କଗୁଡ଼ିକ ମଧ୍ୟ ଅନେକ ନିମ୍ନ ଆୟକାରୀ ଦେଶ ଯଥା ମୋଜାମ୍ବିକ୍, ଇଜିପ୍ଟ ଏବଂ ଭାରତ ଆଦି ଦେଶକୁ କ୍ଷତି କରିବ। ଆଇଆର୍‌ଏଠାରୁ ସିବିଏଏମ୍ ଭିନ୍ନ ବୋଲି ୟୁରୋପୀୟ ନେତାଗଣ ଯୁକ୍ତି କରନ୍ତି। କାରଣ ଏହା ବହୁଦେଶୀୟ ଭାଗୀଦାରିରେ 'ବିନା ଭେଦଭାବ'ରେ ବାଣିଜ୍ୟ ଚାଲିବ ବୋଲି ଯେଉଁ ମୌଳିକ ସିଦ୍ଧାନ୍ତ ରଖିଛି ତାହାକୁ ଉଲ୍ଲଂଘନ କରେ ନାହିଁ। କେବଳ କାର୍ବନ ନିର୍ଗମନ କମ୍ କରିବା ବ୍ୟବସାୟରେ ଲିପ୍ତ ୟୁରୋପୀୟ କମ୍ପାନୀ ଏବଂ ବିଦେଶୀ ଉତ୍ପାଦକଗୁଡ଼ିକୁ ଲାଭ ପହଞ୍ଚାଇବାକୁ ଏକ ବୈଧ ଓ ସମାନ ସୁଯୋଗ ଦେବା ସିବିଏଏମ୍‌ର ଲକ୍ଷ୍ୟ ବୋଲି ୟୁରୋପୀୟ ଶୀର୍ଷ ଅଧିକାରୀମାନେ ଦାବି କରନ୍ତି। ସିବିଏଏମ୍ ୟୁରୋପୀୟ କମ୍ପାନୀଗୁଡ଼ିକୁ ଅନୁଚିତ ଲାଭ ଦିଏ ନାହିଁ ବୋଲି ସେମାନେ ଦାବି କରନ୍ତି। କିନ୍ତୁ ଗୋଟିଏ ଦେଶ ଲାଭ ପାଇବା ଭଳି ସ୍ଥିତି ଅନ୍ୟ ଦେଶର ଲାଭକୁ ତୁଳନାତ୍ମକ ଭାବେ କ୍ଷତି କରେ। ସେଥିପାଇଁ ଘରୋଇ ଓ ରପ୍ତାନି ଦ୍ରବ୍ୟଗୁଡ଼ିକୁ ସେଗୁଡ଼ିକର ଉତ୍ପାଦନ ପଦ୍ଧତି ଆଧାରରେ ଭିନ୍ନ ଭାବେ ବିବେଚନା କରିବା ପ୍ରକ୍ରିୟାକୁ ଅନ୍ତର୍ଜାତୀୟ ବାଣିଜ୍ୟ ନିୟମଗୁଡ଼ିକ ନାପସନ୍ଦ କରିଆସିଛି।



ଜଳବାୟୁ ପରିବର୍ତ୍ତନ ଖୁବ୍ ଗୁରୁତ୍ୱପୂର୍ଣ୍ଣ, ଯାହାର ମହତ୍ତ୍ୱ ବାଣିଜ୍ୟ ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ବିଚାରଗୁଡ଼ିକ ଦ୍ୱାରା ହ୍ରାସ ପାଉଛି। ଏହି ଯୁକ୍ତିକୁ ଆଇଆର୍‌ଏ ଏବଂ ସିବିଏଏମ୍ ଗ୍ରହଣ କରିବା ଦରକାର। ଅକ୍ଷୟ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ମହତ୍ତ୍ୱାକାଂକ୍ଷୀ ପରିବେଶଗତ କାର୍ଯ୍ୟକ୍ରମ ଆପଣାଇବା ଲାଗି ସରକାରଗୁଡ଼ିକୁ ଅନୁମତି ଦେବା ହିଁ କାର୍ବନ ନିର୍ଗମନ କମାଇବାର ସବୁଠୁ ଉତ୍ତମ ସମ୍ଭାବ୍ୟ ପଥ ହେବ। ଏ କ୍ଷେତ୍ରରେ ଚାଇନା କଥା ବିଚାର କରାଯାଇପାରେ। ସୌର ଓ ପବନରୁ ଶକ୍ତି ପାଇଁ ଦେଶରେ ଶିଳ୍ପଗୁଡ଼କୁ ଅଧିକ ସବ୍‌ସିଡି ଦେବା ଦ୍ୱାରା କମ୍ପାନୀଗୁଡ଼ିକ ଅକ୍ଷୟ ଶକ୍ତି କ୍ଷେତ୍ରରେ ଏକ ନମ୍ବର ହୋଇଛନ୍ତ। ଚାଇନା ବିଶ୍ୱରେ ପ୍ରମୁଖ ଅକ୍ଷୟ ଶକ୍ତି ଉତ୍ପାଦକ ହୋଇପାରିଛି। ବୈଶ୍ୱିକ ମାର୍କେଟର ମୂଲ୍ୟ ଦୃଷ୍ଟିକୋଣରୁ ପଛରେ ରହିଥିବା ଆମେରିକୀୟ ଓ ୟୁରୋପୀୟ କମ୍ପାନୀଗୁଡ଼ିକ ସହିତ ପାଶ୍ଚାତ୍ୟ ଚାଇନାର ଏଭଳି ପ୍ରବଳ ପକ୍ଷପାତି ନୀତିକୁ ସମାଲୋଚନା କରିଛନ୍ତି। ଚାଇନାର ଅତ୍ୟଧିକ ସବ୍‌ସିଡି ପାଶ୍ଚାତ୍ୟ କମ୍ପାନୀଗୁଡ଼ିକୁ ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ କରିଥାଇପାରେ, କିନ୍ତୁ ସେମାନେ ଜଳବାୟୁ ପରିବର୍ତ୍ତନ ଲଢ଼େଇରେ ଭଲ କରିଥିଲେ। ଏ କ୍ଷେତ୍ରରେ କମ୍ପାନୀଗୁଡ଼ିକୁ ସକ୍ଷମ କରାଯିବା ଫଳରେ ସୌର ଶକ୍ତିର ମୂଲ୍ୟ ୯୦% କମିଥିଲା ଏବଂ ଏପରିକି ପବନ ଶକ୍ତି ମୂଲ୍ୟ ଅଧା ହ୍ରାସ ପାଇଥିଲା। ବିଦେଶୀ ପ୍ରତିଦ୍ୱନ୍ଦ୍ୱୀଙ୍କୁ କ୍ଷତି କରି ବି ଚାଇନା ମାନବ ଜାତି ସମ୍ମୁଖୀନ ହେଉଥିବା ସବୁଠୁ ଯନ୍ତ୍ରଣାଦାୟକ ଆହ୍ୱାନକୁ ସମାଧାନ କରିବାରେ ଯେଉଁ ପଦକ୍ଷେପ ନେଇଛି ତାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ।

ସବୁଜ ନୀତି ଉପରେ ଅନ୍ତର୍ଜାତୀୟ ସହଯୋଗକୁ ଅଧିକ ଉତ୍ସାହିତ କରିବା ଦ୍ୱାରା ଭଲ ପରିଣାମ ହାସଲ କରାଯାଇପାରିବ। ହାର୍ଭାର୍ଡ ୟୁନିଭର୍ସିଟିର ସାଥୀ ଜେଫ୍ରି ଫ୍ରାଙ୍କେଲ କହନ୍ତି ଯେ, ଆଇଆର୍‌ଏ ଏବଂ ସିବିଏଏମ୍ ଉପରେ ବିଶ୍ୱ ବାଣିଜ୍ୟ ସଂଗଠନ( ଡବ୍ଲ୍ୟୁଟିଓ) ଏକ ବିଚାରକ ଭାବେ ବିଚାର କରିବା ଉଚିତ। ତାଙ୍କ ମତରେ, ପରିବେଶ କ୍ଷେତ୍ରରେ ସ୍ୱାଧୀନ ଭାବେ ନିଜସ୍ୱ ନୀତି ଲାଗୁ କରିବାକୁ ଡବ୍ଲ୍ୟୁଟିଓ ଦେଶଗୁଡ଼ିକୁ ଅନୁମତି ଦେଉ। କିନ୍ତୁ ଡବ୍ଲ୍ୟୁଟିଓର ଅନୁମାନ ଯେ, ସରକାରଗୁଡ଼ିକ ଅଣ ବିଣିଜ୍ୟିକ ଲକ୍ଷ୍ୟ ଯାହା ପରିବେଶୀୟ ସହନୀୟତା କିମ୍ବା ସାର୍ବଜନୀନ ସ୍ୱାସ୍ଥ୍ୟକୁ ଅନୁସରଣ କରିବା ଉଚିତ। ସେହିପରି ମୁଖ୍ୟଧାରା ବାଣିଜ୍ୟର ଅର୍ଥନୀତିଜ୍ଞମାନଙ୍କ ସିଦ୍ଧାନ୍ତ କହେ ଯେ,ଦକ୍ଷତା ଏବଂ ଅନ୍ୟ ସାର୍ବଜନୀନ ନୀତିର ଲକ୍ଷ୍ୟଗୁଡ଼ିକୁ ପୂରା ପୃଥକ୍ କରାଯାଇପାରେ। ସେହି ଅନୁଯାୟୀ ଯଦି ସରକାରଗୁଡ଼ିକ ଠିକ୍ ନୀତିମାନ ଲାଗୁ କରନ୍ତି ତେବେ ଭେଦଭାବଶୂନ୍ୟ ଏକ ମୁକ୍ତ ବାଣିଜ୍ୟ ସମ୍ଭବ ହେବ। ବିଶେଷକରି ପରିବେଶ ଉପଯୋଗୀ ସହନୀୟ ଲକ୍ଷ୍ୟଗୁଡ଼ିକ କାର୍ବନ ନିର୍ଗମନ ହ୍ରାସ କରିବା ଲାଗି ଉଦ୍ଦିଷ୍ଟ ଯୋଜନାଗୁଡ଼ିକ ଦ୍ୱାରା ପୂରଣ ହୋଇପାରିବ। ଏହା ପରିବେଶ ପ୍ରଭାବଜନିତ କ୍ଷତିକୁ ହୃଦୟଙ୍ଗମ କରିବାକୁ କମ୍ପାନୀଗୁଡ଼ିକୁ ପ୍ରେରିତ କରିବ।

ବିଶ୍ୱରେ ବିଭିନ୍ନ ସରକାର ଆରମ୍ଭ କରୁଥିବା ସବୁଜନୀତିଗୁଡ଼ିକ ପ୍ରଶାସନିକ ଓ ରାଜନୈତିକ ବାଧାର ସମ୍ମୁଖୀନ ହେଉଛି। ଏହାକୁ ଦୂର କରିବା ସକାଶେ ବିରୋଧୀ ଓ ଅତ୍ୟଧିକ କ୍ଷତି ସହୁଥିବା ଦେଶଗୁଡ଼ିକୁ ଏକାଠି କାମ କରିବାକୁ ଚୁକ୍ତିର ଆବଶ୍ୟକତା ରହିଛି। ଏହା ନ କଲେ ବୁଝାମଣା, ପ୍ରତିବଦ୍ଧତାପୂର୍ଣ୍ଣ କାର୍ଯ୍ୟ ଏବଂ ସବୁଜ କ୍ଷେତ୍ରକୁ ପରିବର୍ତ୍ତନ କରିବା ଲାଗି ସେମାନଙ୍କ ଚୁକ୍ତିରେ ଘରୋଇ ଉତ୍ପାଦକଙ୍କୁ ଲାଭ ହୋଇ ପାରିବ ନାହିଁ। ଏହିସବୁ ସ୍ଥିତିରେ ବିକଳ୍ପ ସରଞ୍ଜାମ ଉପଲବ୍ଧତା ଏବଂ ଘରୋଇ ରାଜନୈତିକ ବୁଝାମଣା ଉପରେ ବିଚାର କରି ରାୟ ଦେବା ବୈଶ୍ୱିକ ବାଣିଜ୍ୟ ପ୍ୟାନେଲଗୁଡ଼ିକୁ କଷ୍ଟକର ହେବ, ଏପରି କି ଅନୁପଯୁକ୍ତ ହୋଇପାରେ। ଚାଇନାର ସବୁଜ ଶକ୍ତି ଉତ୍ପାଦନ ସବ୍‌ସିଡିକୁ ନେଇ ବାଣିଜ୍ୟିକ ବିବାଦ ଦେଖାଦେଇଥିବା ଓ ବିଶ୍ୱରେ କାର୍ବନ ନିର୍ଗମନ ହ୍ରାସ କରିବାରେ ନିଆଯାଉଥିବା ପଦକ୍ଷେପଗୁଡ଼ିକୁ ନେଇ ପ୍ରଶ୍ନଉଠୁଥିବାବେଳେ ବାଣିଜ୍ୟିକ ନିୟମଗୁଡ଼ିକୁ ତା' ବାଟରେ ରହିବାକୁ ଦେବା କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ।

ଏକ ଆଦର୍ଶ ତଥା ଅନୁକୂଳ ବିଶ୍ୱରେ ବୈଶ୍ୱିକ ସହଯୋଗଭିତ୍ତିକ ନୀତିଗୁଡ଼ିକ ସହ କାର୍ବନ ନିଗମନ ହ୍ରାସ ପଦ୍ଧତି, ସବୁଜ ଟେକ୍‌ନୋଲୋଜି ପାଇଁ ଭେଦଭାବଶୂନ୍ୟ ସବ୍‌ସିଡି ଓ ଧନୀ ଦେଶରୁ ଗରିବ ଦେଶକୁ ଟେକ୍‌ନୋଲୋଜି ସ୍ଥାନାନ୍ତର ପ୍ରକ୍ରିୟା ଦ୍ୱାରା ଜଳବାୟୁ ପରିବର୍ତ୍ତନର ସମାଧାନ ହୋଇପାରିବ। କିନ୍ତୁ ଏକବାର ବିଶ୍ୱରେ ଏକ ପରିବେଶ ସହନୀୟ ଭବିଷ୍ୟତ ନିଶ୍ଚିତ କରିବାକୁ ସୁଯୋଗ ରହିଛି। ଏହା ସ୍ଥାନୀୟ ରାଜନୈତିକ ବିଚାରଧାରା ଦ୍ୱାରା ପରିଚାଳିତ ବିବିଧ ଜାତୀୟ ନୀତିଗୁଡ଼ିକର ମିଶ୍ରଣ ଉପରେ ନିର୍ଭର କରେ। ଆମେ ବାଣିଜ୍ୟର ପାରମ୍ପରିକ ନୀତିଗୁଡ଼ିକୁ ଅନୁସରଣ କରିବା ଉଚିତ ନୁହେଁ କିମ୍ବା ଯାହା ବାସ୍ତବ ବା ଭଲ ତାହାକୁ ଶତ୍ରୁ କିମ୍ବା ମନ୍ଦ ଭାବେ ଦେଖିବା ଉଚିତ ନୁହେଁ।

**ପ୍ରାଧାପକ, ଇଣ୍ଟରନ୍ୟାଶନାଲ ପଲିଟିକାଲ ଇକୋନୋମି, ହାର୍ଭାର୍ଡ କେନେଡି ସ୍କୁଲ**

## କୁକୁର ଆତଙ୍କ ପାଇଁ ଦାୟୀ କିଏ



ଡ.ଜଗବନ୍ଧୁ ଷଡ଼ଙ୍ଗୀ

କିଛିଦିନ ତଳେ ଭୁବନେଶ୍ୱରର ଏକ ଆପାର୍ଟମେଣ୍ଟରେ ଗୋଟିଏ ପୋଷା କୁକୁର ଜଣେ ବ୍ୟକ୍ତିଙ୍କୁ କାମୁଡ଼ିଦେଲା। ସେଠାକାର ଲୋକମାନେ ଆନ୍ଦୋଳନ କଲେ ଓ ଉକ୍ତ ପୋଷା କୁକୁରକୁ ତଡ଼ି ପାର କରିବାକୁ ଦାବି ହେଲା। ଭୁବନେଶ୍ୱର ମହାନଗର ନିଗମ ମଧ୍ୟ ଉକ୍ତ ଦାବିକୁ ସମର୍ଥନ କଲେ। ଉକ୍ତ କୁକୁରଟିର ମାଲିକାଣୀଙ୍କ ଦୁଃଖଭରା ମୁହଁ ଆମେସବୁ ଟିଭି ମାଧ୍ୟମରେ ଦେଖିଛୁ। ଯେଉଁ ଜନ୍ତୁଟିକୁ ସେ ପିଲାବେଳୁ ପାଳିଛନ୍ତି ତାକୁ ବର୍ତ୍ତମାନ କୁଆଡେ ତଡିବେ ? ତାଙ୍କୁ ଦୋଷ ଦିଆଗଲା ଯେ ସେ ଉକ୍ତ କୁକୁରକୁ ଉତ୍ତମ ଶିକ୍ଷା ଦେଇନାହାନ୍ତି। ପୋଷା କୁକୁରଙ୍କୁ ବିଭିନ୍ନ କିସମର ଟିକା ଦିଆଯାଏ, ଯଦ୍ୱାରା ସେ ସୁସ୍ଥ ରହିବା ସଙ୍ଗେ ସଙ୍ଗେ କାହାକୁ କାମୁଡ଼ିଲେ ମଧ୍ୟ ବିଶେଷ କ୍ଷତି ହେବନି। ମାଲିକାଣୀ ଏହି କୁକୁରଟିକୁ କେଉଁଠିକି ପଠାଇବେ, ଆଇନ କ'ଣ କହୁଛି ତା' ବିଷୟରେ ଚର୍ଚ୍ଚା ହୋଇନି। ପୋଷା କୁକୁରମାନେ କ'ଣ ତାଙ୍କ ମାଲିକ ବା ମାଲିକାଣୀଙ୍କୁ କାମୁଡ଼ିବାର ଦୃଷ୍ଟାନ୍ତ ନାହିଁ ? ମୋର ମଧ୍ୟ ଏକ ପୋଷା କୁକୁର ଥିଲା, ସେ ମତେ କେତେଥର ଖଣ୍ଡିଆ ଖାବରା କରିଥିଲା, କିନ୍ତୁ ଅନ୍ୟ ଲୋକଙ୍କୁ କାମୁଡ଼ି ନ ଥିଲା। ଯଦି ପୋଷା କୁକୁର ଜଣଙ୍କୁ କାମୁଡ଼ିଲା ତାକୁ କ'ଣ ଦଣ୍ଡ ଦିଆଯିବ ? ଜଙ୍ଗଲକୁ ପଠାଇଲେ ସେ କ'ଣ ଆଉ କାହାକୁ କାମୁଡ଼ିବନି ନା ତାକୁ ଆଉ କେଉଁ ଜୀବ କାମୁଡ଼ିବେନି ? ଯଦି କୌଣସି ଜନ୍ତୁ ପାଗଳ ହେଲା ଓ ମଣିଷ, ଗୋରୁଙ୍କୁ ବଧ କଲା ତେବେ ସରକାରଙ୍କ ଅନୁମତି ନେଇ ତାକୁ ମରାଯାଇପାରେ। ସବୁ ପୋଷା କୁକୁରଙ୍କ ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ ହେବା କଥା। କୁକୁରଙ୍କୁ ପ୍ରଶିକ୍ଷଣ ଦେବା ବାଧ୍ୟତାମୂଳକ ନାହିଁ କିମ୍ବା ତା' ପାଇଁ ଯଥେଷ୍ଟ ଅନୁଷ୍ଠାନମାନ ନାହିଁ।

ଏଥର ଆଲୋଚନା କରିବା ବୁଲା କୁକୁରମାନଙ୍କ କଥା। ଅଳ୍ପଦିନ ତଳେ ବାଲେଶ୍ୱର ସହରରେ ଗୋଟିଏ ବୁଲା କୁକୁର ୨୫ ଜଣ ଲୋକଙ୍କୁ କାମୁଡ଼ିଲା, ତା' ପାଇଁ ଦାୟୀ କିଏ ହେବ ? ବୁଲା କୁକୁରଙ୍କ ଦୌରାତ୍ମ୍ୟ ଆମ ରାଜ୍ୟର ସବୁଠାରେ ଅଛି, ଗ୍ରାମଠାରୁ ସହରରେ ତାଙ୍କ ଆତଙ୍କ ବହୁତ ବେଶି। ବୁଲା କୁକୁରଙ୍କୁ ତ ସରକାର ଟିକାକରଣ କରୁନାହାନ୍ତି , ସେମାନେ ଅସଂଖ୍ୟ ଲୋକଙ୍କୁ କାମୁଡୁଛନ୍ତି, ସେଥିପାଇଁ କେଉଁ ମହାନଗର ନିଗମ ବା ମ୍ୟୁନିସିପାଲିଟି ଦାୟୀ ?

ଭୁବନେଶ୍ୱର ମହାନଗର ଅଧିକାରୀଙ୍କୁ କିଛି ବର୍ଷ ପୂର୍ବେ ପ୍ରସ୍ତାବ ଦିଆଯାଇଥିଲା ଯେ, ବୁଲା କୁକୁରମାନଙ୍କୁ ଏକ ଆଶ୍ରମ କରି ଗୋରୁମାନଙ୍କୁ କାଞ୍ଜିଆହୁଦାରେ ଖାଇବାକୁ ଦେଇ ରଖିଲା ଭଳି ରଖାଯାଉ। କିନ୍ତୁ ସେମାନେ ଆଇନ ଦର୍ଶାଇଲେ ଯେ କୁକୁରମାନେ ଜନବସତି ସହିତ ଜଡ଼ିତ। ଏଣୁ ତାଙ୍କୁ ତଡ଼ି ପାର କରାଯିବା ଆଇନ ବିରୋଧ। ତା'ହେଲେ ଏମାନଙ୍କର ମାଲିକ (ବର୍ତ୍ତମାନ ସ୍ଥିତିରେ ସରକାର/ସରକାରୀ ନିଗମ୍) କ'ଣ ଦଣ୍ଡ ପାଇବେ ସରକାର ସ୍ପଷ୍ଟ କରନ୍ତୁ। କେତେକ ପୋଷା କୁକୁର ମାଲିକ ଏମାନଙ୍କୁ ବୁଲିବାକୁ ଜନବସତି ଅଞ୍ଚଳ ରାସ୍ତା ଦେଇ ଯିବା ସମୟରେ କୁକୁରମାନେ ଘର ଆଗରେ, ବିଜୁଳି ଖୁଣ୍ଟ କଡ଼ରେ ଝାଡ଼ା ଓ ପରିସ୍ରା କରନ୍ତି, ସେମାନଙ୍କୁ ସଚେତନ ବା ଦଣ୍ଡବିଧାନ କିଏ କରିବ? ବିଦେଶରେ ଓ ମୁମ୍ବାଇ ପରି ସହରରେ କୁକୁର ମାଲିକମାନେ ତାଙ୍କୁ ବୁଲିବାକୁ ନେବାବେଳେ ଏକ ମୁଣା ଧରି ଯା'ନ୍ତି ଓ କୁକୁର ଝାଡ଼ା ଫେରିଲେ ତାକୁ ସଂଗ୍ରହ କରି ଅନ୍ୟ ଜାଗାରେ ପକାନ୍ତି,ନଚେତ୍ ସେମାନଙ୍କ ବିରୋଧରେ ଦଣ୍ଡବିଧାନ ଅଛି। ଉପରୋକ୍ତ ଆଲୋଚନା ପରିପ୍ରେକ୍ଷୀରେ ସରକାର ତଥା ନିଗମମାନଙ୍କୁ ନିମ୍ନଲିଖିତ ପ୍ରସ୍ତାବ ଉପରେ ସମୀକ୍ଷା କରି ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ :-୧) ସହରାଞ୍ଚଳରେ କୁକୁରମାନଙ୍କ ପାଇଁ ଜାଗା ଜାଗାରେ ସ୍ୱତନ୍ତ୍ର ପାର୍କ ନିର୍ମାଣ ହେଉ, ୨) ପୋଷା କୁକୁରଙ୍କ ପାଇଁ ସ୍ୱଳ୍ପ ଖର୍ଚ୍ଚରେ ଟ୍ରେନିଂ ସେଣ୍ଟରମାନ ଖୋଲା ଯାଉ, ୩) ସହରାଞ୍ଚଳରେ ବୁଲା କୁକୁରଙ୍କ ପ୍ରଜନନ କ୍ଷମତା ଶତ ପ୍ରତିଶତ ହ୍ରାସ କରାଯାଉ, ୪) ଯେଉଁ ଅଞ୍ଚଳରେ ବୁଲା କୁକୁରମାନେ ବେଶି ଉତ୍ପାତ କରୁଛନ୍ତି ସେମାଙ୍କୁ ଆଶ୍ରୟସ୍ଥଳୀକୁ ନିଆଯାଉ, ୫) ବୁଲା କୁକୁରଙ୍କୁ ଶତ ପ୍ରତିଶତ ଟିକାକରଣ କରାଯାଉ, ୬) ପୋଷା କୁକୁରଙ୍କ ମାଲିକମାନଙ୍କୁ ସଚେତନ କରାଯାଉ। ଆଶା ସରକାର ଓ ଜନସାଧାରଣଙ୍କ ସହଯୋଗ ରହିଲେ କୁକୁରମାନଙ୍କ ଉତ୍ପାତ ଅନେକାଂଶରେ ଦୂରୀଭୂତ ହୋଇପାରିବ।

**ବରିଷ୍ଠ ନାଗରିକ
ଆଇଆର ସି ଭିଲେଜ ,ଭୁବନେଶ୍ୱର
ମୋ : ୯୪୩୭୦୧୫୨୦୧**

## ଏଇ ଭାରତରେ

ରାଜସ୍ଥାନର ଆଜ୍‌ମେର ଜିଲା ରସୁଲପୁର ଗାଁର ଶିକ୍ଷକ ରାଜା ମହମ୍ମଦ କରୋନା ସମୟରେ ଚାକିରି ହରାଇବା ପରେ ମୋତିଚାଷ ଆରମ୍ଭ କରିଥିଲେ। ଏବେ ସେଥିରୁ ଲକ୍ଷାଧିକ ଟଙ୍କା ରୋଜଗାର କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସେ ଏହି ଚାଷ କରିବାକୁ ଅନେକଙ୍କୁ ମଧ୍ୟ ପ୍ରୋତ୍ସାହିତ କରୁଛନ୍ତି। ରାଜାଙ୍କ ବୟସ ୪୧ ବର୍ଷ। ସେ ନିଜ ଗାଁରେ ଏକ ଘରୋଇ ସ୍କୁଲରେ ପଢ଼ାଉଥିଲେ। ତେବେ କରୋନା ମହାମାରୀ ସମୟରେ ସ୍କୁଲ ବନ୍ଦ ରହିବାରୁ ରାଜା ରୋଜଗାର ହରାଇ ମୋତିଚାଷ କରିବାକୁ ଯୋଜନା କରିଥିଲେ ଓ ସେଥିରେ ସେ ସଫଳତା ମଧ୍ୟ ପାଇପାରିଛନ୍ତି। ଶାମୁକାରେ ମୋତି ହେବା ଲାଗି ୧୮ ମାସ ଲାଗୁଛି। ପ୍ରଥମେ ସେ ଏହି ଚାଷରେ ପ୍ରାୟ ୭୦ ହଜାର ଟଙ୍କା ନିବେଶ କରିଥିଲେ। ପ୍ରତ୍ୟେକ ଶାମୁକାରୁ ସେ ଦୁଇଟି ମୋତି ପାଉଛନ୍ତି ଏବଂ ପରେ ଏହାକୁ ୨୦୦ରୁ ୧୦୦୦ ଟଙ୍କା ମୂଲ୍ୟରେ ବିକ୍ରି କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଡିସେମ୍ବର ୧୯୯୭

- ସଂଯୁକ୍ତ ଆରବ ଏମିରେଟ୍‌ସର ଶାରଜା ବିମାନ ବନ୍ଦର ନିକଟରେ ତାଜିକ ଏୟାରଲାଇନ୍ସର ଏକ ବିମାନ ଦୁର୍ଘଟଣାରେ ୬୬ ମୃତ।
- କେନ୍ଦ୍ରୀୟ ପାକିସ୍ତାନରେ ପଞ୍ଜାବ ପ୍ରଦେଶରେ ଏକ ବସ କେନାଲ ଭିତରକୁ ଖସିପଡ଼ିବା ଫଳରେ ୨୦ ଯାତ୍ରୀଙ୍କ ମୃତ୍ୟୁ।
- ରାଜ୍ୟ ଜନତା ଦଳର ଏକ ଶକ୍ତିଶାଳୀ ଗୋଷ୍ଠୀ ଦଳ ତ୍ୟାଗ କରି ଆନୁଷ୍ଠାନିକ ଭାବେ ଆଞ୍ଚଳିକ 'ବିଜୁ ଜନତା' ଦଳ ଗଠନ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | 2 | | | 9 | |
| | | | 8 | | | | | |
| | | 3 | 9 | | | | | |
| | | 4 | | | 9 | 2 | 3 | |
| 9 | | | | | | | | 1 |
| | | | | 6 | | | 7 | |
| 6 | | 7 | 5 | | | | | 4 |
| 8 | 4 | | | | | | | 6 |
| | 3 | | | | 2 | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 8 | 3 | 5 | 9 | 6 | 1 | 4 |
| 1 | 6 | 5 | 8 | 4 | 2 | 7 | 3 | 9 |
| 9 | 4 | 3 | 6 | 7 | 1 | 5 | 2 | 8 |
| 4 | 5 | 1 | 7 | 9 | 6 | 2 | 8 | 3 |
| 8 | 9 | 6 | 4 | 2 | 3 | 1 | 7 | 5 |
| 7 | 3 | 2 | 5 | 1 | 8 | 4 | 9 | 6 |
| 3 | 2 | 4 | 9 | 6 | 7 | 8 | 5 | 1 |
| 6 | 8 | 7 | 1 | 3 | 5 | 9 | 4 | 2 |
| 5 | 1 | 9 | 2 | 8 | 4 | 3 | 6 | 7 |

ଗତକାଲିର ଉତ୍ତର

# ବିଜ୍ଞାନ ଏବଂ ଆଧ୍ୟାତ୍ମିକତାର ଅପୂର୍ବ ମିଶ୍ରଣ



ଗିରିଜା ଶଙ୍କର ତରାସିଆ

ସୁସ୍ଥ ଏବଂ ଶାନ୍ତିପୂର୍ଣ୍ଣ ସମାଜ ଗଠନ ନିମନ୍ତେ ଉଭୟ ବିଜ୍ଞାନ ଏବଂ ଆଧ୍ୟାତ୍ମିକତା ଅପରିହାର୍ଯ୍ୟ। ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତଙ୍କ ରଚିତ ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥ ଉଭୟ ବିଜ୍ଞାନ ଏବଂ ଆଧ୍ୟାତ୍ମିକତାର ଏକ ଅପୂର୍ବ ମିଶ୍ରଣ। ୧୮୬୮ ଅଗଷ୍ଟ ୧୮ତାରିଖରେ ଏକ ସୂର୍ଯ୍ୟୋପରାଗ ଅନୁଷ୍ଠିତ ହୋଇଥିଲା। ଏହାର ସମୟ ଖଣ୍ଡପଡ଼ା ନିବାସୀ ସାମନ୍ତ ଚନ୍ଦ୍ରଶେଖର ପୂର୍ବରୁ ଠିକ୍ ଗଣନା କରିଥିଲେ। ସାମନ୍ତଙ୍କର ଏହି ଗଣନା ତତ୍କାଳୀନ ସମାଜରେ ବେଶ୍ ଆଲୋଚ୍ୟର ବିଷୟବସ୍ତୁ ହୋଇଥିଲା। ସାମନ୍ତଙ୍କର ଏହି କୃତିତ୍ୱ ସମ୍ପର୍କରେ ବିଭିନ୍ନ ଖବରକାଗଜରେ ପ୍ରକାଶିତ ହୋଇଥିଲା। ତତ୍କାଳୀନ ଓଡ଼ିଶାରୁ ପ୍ରକାଶ ପାଉଥିବା ପ୍ରଥମ ଓଡ଼ିଆ ଖବର ସାପ୍ତାହିକ ଉତ୍କଳଦୀପିକାର ୧୮୬୮ ଅଗଷ୍ଟ ୨୨ ତାରିଖ ସଂଖ୍ୟାରେ ପ୍ରକାଶିତ ହୋଇଥିଲା କି ''ସାମନ୍ତ ମହାଶୟ ଏ ବିଷୟରେ ପରିଶ୍ରମ କରି କେବଳ ଆପଣାର ସୁଖ୍ୟାତି ବଢ଼ାଇଛନ୍ତି ଏମନ୍ତ ନୁହେଁ, ତାହାଙ୍କ ହେତୁ ଏ ସମୟରେ ବଙ୍ଗଦେଶଠାରୁ ଓଡ଼ିଶା ଓ ଓଡ଼ିଶା ଗଡ଼ଜାତ ମଧ୍ୟରେ କିଲ୍ଲା ଖଣ୍ଡପଡ଼ା ସୁଖ୍ୟାତି ଲାଭ କଲା।''

ଅବିଭକ୍ତ ପୁରୀ ଜିଲାର ଖଣ୍ଡପଡ଼ା ଗଡ଼ଜାତରେ ୧୮୩୫ ମସିହା ପୌଷମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପିତା ଶ୍ୟାମବନ୍ଧୁ ସିଂହ ଏବଂ ମାତା ବିଷ୍ଣୁମାଳୀଙ୍କ ସନ୍ତାନଭାବେ ଜନ୍ମଲାଭ କରିଥିବା ସାମନ୍ତ ଚନ୍ଦ୍ରଶେଖରଙ୍କର ଅପର୍ଯ୍ୟାଣି ନାମଥିଲା ପଠାଣି। ସାମନ୍ତ ଚନ୍ଦ୍ରଶେଖର ୧୮୬୯ ଏପ୍ରିଲ ୧୨ ଚୈତ୍ର ଶୁକ୍ଳ ଦ୍ୱିତୀୟା ତିଥିରେ ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥ ରଚନା ଆରମ୍ଭ କଲେ। ଶ୍ରୀଜଗନ୍ନାଥଙ୍କ ବନ୍ଦନା କରିବା ପୂର୍ବକ ସେ ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥ ରଚନା ଆରମ୍ଭ କରିଥିଲେ। ସ୍ୱୟଂସମ୍ପୂର୍ଣ୍ଣ ବୈଜ୍ଞାନିକ ସାମନ୍ତ ଚନ୍ଦ୍ରଶେଖର ୧୮୯୨ ନଭେମ୍ବର ୧୨ ମାର୍ଗଶିର କୃଷ୍ଣ ନବମୀ ଶନିବାର ମହାର୍ଘ ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥ ରଚନା ସମାପ୍ତ କରିଥିଲେ ଏବଂ ଏହି ଗ୍ରନ୍ଥକୁ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରିଥିଲେ।

ସଂସ୍କୃତ ଭାଷାରେ, ଓଡ଼ିଆ ଲିପିରେ ତାଳପତ୍ର ପୋଥିରେ ଲିଖିତ ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥର ସମୁଦାୟ ଶ୍ଳୋକ ସଂଖ୍ୟା ଥିଲା ୨୫୦୦। ତନ୍ମଧ୍ୟରୁ ସାମନ୍ତଙ୍କର ନିଜସ୍ୱ ରଚନା ଶ୍ଳୋକ ୨୨୮୪ ଥିବାବେଳେ ଅନ୍ୟାନ୍ୟ ଗ୍ରନ୍ଥମାନଙ୍କରୁ ୨୧୬ଟି ଶ୍ଳୋକ ଉଦ୍ଧୃତ କରାଯାଇଛି। ନକ୍ଷତ୍ରମାନଙ୍କ ସମ୍ପର୍କରେ ଟିପ୍ପଣୀ, ଚନ୍ଦ୍ରକଳା, ଗ୍ରହଚଳନ, ସୌରଜଗତ, ଚନ୍ଦ୍ରଗ୍ରହଣ, ସୂର୍ଯ୍ୟୋପରାଗ ଆଦିର ନିର୍ଭୁଲ ଗଣନା କରି ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥରେ ଲିପିବଦ୍ଧ କରାଯାଇଅଛି। ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥକୁ ସ୍ଥୂଳଭାଗରେ ପୂର୍ବାର୍ଦ୍ଧ ଓ ଉତ୍ତରାର୍ଦ୍ଧ ଭାବେ ଦୁଇଭାଗରେ ବିଭକ୍ତ କରାଯାଇଛି। ପୂର୍ବାର୍ଦ୍ଧରେ ପ୍ରଥମ ୧୫ ଗୋଟି ଅଧ୍ୟାୟ ଓ ଉତ୍ତରାର୍ଦ୍ଧରେ ଶେଷ ୯ ଗୋଟି ଅଧ୍ୟାୟ ଅନ୍ତର୍ଭୁକ୍ତ। ପରିଚ୍ଛେଦଗୁଡ଼ିକୁ ମଧ୍ୟମାଧିକାର, ସ୍ଫୁଟନାଧିକାର, ତ୍ରିପ୍ରଶ୍ନାଧିକାର, ଗୋଳାଧିକାର ଓ କଳାଧିକାର ପରି ପାଞ୍ଚଗୋଟି ଅନୁ ବିଭାଗରେ ବିଭକ୍ତ କରାଯାଇଛି।



ଶରୀର ଉପରେ ଖାଦ୍ୟର ପ୍ରଭାବ ପଡୁଥିବାରୁ ଖାଦ୍ୟକୁ ତାମସିକ, ରାଜସିକ ଏବଂ ସାତ୍ତ୍ୱିକ ଭାବେ ବିଭକ୍ତ କରାଯାଇଛି। ସାମନ୍ତ ଶୃଙ୍ଖଳିତ ଜୀବନଯାପନ କରିବା ସହିତ ଭୋଜନରେ ମଧ୍ୟ ଶୃଙ୍ଖଳା ରକ୍ଷା କରୁଥିଲେ। ସେ ପ୍ରତିଦିନ ପୂର୍ବାହ୍ନରେ କୁକୁଡ଼ା ଅଣ୍ଡା ପ୍ରମାଣ ୨୪ଗୁଣ୍ଡା ଏବଂ ରାତ୍ରିରେ ସେହିପରି ୧୮ଗୁଣ୍ଡା ଅନ୍ନ ଭୋଜନ କରୁଥିଲେ। ବିଭିନ୍ନ ତିଥିମାନଙ୍କରେ କେତେକ ଦ୍ରବ୍ୟ ସେବନ ବାରଣ ଥିବାରୁ ସେ ସେବୁର ଅନୁପାଳନ କରୁଥିଲେ। ପ୍ରତିପଦାରେ ପାଣି କଖାରୁ, ଦ୍ୱିତୀୟାରେ ବୋଇତି କଖାରୁ, ତୃତୀୟାରେ ପୋଟଳ, ଚତୁର୍ଥୀରେ ମୂଳା, ପଞ୍ଚମୀରେ ବେଲ, ଷଷ୍ଠୀରେ ନିମ୍ବ, ସପ୍ତମୀରେ ତାଳ, ଅଷ୍ଟମୀରେ ନଡ଼ିଆ, ନବମୀରେ ଲାଉ, ଦଶମୀରେ କଳମ୍ବଶାଗ, ଏକାଦଶୀରେ ଶିମ୍ବ, ଦ୍ୱାଦଶୀରେ ପୋଇ, ତ୍ରୟୋଦଶୀରେ ବାଇଗଣ, ଚତୁର୍ଦ୍ଦଶୀରେ ବିରି ଏବଂ ଅମାବାସ୍ୟା ତଥା ପୂର୍ଣ୍ଣିମୀରେ ମାଂସ (ଆମିଷ) ଭୋଜନ ଦୋଷାବହ ବୋଲି ସାମନ୍ତ ମତ ପ୍ରକାଶ କରୁଥିଲେ।

ବିସ୍ମୟ ବିଜ୍ଞାନୀ ସାମନ୍ତ ଚନ୍ଦ୍ରଶେଖରଙ୍କ ସମ୍ପର୍କରେ ମତ ପ୍ରକାଶ କରିବାକୁ ଯାଇ ୧୯୦୪ ରେ ପ୍ରକାଶିତ ହୋଇଥିବା ପୁସ୍ତକ Astronomy without telescope ର ପ୍ରଣେତା ୱାଲଟର ମଣ୍ଡର ଦର୍ଶାଇଥିଲେ ଯେ ;''ଟେଲିସ୍କୋପ୍‌ର ସ୍ୱପ୍ନ ଦେଖିବାର ବହୁ ବର୍ଷ ପୂର୍ବରୁ ଓଡ଼ିଶା ଗ୍ରାମରେ ଏହି ନିର୍ଜନବାସୀ ବ୍ୟକ୍ତିଙ୍କଠାରୁ ସତେ ଯେମିତି ବିଜ୍ଞାନର ଜଣେ ଆଦିପିତା ଆବିର୍ଭୂତ ହୋଇଥିଲେ।'' ଉଭୟ ଆଧ୍ୟାତ୍ମିକତା ଏବଂ ବିଜ୍ଞାନର ଏହି ମହାନ୍ ସାଧକ ସାମନ୍ତ ଚନ୍ଦ୍ରଶେଖରଙ୍କ ଉଦ୍ଦେଶ୍ୟରେ ପଲ୍ଲୀକବି ନନ୍ଦ କିଶୋର ବଳ କହିଉଠିଥିଲେ କି-

ହେ ଚନ୍ଦ୍ରଶେଖର ନବଉତ୍କଳ ମଣ୍ଡନ
ନବଯୁଗ ଜ୍ଞାନବୀର କୁଳ ସୁନନ୍ଦନ।...
ନବ ବୈଜ୍ଞାନିକ - ଉଦ୍‌ଭାବନ- ନବଜ୍ଞାନ ମଧ୍ୟେ
ଉତ୍କଳର ମଧ୍ୟ ଅଛି କିଛି ସ୍ଥାନ।

**ସମ୍ପାଦକ, ପଠାଣିସାମନ୍ତ
ମେମୋରିଆଲ ପରିଷଦ, ଖଣ୍ଡପଡ଼ା, ନୟାଗଡ଼
ମୋ: ୯୯୩୭୩୩୪୮୦୦**

## ପାଠକ ଶ୍ରେଷ୍ଠ ବିଚାରକ

### ପୁରୀ ଜିଲା ହସ୍ପିଟାଲରେ ରୋଗୀସଂଖ୍ୟା କମୁଛି

ମହାଶୟ,

ସରକାର ସ୍ୱାସ୍ଥ୍ୟ ସମସ୍ୟା ଉପରେ ଅଧିକ ଗୁରୁତ୍ୱ ଦେଉଥିବାବେଳେ ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଜିଲାର ସମସ୍ତ ସରକାରୀ ଡାକ୍ତରଖାନାଗୁଡ଼ିକରେ ନିଃଶୁଳ୍କ ସେବା ଯୋଗା ଯାଉଥିବାବେଳେ ଔଷଧ ଓ ରୋଗୀଙ୍କ ପାଇଁ ଖାଦ୍ୟ ଏବଂ ମୌଳିକ ଆବଶ୍ୟକତା ଉପରେ ଅଗ୍ରାଧିକାର ଦିଆଯାଉଛି। ଏହି ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ତଦାରଖ ଓ ପରିଚାଳନା ନିମନ୍ତେ ସ୍ୱାସ୍ଥ୍ୟ ସମିତି ଗଠନ କରାଯାଇଛି। ଏହା ବ୍ୟତୀତ ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ନିରାପଦ ମାତୃତ୍ୱ ଏବଂ ଅପପୁଷ୍ଟି ରୋକିବା ପାଇଁ ପ୍ରତି ପଞ୍ଚାୟତରେ ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ୱାର୍ଡଠାରୁ ଗାଁ ପର୍ଯ୍ୟନ୍ତ ଗାଁ କଲ୍ୟାଣ ସମିତି ମଧ୍ୟ ଗଠନ କରାଯାଇଛି। କିନ୍ତୁ ବିଡ଼ମ୍ବନାର ବିଷୟ, ଏବେ ମଧ୍ୟ ଡାକ୍ତରଖାନାରେ ଡାକ୍ତର ପଦବୀ ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସାକ୍ଷୀଗୋପାଳ ଡାକ୍ତରଖାନାକୁ ଡାକ୍ତରମାନେ ଠିକ୍ ସମୟରେ ନ ଯାଇ ଘରୋଇ ଡାକ୍ତରଖାନାଗୁଡ଼ିକୁ ନିୟମିତ ଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ଯେତିକି ଡାକ୍ତର ରହିବା କଥା, ସେହି ତୁଳନାରେ ଡାକ୍ତର ନ ଥିବାବେଳେ ଯେତିକି ଅଛନ୍ତି ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଭୁବନେଶ୍ୱର ମୋହ ଛାଡ଼ି ନ ଥିବାରୁ କଳବଳ କୌଶଳରେ ଭୁବନେଶ୍ୱରକୁ ଡେପୁଟେସନରେ ଯାଉଛନ୍ତି। ତେଣୁ ସରକାରୀ ଡାକ୍ତରଖାନାରେ ରୋଗୀ ଅବ୍ୟବସ୍ଥାର ଶିକାର ହୋଇ ବାଧ ହୋଇ ଘରୋଇ ଡାକ୍ତରଖାନାକୁ ଯାଉଛନ୍ତି। ଏଣୁ ଚଳିତବର୍ଷ ରୋଗୀସଂଖ୍ୟା ମାତ୍ରାଧିକ କମିବା ଦେଖିବାକୁ ମିଳିଛି। ଗୋଟିଏ ପଟେ ସରକାର ମାଗଣାରେ ସ୍ୱାସ୍ଥ୍ୟସେବାକୁ ଅଗ୍ରାଧିକାର ଦେଉଛନ୍ତି, କିନ୍ତୁ ବ୍ୟବସ୍ଥାରେ ପରିବର୍ତ୍ତନ ନ ହେବାରୁ ଏବେ ମଧ୍ୟ ରୋଗୀଙ୍କୁ କଟକ ଓ ଭୁବନେଶ୍ୱର ଡାକ୍ତରଖାନା ଏବଂ ଘରୋଇ ଡାକ୍ତରଖାନା ଉପରେ ନିର୍ଭର କରିବାକୁ ପଡୁଛି। ତେବେ ଜିଲା ପ୍ରଶାସନ ଉନ୍ନତ ମାନର ରୋଗୀସେବା କରୁଥିବା ଡିଣ୍ଡିମ ପିଟୁଥିବାବେଳେ ତାହାର ନଗ୍ନଚିତ୍ର ପଦାରେ ପଡ଼ିଛି।

**-ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ଦୂରଦେଶୁ ପରବାସୀ ଆସେ ଫେରି ହରଷେ
ଲେଉଟଇ ପିକ ପୁଣି ଆବାସେ
ପ୍ରିୟ ମୋର ଡାକେ ନାହିଁ ଶୂନ୍ୟ ଏ ଦୁଆରେ
ମୃଦୁ ହାସେ ଉଭା ହୋଇ ଆବାସେ।
କେଉଁ ଦେଶେ ଲୁଚି ରହେ ସନ୍ଧାନ ନାହିଁ ଯେ
ଦିନ ଯାଏ ଅନ୍ତର ପରାସେ।
-(ଜୀବନ-ଦୋଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଜାନୁୟାରୀରୁ ଗାଡ଼ି ମୂଲ୍ୟ ବଢ଼ାଇବ ହୁଣ୍ଡାଇ**

ନୂଆଦିଲ୍ଲୀ: ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ହୁଣ୍ଡାଇ ଆସନ୍ତା ଜାନୁୟାରୀରୁ ନୂତନ ଗାଡ଼ି ଉପରେ ମୂଲ୍ୟ ବୃଦ୍ଧି କରିବାକୁ ଯାଉଛି ବୋଲି ଜଣାପଡିଛି। ଏପରିକି ଗୁରୁବାର ହୁଣ୍ଡାଇ ପକ୍ଷରୁ ଘୋଷଣା କରାଯାଇଛି ଯେ ଗାଡ଼ି ନିର୍ମାଣରେ ବ୍ୟବହାର ହେଉଥିବା ଜିନିଷର ମୂଲ୍ୟ ବୃଦ୍ଧି ସାଙ୍ଗକୁ ବଜାର ଦରରେ ମଧ ପରିବର୍ତ୍ତନ ହେଉଛି। ବିଶେଷ କରି କମ୍ପାନୀର କିଛି ପ୍ରମୁଖ ମଡ଼େଲ ଉପରେ ମୂଲ୍ୟ ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଥିବା ହୁଣ୍ଡାଇ ପକ୍ଷରୁ କୁହାଯାଉଛି। ସେହିଭଳି ଗ୍ରାହକଙ୍କ ଉପରେ ମୂଲ୍ୟ ପ୍ରଭାବକୁ କମ୍ କରିବାକୁ କମ୍ପାନୀ ପକ୍ଷରୁ ଆଭ୍ୟନ୍ତରୀଣ ପ୍ରୟାସ ମଧ ଜାରି ରହିବ ବୋଲି କମ୍ପାନୀ ମତ ପ୍ରକାଶ କରିଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଡୁଡୁଲ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦିନକରେ ୩ ଲକ୍ଷ କୋଟିର ନିବେଶ ହରାଇଲେ ନିବେଶକ

ନୂଆଦିଲ୍ଲୀ,୧୫।୧୨

ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ସାଙ୍ଗକୁ ଆମେରିକୀୟ ଫେଡେରାଲ ରିଜର୍ଭ ତା'ର ସୁଧ ହାରରେ ୦.୫୦% ବୃଦ୍ଧି କରିବା ଯୋଗୁ ଗୁରୁବାର ଭାରତୀୟ ଷ୍ଟକ୍ ବଜାରରେ ଏକ ବଡ଼ ଧରଣର କ୍ଷତି ଘଟିଛି। ଏପରିକି ଦିନକରେ ପ୍ରାୟ ୩ ଲକ୍ଷ କୋଟିର ନିବେଶ ଶେୟାର ବଜାରର ନିବେଶକ ହରାଇଛନ୍ତି। ଆଗକୁ ମଧ ସୁଧହାର ବୃଦ୍ଧି ନେଇ ଫେଡେରାଲଙ୍କ ସୂଚନା ଭାରତୀୟ ବଜାରକୁ ପ୍ରଭାବିତ କରିପାରେ ବୋଲି ଆଶଙ୍କା କରାଯାଉଛି। ବିଶେଷକରି ଆମେରିକା ବଜାରରେ ସୁଧହାର ୧୫ବର୍ଷର ଶୀର୍ଷତମ ସ୍ତରରେ ପହଞ୍ଚିଛି। ଫଳରେ ଷ୍ଟକ୍ ବଜାରର ନିବେଶକଙ୍କ ଉପରେ ଏହାର ପ୍ରଭାବ



ପଡ଼ିଛି। ସେହିଭଳି ଫେଡେରାଲ ରିଜର୍ଭଙ୍କ ସୁଧହାର ବୃଦ୍ଧି ଘୋଷଣା ପରେ ଶେୟାର ବଜାରରେ ଅଂଶଧନ ବିକ୍ରି ଆରମ୍ଭ ହୋଇଯାଇଛି। ଏପରିକି ସେନ୍‌ସେକ୍ସରେ ସାମିଲ ୩୦ ମୁଖ୍ୟ ଶେୟାର ମଧ୍ୟରୁ ଏନ୍‌ଟିପିସି ଓ ସନ୍‌ଫାର୍ମାକୁ ଛାଡ଼ି ଦେଲେ ବାକି ୨୮ ଶେୟାରର ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ, ଡିସେମ୍ବର ୧୪ ଷ୍ଟକ୍ ବଜାର ବନ୍ଦ ବେଳକୁ ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଙ୍କ ବଜାର ପୁଞ୍ଜୀକରଣ ୨.୯୧ ଲକ୍ଷ କୋଟି ଟଙ୍କା ଥିଲା। ହେଲେ ଗୁରୁବାର କାରବାର ଆରମ୍ଭ ହେବା ପରେ ଏହାର ପରିମାଣ ହ୍ରାସ ହୋଇ ୨.୮୮ ଲକ୍ଷ କୋଟି ଟଙ୍କା ହୋଇଯାଇଛି। ଫଳରେ ଦିନକରେ ବଜାରରେ ନିବେଶକ ପ୍ରାୟ ୩ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ସେହିପରି ଆଇଟି ଶେୟାରରେ ହ୍ରାସ ଓ ବଜାରରେ ଦୁର୍ବଳ ପରିସ୍ଥିତି ଯୋଗୁ ୩୦ ଶେୟାରର ବିଏସ୍‌ଇ ସୂଚକାଙ୍କ ପୂର୍ବାହ୍ନରେ ୧୮୬.୭୪ ପଏଣ୍ଟ ହ୍ରାସ ହୋଇ ୬୨,୪୯୧.୧୭ ଅଙ୍କରେ ଖୋଲିଥିଲା। ସେହିପରି ନିଫ୍ଟି ୫୧.୯୫ ପଏଣ୍ଟ ହ୍ରାସ ହୋଇ ୧୮,୬୦୮.୩୫ ଅଙ୍କରେ ଖୋଲିଥିଲା। ତେବେ ବଜାର ବର୍ତ୍ତମାନ ବ୍ୟାଙ୍କ ଅଫ୍ ଇଂଲଣ୍ଡ(ବିଓଇ) ଏବଂ ୟୁରୋପୀୟ କେନ୍ଦ୍ରୀୟ ବ୍ୟାଙ୍କ(ଇସିବି)ର ନିଷ୍ପତ୍ତିକୁ ଅପେକ୍ଷା କରିଛି। ଉଭୟ ବ୍ୟାଙ୍କ ସେମାନଙ୍କ ନୀତିଗତ ହାର ଅଧା ପ୍ରତିଶତ ବୃଦ୍ଧି କରିପାରନ୍ତି ବୋଲି ଆଶଙ୍କା କରାଯାଉଛି।

### ଖସିଲା ଶେୟାର ବଜାର କାରବାର

ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସର ଫଳାଫଳ ଯୋଗୁଁ ଶେୟାର ବଜାର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଏପରିକି ଗୁରୁବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୮୭୯(୮୭୮.୮୮) ପଏଣ୍ଟ ଖସି ୬୧,୭୯୯ (୬୧,୭୯୯୧.୦୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ ୨୪୫ (୨୪୫.୪୦) ପଏଣ୍ଟ ହ୍ରାସ ଘଟି ୧୮,୪୧୫ (୧୮,୪୪୪.୯୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# 'ଭାରତ ବିଶ୍ୱର ପ୍ରମୁଖ ଷ୍ଟାର୍ଟଅପ୍ ହବ୍'

ନୂଆଦିଲ୍ଲୀ,୧୫।୧୨

ବର୍ତ୍ତମାନ ସମୟରେ ଭାରତ ବିଶ୍ୱର ପ୍ରମୁଖ ଷ୍ଟାର୍ଟଅପ୍ ହବ୍ ହୋଇପାରିଛି। କାରଣ ଦେଶରେ ଷ୍ଟାର୍ଟଅପ୍ ସଫଳତା ହାର ପୃଥିବୀର କୌଣସି ରାଷ୍ଟ୍ର ତୁଳନାରେ ସବୁଠୁ ଭଲ ରହିଛି ବୋଲି ନିକଟରେ କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋଏଲ ଲୋକ ସଭାରେ ମତପ୍ରକାଶ କରିଛନ୍ତି। ଏପରିକି ଦେଶରେ ଲଗାତର ଷ୍ଟାର୍ଟଅପ୍‌ର ସଂଖ୍ୟା ବୃଦ୍ଧି ମଧ ଦେଖିବାକୁ ମିଳିଛି। ସେହିଭଳି ବର୍ତ୍ତମାନ ଦେଶରେ ଷ୍ଟାର୍ଟଅପ୍ ସଂଖ୍ୟା ଗତ ୭ବର୍ଷ ମଧ୍ୟରେ ୧୮୬ ଗୁଣା ବୃଦ୍ଧି ପାଇଛି। ଚଳିତ ବର୍ଷ ନଭେମ୍ବର ଶେଷ ସୁଦ୍ଧା ୮୪,୦୧୨ଟି ମାନ୍ୟତାପ୍ରାପ୍ତ ଷ୍ଟାର୍ଟଅପ୍ ରହିଥିଲା ବେଳେ ଆଗାମୀ ବର୍ଷରେ ତାହା ୧ ଲକ୍ଷରେ ପହଞ୍ଚିବ ବୋଲି ଆକଳନ କରାଯାଉଛି। ବିଶେଷକରି ଅନ୍ୟ ରାଷ୍ଟ୍ର ତୁଳନାରେ ଏହି ସଂଖ୍ୟା ଢେର ଅଧିକ ବୋଲି ଜଣାପଡ଼ିଛି। ସେହିପରି କେନ୍ଦ୍ର ସରକାର ଷ୍ଟାର୍ଟଅପ୍‌ଗୁଡ଼ିକୁ ଉତ୍ସାହିତ କରିବା ପାଇଁ ୨୦୧୬ ଜାନୁୟାରୀ ୧୬ରେ ଷ୍ଟାର୍ଟଅପ୍ ଇଣ୍ଡିଆ ଆରମ୍ଭ କରିଥିଲେ।

**CLASSIFIED DISPLAY**

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209



Our Products: ◆ Mughappu ◆ Thoovanam ◆ UPVC Roofing Sheets ◆ UPVC Gutter System ◆ Other Elevation Products
TECHNO ROOF, 3/246-B, Postal Colony, Perur, Coimbatore - 641 010, Tamilnadu, www.technoroof.in
Call: 96552 08111
DEALERS WANTED

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କୋଲ୍ ଇଣ୍ଡିଆର ପ୍ରଥମ ଇଣ୍ଡଷ୍ଟ୍ରିଆଲ ରିଲେଶନ୍ସ କନ୍‌କ୍ଲେଭ-୨୦୨୨

ଭୁବନେଶ୍ୱର,୧୫।୧୨

କୋଲ୍ ଇଣ୍ଡିଆ ଲିମିଟେଡ୍‌ର ପ୍ରଥମ ଇଣ୍ଡଷ୍ଟ୍ରିଆଲ ରିଲେଶନ୍ସ(ଆଇଆର୍) କନ୍‌କ୍ଲେଭ-୨୦୨୨ ଗୁରୁବାର ସ୍ଥାନୀୟ ଜୟଦେବବିହାରସ୍ଥିତ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ବ୍ୟବସାୟ ସକ୍ଷମ ଆଇଆର୍ ପରିବେଶ ସୃଷ୍ଟି' ଶୀର୍ଷକ ବିଷୟବସ୍ତୁକୁ ନେଇ ଏକ ୨ ଦିନିଆ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କନ୍‌କ୍ଲେଭରେ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ନିର୍ଦ୍ଦେଶକ(ପର୍ସନାଲ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିଲେଶନ୍ସ(ଆଇଆର୍) ବିନୟ ରଞ୍ଜନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଶବ ରାଓ, ନିର୍ଦ୍ଦେଶକ(ପର୍ସନାଲ) ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍)-ସମ୍ବଲପୁର, ଏଚ୍.ଏନ୍. ମିଶ୍ର, ନିର୍ଦ୍ଦେଶକ(ପର୍ସନାଲ), ସେଣ୍ଟ୍ରାଲ କୋଲ୍‌ଫିଲ୍ଡ




ଲିମିଟେଡ୍(ସିସିଏଲ୍) ରାଞ୍ଚି, ମନୀଷ କୁମାର, ନିର୍ଦ୍ଦେଶକ (ପର୍ସନାଲ), ଉତ୍ତରାଞ୍ଚଳ କୋଲ୍‌ଫିଲ୍ଡ ଲିମିଟେଡ୍(ଏନ୍‌ସିଏଲ୍), ଆହୁତି ଏ, ନିର୍ଦ୍ଦେଶକ(ପର୍ସନାଲ), ଇଷ୍ଟର୍ନ କୋଲ୍‌ଫିଲ୍ଡ ଲିମିଟେଡ୍(ଇସିଏଲ୍), ଅଜୟ ଚୌଧୁରୀ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ପର୍ସନାଲ), କୋଲ୍ ଇଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ବିନୟ ରଞ୍ଜନ କହିଛନ୍ତି, ଏହି ୨ ଦିନିଆ କର୍ମଶାଳା କୋଇଲା କମ୍ପାନୀର ଏଚ୍‌ଆର୍ ପ୍ରଫେସନାଲମାନଙ୍କୁ ସେମାନଙ୍କର କାର୍ଯ୍ୟର ଅଭିଜ୍ଞତା ବାଣ୍ଟିବା ସହ ବିଶେଷଜ୍ଞଙ୍କଠାରୁ ପରାମର୍ଶ ଗ୍ରହଣ କରିବାର ବିଶେଷ ସୁଯୋଗ ପ୍ରଦାନ କରିବ। ସେହିଭଳି ସ୍ୱାଗତ ଅଭିଭାଷଣ ମାଧ୍ୟମରେ ଆଇଆର୍ କନ୍‌କ୍ଲେଭ ବିଷୟବସ୍ତୁର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱ ଦେଇ କେଶବ ରାଓ କହିଛନ୍ତି, କନ୍‌କ୍ଲେଭରେ ଥିବା ବିଷୟଗୁଡିକ କେବଳ ସାମ୍ପ୍ରତିକ ପରିସ୍ଥିତିରେ ପ୍ରାସଙ୍ଗିକ ନୁହେଁ ବରଂ ଏଚ୍‌ଆର୍ ପ୍ରଫେସନାଲମାନଙ୍କ ମଧ୍ୟରେ ବିଚାର ଓ ବିତର୍କ ସୃଷ୍ଟି କରିବାରେ ସକ୍ଷମ ହେବ। ଏପରିକି କୋଲ୍ ଇଣ୍ଡିଆ ଦେଶର ପ୍ରମୁଖ କର୍ପୋରେଟ୍‌ମାନଙ୍କ ମଧ୍ୟରେ ଅଗ୍ରଣୀ ଏବଂ ବିକାଶଶୀଳ ଅର୍ଥନୀତି ପାଇଁ ବଢୁଥିବା ଶକ୍ତି ଆବଶ୍ୟକତାକୁ ସଫଳତାର ସହ ପୂରଣ କରିବ ବୋଲି ରାଓ ମତପ୍ରକାଶ କରିଛନ୍ତି। ସେହିପରି କୋଭିଡ୍ ସମୟରେ ପରିସ୍ଥିତି ବିଷୟରେ ଉଲ୍ଲେଖକରି ରାଓ କହିଛନ୍ତି, ଦୀର୍ଘଦିନର ତାଲାବନ୍ଦ ଓ ଜୀବନ ପ୍ରତି ବିପଦ ସତ୍ତ୍ୱେ କୋଲ୍ ଇଣ୍ଡିଆର କର୍ମଚାରୀମାନେ ଦୃଢ଼ ଭାବେ ଠିଆ ହୋଇଥିଲେ। ଉତ୍ତାପ, ଧୂଳି, ଥଣ୍ଡା ଓ ବର୍ଷାରେ କଠିନ ପରିଶ୍ରମ କରି ଦେଶର ବିଦ୍ୟୁତ୍ ସଙ୍କଟ ଦୂର କରିବା ପାଇଁ ବହୁ ପରିମାଣର କୋଇଲା ଉତ୍ତୋଳନ କରିଥିଲେ। କୋଇଲା ଉତ୍ତୋଳନ ଓ ବିତରଣ ମାଧ୍ୟମରେ ବର୍ଦ୍ଧିତ ଚାହିଦା ମେଣ୍ଟାଇ ଦେଶର ଆଶା ପୂରଣ କରିପାରିଥିବାରୁ ଆମେ ଗର୍ବିତ ବୋଲି ସେ ମତବ୍ୟକ୍ତ କରିଛନ୍ତି।

**Classified Everyday**
0674-2580101, 2549949

**automobile**
**SALE**
Immediate sale BMW X5-2014-15 limited edition, AUDI-A6-2012, AUDI-A4-2012, BMW-52OD-2011 Volkswagan Passat-2012 for details contact: 9827516256. D-74161

**REAL ESTATE**
**SALE**
NH side plot (gharabari, boundary wall), Nakhara to Niali road, Cuttack. 8249851363. D-74611

ପୁରୀ ଶ୍ରୀମନ୍ଦିର ପାଖ ଏବଂ ପୁରୀ ସହରର ପାଖାପାଖିକୁ ଲାଗି ଘରବାରି ଜାଗା ଏବଂ readymade ଘର ମିଳୁଅଛି। 7008067338, 9090746445. D-74163

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74165

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799. D-2207

Luxurious 4BHK Duplex near Balianta Bazar. Land-1400, Construction-2200-79Lakh. 9938219397, 9861022055. D-2223

**FOR RENT**

2BHK Marble Flooring with Garage at Mahavirnagar road No.-2, Samantarapur. Contact: 9437429949. D-2250

Healthcare

**Full body massage by smart I expert therapist @ 999 only. 9078484455.** D-73666

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74608

Newly open SPA positively health benefits expert therapist, Jagamara. 7849011931. D-73668

Newly open Spa positively health benefit with expert. Contact: 7749976301. D-74501

**Relax, Refresh your Body, Mind at Saikrupa Spa with best therapies. 8984068077.** D-2230

Newly open health benefits SPA special offer@999/-, Nayapalli. 7846814019. D-73667

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ଦଶମ ଜନ୍ମଦିନ ଶୁଭେଚ୍ଛା**

**ଜ୍ୟୋତିଷା ଶତପଥି (ଡୁଡୁଲ)**
ପୋଖରୀପୁଟ, ଭୁବନେଶ୍ୱର
ଶ୍ରୀ ଜଗତରନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ। ଶୁଭେଚ୍ଛା ସହ: ନନା, ବୋଉ, ଆଈ, ମାମୁ, ଜିନୁ, ଆଈ, ପପୁ ମାମୁ, ବାବା, ମମି, ଖୁସିଦିଦି, ଲୁସିଦିଦି, ନାନୀ, ପିଇସା, ପାପା, ମାମା।
ଧ-୨୨୪୯

**ନିରୁଦ୍ଦିଷ୍ଟ**

**ପ୍ରିୟା ନାୟକ**
ବୟସ- ୨୭ ବର୍ଷ, ସେ ପୁରୁଣା ଭୁବନେଶ୍ୱର, ବଡ଼ୋଇବାଙ୍କରୁ ତା୧୨।୧୦।୨୦୨୨ରିଖରୁ କେଉଁଆଡ଼େ ପଳାଇଯାଇଛନ୍ତି। ସାଙ୍ଗରେ ୫ ବର୍ଷର ପୁଅକୁ ନେଇଯାଇଛନ୍ତି। ଯଦି କୌଣସି ବ୍ୟକ୍ତି ତାଙ୍କ ସନ୍ଧାନ ପାଆନ୍ତି ତେବେ ପ୍ରଭାତ ନାୟକ (ସ୍ୱାମୀ), ଫୋନ ନଂ.: **7702295663, 8984388780**ରେ ଜଣାଇବାକୁ ଅନୁରୋଧ।
ଧ-୨୨୪୪

astrology
ଟଙ୍କପାଣି ରୋଡ୍ ଜାତକ, ବାସ୍ତୁ ବିଚାର: 9861121063, ଲକ୍ଷ୍ମୀସାଗର ଜାତକ ବିଚାର: 8984815573. D-73732

**LEGAL NOTICE**
ନୋଟାରୀ ଘୋଷଣାନାମା ନଂ.- 56AA682780 ଆମ୍ଭେ କଳ୍ପନା ପାଇକରାୟ, ବ୫୧ବର୍ଷ, ସ୍ୱାମୀ: ମହେନ୍ଦ୍ର କୁମାର ପାଇକରାୟ, ଗ୍ରାମ/ ପୋ.ଅ.- କୁଶୁପୁର, ଥାନା: ଗୋପ, ଜି- ପୁରୀ। ଉର୍ମିଳା ରାଉତ, ବ୪୭ବର୍ଷ, ସ୍ୱାମୀ: ବିଦ୍ୟାଧର ରାଉତ, ଗ୍ରାମ: ପାତି, ପୋ.ଅ.-ବାମନାଳ, ଥାନା: ନିମାପଡ଼ା, ଜି: ପୁରୀ ଓ ସଲିଳା ମହାନ୍ତି, ବ୪୫ବର୍ଷ, ସ୍ୱା: ସୁରେନ୍ଦ୍ରନାଥ ମହାନ୍ତି, ଗ୍ରାମ: ଆଳୋହି, ପୋ.ଅ: ରାହାଙ୍ଗଗୋରଡ଼ା, ଥାନା: ଗୋପ, ଜି: ପୁରୀ ଅଟୁ। ଆମ୍ଭେମାନେ ଘୋଷଣା କରୁଅଛୁ କି, ଆମ୍ଭମାନଙ୍କର ପିତା- ଭରତ ପ୍ରଧାନ, ବ୮୭ବର୍ଷ, ପିତା: ୰ମାଧବ ପ୍ରଧାନ, ଗ୍ରାମ: ହୀରାଦେଇପୁର, ପୋ.ଅ: ପାଟଳଦା, ଥାନା: ଅସ୍ତରଙ୍ଗ, ଜି: ପୁରୀ ଅଟନ୍ତି। ଆମ୍ଭମାନଙ୍କ ପିତା କିଛି ଦିନ ତଳେ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଅଛନ୍ତି। ସେଥି ଯୋଗୁଁ ସେ ତାଙ୍କର ମାନସିକ ଭାରସାମ୍ୟ ହରାଇଛନ୍ତି। ଆମ୍ଭର ଏକମାତ୍ର ଭାଇ ପିଲାଦିନୁ ଆଜି ପର୍ଯ୍ୟନ୍ତ ମାନସିକ ଅନଗ୍ରସର ଅଟନ୍ତି। ଏହାର ସୁଯୋଗ ନେଇ କିଛି ଖଳ ପ୍ରକୃତିର ନିକଟ ସମ୍ପର୍କୀୟ ବ୍ୟକ୍ତିମାନେ ତାଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ଚଞ୍ଚକତା କରି ହାତେଇବାକୁ ଚେଷ୍ଟା କରୁଛନ୍ତି। ଆମ୍ଭ ତିନି ଝିଅଙ୍କ ଅଜାଣତରେ ଯଦି କେହି ଚକ୍ରାନ୍ତ କରି କୌଶଳକ୍ରମେ ଆମ୍ଭ ବାପାଙ୍କ ସମ୍ପତ୍ତି ଅନ୍ୟାୟ ଭାବରେ ହଡ଼ପ କରନ୍ତି, ତେବେ ସେଥି ନିମନ୍ତେ ଆମ୍ଭେମାନେ ଦାୟୀ ରହିବୁ ନାହିଁ ଏବଂ ଏହା ଆଇନତଃ ଅସିଦ୍ଧ ଘୋଷଣା କରାଯିବ।
ସଂପ୍ରତି ଏ ମର୍ମରେ ମାନ୍ୟବର ସିଭିଲ ଜଜ୍ ନିମାପଡ଼ାଙ୍କ ଅଦାଲତରେ ମୋକଦ୍ଦମା ନଂ.-୩/୨୦ ଓ ୭/୨୦ରେ ଦୁଇଟି ମୋକଦ୍ଦମା ଚାଲୁଅଛି।
ସ୍ୱାକ୍ଷର: Kalpana Paikaray, Urmila Rout, Salila Mohanty
Attested, 12.12.2022, Bishnu Prasad Dash, Notary Public, Nimapara, Regd. No.- 52/04.
D-2248

# ହିନ୍ଦୀ ଭାଷା ବ୍ୟବହାର କରିବାକୁ ରେଳ କର୍ମଚାରୀଙ୍କୁ ପରାମର୍ଶ

ଭୁବନେଶ୍ୱର,୧୫।୧୨

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଆର୍.ଏନ୍.ସୁନକରଙ୍କ ଅଧ୍ୟକ୍ଷତାରେ ଗୁରୁବାର ୪୯ତମ କ୍ଷେତ୍ରୀୟ ରାଜଭାଷା କାର୍ଯ୍ୟାନ୍ୱୟନ କମିଟିର ଯୁଗ୍ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପ୍ରମୁଖ ବିଭାଗୀୟ ଅଧିକାରୀବୃନ୍ଦ, ଖୋର୍ଦ୍ଧା ରୋଡ୍, ସମ୍ବଲପୁର, ୱାଲ୍‌ଟିୟର ଡିଭିଜନ ଏବଂ ମଞ୍ଚେଶ୍ୱର ରେଳଡବା ମରାମତି କାରଖାନାର ରାଜଭାଷା ଅଧିକାରୀମାନେ ଉପସ୍ଥିତ ଥିଲେ। ଏହିପରିପ୍ରେକ୍ଷୀରେ ମହାପ୍ରବନ୍ଧକ ସୁନକର ଉକ୍ତ ବୈଠକକୁ ସମ୍ବୋଧିତ କରି ରେଳ କର୍ମଚାରୀଙ୍କୁ ଦୈନନ୍ଦିନ ସରକାରୀ କାର୍ଯ୍ୟରେ ହିନ୍ଦୀ ଭାଷାର ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏପରିକି ହିନ୍ଦୀରେ ତାଲିମପ୍ରାପ୍ତ କର୍ମଚାରୀମାନେ ରାଜଭାଷାରେ




ଅଧିକରୁ ଅଧିକ କାମ କରିବା ଉଚିତ ବୋଲି ସେ ମତପ୍ରକାଶ କରିଥିଲେ। ସେହିପରି ମହାପ୍ରବନ୍ଧକ ସୁନକର ମହାନ୍ ହିନ୍ଦୀ ସାହିତ୍ୟିକମାନଙ୍କର ପ୍ରଭାବଶାଳୀ ଉଦ୍ଧୃତି ସମ୍ବନ୍ଧୀୟ ପୋଷ୍ଟରଗୁଡ଼ିକ ଉନ୍ମୋଚନ କରିଥିଲେ। ଅପରପକ୍ଷରେ ହିନ୍ଦୀ ଲେଖକମାନଙ୍କ ଉପରେ ଆଧାରିତ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ବିଜେତା ହୋଇଥିବା କୃତୀ ପ୍ରତିଯୋଗୀମାନଙ୍କୁ ମଧ ପୁରସ୍କୃତ କରିଥିଲେ। ସେହିଭଳି ମୁଖ୍ୟ ରାଜଭାଷା ଅଧିକାରୀ ଏବଂ ମୁଖ୍ୟ ଆର୍ଥିକ ପରାମର୍ଶଦାତା ଆର୍.ଏସ୍. ମିତ୍ର ରାଜଭାଷାର ସଫଳ କାର୍ଯ୍ୟକାରିତା ପାଇଁ ରେଳ କର୍ମଚାରୀଙ୍କ ସହୃଦୟ ସହଯୋଗ କାମନା କରିଥିଲେ। ଉକ୍ତ ବୈଠକରେ ଉପ ମୁଖ୍ୟ ରାଜଭାଷା ଅଧିକାରୀ ଏବଂ ଉପ ମୁଖ୍ୟ ଅପରେଶନ ମ୍ୟାନେଜର (ଜେନେରାଲ) ଦେବରାଜ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ ବୈଠକକୁ ରାଜଭାଷା ଅଧିକାରୀ ଏଲିନା ପଣ୍ଡା ସଂଯୋଜନା କରିଥିଲେ।

# ଜେଏସ୍‌ଏଲ୍ ପରିସରରେ ଇଭି ଯାନର ଶୁଭାରମ୍ଭ



ଭୁବନେଶ୍ୱର,୧୫।୧୨

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ଯାଜପୁର ୟୁନିଟ୍ ପରିସରରେ ଇଲେକ୍ଟ୍ରିକ ଭେଇକିଲ (ଇଭି) ଚଳପ୍ରଚଳର ଶୁଭାରମ୍ଭ କରାଯାଇଛି। ବିଶେଷ କରି କମ୍ପାନୀ କର୍ମଚାରୀଙ୍କ ଯାତାୟାତ ପାଇଁ କାରଖାନା ପରିସରରେ ୪ଟି ଟାଟା ନେକ୍ସନ୍‌ଇଭିମ୍ୟାକ୍ସର ଚଳାଚଳ ଆରମ୍ଭ ହୋଇଯାଇଛି। ଏପରିକି ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ -୨୨ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜେଏସ୍‌ଏଲ୍‌ର ଯାଜପୁର ୟୁନିଟ୍ ହେଡ୍ ଦୀପକ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶକ୍ତି ବିଭାଗର ମୁଖ୍ୟ କଲ୍ୟାଣ ଭଟ୍ଟାଚାର୍ଯ୍ୟଙ୍କ ସମେତ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ସ୍ଥିର ମୂଲ୍ୟବୋଧ ଉପରେ ଏକ ଉଲ୍ଲେଖନୀୟ ବ୍ୟବସାୟ ଗଠନ ଆମର ଲକ୍ଷ୍ୟ। ଗତ ଆର୍ଥିକ ବର୍ଷରେ ଆମେ ୧.୪ ଲକ୍ଷ ଟନ୍ ସିଓ୨ ହ୍ରାସ କରିଛୁ ଏବଂ ୨୦୫୦ ସୁଦ୍ଧା ନେଟ୍ ଜିରୋ ନିର୍ଗମନ ହାସଲ କରିବାକୁ ମଧ ସ୍ଥିର କରିଛୁ। ଏପରିକି ଆମ ପ୍ଲାଣ୍ଟରେ ବୈଦ୍ୟୁତିକ ଯାନଗୁଡିକ ଚଳାଚଳ ଆରମ୍ଭ ଆମର ଡିକାର୍ବୋନାଇଜେସନ୍ ପଦକ୍ଷେପର ଏକ ଅଂଶ। ଜେଏସ୍‌ଏଲ୍ କେବଳ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦନରେ ସର୍ବୋତ୍ତମ ନୁହେଁ, ସ୍ଥାୟୀ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦନରେ ସର୍ବୋତ୍ତମ ହେବାକୁ ମଧ ନିଷ୍ପତ୍ତି ନେଇଛି। ସେହିଭଳି ଅଗ୍ରୱାଲ କହିଛନ୍ତି, ୟୁନିଟ୍ ପରିସରରେ ଇଭି ଯାନ ଚଳାଇବା ସହ ଜିନ୍ଦଲ ଷ୍ଟେନ୍‌ଲେସ୍ ବିସ୍ତାର ପାଇଁ ଏକ ସ୍ଥାୟୀ ପଥ ଦିଗରେ ଅନେକ ପଦକ୍ଷେପ ନେଇଛି। ବିଶେଷକରି ଅକ୍ଷୟ ଶକ୍ତି ଉତ୍ସ ମାଧ୍ୟମରେ ଭବିଷ୍ୟତର ଅଭିବୃଦ୍ଧି ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ଏବଂ ସୌର ଓ ପବନ ଶକ୍ତିରେ ବିନିଯୋଗ ଆରମ୍ଭ କରିସାରିଛୁ। ଏହି ଯାନଗୁଡ଼ିକର ବ୍ୟବହାର ସହ ବାର୍ଷିକ ଆନୁମାନିକ କାର୍ବନ ନିର୍ଗମନ ୫୪ ଟିସିଓ୨ ହ୍ରାସ ହେବ। ଉଲ୍ଲେଖଯୋଗ୍ୟ, ଆଗାମୀ ଦିନ ମଧ୍ୟରେ ଜେଏସ୍‌ଏଲ୍ ଯାଜପୁର ପ୍ଲାଣ୍ଟ ପରିସରରେ ୩୦ଟି ଇଭି କାର୍ ଏବଂ ବସ୍ ଚଳାଇବାକୁ କମ୍ପାନୀ ଯୋଜନା କରିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୬/୨୦୨୨ Bhubaneswar, Friday, December 16/ 2022

# ମଜଭୁତ ସ୍ଥିତିରେ ଭାରତ

## କୁଲ୍‌ଦୀପଙ୍କ ସ୍ପିନ୍ ଯାଦୁ


ଲୋକେଶ ରାହୁଲଙ୍କ ସହ କୁଲ୍‌ଦୀପ ଯାଦବ।

ଚଟ୍ଟୋଗ୍ରାମ,୧୫।୧୨(ପି.ଟି.)

ବାଂଲାଦେଶ ସହିତ ଖେଳା ଯାଉଥିବା ପ୍ରଥମ ଟେଷ୍ଟରେ ଭାରତ ଦୃଢ଼ ସ୍ଥିତିରେ ରହିଛି। ଚଟ୍ଟୋଗ୍ରାମର ଜହୁର ଅହମ୍ମଦ ଚୌଧାରୀ ଷ୍ଟାଡିୟମରେ ୩ ଅର୍ଦ୍ଧଶତକ ସହିତ ଭାରତ ୪୦୪ ରନ୍ କରିଥିବା ବେଳେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ବାଂଲାଦେଶ ୮ ଉଇକେଟ ହରାଇ ୧୩୩ ରନ୍ ସଂଗ୍ରହ କରିଛି। ଭାରତ ପକ୍ଷରୁ ଚାଇନାମ୍ୟାନ ସ୍ପିନର କୁଲଦୀପ ଯାଦବ ୪ ଉଇକେଟ ନେଇ ବାଂଲାଦେଶର ବିପର୍ଯ୍ୟୟ ଘଟାଇଛନ୍ତି। ଏହା ସହ ବାଂଲାଦେଶ ହାତରେ ୨ ଉଇକେଟ ରହିଥିବା ବେଳେ ଦଳ ୨୭୧ ରନରେ ପଛୁଆ ରହିଛି।

ପ୍ରଥମ ଦିନର ଅସମାପ୍ତ ସ୍କୋର ୨୭୮/୬ରୁ ଭାରତ ଖେଳ ଆରମ୍ଭ କରିଥିଲା। ୮୨ ରନରେ ଅପରାଜିତ ରହିଥିବା ଶ୍ରେୟସ ଆୟାର ବ୍ୟକ୍ତିଗତ ସ୍କୋରରେ ୪ ରନ ଯୋଡି ପ୍ୟାଭିଲିୟନ୍ ଫେରିଥିଲେ। ତେବେ ରବିଚନ୍ଦ୍ରନ ଅଶ୍ୱିନ୍ ୫୮ ଓ କୁଲଦୀପ ଯାଦବ ୪୦ ଅଷ୍ଟମ ଉଇକେଟରେ ୯୨ ରନ ଯୋଡିଥିଲେ। ଟେଷ୍ଟ କ୍ରିକେଟରେ ନିଜର ୧୩ ତମ ଅର୍ଦ୍ଧଶତକ ହାସଲ କରିଥିବା ଅଶ୍ୱିନ୍ ୧୧୩ ବଲ ଖେଳି ୨ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ଉଭୟ ଖେଳାଳିଙ୍କ ଦୃଢ ବ୍ୟାଟିଂ ବଳରେ ଭାରତ ୧୩୩.୫ ଓଭରରେ ୪୦୪ ରନ୍ କରିଥିଲା। ଜବାବରେ ଭାରତୀୟ ପେସର ଓ କୁଲଦୀପ ଯାଦବଙ୍କ ଘାତକ ବୋଲିଂ ବଳରେ ବାଂଲାଦେଶ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମହମ୍ମଦ ସିରାଜ ଘାତକ ବୋଲିଂ କରିବା ସହିତ ପ୍ରଥମ ବଲରେ ନଜମୋଲ ହସନ ଶନ୍ତୋଙ୍କୁ ଆଉଟ କରିଥିଲେ। ପଦାର୍ପଣକାରୀ ଜାକିର ହସନ୍ ୨୦ ଓ ଲିଟନ ଦାସ ୨୪ ରନ୍ କରିଥିଲେ। ଦୁଇ ପେସର ମହମ୍ମଦ ସିରାଜ ଓ ଉମେଶ ଯାଦବଙ୍କ ଘାତକ ବୋଲିଂ କାରଣରୁ ବାଂଲାଦେଶ ୫୬ ରନରେ ୪ ଉଇକେଟ ହରାଇଥିଲା। ତେବେ କୁଲଦୀପ ଯାଦବ ଘାତକ ବୋଲିଂ କରିବା ସହିତ ବାଂଲାଦେଶର ମଧ୍ୟକ୍ରମ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ପ୍ରଥମ ଓଭରରେ ସେ ଶାକିବ ଅଲ ହସନଙ୍କୁ ଆଉଟ କରିଥିଲେ। ପରେ ଟପ୍ ସ୍କୋରର ମୁଶଫିକର ରହିମ୍ ୨୮ ରନ୍ କରି କୁଲଦୀପଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ମ୍ୟାଚର ୩୫ ତମ ଓଭରରେ କୁଲଦୀପ ନୁରୁଲ ହସନ(୧୬) ଓ ତାଇଜୁଲ ଇସଲାମ(୦)ଙ୍କୁ ଆଉଟ କରିଥିଲେ। ବାଂଲାଦେଶ ଅଲଆଉଟ ହେବା ନେଇ ଅନୁମାନ କରାଯାଉଥିବା ବେଳେ ମେହିଦୀ ହସନ ମିରାଜ ୧୬ ଓ ଏବାଦତ ହୋସେନ୍ ୧୩ ନବମ ଉଇକେଟରେ ୩୧ ରନ ଯୋଡିଥିଲେ। କୁଲଦୀପ ୩୩ ରନରେ ୪ ଉଇକେଟ ନେଇଥିବା ବେଳେ ମହମ୍ମଦ ସିରାଜ ୧୪ ରନରେ ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୧୩୩.୫ ଓଭରରେ ୪୦୪/୧୦ (ଚେତେଶ୍ୱର ପୂଜାରା-୯୦, ଶ୍ରେୟସ ଆୟାର-୮୬, ଆର. ଅଶ୍ୱିନ୍-୫୮, ମେହିଦ ହସନ ମିରାଜ-୪/୧୧୨, ତାଇଜୁଲ ଇସଲାମ-୪/୧୩୩, ଖାଲେଦ ଅହମଦ- ୧/୪୩)।

ବାଂଲାଦେଶ ପ୍ରଥମ ଇନିଂସ ୪୪ ଓଭରରେ ୧୩୩/୮ (ମୁଶଫିକର ରହିମ୍-୨୮, ଲିଟନ ଦାସ-୨୪, ଜାକିର ହସନ-୨୦, କୁଲଦୀପ ଯାଦବ-୪/୩୩, ମହମ୍ମଦ ସିରାଜ-୩/୧୪, ଉମେଶ ଯାଦବ-୧/୩୩)।

# ଟାଟା ଷ୍ଟିଲ୍ ଅଫିସିଆଲ ପାର୍ଟନର

## ଏଫ୍‌ଆଇଏଚ୍ ହକି ବିଶ୍ୱକପ

ଭୁବନେଶ୍ୱର, ୧୫।୧୨ (କ୍ରୀଡ଼ା ପ୍ରତିନିଧି)

ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌ର ୧୫ତମ ସଂସ୍କରଣ ଭୁବନେଶ୍ୱର ଓ ରାଉରକେଲାରେ ହେବାକୁ ଯାଉଛି। ଏହା ୨୦୨୩ ଜାନୁୟାରୀ ୧୩ରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଟାଟା ଷ୍ଟିଲ୍ ଆଗାମୀ ବିଶ୍ୱକପ୍‌ର ଅଫିସିଆଲ ପାର୍ଟନର ହୋଇଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍ ଏବଂ ହକି ଇଣ୍ଡିଆ ମଧ୍ୟରେ ଏକ ବୁଝାମଣାପତ୍ର (ଏଏମ୍‌ୟୁ) ସ୍ୱାକ୍ଷର ହୋଇଛି। ଏ ସମ୍ପର୍କରେ ମତ ଦେବାକୁ ଯାଇ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି ଯେ, "ଭାରତୀୟ ହକିକୁ ପ୍ରମୋଟ କରିବା ସହ ଏହି କ୍ରୀଡ଼ାକୁ ଏକ ନୂଆ ସୋପାନରେ ପହଞ୍ଚାଇବାରେ ଟାଟା ଷ୍ଟିଲ୍‌ର ଯୋଗଦାନ ଉଲ୍ଲେଖନୀୟ। ଅଫିସିଆଲ ପାର୍ଟନର ଭାବେ ଏହାକୁ ସ୍ୱାଗତ କରି ଆମେ ଅତ୍ୟନ୍ତ ଆନନ୍ଦିତ। ତେଣୁ ହକି ବିଶ୍ୱକପ୍ ଅତ୍ୟନ୍ତ ସଫଳତାର ସହ ସମ୍ପନ୍ନ ହେବାନେଇ ଆମେ ଆଶାବାଦୀ। ଆମର ସହଭାଗିତାରୁ ସୁଫଳ ମିଳିବା ଆଶା ରହିଛି"। ଅନ୍ୟପକ୍ଷରେ "ଦୀର୍ଘମିଆଦୀଭିତ୍ତିରେ ଭାରତୀୟ କ୍ରୀଡ଼ା ପ୍ରତି ପ୍ରତିଶ୍ରୁତିବଦ୍ଧତା ରଖିଥିବା ଟାଟା ଷ୍ଟିଲ୍ ପୁଣିଥରେ ହକି ବିଶ୍ୱକପ୍ ସହିତ ଯୋଡ଼ି ହୋଇଥିବାରୁ ଆମେ ଗର୍ବିତ। ଓଡ଼ିଶା ଏବେ ଭାରତୀୟ କ୍ରୀଡ଼ାର ହବ୍‌ରେ ପରିଣତ ହୋଇଛି। ଟାଟା ଷ୍ଟିଲ୍ ଏହି ଯାତ୍ରାର ଅଂଶ ହେବା ଏକ ସମ୍ମାନ ସ୍ୱରୂପ। ଟୁର୍ନାମେଣ୍ଟର ସଫଳ ଆୟୋଜନ ନେଇ ମୁଁ ଶୁଭେଚ୍ଛା ଜଣାଉଛି। ଭବିଷ୍ୟତରେ ଅଧିକ ଯୁବବର୍ଗ ହକିକୁ କ୍ୟାରିୟର କରିବାକୁ ଆଗେଇ ଆସିବାନେଇ ଆଶା ରହିଛି" ବୋଲି ଟାଟା ଷ୍ଟିଲ୍‌ର ଉପସଭାପତି (କର୍ପୋରେଟ ସେବା) ଚାଣକ୍ୟ ଚୌଧୁରୀ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ ଓଡ଼ିଶାରେ ଦ୍ୱିତୀୟ ଥର ପାଇଁ ପୁରୁଷ ହକି ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଛି। ପୂର୍ବରୁ ଏହା ୨୦୧୮ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଭାରତ ବିଶ୍ୱକପ୍ ଆୟୋଜନ ଅଧିକାର ପାଇବା ଏହା ୪ର୍ଥ ଦୃଷ୍ଟାନ୍ତ। ୨୦୧୮ ବ୍ୟତୀତ ୧୯୮୨ରେ ମୁମ୍ବାଇ ଏବଂ ୨୦୧୦ରେ ନୂଆଦିଲ୍ଲୀରେ ଏହି ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ ହୋଇଥିଲା।

# ଜୟପୁର ପିଙ୍କ୍ ପାନ୍ଥର୍ସ ଫାଇନାଲରେ

ମୁମ୍ବାଇ, ୧୫।୧୨ (ପି.ଟି.): ବେଙ୍ଗାଲୁରୁ ବୁଲ୍ସକୁ ୪୯-୨୯ରେ ହରାଇ ଜୟପୁର ପିଙ୍କ୍ ପାନ୍ଥର୍ସ ପ୍ରୋ-କବାଡ଼ି ଲିଗ୍ ସିଜନ-୯ର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ସେମିଫାଇନାଲ ମ୍ୟାଚରେ ପାନ୍ଥର୍ସ ତରଫରୁ ସବୁଠାରୁ ଭଲ ପ୍ରଦର୍ଶନ କରିଥିଲେ ସହୁଲ କୁମାର। ଦଳ ପାଇଁ ସେ ୧୦ ଟ୍ୟାକଲ ପଏଣ୍ଟ ଅର୍ଜନ କରିଥିଲେ। ଜୟପୁର ଦଳର ଡିଫେନ୍ସକୁ ଭେଦ କରିବା ବେଙ୍ଗାଲୁରୁ ପାଇଁ ସହଜ ନ ଥିଲା। ଫଳରେ ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ପାନ୍ଥର୍ସ ୨୪-୧୫ରେ ଅଗ୍ରଣୀ ରହିଥିଲା। ଜୟପୁର ଦ୍ୱିତୀୟାର୍ଦ୍ଧ ଖେଳର ପ୍ରଥମ ମିନିଟ୍‌ରେ ଏକ ଅଲ୍‌ଆଉଟ କରିବାରେ ସଫଳ ହୋଇଥିଲେ। ପରେ ସଚିନ ନରୱାଲ୍ ଓ ରେଜା ମୀରବାଘେରି ଭରତଙ୍କୁ ଟ୍ୟାକଲ କରିବା ଦ୍ୱାରା ୨୭ତମ ମିନିଟ୍ ସୁଦ୍ଧା ପାନ୍ଥର୍ସ ୩୩-୧୯ରେ ଆଗୁଆ ରହିଥିଲା। ବେଙ୍ଗାଲୁ ବୁଲ୍ସ ଦଳ ୩୭ତମ ମିନିଟ୍‌ରେ ଦେଶୱାଲଙ୍କୁ ଟ୍ୟାକଲ କରିଥିଲେ ମଧ୍ୟ ଫର୍ମରେ ଥିବା ସହୁଲ କୁମାରଙ୍କ ନେତୃତ୍ୱରେ ପାନ୍ଥର୍ସ ଡିଫେନ୍ସର ପ୍ରଭାବୀ ପ୍ରଦର୍ଶନ ଯୋଗୁ ଶେଷରେ ମ୍ୟାଚକୁ ୪୯-୨୯ରେ ଜିତି ନେଇଥିଲା।




# ଶାଶ୍ୱତ, ମୋଲିୟାଙ୍କ ଶତକରେ ବରୋଦା ଦୃଢ଼

## ରଣଜୀ ଟ୍ରଫି

ଭୁବନେଶ୍ୱର, ୧୫।୧୨ (କ୍ରୀଡ଼ା ପ୍ରତିନିଧି)

ବିକାଶ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ବିପକ୍ଷରେ ବରୋଦା ଇନିଂସ ଅଗ୍ରଣୀ ପଥରେ ରହିଛି। ଶାଶ୍ୱତ ରାଓ୍ୱତ ଓ ପ୍ରିୟାଂଶୁ ମୋଲିୟାଙ୍କ ଶତକ ବଳରେ ତୃତୀୟ ଦିବସ ଶେଷ ବେଳକୁ ବରୋଦା ପ୍ରଥମ ଇନିଂସରେ ୫ ଉଇକେଟ ହରାଇ ୪୧୬ ରନ ସଂଗ୍ରହ କରିଛି। ଫଳରେ ୫ ଉଇକେଟ ସୁରକ୍ଷିତ ଥାଇ ଏହି ଦଳ ଓଡ଼ିଶା ପ୍ରଥମ ଇନିଂସଠାରୁ ଆଉ ମାତ୍ର ୪୧ ରନ ପଛରେ ରହିଛି। ଓଡ଼ିଶା ପ୍ରଥମ ଇନିଂସରେ ୪୫୭ ରନ କରିଥିଲା।

### ମୋଡ଼ ବଦଳାଇଲା ଦ୍ୱିଶତକୀୟ ଭାଗୀଦାରି

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୭୭/୦ରୁ ଖେଳ ଆରମ୍ଭ କରିଥିଲା ବରୋଦା। ଓଡ଼ିଶା ବୋଲିଂ ବିଭାଗର ନେତୃତ୍ୱ ନେଉଥିବା ବସନ୍ତ ମହାନ୍ତି ସକାଳ ସେସନରେ ଭଲ ବୋଲିଂ କରିଥିଲେ। ସେ ଓପନିଂ ଯୋଡ଼ି ଭାଙ୍ଗିବା ସହ ୨ଟି ଉଇକେଟ ନେଇଥିଲେ। ଗୋଟିଏ ସମୟରେ ବରୋଦା ୧୭୭ ରନରେ ୪ଟି ଉଇକେଟ ହରାଇଥିବାରୁ ଓଡ଼ିଶା ଅଗ୍ରଣୀ ନେବ ବୋଲି ଆଶା କରାଯାଉଥିଲା। ମାତ୍ର ଶାଶ୍ୱତ ଓ ମୋଲିୟା ୫ମ ଉଇକେଟରେ ୩୩୮ ବଲ୍‌ରୁ ୨୨୪ ରନର ଭାଗୀଦାରି ଗଢ଼ି ମ୍ୟାଚର ମୋଡ଼ ବଦଳାଇ ଦେଇଥିଲେ। ଶାଶ୍ୱତଙ୍କୁ ଅନୁରାଗ ଷଡ଼ଙ୍ଗୀଙ୍କ ହାତରେ କ୍ୟାଚ କରାଇ ଅଭିଷେକ ରାଉତ ଓଡ଼ିଶାକୁ ବ୍ରେକ୍ ଥ୍ରୁ ଦେଇଥିଲେ। ମାତ୍ର ସେତେବେଳକୁ ବରୋଦା ସ୍କୋର ୪୦୧ରେ ପହଞ୍ଚି ସାରିଥିଲା। ୧୯୮ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଶାଶ୍ୱତ ୨୦ ଚୌକା ସହାୟତାରେ ୧୩୫ ରନ କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ମୋଲିୟା ୧୮୫ ବଲ୍‌ରୁ ୧୧୩ (୧୪ ଚୌକା) ଓ ନିନାଦ ରଥଭା ୧୩ ବଲ୍‌ରୁ ୧୧ ରନରେ ଅପରାଜିତ ରହିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ବସନ୍ତ ମହାନ୍ତି ୨ଟି ଏବଂ ସୂର୍ଯ୍ୟକାନ୍ତ ପ୍ରଧାନ, ଶୁଭମ୍ ନାୟକ ଓ ଅଭିଷେକ ରାଉତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବସନ୍ତ ୪୦୦ ଉଇକେଟ ମ୍ୟାଜିକ୍ ସଂଖ୍ୟା ସ୍ପର୍ଶ କରିବାଠାରୁ ଆଉ ୪ ଉଇକେଟ ଦୂରରେ ଅଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୪୫୭।

ବରୋଦା ପ୍ରଥମ ଇନିଂସ: ୪୧୬/୫ (ଶାଶ୍ୱତ ରାଓ୍ୱତ-୧୩୫, ପ୍ରିୟାଂଶୁ ମୋଲିୟା-୧୧୩*, ଜ୍ୟୋସ୍ନିଲ ସିଂ-୬୩, ବସନ୍ତ ମହାନ୍ତି-୨/୩୧, ସୂର୍ଯ୍ୟକାନ୍ତ ପ୍ରଧାନ-୧/୮୬, ଶୁଭମ୍ ନାୟକ-୧/୭୮, ଅଭିଷେକ ରାଉତ-୧/୪୮)।

# ଭୁବନେଶ୍ୱରରେ ନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଟେକ୍ନିକାଲ ଅଫିସିଆଲ୍ସ କନ୍‌କ୍ଲେଭ


ଜାତୀୟ ବ୍ୟାଡ୍‌ମିଣ୍ଟନ କନ୍‌କ୍ଲେଭରେ ଭାଗ ନେଇଥିବା ଟେକ୍ନିକାଲ ଅଫିସିଆଲମାନେ।

ଭୁବନେଶ୍ୱର, ୧୫।୧୨ (କ୍ରୀଡ଼ା ପ୍ରତିନିଧି)

ଭାରତୀୟ ବ୍ୟାଡ୍‌ମିଣ୍ଟନ ଇତିହାସରେ ପ୍ରଥମଥର ପାଇଁ ନ୍ୟାଶନାଲ ଟେକ୍ନିକାଲ ଅଫିସିଆଲ୍ସ କନ୍‌କ୍ଲେଭ କିଟ୍ ପରିସରରେ ଗୁରୁବାର ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ ଓ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ଏହା ଆୟୋଜନ ହେଉଛି। କନ୍‌କ୍ଲେଭରେ ସାରା ଭାରତରୁ ଗ୍ରେଡ୍-୧ ଓ ଗ୍ରେଡ୍-୨ ସ୍ତରର ୩୨୦ ଅଫିସିଆଲ୍ସ ଯୋଗ ଦେଇଛନ୍ତି। ଏହି କନ୍‌କ୍ଲେଭକୁ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ରେଫରି ଗିରିଶ ନାଟୁ, ବିଡବ୍ଲ୍ୟୁଏଫ୍ ସ୍ୱିକୃତିପ୍ରାପ୍ତ ଅମ୍ପାୟର ଡ. ଫିନେ ଦଥାନ ଏବଂ ବିଡବ୍ଲ୍ୟୁଏଫ୍ ଆକ୍ରିଡିଟେଡ ଅମ୍ପାୟର ସୁଦୀପ ଭାର୍ଦ୍ଦେ ପରିଚାଳନା କରୁଛନ୍ତି। କନ୍‌କ୍ଲେଭକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ ଉପସଭାପତି ଏସ. ମୁରଲୀଧରନ, ଯୁଗ୍ମ ସମ୍ପାଦକ ତଥା ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଡିଆର ଅଧ୍ୟକ୍ଷ ପ୍ରଭାକର ରାଓ, ଯୁଗ୍ମ ଆବାହକ ରାଜେଶ କମଲ ରାଜପୁତ, ରାଜ୍ୟ ଆସୋସିଏଶନ ସମ୍ପାଦକ ନିଲେନ କୁମାର ପ୍ରମୁଖ ଉପସ୍ଥିତ ଥିଲେ। କନ୍‌କ୍ଲେଭ ଚଳିତମାସ ୧୮ ପର୍ଯ୍ୟନ୍ତ ଚାଲିବ। ଏହି ଇଭେଣ୍ଟ ପରେ ଜାତୀୟ ଜୁନିୟର (୧୯ ବର୍ଷରୁ କମ୍) ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଚଳିତ ମାସ ୧୯ରୁ ୨୪ ଏବଂ ଜାତୀୟ ସବ୍‌ଜୁନିୟର (୧୫ ଓ ୧୭ ବର୍ଷରୁ କମ୍) ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ୨୬ରୁ ୩୦ ପର୍ଯ୍ୟନ୍ତ ଏଠାରେ ଅନୁଷ୍ଠିତ ହେବ। ପ୍ରକାଶଯୋଗ୍ୟ ଯେ, ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରଥମଥର ପାଇଁ ଓଡ଼ିଶାକୁ ଜାତୀୟ ଚାମ୍ପିୟନଶିପ୍ ଆୟୋଜନ ଅଧିକାର ପ୍ରଦାନ କରାଯାଇଛି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୬/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Friday, December 16/2022 Page 16 ₹ 7.00 | ପୃଷ୍ଠା-୧



**ଓଟିଟିରେ ଶାହିଦ୍‌ଙ୍କ ଡେବ୍ୟୁ**
ଫିଲ୍ମ 'ଫର୍ଜି' ଜରିଆରେ ବଲିଉଡ୍ ଅଭିନେତା ଶାହିଦ୍ କପୁର ଓଟିଟିରେ ଡେବ୍ୟୁ କରିବାକୁ ଯାଉଛନ୍ତି।
୦୭

୦୮
**ଟିମ୍ ସୌଦି ନ୍ୟୁଜିଲାଣ୍ଡ ଟେଷ୍ଟ ଅଧିନାୟକ**
କେନ୍ ୱିଲିୟମସନଙ୍କ ସ୍ଥାନରେ ଟିମ୍ ସୌଦି ନ୍ୟୁଜିଲାଣ୍ଡ ଟେଷ୍ଟ ଦଳ ଅଧିନାୟକ ମନୋନୀତ ହୋଇଛନ୍ତି।



# ମହିଳାଙ୍କଠୁ ୨୮.୬୭ ଲକ୍ଷ ସାଇବର ଠକେଇ

## ନାଇଜେରୀୟ ଯୁବକ ଗିରଫ

- ଇନ୍‌ଷ୍ଟାଗ୍ରାମ୍‌ରେ ବନ୍ଧୁ ହୋଇଥିଲେ
- ୧୬ ଡେବିଟ୍ କାର୍ଡ, ମୋବାଇଲ ଫୋନ୍, ବ୍ୟାଙ୍କ ପାସ୍ ବୁକ୍, ସିମ୍‌କାର୍ଡ ଜବତ

**କଟକ ଅଫିସ,୧୫।୧୨**

ସାମାଜିକ ଗଣମାଧ୍ୟମକୁ ଉପଯୋଗ କରି ଚାଲିଛି ଅଭିନବ ଠକେଇ। ଇନ୍‌ଷ୍ଟାଗ୍ରାମ୍‌ରେ ବନ୍ଧୁ ହେବା ପରେ ସରଳ ବିଶ୍ୱାସରେ ଗରଳ ଢାଳିବାରେ ମାହିର ହେଉଛନ୍ତି ସାଇବର ଠକ। ଏଭଳି ଠକାମିର ଶିକାର ହୋଇଛନ୍ତି କଟକର ଜଣେ ମହିଳା। ତାଙ୍କଠାରୁ ୨୮.୬୭ ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ଓଡ଼ିଶା ପୋଲିସର କ୍ରାଇମବ୍ରାଞ୍ଚ ନୂଆଦିଲ୍ଲୀର ଦ୍ୱାରକା ଅଞ୍ଚଳରୁ ଜଣେ ଯୁବକଙ୍କୁ ଗିରଫ କରିଛି। ପରେ ଦ୍ୱାରକା କୋର୍ଟର ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହଜାର କରାଇଥିଲେ। ସେଠାରୁ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି ଗୁରୁବାର ଓଡ଼ିଶାରେ ପହଞ୍ଚିଛି। ଅଭିଯୁକ୍ତ ଜଣକ ହେଲେ ନାଇଜେରିଆର ପାଟ୍ରିକ୍ ଚିଜୋରୋମ ଓରାଜାକା (୩୫)। ସେ ନୂଆଦିଲ୍ଲୀ-୧୧୦୦୪୫ ଅଞ୍ଚଳର ମହାବୀର ଏନ୍‌କ୍ଲେଭ୍ ବେଙ୍ଗଲୀ କଲୋନୀରେ ରହୁଥିଲେ। ତାଙ୍କଠାରୁ ୧୬ଟି ଡେବିଟ୍ କାର୍ଡ, ୧୨ ମୋବାଇଲ୍ ଫୋନ, ୨୨ ବ୍ୟାଙ୍କ ପାସ୍‌ବୁକ୍, ୧୦ ବ୍ୟାଙ୍କ ଚେକ୍ ବୁକ୍, ୟୁପିଆଇ/ଆଇଏମ୍‌ପିଏସ୍ ଆର୍ଥିକ କାରବାର ସହ ଜଡ଼ିତ ୨୦ ସିମ୍‌କାର୍ଡ, ଗୋଟିଏ ଲାପ୍‌ଟପ୍, ଗୋଟିଏ ପାସ୍‌ପୋର୍ଟ, ନିଜ ନାମରେ ଥିବା ଆଧାର ଓ ପାନ୍ କାର୍ଡ ଜବତ କରାଯାଇଛି।

ସୂଚନା ଅନୁସାରେ, କଟକର ମହିଳା ଜଣକ ଇନ୍‌ଷ୍ଟାଗ୍ରାମ୍ ମାଧ୍ୟମରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବନ୍ଧୁ ପାଲଟିଥିଲେ। ଇନ୍‌ଷ୍ଟାଗ୍ରାମ୍‌ରେ ଅଭିଯୁକ୍ତ ନିଜକୁ ନେଦରଲ୍ୟାଣ୍ଡର ଜଣେ ଗାଇନାକୋଲୋଜିଷ୍ଟ ଭାବେ ପରିଚୟ ଦେଇ ତାଙ୍କ ନିକଟତର ହେବାକୁ ପ୍ରୟାସ କରିଥିଲେ। ମହିଳା ଜଣକ ମଧ୍ୟ ତାଙ୍କୁ ଫଲୋ କରିବା ସହ ଇନ୍‌ଷ୍ଟାଗ୍ରାମ୍ ମେସେଞ୍ଜରରେ ଚାଟିଂ କରିଥିଲେ। ସମୟ କ୍ରମେ ମହିଳା ଜଣକ ଅଭିଯୁକ୍ତ ଯୁବକଙ୍କୁ ନିଜ ହ୍ୱାଟ୍ସଆପ୍ ନମ୍ବର ଦେଇଥିଲେ। ହ୍ୱାଟ୍ସଆପ୍‌ରେ ପରସ୍ପର ମଧ୍ୟରେ ଚାଟିଂ ଚାଲିବାର ୫ ଦିନ ପରେ ଅଭିଯୁକ୍ତ ଜଣକ ମହିଳାଙ୍କୁ ଦେଖା କରିବା ନିମନ୍ତେ ଭାରତ ଆସୁଥିବା ଜଣାଇଥିଲେ। ଠିକ୍ ପରଦିନ ମହିଳା ଜଣକ ଏକ ଫୋନ୍ କଲ୍ ପାଇଥିଲେ। ଅପରପକ୍ଷରୁ ଜଣେ ମହିଳା ନୂଆଦିଲ୍ଲୀ ବିମାନବନ୍ଦର କଷ୍ଟମ୍‌ସ୍ ଅଫିସର ଭାବେ ପରିଚୟ ଦେଇଥିଲେ। ସେ ତାଙ୍କୁ କହିଥିଲେ, ଆପଣଙ୍କର ଜଣେ ସମ୍ପର୍କୀୟ ଆସିଛନ୍ତି ଆପଣଙ୍କୁ ଭେଟିବାକୁ। ସେ ସାଙ୍ଗରେ ୯୦ ହଜାର ୟୁରୋ ମୁଦ୍ରା ଆଣିଛନ୍ତି, ଯାହାକି ☞ପୃଷ୍ଠା-୪



ପାଟ୍ରିକ୍ ଚିଜୋରୋମ ଓରାଜାକା

# ଅଗ୍ନି-୫ର ବ୍ୟବହାରିକ ପରୀକ୍ଷଣ ସଫଳ



**ବାଲେଶ୍ୱର ଅଫିସ,୧୫।୧୨**

ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ପକ୍ଷରୁ ଗୁରୁବାର ସନ୍ଧ୍ୟା ୫ଟା ୫୦ ମିନିଟ୍‌ରେ ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ଆନ୍ତଃଦେଶୀୟ ବାଲିଷ୍ଟିକ୍ ମିଶାଇଲ୍ ଅଗ୍ନି-୫ର ବ୍ୟବହାରିକ ପରୀକ୍ଷଣ କରାଯାଇଛି। ଏହି ପରୀକ୍ଷଣ ସଫଳ ହୋଇଥିବା ଡିଆରଡିଓ ପକ୍ଷରୁ କୁହାଯାଉଛି। ଡିଆରଡିଓ ଦ୍ୱାରା ପ୍ରସ୍ତୁତ ଏହି ମିଶାଇଲ ଏକା ସଙ୍ଗରେ ଅନେକ ଯୁଦ୍ଧାସ୍ତ୍ର ନେବାରେ ସକ୍ଷମ। ଏହାର ଲକ୍ଷ୍ୟଭେଦ କ୍ଷମତା ୫ହଜାର ୫ଶହ କିଲୋମିଟର ଥିବାବେଳେ ୧ହଜାର ୩୬୦କି.ଗ୍ରା. ଆଣବିକ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରହିଛି। ଏହାର ଲମ୍ବ ୧୭.୫ ମିଟର ଏବଂ ଓଜନ ୫୦ ହଜାର କି.ଗ୍ରା.। ଅଗ୍ନି-୫ ଏକାଥରକେ ଅନେକ ଟାର୍ଗେଟ୍‌କୁ ଲକ୍ଷ୍ୟଭେଦ କରିବା ସହ ଘଣ୍ଟା ପ୍ରତି ୨୯ ହଜାର ୪୦୧ କି.ମି. ବେଗରେ ଯାଇପାରିବ।

ଅଗ୍ନି-୫ ମିଶାଇଲ ଭାରତର ପ୍ରଥମ ଓ ଏକମାତ୍ର ଆନ୍ତଃମହାଦେଶୀୟ ବାଲିଷ୍ଟିକ ମିଶାଇଲ ବୋଲି କୁହାଯାଉଛି। ଏହି ମିଶାଇଲର ରେଞ୍ଜରେ ପାକିସ୍ତାନ ଓ ଚାଇନା ବି ଆସୁଛି। ତେବେ ଭାରତ-ଚାଇନା ସୀମାରେ ଉତ୍ତେଜନା ଲାଗ ରହିଥିବାବେଳେ ଭାରତ ନିଜର ସବୁଠାରୁ ଶକ୍ତିଶାଳୀ ☞ପୃଷ୍ଠା-୪

# ନୂଆ ବ୍ୟବସ୍ଥା ନ ହେବା ଯାଏ ବିଚାରପତି ନିଯୁକ୍ତି ବିଳମ୍ବ ହେଉଥିବ

**ନୂଆଦିଲ୍ଲୀ,୧୫।୧୨**

ବକେୟା ମାମଲା ସଂଖ୍ୟା ହ୍ରାସ କରିବା ଲାଗି କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ନୂଆ ନିଯୁକ୍ତି ବ୍ୟବସ୍ଥା ସୃଷ୍ଟି ନ ହେବା ଯାଏ ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ଖାଲି ସ୍ଥାନ ପୂରଣ ହେବାରେ ବିଳମ୍ବ ହେଉଥିବ ବୋଲି କେନ୍ଦ୍ର ଆଇନମନ୍ତ୍ରୀ କିରେନ୍ ରିଜିଜୁ ଗୁରୁବାର ରାଜ୍ୟ ସଭାରେ କହିଛନ୍ତି। ବିଚାରପତି ନିଯୁକ୍ତିରେ କେନ୍ଦ୍ରର କ୍ଷମତା ସୀମିତ ବୋଲି ସେ କହିଥିଲେ। ସୁପ୍ରିମକୋର୍ଟରେ ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ସଂଖ୍ୟା ୩୪ ହୋଇଥିବାବେଳେ ଏବେ ସେଠାରେ ୨୭ ଜଣ କାର୍ଯ୍ୟ କରୁଛନ୍ତି। ସେହିପରି ହାଇକୋର୍ଟଗୁଡ଼ିକର ବିଚାରପତି ସାମର୍ଥ୍ୟ ୧,୧୦୮ ଥିବାବେଳେ ଏବେ ୭୭୭ ଜଣ କାର୍ଯ୍ୟ କରୁଛନ୍ତି ଏବଂ ୩୩୧ ପଦବୀ ଖାଲି ପଡ଼ିଛି ବୋଲି ଶୂନ୍ୟକାଳରେ ବିଭିନ୍ନ ପ୍ରଶ୍ନର ଉତ୍ତରରେ ରିଜିଜୁ କହିଥିଲେ। ସେ କହିଥିଲେ, ବିଭିନ୍ନ ଅଦାଲତରେ ପ୍ରାୟ ୫ କୋଟି ମାମଲା ବିଚାର ଅପେକ୍ଷାରେ ପଡ଼ିରହିଛି। ଏହାକୁ କମାଇବାରେ ସରକାର ସମସ୍ତ ସମର୍ଥନ ଯୋଗାଇ ଦେଇଛନ୍ତି। ତେବେ ବିଚାରପତି ପଦବୀ ଖାଲିପଡ଼ିବାକୁ ନେଇ ପ୍ରଶ୍ନ ଉଠିଛି। ନୂଆ ନିଯୁକ୍ତି ବ୍ୟବସ୍ଥା କାର୍ଯ୍ୟକାରୀ ନ ହେବା ଯାଏ ଏଭଳି ସମସ୍ୟା ଲାଗିରହିବ ବୋଲି ରିଜିଜୁ କହିଥିଲେ।



କିରେନ୍ ରିଜିଜୁ

# ଜାନୁୟାରୀ ୨୪ରୁ ଜେଇଇ ମେନ୍

## ସେସନ-୧ ପଞ୍ଜୀକରଣ ଆରମ୍ଭ

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ୨୦୨୩ ଜେଇଇ ମେନ୍ ସେସନ-୧ ଏବଂ ସେସନ-୨ ପାଇଁ ତାରିଖ ଘୋଷଣା କରାଯାଇଛି। ଏନେଇ ଗୁରୁବାର ଏନ୍‌ଟିଏ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେସନ-୧ ଜାନୁୟାରୀ ୨୪, ୨୫, ୨୭, ୨୮, ୨୯, ୩୦ ଏବଂ ୩୧ ତାରିଖରେ ହେବ। ସେହିପରି ସେସନ-୨ ଏପ୍ରିଲ ୬, ୮, ୧୦, ୧୧ ଏବଂ ୧୨ ତାରିଖରେ ଅନୁଷ୍ଠିତ ହେବ। ତେବେ ସେସନ-୧ ପରୀକ୍ଷା ପାଇଁ ଗୁରୁବାରଠାରୁ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। ଏହି ପଞ୍ଜୀକରଣ ଆସନ୍ତା ଜାନୁୟାରୀ ୧୨ତାରିଖ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ। ଛାତ୍ରୀଛାତ୍ରମାନେ ଏହି ତାରିଖ ପର୍ଯ୍ୟନ୍ତ jeemain.nta.nic.in ୱେବ୍‌ସାଇଟକୁ ଯାଇ ପଞ୍ଜୀକରଣ କରିପାରିବେ। ଏବର୍ଷ ଜେଇଇ(ମେନ୍) ପରୀକ୍ଷା ଇଂଲିଶ, ହିନ୍ଦୀ, ଓଡ଼ିଆ ସମେତ ମୋଟ ୧୩ଟି ଭାରତୀୟ ଭାଷାରେ ହେବ। ଅନ୍ୟ ଭାଷାଗୁଡ଼ିକ ହେଲା ବଙ୍ଗଳା, ପଞ୍ଜାବୀ, ତେଲୁଗୁ, ତାମିଲ, ମରାଠୀ, ଉର୍ଦ୍ଦୁ, ଗୁଜରାଟୀ, ମାଲୟାଲମ ଓ ଅହମିଆ। ଜେଇଇ ମେନ୍‌ରେ ୨ଟି ପେପର ଥାଏ। ପ୍ରଥମ ପେପରଟି ଏନ୍‌ଆଇଟି, ଆଇଆଇଆଇଟି ପରି ବିଭିନ୍ନ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ବିଇ ଓ ବିଟେକ ପାଠ୍ୟକ୍ରମ ପାଇଁ ହୋଇଥାଏ। ଏହା ମଧ୍ୟ ଆଇଆଇଟି ନିମନ୍ତେ ହେଉଥିବା ଜେଇଇ ଆଡଭାନ୍ସଡ ପାଇଁ ଯୋଗ୍ୟତା ବଛାଯାଇଥାଏ। ପେପର-୨ଟି ବି-ଆର୍କ ଓ ବି-ପ୍ଲାନିଂ କୋର୍ସ ପାଇଁ ହୋଇଥାଏ।

# ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ଆସିବ ସାମର୍ଥ୍ୟଭିତ୍ତିକ ପ୍ରଶ୍ନ

**ନୂଆଦିଲ୍ଲୀ,୧୫।୧୨**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ହେବାକୁ ଯାଉଥିବା ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ସାମର୍ଥ୍ୟଭିତ୍ତିକ ପ୍ରଶ୍ନ ଆସିବ। ପରୀକ୍ଷା ସୂଚୀ ଖୁବ୍‌ଶୀଘ୍ର ପ୍ରକାଶ ପାଇବାକୁ ଯାଉଛି। ଫେବୃୟାରୀ ୧୫ ପରେ ପରୀକ୍ଷା ଆରମ୍ଭ ହେବ ବୋଲି ପୂର୍ବରୁ ସୂଚନା ଦିଆଯାଇଥିଲା। ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ଅନ୍ୟୁନ ୪୦ ପ୍ରତିଶତ ସାମର୍ଥ୍ୟଭିତ୍ତିକ ପ୍ରଶ୍ନ ଆସିବାକୁ ଥିବାବେଳେ ଦ୍ୱାଦଶ ପରୀକ୍ଷାରେ ୩୦ ପ୍ରତିଶତ ଏଭଳି ପ୍ରଶ୍ନ ରହିବ ବୋଲି ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉଭୟ ପରୀକ୍ଷା ପ୍ରଶ୍ନପତ୍ରରେ ସଂକ୍ଷିପ୍ତ ଉତ୍ତରମୂଳକ, ବର୍ଣ୍ଣନାତ୍ମକ ଆଦି ବିଭିନ୍ନ ଫର୍ମାଟର ପ୍ରଶ୍ନ ରହିବ ବୋଲି ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଲୋକ ସଭାକୁ କହିଛନ୍ତି। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ପରୀକ୍ଷା ଢାଞ୍ଚାରେ ପରିବର୍ତ୍ତନ ଆଣୁଛି। ସେହି ଅନୁଯାୟୀ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ସାମର୍ଥ୍ୟଭିତ୍ତିକ ପ୍ରଶ୍ନ ରହିବ ବୋଲି ମନ୍ତ୍ରୀ କହିଛନ୍ତି। ବୋର୍ଡର ସୂଚନା ଅନୁଯାୟୀ ଅନ୍ୟୁନ ୩୦ ପ୍ରତିଶତ ସାମର୍ଥ୍ୟ ଭିତ୍ତିକ ପ୍ରଶ୍ନ ବହୁବିକଳ୍ପୀୟ ଚୟନ ଆଧାରିତ ହେବ। ଅବଶିଷ୍ଟ ୨୦ ପ୍ରତିଶତ ସଂକ୍ଷିପ୍ତ ପ୍ରଶ୍ନ ଏବଂ ୫୦ ପ୍ରତିଶତ ସଂକ୍ଷିପ୍ତ ଓ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ଆସିବ। ସିବିଏସ୍‌ଇ ପ୍ରାକ୍ଟିକାଲ ପରୀକ୍ଷା ୨୦୨୩ ଜାନୁୟାରୀ ୧ରୁ ଏବଂ ଥିଓରି ପରୀକ୍ଷା ଫେବୃୟାରୀ ୧୫ରୁ ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପରୀକ୍ଷା ସୂଚୀ ପ୍ରକାଶ ପାଇନାହିଁ।

# ମହାବଳ ଶିକାର, ଆଉ ଜଣେ ଗିରଫ

- ଶିମିଳିପାଳ ବାଘ ବୋଲି ସ୍ପଷ୍ଟ କଲା ଓ୍ୟୁଏଟି
- ତଦନ୍ତ ପାଇଁ ପହଞ୍ଚିଲେ ସ୍ୱତନ୍ତ୍ର ପ୍ରତିନିଧି ଦଳ

**ବାରିପଦା ଅଫିସ/ଉଦଳା, ୧୫।୧୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା ବନଖଣ୍ଡ ଅଧୀନ ବିସିପୁର ଅଞ୍ଚଳରେ ମହାବଳ ବାଘ ଚମଡ଼ା ବିକ୍ରି ଅଭିଯୋଗରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଟିମ୍ (ଏସ୍‌ଟିଏଫ୍) ଅନ୍ୟତମ ଅଭିଯୁକ୍ତ ଫାଗୁ ହାଁସଦା(୨୮)ଙ୍କୁ ଗିରଫ ପରେ ଗୁରୁବାର ଉଦଳା କୋର୍ଟ ଚାଲାଣ କରିଛି। ତାଙ୍କ ଘର ଦେବକୁଣ୍ଡ ନିକଟ ଶ୍ରୀଦାମଚନ୍ଦ୍ରପୁର ଗ୍ରାମରେ। ଅନ୍ୟପକ୍ଷରେ ଜବତ ବାଘ ଚମଡ଼ାଟି ଶିମିଳିପାଳ ☞ପୃଷ୍ଠା-୪



ଗିରଫ ଅଭିଯୁକ୍ତ ଫାଗୁ ହାଁସଦା।




**Showrooms: Bhubaneswar:** Trinity Motors: 1800 1038 001; **Jamshedpur:** Imperial Vehicles: 1800 1237 499/9771432900/6572200214; **Ranchi:** Singhania Motors: 9153882021; **Dhanbad:** Singhania Motors: 9153999040; **Kolkata** (AJC Bose Road, Mullick Bazar): Global Motocorp LLP: 1800 1230 737; **Guwahati** (VIP Road, Hengrabari Kamrup): SSB Automobiles Pvt. Ltd.: 8045810939/8453541151/8453541152; **Patna** (Bailey Road): SV Autowheels: 7281072810
**Branches: Kolkata** (VIP Road, Baguiati): Global Motocorp LLP: 1800 1230 737; (Howrah): Global Motocorp LLP: 1800 1230 737; **Siliguri:** Global Motocorp LLP: 1800 1230 737; **Rourkela:** Durgesh Motors: 1800 1038 001; **Sambhalpur:** Durgesh Motors: 1800 1038 001; **Patna** (Kankarbagh Main Road): SV Autowheels: 7281072810; **Muzaffarpur:** SV Autowheels: 7281072810
**Service Centres: Bhubaneswar:** Trinity Motors: 9937563247; **Jamshedpur:** Imperial Vehicles: 9835180208; **Ranchi:** Singhania Motors: 9153999038; **Dhanbad:** Singhania Motors: 9153881370; **Kolkata:** Global Motocorp LLP: 033-24433316/17/18/19; **Guwahati** (VIP Road, Hengrabari Kamrup): SSB Automobiles Pvt. Ltd.: 9387130711; **Patna** (Rajnagar): SV Autowheels: 7281072810
**Compact Workshops: Siliguri:** Global Motocorp LLP: 1800 1230 737; **Muzaffarpur:** SV Autowheels: 7281072810

Book your ŠKODA

*T&C Apply. Credit at the sole discretion of the financer. **Additional Benefits Includes Corporate/Loyalty/HDFC Credit card & Exchange upto 50 000 on select Model & Variants. Delivery of the car is subject to stock availability. This image is created using computer graphics and no real car is used while creating this image. *Offer valid for November & December 2022. #Selected variants of ŠKODA KUSHAQ registered under CSD. Specifications given differ from model to model. Accessories shown may not be a part of standard equipment. Always insist on genuine ŠKODA AUTO parts and accessories available at authorised sales and service centres. Information relating to colours, prices, construction, technical details and equipment was valid at the time of issuance and these are subject to changes without any prior notice. Warranty - 4 years [2 years standard warranty, promotional offer on 3rd and 4th year up to 1 00 000 km] along with 5th and 6th year extended warranty; Roadside Assistance - 4 years or unlimited km (extendable upto 9th year roadside assistance optional); *ŠKODA Maintenance Package - 4 years/60 000 km. 4-year periodic maintenance services at an interval of 15 000 km or 1 year (whichever occurs first from the date of delivery). All disputes are subject to Mumbai courts only.

**ଆଜିଠୁ 'ସୂର୍ଯ୍ୟ କିରଣ' ସମରାଭ୍ୟାସ**

ଭାରତ ଓ ନେପାଳ ସେନା ପକ୍ଷରୁ ଶୁକ୍ରବାର ଆରମ୍ଭ ହେବାକୁ ଯାଉଛି ମିଳିତ ସମରାଭ୍ୟାସ 'ସୂର୍ଯ୍ୟ କିରଣ' । ଦୁଇ ଦେଶ ମଧ୍ୟରେ ଏହା ୧୬ତମ ଜଏଣ୍ଟ ମିଲିଟାରି ଟ୍ରେନିଂ ଏକ୍ସରସାଇଜ୍। ନେପାଳ ଆର୍ମି ବ୍ୟାଟେଲ ସ୍କୁଲରେ ଏହି ମିଳିତ ସମରାଭ୍ୟାସ ଅନୁଷ୍ଠିତ ହେବ। ଗୁରୁବାର ଭାରତୀୟ ସୈନ୍ୟ ନେପାଳରେ ପହଞ୍ଚିଥିବାବେଳେ ଡିସେମ୍ବର ୨୯ରେ ଏହି କାର୍ଯ୍ୟକ୍ରମ ଶେଷ ହେବ।



## ସଂକ୍ଷେପରେ

### ୮ ବର୍ଷର ଝିଅଙ୍କୁ ବଳାତ୍କାର, ହତ୍ୟା: ନାବାଳକ ଗିରଫ

**ରାୟପୁର, ୧୫।୧୨:** ଛତିଶଗଡ଼ ରାୟପୁରରେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଅଭିଯୋଗରେ ସ୍ଥାନୀୟ ପୋଲିସ ଗୁରୁବାର ୧୪ ବର୍ଷୀୟ ନାବାଳକଙ୍କୁ ଗିରଫ କରିଛି। ପୀଡ଼ିତା ଓ ନାବାଳକ ସମାନ ବିଲ୍ଡିଂରେ ରହୁଥିଲେ। ଗତ ୭ ତାରିଖରେ ନାବାଳିକାଙ୍କ ଘର ଲୋକେ ସେ ନିଖୋଜ ଥିବା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଛାନ୍‌ଭିନ୍ କରୁଥିବାବେଳେ ବିଲ୍ଡିଂର ପଛପାଖରେ ଥିବା ଏକ ପଡ଼ିଆରେ ପୀଡ଼ିତାଙ୍କ ମୃତଦେହ ମିଳିଥିଲା। ପ୍ରାଥମିକ ତଦନ୍ତ ଓ ହସ୍ତଗତ ପ୍ରମାଣ ଆଧାରରେ ପୋଲିସ ସମ୍ପୃକ୍ତ ନାବାଳକଙ୍କୁ ଗିରଫ କରିଛି। ଅଭିଯୁକ୍ତ ପୀଡ଼ିତାଙ୍କୁ ବଳାତ୍କାର କରିବା ପରେ ତାଙ୍କ ତଣ୍ଟିଚିପି ହତ୍ୟା କରିଥିବା ପୋଲିସ କହିଛି। ଏ ଘଟଣାକୁ ନେଇ ରାଜ୍ୟ ରାଜନୀତି ସରଗରମ ହେବାରେ ଲାଗିଛି। ବରିଷ୍ଠ ଭାଜପା ନେତା ସଞ୍ଜୟ ଶ୍ରୀବାସ୍ତବ ଏ ନେଇ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ବାଘେଲ ରାଜ୍ୟକୁ ଆପରାଧିକ ରାଜ୍ୟ ପାଲଟାଇ ଦେଇଥିବା ଭାଜପା କହିଛି।

### ମହିଳା କନ୍‌ଷ୍ଟେବଲଙ୍କ ଫୋନ୍ ଚୋରି: ଅଫିସର ନିଲମ୍ବିତ

**ନୋଏଡା, ୧୫।୧୨:** ଗ୍ରେଟର ନୋଏଡାରେ ଜଣେ ମହିଳା କନ୍‌ଷ୍ଟେବଲଙ୍କ ଫୋନ୍ ଚୋରି ଘଟଣାରେ ପୋଲିସ କମିଶନର ଲକ୍ଷ୍ମୀ ସିଂ ଥାନା ଅଫିସରଙ୍କୁ ନିଲମ୍ବନ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟା ସାଢ଼େ ୭ଟାବେଳେ ମହିଳା କନ୍‌ଷ୍ଟେବଲ ଅଲକା ଚୌଧୁରୀ ରବୁପୁରା ପୋଲିସ ଷ୍ଟେଶନରୁ ଦାଦାଦ୍ରି ପୋଲିସ ଷ୍ଟେଶନ୍ ଆସୁଥିଲେ। ବାଟରେ ଜଣେ ଚୋର ତାଙ୍କ ମୋବାଇଲ ଛଡ଼ାଇ ନେଇଥିଲେ। ତେବେ ମହିଳା କନ୍‌ଷ୍ଟେବଲଙ୍କ ମୋବାଇଲ ଚୋରି ନେଇ ଷ୍ଟେଶନ ହାଉସ୍ ଅଫିସର ବିବେକ ଶ୍ରୀବାସ୍ତବ କୌଣସି କାର୍ଯ୍ୟପନ୍ଥା ଅବଲମ୍ବନ ନ କରିବାରୁ ପୋଲିସ କମିଶନର ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି।

### ଭଡ଼ାଟିଆଙ୍କୁ ୩ ଖଣ୍ଡ

**ଟଙ୍କା ଲୋଭରେ ହତ୍ୟାକଲେ ମାଲିକ**

**ଗାଜିଆବାଦ, ୧୫।୧୨:** ଉତ୍ତର ପ୍ରଦେଶ ଗାଜିଆବାଦ୍ ଜିଲା ମୋଦିନଗରରେ ଭଡ଼ାଟିଆ ଅଙ୍କିତ ଖୋକାରଙ୍କୁ ହତ୍ୟା ଅଭିଯୋଗରେ ଘରମାଲିକ ଉମେଶ ଶର୍ମାଙ୍କୁ ପୋଲିସ ଗିରଫ କରିଛି। କିଛିଦିନ ପୂର୍ବେ ଅଙ୍କିତ ପୈତୃକ ସମ୍ପତ୍ତିକୁ କୋଟିଏ ଟଙ୍କାରେ ବିକ୍ରି କରିଥିଲେ। ଟଙ୍କା ଲୋଭରେ ଘର ମାଲିକ ଉମେଶ ବନ୍ଧୁ ପ୍ରଭେଶଙ୍କ ସହ ମିଶି ଅଙ୍କିତଙ୍କୁ ହତ୍ୟା କରିଥିବା ପୋଲିସ କହିଛି। ମାବାପାଙ୍କ ମୃତ୍ୟୁ ପରେ ଲକ୍ଷ୍ନୌ ୟୁନିଭର୍ସିଟିରେ ପଢ଼ୁଥିବା ଅଙ୍କିତ ଏକୁଟିଆ ଉମେଶଙ୍କ ଘରେ ଭଡ଼ାରେ ରହୁଥିଲେ। ଅଙ୍କିତଙ୍କ ଜଣେ ବନ୍ଧୁ ତାଙ୍କୁ ବହୁବାର ଫୋନ୍ ଓ ମେସେଜ୍ କରିବା ପରେ କୌଣସି ଉତ୍ତର ପାଇ ନ ଥିଲେ। ଏହାର କିଛିଦିନ ପରେ ଅଙ୍କିତଙ୍କଠାରୁ ତାଙ୍କୁ କିଛି ମେସେଜ୍ ମିଳିଥିଲା। ଅଙ୍କିତଙ୍କ ମେସେଜ୍ ଶୈଳୀ ଦେଖି ତାଙ୍କ ବନ୍ଧୁଙ୍କର ସନ୍ଦେହ ହୋଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କଲେ। ଏହା ପରେ ପୋଲିସ ଘଟଣାର ତଦନ୍ତ କରିଥିଲା। ପ୍ରାଥମିକ ତଦନ୍ତରୁ ପୋଲିସ ଉମେଶ ଓ ତାଙ୍କ ବନ୍ଧୁଙ୍କୁ ଗିରଫ କରିଛି। ଗତ ଅକ୍ଟୋବର ୯ରେ ଅଙ୍କିତଙ୍କୁ ସେମାନେ ହତ୍ୟା କରିଥିଲେ। ଏହାପରେ ତାଙ୍କ ଶରୀରକୁ ତିନିଖଣ୍ଡ କରି କେନାଲରେ ଫୋପାଡ଼ି ଦେଇଥିଲେ । ଉମେଶ ଓ ପ୍ରଭେଶଙ୍କ ବିରୋଧରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅଙ୍କିତଙ୍କ ଏଟିଏମ୍ ଓ ଫୋନ୍ ସେମାନଙ୍କଠାରୁ ପୋଲିସ ଜବତ କରିଛି।



ମେକ୍ସିକୋର ଦୁରାଙ୍ଗୋ ପ୍ରଦେଶରେ ଅପହୃତ ପ୍ରବାସୀମାନଙ୍କୁ ସେନା ମୁକ୍ତ କରିବା ପରେ ସେମାନେ ରିଓ ବ୍ରାଭୋ ନଦୀ ଦେଇ ସୀମା ଅତିକ୍ରମ କରୁଥିଲେ। କିନ୍ତୁ ସୀମାରେ ଆମେରିକୀୟ ପାଟ୍ରୋଲିଂ ଏଜେଣ୍ଟମାନେ ପ୍ରହରା ଦେଉଥିବାରୁ ସେମାନେ ଫେରିଯାଉଛନ୍ତି।

# ସୀମାରେ ସମରାଭ୍ୟାସ

## ଅରୁଣାଚଳ ଘଟଣା ସହ ଯୁଦ୍ଧାଭ୍ୟାସର ସମ୍ପର୍କ ନାହିଁ: ବାୟୁସେନା

**ନୂଆଦିଲ୍ଲୀ,୧୫।୧୨(ପି.ଟି.)**

ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ସୀମାକୁ ନେଇ ଚାଇନା ସହ ସାନି ଉତ୍ତେଜନା ଦେଖାଦେଇଥିବାବେଳେ ଭାରତୀୟ ବାୟୁସେନା ଗୁରୁବାର ଉତ୍ତରପୂର୍ବାଞ୍ଚଳରେ ମେଗା ଯୁଦ୍ଧାଭ୍ୟାସ ଆରମ୍ଭ କରିଛି। ଏହି ଦୁଇଦିନିଆ ସମରାଭ୍ୟାସରେ ବାୟୁସେନାର ସମସ୍ତ ଆଗଧାଡ଼ିର ଯୁଦ୍ଧବିମାନ ଏବଂ ଅନ୍ୟାନ୍ୟ ଯୁଦ୍ଧାସ୍ତ୍ର ପ୍ରଦର୍ଶନ କରାଯିବ। ଭାରତକୁ ବର୍ତ୍ତମାନ ସୁଦ୍ଧା ୩୬ଟି ରାଫାଲ ଜେଟ୍ ମିଳିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୮ଟି ଜେଟ୍‌କୁ ହାସିମାରାସ୍ଥିତ ଇଷ୍ଟର୍ନ ଏୟାର କମାଣ୍ଡର ୧୦୧ ସ୍କ୍ୱାଡ୍ରନ୍‌ରେ ସାମିଲ କରାଯାଇଛି। ୧୮ ଜେଟ୍ ସହ ପ୍ରଥମ ରାଫାଲ ସ୍କ୍ୱାଡ୍ରନ୍ ଅମ୍ବାଲା ଏୟାରବେସ୍‌ରେ ରହିଛି। ସମରାଭ୍ୟାସରେ ରାଫାଲ ଜେଟ୍‌ର ଦ୍ୱିତୀୟ ସ୍କ୍ୱାଡ୍ରନ୍ ସହ ଇଷ୍ଟର୍ନ ଏୟାର କମାଣ୍ଡ ଅଧୀନରେ ଥିବା ସୁଖୋଇ-୩୦ଏମ୍‌କେଆଇ ଯୁଦ୍ଧବିମାନ ସାମିଲ ହୋଇଛି।

ଯୁଦ୍ଧାଭ୍ୟାସ ଲାଗି ବହୁ ପୂର୍ବରୁ ଯୋଜନା ପ୍ରସ୍ତୁତ ହୋଇଥିଲା। ତାୱାଙ୍ଗ ସେକ୍ଟରରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ସହ ଯୁଦ୍ଧାଭ୍ୟାସର କୌଣସି ସମ୍ପର୍କ ନ ଥିବା ଜଣେ ବାୟୁସେନା ଅଧିକାରୀ କହିଛନ୍ତି। ଗତ ୯ ତାରିଖରେ ଅରୁଣାଚଳର ତାୱାଙ୍ଗ ସେକ୍ଟରରେ ଭାରତୀୟ ଓ ଚାଇନା ସୈନ୍ୟ ମୁହାଁମୁହିଁ ହୋଇଥିବା ଖବର ସୋମବାର ପ୍ରକାଶ ପାଇଥିଲା। ସଂଘର୍ଷ ଯୋଗୁ ଉଭୟ ପକ୍ଷର କେତେଜଣ ସୈନ୍ୟ ଆହତ ହୋଇଥିଲେ। ପୂର୍ବ ଲଦାଖରେ ଦୁଇ ପକ୍ଷ ମଧ୍ୟରେ ଦୀର୍ଘ ୩୦ ମାସର ମୁହାଁମୁହିଁ ସ୍ଥିତି ପରେ ଏହା ଥିଲା ପ୍ରଥମ ସଂଘର୍ଷ।



ସମରାଭ୍ୟାସରେ ଉତ୍ତରପୂର୍ବାଞ୍ଚଳର ସମସ୍ତ ଫ୍ରଣ୍ଟଲାଇନ ଏୟାରବେସ୍ ଏବଂ କେତେକ ପ୍ରମୁଖ୍ୟ ଆଡଭାନ୍ସଡ୍ ଲ୍ୟାଣ୍ଡିଂ ଗ୍ରାଉଣ୍ଡ ସାମିଲ ହେବେ। ପୂର୍ବ ଲଦାଖ ବିବାଦ ପରେ ଦୁଇବର୍ଷ ହେଲା ଏଲ୍‌ଏସି ଅନ୍ତର୍ଗତ ଅରୁଣାଚଳ ପ୍ରଦେଶ ଏବଂ ସିକିମ୍ ସେକ୍ଟରରେ ସ୍ଥଳସେନା ଓ ବାୟୁସେନା ପକ୍ଷରୁ ଯୁଦ୍ଧ ପ୍ରସ୍ତୁତିକୁ ଜୋର୍‌ଦାର କରାଯାଇଛି। ଗତ ସପ୍ତାହରେ ଏଲ୍‌ଏସିରେ ଚାଇନା ଡ୍ରୋନ୍‌ଗୁଡ଼ିକ ବାରମ୍ବାର ପଇଁତରା ମାରିବା ପରେ ଭାରତୀୟ ବାୟୁସେନାର ବିମାନଗୁଡ଼ିକ ଏହାକୁ ପିଛା କରିଥିଲା। ଚାଇନା ଉକ୍ତ ଅଞ୍ଚଳରେ ଡ୍ରୋନ୍ ସମେତ ଯୁଦ୍ଧବିମାନ ମୁତୟନ କରିଥିଲା। ଗତ ୯ ତାରିଖରେ ଚାଇନା ତାୱାଙ୍ଗର ୟାଙ୍ଗ୍‌ସେ ଅଞ୍ଚଳରେ ସ୍ଥିତାବସ୍ଥାକୁ ଏକପାଖିଆ ଭାବେ ବଦଳାଇବାକୁ ଉଦ୍ୟମ କରିଥିଲା। ତେବେ ସେମାନଙ୍କ ଉଦ୍ୟମକୁ ଭାରତୀୟ ଯବାନମାନେ ସାହସିକତାର ସହ ପଣ୍ଡ କରିଦେଇଥିବା ମଙ୍ଗଳବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପାର୍ଲାମେଣ୍ଟକୁ କହିଥିଲେ।

### ଏଲ୍‌ଏସିରେ ସାମରିକ ଭିତ୍ତିଭୂମି ନିର୍ମାଣ କରୁଛି ଚାଇନା

**ୱାଶିଂଟନ, ୧୫।୧୨(ଆଇଏଏନ୍‌ଏସ୍)**

ଭାରତ ସହ ଥିବା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟରେ ଚାଇନା କ୍ରମାଗତ ଭାବେ ସୈନ୍ୟ ସଂଖ୍ୟା ବଢ଼ାଇବା ସହ ସାମରିକ ଭିତ୍ତିଭୂମି କାର୍ଯ୍ୟ ଜାରି ରଖିଥିବା ଆମେରିକା ପ୍ରତିରକ୍ଷା ସଂସ୍ଥା ପେଣ୍ଟାଗନ ପକ୍ଷରୁ କୁହାଯାଇଛି। ଭାରତ-ଚାଇନା ସୀମା ଉପରେ ଆମେରିକାର ପ୍ରତିରକ୍ଷା ବିଭାଗ ତୀକ୍ଷ୍ଣ ନଜର ରଖିଥିବା ଏହାର ପ୍ରେସ୍ ସଚିବ ବ୍ରିଗେଡିୟର ଜେନେରାଲ ପାଟ୍ ରାଇଡର କହିଛନ୍ତି। ଆମେରିକା ସହଯୋଗୀ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଥିବା ଅଂଶୀଦାରଙ୍କ ଅଞ୍ଚଳରେ ପ୍ରବେଶ କରିବା ଓ ଉତ୍ତେଜନା ସୃଷ୍ଟି କରିବା ଚାଇନାର ଏକ ଧାରାରେ ପରିଣତ ହୋଇଛି। ତେବେ ଆମେରିକା ଏହାର ସହଯୋଗୀଙ୍କୁ ସୁରକ୍ଷା ଯୋଗାଇବା ଲାଗି ଦେଇଥିବା ପ୍ରତିଶ୍ରୁତିରେ ଦୃଢ଼। ଉତ୍ତେଜନା ହ୍ରାସ ଲାଗି ଭାରତର ଉଦ୍ୟମକୁ ଆମେ ପୂର୍ଣ୍ଣ ସମର୍ଥନ କରୁଛୁ ବୋଲି ପ୍ରେସ୍ ସଚିବ କହିଛନ୍ତି।

## ଜଙ୍ଗଲରୁ ମିଳିଥିବା ଅସ୍ଥି ଶ୍ରଦ୍ଧାଙ୍କର

**ଡିଏନ୍‌ଏ ଟେଷ୍ଟ ରିପୋର୍ଟ**

**ନୂଆଦିଲ୍ଲୀ, ୧୫।୧୨**

ଦିଲ୍ଲୀ ମେହରୁଲି ଜଙ୍ଗଲରୁ ମିଳିଥିବା ହାଡ଼ ଶ୍ରଦ୍ଧା ୱାଲକରଙ୍କର ବୋଲି ଡିଏନ୍‌ଏ ଟେଷ୍ଟ ରିପୋର୍ଟରୁ ଜଣାପଡ଼ିଛି। ଫ୍ଲାଟରୁ ମିଳିଥିବା ରକ୍ତ ଦାଗ ମଧ୍ୟ ଶ୍ରଦ୍ଧାଙ୍କର। ବାପା ବିକାଶ ୱାଲକରଙ୍କ ଡିଏନ୍‌ଏ ସହିତ ପୋଲିସ ହସ୍ତଗତ କରିଥିବା ସମସ୍ତ ନମୁନାର ଡିଏନ୍‌ଏ ଟେଷ୍ଟ କରିଥିଲା। ଗତ ମେ'ରେ ଶ୍ରଦ୍ଧାଙ୍କୁ ତାଙ୍କ ଲିଭ୍‌ଇନ୍ ପାର୍ଟନର ଆଫତାବ ପୁନାୱାଲା ହତ୍ୟା କରିଥିଲେ। ମୃତଦେହକୁ ୩୫ ଖଣ୍ଡ କରି ସେ ଏକ ଫ୍ରିଜ୍‌ରେ ରଖିବା ପରେ ସେଥିରୁ କିଛି କିଛି କଟା ମାଂସ ନେଇ ଆଫତାବ ବିଳମ୍ବିତ ରାତିରେ ଜଙ୍ଗଲରେ ନେଇ ଫୋପାଡୁଥିଲେ। ଆଫତାବଙ୍କୁ ମୃତ୍ୟୁଦଣ୍ଡ ଦେବା ନେଇ ଶ୍ରଦ୍ଧାଙ୍କ ବାପା ଦାବି କରିଛନ୍ତି। ଶ୍ରଦ୍ଧାଙ୍କ ଜଣେ ବନ୍ଧୁଙ୍କ ଅଭିଯୋଗ କ୍ରମେ ଦିଲ୍ଲୀ ପୋଲିସ ତଦନ୍ତ କରି ତାଙ୍କ ଲିଭ୍‌ଇନ୍ ପାର୍ଟନର ଆଫତାବଙ୍କୁ ଗିରଫ କରିଥିଲା।



ଶ୍ରଦ୍ଧା ୱାଲକର

## ଆଜୀବନ ବନ୍ଦୀଙ୍କୁ ଜାମିନ ଦେଲେ ସୁପ୍ରିମକୋର୍ଟ

**ଗୋଧ୍ରା ଟ୍ରେନ୍ ପୋଡ଼ି ମାମଲା**

**ନୂଆଦିଲ୍ଲୀ,୧୫।୧୨**

୨୦୦୨ରେ ଗୋଧ୍ରା ଟ୍ରେନ୍ ପୋଡ଼ି ମାମଲାରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା ଜଣେ ବନ୍ଦୀଙ୍କୁ ସୁପ୍ରିମକୋର୍ଟ ଗୁରୁବାର ଜାମିନ ପ୍ରଦାନ କରିଛନ୍ତି। ସେ ୧୭ ବର୍ଷ ହେଲା ଜେଲରେ ଥିଲେ। ଫାରୁକ୍ ନାମକ ଉକ୍ତ ଅପରାଧୀ ଦୀର୍ଘ ସମୟ ଜେଲରେ କାଟିସାରିଥିବାରୁ ଏହାକୁ ବିଚାରକୁ ନେଇ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ପି.ଏସ୍. ନରସିଂହାଙ୍କ ଖଣ୍ଡପୀଠ ତାଙ୍କୁ ଜାମିନ ପ୍ରଦାନ ଲାଗି ରାଜି ହୋଇଛନ୍ତି। ୨୦୦୨ ଫେବୃୟାରୀ ୨୭ରେ ଗୋଧ୍ରା ରେଳ ଷ୍ଟେଶନରେ ସାବରମତୀ ଏକ୍ସପ୍ରେସ୍ ଟ୍ରେନ୍‌ର ଏସ୍-୬ କୋଚ୍‌ରେ ନିଆଁ ଲଗାଇଦେବାରୁ ମହିଳା ଓ ଶିଶୁଙ୍କ ସମେତ ୫୯ ଜଣ ଦଗ୍ଧ ହୋଇଥିଲେ। ଏହା ଅତି ବୀଭତ୍ସ ଅପରାଧ ବୋଲି ଗୁଜରାଟ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିବା ସହ ଅପରାଧୀମାନଙ୍କ ଜାମିନ ଆବେଦନକୁ ବିରୋଧ କରିଥିଲେ। ଅପରାଧୀ ଟ୍ରେନ୍ ଯାତ୍ରୀମାନଙ୍କ ଉପରକୁ ଟେକାମାଡ଼ କରିବା ଲାଗି ଅନ୍ୟମାନଙ୍କୁ ଉସୁକାଇଥିଲେ। ଏହା ଏକ ଗୁରୁତର ଅପରାଧ ବୋଲି ମେହେଟ୍ଟା କୋର୍ଟଙ୍କୁ ଜଣାଇଥିଲେ। ୨୦୧୭ ଅକ୍ଟୋବର ୯ରେ ହାଇକୋର୍ଟ ଫାରୁକ୍‌ଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।

## ପାରିପାର୍ଶ୍ୱିକ ପ୍ରମାଣ ଆଧାରରେ ବାବୁଙ୍କୁ ଦୋଷୀସାବ୍ୟସ୍ତ କରାଯାଇପାରିବ

**ଦୁର୍ନୀତି ମାମଲା**

**ନୂଆଦିଲ୍ଲୀ,୧୫।୧୨(ପି.ଟି.)**

ଏକ ଦୁର୍ନୀତି ମାମଲାରେ ସିଧାସଳଖ ମୌଖିକ କିମ୍ବା କାଗଜପତ୍ର ପ୍ରମାଣ ନ ଥିଲେ ମଧ୍ୟ ପାରିପାର୍ଶ୍ୱିକ ପ୍ରମାଣକୁ ଆଧାର କରି ଜଣେ ସରକାରୀ ପଦାଧିକାରୀଙ୍କୁ ଦୋଷୀସାବ୍ୟସ୍ତ କରାଯାଇପାରିବ ବୋଲି ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି। ଦୁର୍ନୀତିଗ୍ରସ୍ତ ବାବୁମାନଙ୍କୁ କାଠଗଡ଼ାକୁ ଆଣିବାକୁ ହେଲେ ଅଭିଯୋଗକାରୀଙ୍କୁ ସଚ୍ଚୋଟତାର ସହ ଉଦ୍ୟମ କରିବାକୁ ହେବ ବୋଲି ଜଷ୍ଟିସ ଏସ୍.ଏ. ନାଜିରଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ପୀଠ କହିଛନ୍ତି। ଏହା ଦ୍ୱାରା ପ୍ରଶାସନ ଏବଂ ଶାସନ ବ୍ୟବସ୍ଥା ଦୁର୍ନୀତିମୁକ୍ତ ହୋଇପାରିବ। ଅଭିଯୋଗର ସିଧାସଳଖ ସାକ୍ଷ୍ୟ ପ୍ରମାଣ ନ ଥିଲେ ମଧ୍ୟ ଆନୁଷଙ୍ଗିକ ବ୍ୟବସ୍ଥାରେ ସରକାରୀ ପଦାଧିକାରୀଙ୍କୁ ଦୋଷୀସାବ୍ୟସ୍ତ କରାଯାଇପାରିବ ବୋଲି ସାମ୍ବିଧାନିକ ପୀଠ ମତ ଦେଇଛନ୍ତି।

## ନୀରବ ମୋଦିଙ୍କ ଭାରତ ପ୍ରତ୍ୟର୍ପଣ ପଥ ସୁଗମ

**ବ୍ରିଟେନ୍ ସୁପ୍ରିମକୋର୍ଟରେ ଆବେଦନ ପାଇଁ ମିଳିଲାନି ଅନୁମତି**

**ଲଣ୍ଡନ/ନୂଆଦିଲ୍ଲୀ,୧୫।୧୨**

ପଳାତକ ଭାରତୀୟ ବ୍ୟବସାୟୀଙ୍କ ବିରୋଧରେ ଦୁର୍ନୀତି ଓ ମନିଲଣ୍ଡରିଂ ମାମଲାର ବିଚାର ପାଇଁ ତାଙ୍କୁ ଭାରତ ପ୍ରତ୍ୟର୍ପଣ ପାଇଁ ବାଟ ଫିଟିଯାଇଛି। ପ୍ରତ୍ୟର୍ପଣ ବିରୋଧରେ ବ୍ରିଟେନ ସୁପ୍ରିମକୋର୍ଟରେ ଆବେଦନ ଲାଗି ତାଙ୍କୁ ଅନୁମତି ମିଳିନାହିଁ। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ୧୧ ହଜାର କୋଟି ଟଙ୍କାର ଋଣ ଦୁର୍ନୀତିରେ ଗୁଜରାଟର ଏହି ୫୧ ବର୍ଷୀୟ ହୀରା ବ୍ୟବସାୟୀ ସମ୍ପୃକ୍ତ ବୋଲି ଜଣାପଡ଼ିବା ପୂର୍ବରୁ ସେ ୨୦୧୮ରେ ଭାରତ ଛାଡ଼ି ପଳାଇଥିଲେ। ତାଙ୍କୁ ଭାରତ ପ୍ରତ୍ୟର୍ପଣ କରାଗଲେ ସେ ଆତ୍ମହତ୍ୟା କରିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ନୀରବ ମୋଦି ପୂର୍ବରୁ କୋର୍ଟଙ୍କୁ ଜଣାଇଥିଲେ। ତାଙ୍କ ଆବେଦନକୁ ଗୁରୁବାର ଲଣ୍ଡନ ହାଇକୋର୍ଟ ଖାରଜ କରିଦେଇଛନ୍ତି। ତେଣୁ ଭାରତରେ ବିଚାରର ସମ୍ମୁଖୀନ ହେବା ଲାଗି ନୀରବଙ୍କ ପ୍ରତ୍ୟର୍ପଣ ବାଟ ସଫା ହୋଇଯାଇଥିବା କୁହାଯାଉଛି। ଏବେ ତାଙ୍କ ପାଖରେ ମାତ୍ର ଗୋଟିଏ ବିକଳ୍ପ ହେଲା ସେ ୟୁରୋପୀୟ ମାନବାଧିକାର କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ। ୨୦୧୯ ମାର୍ଚ୍ଚରୁ ନୀରବ ଲଣ୍ଡନ ଜେଲରେ ରହିଛନ୍ତି। ତାଙ୍କୁ ମୋକଦ୍ଦମା ଖର୍ଚ୍ଚ ବାବଦରେ ୧.୫ କୋଟି ଟଙ୍କା ପୈଠ କରିବାକୁ କୁହାଯାଇଛି।



## ମୁଁ ବଞ୍ଚିଛି: ଅଭିନେତ୍ରୀ ବୀଣା କପୁର

**ମୁମ୍ବାଇ,୧୫।୧୨**

ବର୍ଷୀୟାନ ଅଭିନେତ୍ରୀ ବୀଣା କପୁରଙ୍କୁ ତାଙ୍କ ପୁଅ ସମ୍ପତ୍ତି ପାଇଁ ହତ୍ୟା କରିଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତେବେ ଅଭିନେତ୍ରୀ ବଞ୍ଚିଛନ୍ତି ବୋଲି କହିବା ସହ ତାଙ୍କ ବିରୋଧରେ ଭୁଲ୍ ଖବର ପ୍ରସାର ବିରୋଧରେ ପୋଲିସରେ ଏତଲା ଦାଏର କରିଛନ୍ତି। ମୁମ୍ବାଇର ଏକ ଥାନାରେ ଏତଲା ଦେବା ଲାଗି ସେ ତାଙ୍କ ପୁଅଙ୍କ ସାଙ୍ଗରେ ଆସିଥିଲେ। ସେ ଗୋରେଗାଁଓରେ ଥିବାବେଳେ କୁହୁରେ ତାଙ୍କୁ ହତ୍ୟା କରାଗଲା କିପରି ବୀଣା ଖବରଦାତାମାନଙ୍କୁ ପ୍ରଶ୍ନ କରିଛନ୍ତି। ଏଭଳି ଗୁଜବକୁ ତାଙ୍କ ପୁଅ ଅଭିଷେକ ଚଢ଼ା ମଧ୍ୟ ନିନ୍ଦା କରିଛନ୍ତି। ଏଭଳି ଗୁଜବ ବନ୍ଦ କରିବା ଲାଗି ସେ ସୋସିଆଲ ମିଡିଆରେ ଅପିଲ୍ କରିଥିଲେ ବୋଲି କହିଛନ୍ତି।



ନ୍ୟୁୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚନ ପରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀଙ୍କ ସହ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଏବଂ ଜାତିସଂଘ ସାଧାରଣ ସଭାର ଅଧ୍ୟକ୍ଷ ସାବା କୋରୋସି।

## ପ୍ରତି ୫ ଜରାୟୁ କର୍କଟ ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ଭାରତୀୟ

**ନୂଆଦିଲ୍ଲୀ, ୧୫।୧୨**

ବିଶ୍ୱରେ ପ୍ରତି ୫ ଜଣ ଜରାୟୁ କର୍କଟ ରୋଗୀଙ୍କ ମଧ୍ୟରୁ ଜଣେ ଭାରତୀୟ। ମୋଟ ଜନସଂଖ୍ୟାର ୨୧% ମହିଳା ଏ ରୋଗରେ ଆକ୍ରାନ୍ତ ହେଉଥିବା ଲାନସେଟ୍ ୱାର୍ଲ୍ଡ ହେଲ୍‌ଥ ଜର୍ନାଲରେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୨୩% ମହିଳାଙ୍କ ମୃତ୍ୟୁ ହେଉଥିବା ଜଣାପଡ଼ିଛି। ୨୦୨୦ର ଇଣ୍ଟରନ୍ୟାଶ୍ନାଲ ଏଜେନ୍ସି ଫର୍ ରିସର୍ଚ୍ଚ ଅନ୍ କ୍ୟାନ୍‌ସର (ଆଇଏଆର୍‌ସି) ଏବଂ ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ସଂଗୃହୀତ ତଥ୍ୟକୁ ଆଧାର କରି ଲାନ୍‌ସେଟ୍ ଏହି ରିପୋର୍ଟ ପ୍ରକାଶ କରିଛି। ୨୦୨୦ରେ ବିଶ୍ୱବ୍ୟାପୀ ମୋଟ ୩.୪ ଲକ୍ଷ ମହିଳା ଜରାୟୁ କର୍କଟରେ ପ୍ରାଣ ହରାଇଥିବାବେଳେ ୬ ଲକ୍ଷ ନୂଆ ମାମଲା ଚିହ୍ନଟ ହୋଇଛି। ଜରାୟୁ କର୍କଟର ଚିକିତ୍ସା ପାଇଁ ବ୍ୟବହୃତ ଟିକା ଖୁବ୍‌ଶୀଘ୍ର ଭାରତରେ ଉପଲବ୍ଧ ହେବାକୁ ଯାଉଛି। ଏହାଦ୍ୱାରା ଏହି ରୋଗୀ ମୃତ୍ୟୁହାରକୁ କମାଯାଇ ପାରିବ। ହ୍ୟୁମାନ ପାପିଲୋମା ଭୂତାଣୁ ଦ୍ୱାରା ଏହି ରୋଗ ହୋଇଥାଏ।



## ବର୍ଷକରେ ୨୯ ଦେଶର ୧୧୫ ଗଣମାଧ୍ୟମ କର୍ମଚାରୀଙ୍କୁ ହତ୍ୟା

**ଜେନେଭା,୧୫।୧୨(ଆଇଏଏନ୍‌ଏସ୍)**

ଚଳିତ ବର୍ଷ ଜାନୁୟାରୀରୁ ଅଦ୍ୟାବଧି ୨୯ ଦେଶରେ ମୋଟ ୧୧୫ ଜଣ ଗଣମାଧ୍ୟମ କର୍ମଚାରୀଙ୍କୁ ହତ୍ୟା କରାଯାଇଛି। ୟୁକ୍ରେନ୍ ଏବଂ ମେକ୍ସିକୋ ଗଣମାଧ୍ୟମ ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ପାଇଁ ସବୁଠୁ ବିପଜ୍ଜନକ ବୋଲି ଜେନେଭାସ୍ଥିତ ମାନବାଧିକାର ସଂସ୍ଥା ରିପୋର୍ଟରେ କୁହାଯାଇଛି। ସାମ୍ବାଦିକଙ୍କୁ ହତ୍ୟା ଘଟଣାରେ ଦକ୍ଷିଣ ଆମେରିକା ସର୍ବାଗ୍ରେ ରହିଛି। ଏଠାରେ ୩୯ ଜଣ ଖବରଦାତାଙ୍କୁ ହତ୍ୟା କରାଯାଇଥିବାବେଳେ ୟୁରୋପରେ ୩୭, ଏସିଆରେ ୩୦, ଆଫ୍ରିକାରେ ୭ ଏବଂ ଉତ୍ତର ଆମେରିକାରେ ୨ ଜଣଙ୍କୁ ହତ୍ୟା କରାଯାଇଥିବା ପ୍ରେସ୍ ଏମ୍ବ୍ଲେମ୍ କ୍ୟାମ୍ପେନ୍(ପିଇସି) ରିପୋର୍ଟରେ କୁହାଯାଇଛି। ୧୯୯୨ରୁ ୧୯୯୯ ମଧ୍ୟରେ ପୂର୍ବତନ ଯୁଗୋସ୍ଲାଭିଆରେ ଯୁଦ୍ଧଠାରୁ ୟୁରୋପରେ ସାମ୍ବାଦିକମାନଙ୍କ ନିରାପତ୍ତା ହ୍ରାସ ଘଟିଛି। ଫେବୃୟାରୀ ୨୪ରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରେ ସେଠାରେ ୩୪ ଜଣଙ୍କ ଜୀବନ ଗଲାଣି। ସେଥିରୁ ୮ ଜଣ ଖବରଦାତା କର୍ତ୍ତବ୍ୟରେ ଥାଇ ନିହତ ହୋଇଛନ୍ତି। ସେହିପରି ମେକ୍ସିକୋରେ ବର୍ଷକ ମଧ୍ୟରେ ୧୭ ସାମ୍ବାଦିକଙ୍କୁ ହତ୍ୟା କରାଯାଇଛି। ସେମାନେ ଅପରାଧୀ ଗ୍ୟାଙ୍ଗ୍‌ଗୁଡ଼ିକର ଟାର୍ଗେଟର ଶିକାର ହୋଇଛନ୍ତି। ତୃତୀୟ ସ୍ଥାନରେ ଥିବା ହାଇତିରେ ୮ ଖବରଦାତା ନିହତ ହୋଇଥିବାବେଳେ ପାକିସ୍ତାନରେ ୬, ଫିଲିପାଇନ୍ସରେ ୫, କଲମ୍ବିଆରେ ୪ ଏବଂ ଭାରତରେ ୪ ଖବରଦାତାଙ୍କ ଜୀବନ ଯାଇଛି। ସେହିପରି ବାଂଲାଦେଶ, ହଣ୍ଡୁରାସ, ଇସ୍ରାଏଲ/ପାଲେଷ୍ଟାଇନ ଏବଂ ୟେମେନରେ ୩ ଜଣ ଲେଖାଏ ଗଣମାଧ୍ୟମ ପ୍ରତିନିଧି ନିହତ ହୋଇଛନ୍ତି। ବ୍ରାଜିଲ, ଚାଦ୍, ଇକ୍ୱେଡର, ମ୍ୟାନ୍‌ମାର, ସୋମାଲିଆ, ସିରିଆ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ୨ ଜଣ ଲେଖାଏ ଖବରଦାତାଙ୍କୁ ହତ୍ୟା କରାଯାଇଛି। କେନ୍ଦ୍ରୀୟ ଆଫ୍ରିକା ରିପବ୍ଲିକ୍, ଚିଲି, କଙ୍ଗୋ, ଗୁଏଟମାଲା, କାଜାଖସ୍ତାନ, କେନିଆ, ପାରାଗୁଏ, ରୁଷିଆ, ସୁଇଡେନ୍, ତୁର୍କୀ ଏବଂ ଭିଏତ୍‌ନାମରେ ଜଣେ ଲେଖାଏ ଖବରଦାତା ନିହତ ହୋଇଛନ୍ତି।



ଗତବର୍ଷ ଆଫଗାନିସ୍ତାନରେ ୧୨ ଖବରଦାତା ନିହତ ହୋଇଥିବାବେଳେ ଚଳିତ ବର୍ଷ କେହି ହତ୍ୟାର ଶିକାର ହୋଇନାହାନ୍ତି। ଅବଶ୍ୟ ସେଠାର ଅନେକ ଖବରଦାତା ଦେଶ ଛାଡ଼ି ପଳାଇଛନ୍ତି। ଗତବର୍ଷ ତୁଳନାରେ ଚଳିତ ବର୍ଷ ସାମ୍ବାଦିକ ହତ୍ୟା ଘଟଣା ୪୫ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୧ରେ ୭୯ ଜଣ ଗଣମାଧ୍ୟମ କର୍ମଚାରୀ ନିହତ ହୋଇଥିଲେ। ଗତ ୫ ବର୍ଷକୁ ହିସାବକୁ ନେଲେ ମେକ୍ସିକୋରେ ସର୍ବାଧିକ ୬୯ ଜଣ ଖବରଦାତା ନିହତ ହୋଇଥିବାବେଳେ ଆଫଗାନିସ୍ତାନରେ ୪୪, ଭାରତରେ ୩୭, ୟୁକ୍ରେନରେ ୩୬, ପାକିସ୍ତାନରେ ୩୪, ସିରିଆରେ ୨୪, ଫିଲିପାଇନ୍ସରେ ୨୧, ୟେମେନରେ ୧୭, ହଣ୍ଡୁରାସ୍‌ରେ ୧୩, ସୋମାଲିଆରେ ୧୩, ବ୍ରାଜିଲରେ ୧୨ ଏବଂ ହାଇତିରେ ୧୧ ଜଣ ନିହତ ହୋଇଛନ୍ତି। ୨୦୧୩ରୁ ୨୦୨୨ ମଧ୍ୟରେ ମୋଟ ୧,୧୩୫ ଜଣ ସାମ୍ବାଦିକ ହତ୍ୟାର ଶିକାର ହୋଇଛନ୍ତି, ଅର୍ଥାତ୍ ବାର୍ଷିକ ହାରାହାରି ୧୧୩ ଜଣଙ୍କୁ ହତ୍ୟା କରାଯାଇଥିବା ପିଇସି ରିପୋର୍ଟରେ କୁହାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚିନ୍ଟୁ



@ ଦୀପ୍ତିମୟୀ



@ ଶୁଭଲକ୍ଷ୍ମୀ



@ ଭବାନୀ



@ ଅର୍ପିତା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# 'ଈଶ୍ୱରଙ୍କ ଉପରେ ଧ୍ୟାନ କେନ୍ଦ୍ରୀଭୂତ ହେବା ଆବଶ୍ୟକ'

## ସର୍ବଭାରତୀୟ ମହିଳା ପାଠଚକ୍ର ସମ୍ମିଳନୀ ଉଦ୍‌ଘାଟିତ

କଟକ ଅଫିସ,୧୫।୧୨



ସର୍ବଭାରତୀୟ ମହିଳା ପାଠଚକ୍ର ସମ୍ମିଳନୀ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଦୁଇଦିନିଆ ସର୍ବଭାରତୀୟ ମହିଳା ପାଠଚକ୍ର ସମ୍ମିଳନୀ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ତାମିଲନାଡୁସ୍ଥିତ ଅରୋଭିଲ୍ ଫାଉଣ୍ଡେସନର ମୁଖ୍ୟ ପ୍ରଶାସକ ଡ. ଜୟନ୍ତୀ ରବି ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି କହିଥିଲେ, ପ୍ରତ୍ୟେକ ମଣିଷ ନିଜ ଜୀବନକୁ ଭଲ ପାଇବା ସହ ଈଶ୍ୱରଙ୍କ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବା ଆବଶ୍ୟକ । ଏଥିପାଇଁ ନାମ ଜପର ଅନେକ ଗୁରୁତ୍ୱ ରହିଛି । ଶ୍ରୀଅରବିନ୍ଦ ସେମିତି କୌଣସି ଧର୍ମ ସହ ଜଡ଼ିତ ନ ଥିଲେ। ସେ ଯୁବାବସ୍ଥା ବିଦେଶରେ କାଟିବା ପରେ ଭାରତ ଫେରିଥିଲେ । ସେ ୧୩ ବର୍ଷ ପିଲାଙ୍କୁ ଶିକ୍ଷାଦାନ କରିବା ପରେ ବଙ୍ଗଳା ଯାଇଥିଲେ। ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇ ଜେଲ ମଧ୍ୟ ଯାଇଥିଲେ। ସେ ବିବେକାନନ୍ଦଙ୍କୁ ସାକ୍ଷାତ କରି ଭିନ୍ନ ପ୍ରେରଣା ପାଇଥିଲେ। ତେବେ ଶ୍ରୀଅରବିନ୍ଦ ପୁଡୁଚେରି ଆସିବା ପରେ ତାଙ୍କଠାରେ ଅଦ୍‌ଭୂତ ପରିବର୍ତ୍ତନ ଆସିଥିଲା। ଏଠାରେ ସେ ବହୁ ଗ୍ରନ୍ଥ, ପୁସ୍ତକ ରଚନା କରିଥିଲେ। ଏଥିସହ ଅରୋବିଲ ସ୍ଥାପନରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପଣ୍ଡିଚେରି ଆଶ୍ରମର ଡ. ଆଲୋକ ପାଣ୍ଡେ ଯୋଗଦେଇ କହିଥିଲେ, ନାରୀମାନେ ଅଦ୍ଭୁତ ଶକ୍ତିର ଅଧିକାରିଣୀ। ସେମାନେ ଖୋଲା ଆଖିରେ ମଧ୍ୟ ତପ କରିପାରନ୍ତି। ଈଶ୍ୱର ନାରୀମାନଙ୍କୁ ଏଭଳି ଶକ୍ତି ପ୍ରଦାନ କରିଛନ୍ତି। ସବୁ ନାରୀଙ୍କ ନେତୃତ୍ୱ ଶ୍ରୀମା' ନେଇଛନ୍ତି ବୋଲି ସେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ କହିଥିଲେ, ମନ ପବିତ୍ର ଥିଲେ ଘୃଣା, ଈର୍ଷା, କ୍ରୋଧ ଓ ଲୋଭ ଆଦିରୁ ମୁକ୍ତି ମିଳିବ। ଆମେ ନିଜ ଲୋକ ଏବଂ ବନ୍ଧୁମାନଙ୍କ ପାଇଁ ବଞ୍ଚିବା ଆବଶ୍ୟକ । ଏଥିରୁ ପ୍ରକୃତ ଆନନ୍ଦ ମିଳିଥାଏ। ଶ୍ରୀଅରବିନ୍ଦଙ୍କ ଶିକ୍ଷା ଥିଲା ଧର୍ମରୁ ଉର୍ଦ୍ଧ୍ୱକୁ ଯାଇ ମାନବ ଜାତି ପାଇଁ ଚିନ୍ତା କରାଗଲେ ସବୁକିଛି ଠିକ୍ ଦେଖାଯିବ ଓ ସବୁ କାର୍ଯ୍ୟ ଠିକ୍ ଦିଗରେ ଯିବ। ଶ୍ରୀଅରବିନ୍ଦଙ୍କ ଦ୍ୱାରା କୁହାଯାଇଥିବା ପଥରେ ଯଦି ଆମେ ଚାଲିବା ତେବେ ଏକ ସୁନ୍ଦର ବିଶ୍ୱ ଗଠନ ହେବ ବୋଲି ମୋକିମ କହିଥିଲେ। ଏହି ଅବସରରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରିଥିଲେ। ଏଥିସହ ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିଥିଲେ। ଅର୍ଗାନାଇଜିଂ ଚେୟାରପର୍ସନ ପ୍ରଫେସର ଡା. ଶ୍ୟାମା କାନୁନ୍‌ଗୋ ସ୍ୱାଗତ ଭାଷଣ ଓ ସମ୍ପାଦିକା ବିଜୟିନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଦିବସ ବ୍ୟାପୀ ବିଭିନ୍ନ ପର୍ଯ୍ୟାୟର କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବକ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁସଂଖ୍ୟକ ଜନସାଧାରଣ ଯୋଗଦେଇଥିଲେ।

## ଫେସ୍‌ବୁକ୍‌ରେ ଏସିପିଙ୍କ ଫଟୋ ବ୍ୟବହାର କରି ଠକେଇ

### ପୁଣି ମାତିଲେ ସାଇବର ଠକ

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

କମିଶନରେଟ ପୋଲିସରେ କାର୍ଯ୍ୟରତ ଏସିପି ସଞ୍ଜୀବ ଶତପଥୀଙ୍କ ନାଁରେ ସାଇବର ଠକ ନକଲି ଫେସ୍‌ବୁକ ଆକାଉଣ୍ଟ ଖୋଲିବା ସହ ଫଟୋ ବ୍ୟବହାର କରି ଲୋକଙ୍କୁ ଠକୁଛନ୍ତି। ଏ ନେଇ ଗୁରୁବାର ଏସିପି ଶତପଥୀ ନିଜେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ତାଙ୍କ ଫଟୋକୁ ବ୍ୟବହାର କରି ସାଇବର ଠକ ନକଲି ଆକାଉଣ୍ଟ ଖୋଲିଛନ୍ତି। ଜଣେ ଆର୍ମି ଅଫିସରଙ୍କ ଟ୍ରାନ୍ସଫର ହୋଇଛି। ସେ ତାଙ୍କ ଘର ଓ ସମସ୍ତ ସାମଗ୍ରୀ ବିକ୍ରି କରିବାକୁ ଚାହୁଁଛନ୍ତି ବୋଲି ଶତପଥୀଙ୍କ ନାଁରେ ବିଭିନ୍ନ ଲୋକଙ୍କୁ ଯୋଗାଯୋଗ କରି ପ୍ରାୟ ୩ଜଣଙ୍କଠାରୁ ୬୦ ହଜାର ଟଙ୍କା ଠକିନେଇଥିବା ଜଣାପଡ଼ିଛି। ଏନେଇ ଠକେଇର ଶିକାର ହୋଇଥିବା ବ୍ୟକ୍ତିମାନେ ଜାଣିବା ପରେ ଏସିପି ଶତପଥୀଙ୍କୁ ଘଟଣା ବିଷୟରେ ଅବଗତ କରାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଭଳି ଠକଙ୍କଠାରୁ ଦୂରେଇ ରହିବାକୁ ଏସିପି ଶତପଥୀ ଅନୁରୋଧ କରିବା ସହ ପୋଲିସରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଛନ୍ତି।

# ଫୋରେନ୍‌ସିକ୍ ଲାବଠୁ ଡିଜିଟାଲ ଦସ୍ତାବିଜ୍ ମାଗିଲା ଇଡି

## ଅର୍ଚ୍ଚନାଙ୍କ ବେଆଇନ ଅର୍ଥ କାରବାର ମାମଲା

■ ବିଳମ୍ବ ହେବାରୁ ଦ୍ୱିତୀୟ ଥର ଚିଠି ଲେଖିଲା

■ ନାଗ-ଚାନ୍ଦଙ୍କୁ କରାଯାଉଛି ମୁହାଁମୁହିଁ ଜେରା



ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ)

ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ରିମାଣ୍ଡରେ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁହାଁମୁହିଁ ଜେରା କରୁଛି। ଏପଟେ ଅର୍ଚ୍ଚନାଙ୍କଠାରୁ ଜବତ ହୋଇଥିବା ଡିଜିଟାଲ ପ୍ରମାଣପତ୍ର ଦାଖଲ ପାଇଁ ଷ୍ଟେଟ୍ ଫରେନ୍‌ସିକ୍ ଲ୍ୟାବ୍‌କୁ ଇଡି ଦ୍ୱିତୀୟ ଥର ଚିଠି ଲେଖିଥିବା ସୂଚନା ମିଳିଛି। ଗିରଫ ବେଳେ ଅର୍ଚ୍ଚନାଙ୍କ ଘରୁ ୪ ମୋବାଇଲ ଫୋନ୍, ୨ ଟାବ୍‌ଲେଟ୍, ଗୋଟିଏ ପେନ୍‌ଡ୍ରାଇଭ୍ ପୋଲିସ ଜବତ କରିଥଲା। ପ୍ରମାଣ ପାଇବାକୁ ସେଗୁଡ଼ିକୁ ପୋଲିସ ଫୋରେନ୍‌ସିକ୍ ଲାବ୍‌କୁ ପଠାଇଥିଲା। ତେବେ ପୂର୍ବରୁ ଏଥିପାଇଁ ଇଡି ପକ୍ଷରୁ ଚିଠି ଲେଖାଯାଇଥିଲା। ପରେ ଇଡିକୁ ଏହି ଡିଜିଟାଲ ଦସ୍ତାବିଜକୁ ହସ୍ତାନ୍ତର କରିବାକୁ କୋର୍ଟ ଫରେନ୍‌ସିକ ଲାବକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲା। ପରେ ଦସ୍ତାବିଜ ପଠାଇବା ବିଳମ୍ବ ହେବାରୁ ଇଡି ଚିଠି ଲେଖିଛି। ତେବେ ଉକ୍ତ ଡିଜିଟାଲ ଦସ୍ତାବିଜରେ ଆର୍ଥିକ କାରବାର ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଥିବା ଇଡି ଆଶା ରଖିଛି। ହେଲେ ଉକ୍ତ ଡିଜିଟାଲ ଦସ୍ତାବିଜରେ ଥିବା ପ୍ରମାଣର ସ୍ଥିତିକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି।

ଦ୍ୱିତୀୟ ପର୍ଯ୍ୟାୟରେ ଇଡି ମଙ୍ଗଳବାରଠାରୁ ଅର୍ଚ୍ଚନାଙ୍କୁ ୬ ଦିନିଆ ଓ ଜଗବନ୍ଧୁଙ୍କୁ ବୁଧବାରଠାରୁ ୯ ଦିନିଆ ରିମାଣ୍ଡ ଆଣି ମାରାଥନ ଜେରା କରୁଛି। ପ୍ରଥମେ ଉଭୟଙ୍କୁ ଭିନ୍ନ ଭିନ୍ନ ସ୍ଥାନରେ ରଖି ଜେରା କରାଯାଉଛି। ପରେ ଉଭୟଙ୍କୁ ମୁହାଁମୁହିଁ ଜେରା କରି ତଥ୍ୟ ହାସଲ କରୁଛି। ସେହିପରି ଏହି ରିମାଣ୍ଡ ଅବଧି ସମୟରେ ହନିଟ୍ରାପ୍‌ର ମୋହରା ସାଜିଥିବା ଶ୍ରଦ୍ଧାଞ୍ଜଳି ଏବଂ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ମଧ୍ୟ ଡକାଇ ଇଡି ଚତୁର୍ମୁଖୀ ଜେରା କରିବାକୁ ପ୍ରସ୍ତୁତି କରୁଛି। ପ୍ରଥମ ପର୍ଯ୍ୟାୟର ୭ଦିନିଆ ରିମାଣ୍ଡ ଅବଧି ସମୟରେ ଅର୍ଚ୍ଚନା ମୁହଁ ଖୋଲି ନ ଥିଲେ। ତେବେ ଏହି ଦ୍ୱିତୀୟ ପର୍ଯ୍ୟାୟରେ ତାଙ୍କଠାରୁ କି ତଥ୍ୟ ଇଡି ଓକାଳି ପାରୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

ଅଭିନନ୍ଦନ

ଧରିତ୍ରୀର ୪୯ତମ ବାର୍ଷିକ ଉପଲକ୍ଷେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଧରିତ୍ରୀ ପରିବାରର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ଜଣାଉଛୁ ।



ଶ୍ରୀ ମିଟୁ ନାୟକ
ଅଧ୍ୟକ୍ଷ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର



ଶ୍ରୀମତୀ ପ୍ରାଚୀପ୍ରଭା ସ୍ୱାଇଁ
ଉପାଧ୍ୟକ୍ଷା
ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର



ଶ୍ରୀ ଅଭିନାଶ ମହାନ୍ତି
ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର

ଏବଂ ପରିଷଦର ସମସ୍ତ ସଭ୍ୟ ଓ ସଭ୍ୟା

Best Wishes to the whole Dharitri Family on 49th Birth Anniversary

SWAMI VIVEKANANDA GROUP OF INSTITUTIONS

Under Pramodini Educational & Charitable Trust

- SWAMI VIVEKANANDA INSTITUTE OF MANAGEMENT
  MBA (HR, FINANCE, MARKETING and etc.)
- SWAMI VIVEKANANDA COLLEGE OF SCIENCE & MANAGEMENT (BBA, BCA & PMIR)
- SWAMI VIVEKANANDA INSTITUTE OF HOTEL MANAGEMENT & TOURISM
  Bachelor of Hotel Management (BHM) & Bachelor of Travels and Tourism Management (BTTM)
- SWAMI VIVEKANANDA SCHOOL OF ENGINEERING & TECHNOLOGY
  Diploma Engineering
- SWAMI VIVEKANANDA INDUSTRIAL TRAINING CENTER
  ITI (Fitter & Electrician)
- SWAMI VIVEKANANDA COLLEGE OF NURSING
  B Sc. Nursing

Corporate office address:
Plot no.-172, Ananta Vihar, Phase-II, Pokhariput, Bhubaneswar-751020.
Contact No-9338757310, 9437064518

ଶୁଭେଚ୍ଛା



ପୂର୍ବତନ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀଯୁକ୍ତ ଭକ୍ତଚରଣ ଦାସଙ୍କୁ କୋକସରା ବ୍ଲକ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି କେଶବ ଚନ୍ଦ୍ର ନାଏକ ଫୁଲତୋଡ଼ା ଦେଇ ସ୍ୱାଗତ ଜଣାଉଛନ୍ତି ।

# କୋଣାର୍କ ଇକୋ ରିଟ୍ରିଟ୍ ମହୋତ୍ସବ ଆରମ୍ଭ

କୋଣାର୍କ,୧୫।୧୨(ଡି.ଏନ୍.ଏ.)

ପୁରୀ-କୋଣାର୍କ ବେଳାମାର୍ଗ ରାସ୍ତାର ସାହୁଖଣତାସ୍ଥିତ ରାମଚଣ୍ଡୀ ମୁହାଣ ନିକଟସ୍ଥ ସ୍ୱର୍ଣ୍ଣାଭ ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ପରିବେଶ ମଧ୍ୟରେ କୋଣାର୍କ ଇକୋ ରିଟ୍ରିଟ୍ ଗୁରୁବାର ଆରମ୍ଭ ହୋଇଯାଇଛି। ଉତ୍ସବର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଇକୋ ରିଟ୍ରିଟ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।



ଇକୋ ରିଟ୍ରିଟ ମହୋତ୍ସବକୁ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରୁଛନ୍ତି।



ତେବେ ପର୍ଯ୍ୟଟକଙ୍କୁ ଆକର୍ଷଣ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ୭୦ଟି ବିଳାସପୂର୍ଣ୍ଣ ତମ୍ବୁଘର ନିର୍ମାଣ କରାଯାଇଛି। ପ୍ରଥମ ଦିନରେ ୩୨ ତମ୍ବୁଘର ବୁକିଂ ହୋଇଛି। ବେଳାଭୂମିରେ ୭୦ ତମ୍ବୁଘର ଓ ୨ଟି ଓପନ ବାର୍ ଖୋଲାଯାଇଛି । ପର୍ଯ୍ୟଟକଙ୍କ ପାଇଁ ତମ୍ବୁ ଘରେ ରାତ୍ରିଯାପନ ଲାଗି ତାରକା ହୋଟେଲ ଭଳି ସମସ୍ତ ସୁବିଧା ଉପଲବ୍ଧ ରହିଛି। ଏହି ଗୃହରେ ପର୍ଯ୍ୟଟକମାନେ ଅବସ୍ଥାନ କରି ବେଳାଭୂମିର ପ୍ରାକୃତିକ ପରିବେଶକୁ ମନଭରି ଉପଭୋଗ କରିପାରିବେ। ସେହିଭଳି ସ୍ୱର୍ଣ୍ଣାଭ ବେଳାଭୂମିରେ ଜଳକ୍ରୀଡ଼ା, ବିଚ୍ ସାକ୍ସ, ବାନାନା ବୋଟ, ପାରାସେଲିଂ, ସାଇକେଲ ଚାଳନା, ପାରାମିଟର ସଙ୍ଗୀତ ଓ ଯୋଗଭିତ୍ତିକ କାର୍ଯ୍ୟକ୍ରମ ରହିଛି। ଏହି ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷ ଲେନିନ ମହାନ୍ତି, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ପୁରୀ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ମହାପାତ୍ର, ଜିଲା ମତ୍ସ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଅମିୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କୋଣାର୍କ ଇକୋ ରିଟ୍ରିଟ୍ ଆସନ୍ତା ୩ମାସ ଧରି ଚାଲିବ ବୋଲି ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପ୍ରକାଶ କରିଛନ୍ତି।

With best compliments from:
JEYPORE COLLEGE OF PHARMACY
(Under the patronage of Banagiri Development Trust)
Approved By
All India Council for Technical Education (AICTE) New Delhi
Pharmacy Council of India, (PCI), New Delhi, Govt of Odisha.
Affiliated to Biju Patnaik University of Technology (BPUT)
& Odisha State Board of Pharmacy (OSBP)
Contact Info:
8763562574, 9437389954, 9438593095, 9178141017



Courses Offered

| | |
|---|---|
| Diploma in Pharmacy | 60 Seats |
| Bachelor of Pharmacy | 100 Seats |
| Mater of Pharmacy | |
| Pharma Technology | 09 Seats |
| Pharmaceutical Quality Assurance | 15 Seats |
| Pharmacology | 09 Seats |
| Pharmacognosy | 09 Seats |

BANAVIHAR, RONDAPALLI, JEYPORE,
KORAPUT ODISHA-764002, PHONE : 06854-291221,
Email: jcpprincipal2001@gmail.com, Visit Us: www.pharmajeypore.org, www.jcp.ac.in

# ୧୮ରେ 'ନମନ୍ - ୨୦୨୨' କାର୍ଯ୍ୟକ୍ରମ

**କଟକ ଅଫିସ,୧୫।୧୨:** ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ହ୍ୱାଇଟ୍ କାନ୍‌ଭାସ୍ ପକ୍ଷରୁ ସ୍ମାଇଲ୍ ପ୍ଲିଜ୍ ଟ୍ରଷ୍ଟ ଓ ପୋପାର ମିଳିତ ଉଦ୍ୟମରେ କମିଶନରେଟ୍ ପୋଲିସକୁ ସମର୍ପିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭୁବନେଶ୍ୱରସ୍ଥିତ ଉତ୍କଳ ମଣ୍ଡପରେ ଏହି କାର୍ଯ୍ୟକ୍ରମ 'ନମନ୍ - ୨୦୨୨' ଆସନ୍ତା ୧୮ ତାରିଖ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ ବୋଲି ହ୍ୱାଇଟ୍ କାନ୍‌ଭାସ୍‌ର ନିର୍ଦ୍ଦେଶକ ଉଲ୍ଲାସ ଚନ୍ଦ୍ର ବେହୁରା ସୂଚନା ଦେଇଛନ୍ତି। ପୋଲିସ୍ ଉଦ୍ଦେଶ୍ୟରେ ସମର୍ପିତ ଏହି ନିଆରା କାର୍ଯ୍ୟକ୍ରମ ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜନ କରାଯାଉଅଛି ବୋଲି ସ୍ମାଇଲ୍ ପ୍ଲିଜ୍ ଟ୍ରଷ୍ଟର ଟ୍ରଷ୍ଟି ତଥା ଅଭିନେତା ସବ୍ୟସାଚୀ ମିଶ୍ର କହିଛନ୍ତି। ପୋଲିସର ନିଷ୍ଠା, ତ୍ୟାଗ ଓ କର୍ତ୍ତବ୍ୟ ପରାୟଣତାକୁ ସମ୍ମାନ ଜଣାଇ ଓଲିଉଡ୍‌ର ସୁନାମଧନ୍ୟ ଅଭିନେତ୍ରୀ, ଅଭିନେତା ଓ କଣ୍ଠଶିଳ୍ପୀମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏଥିସହ ଏକ ସ୍ୱତନ୍ତ୍ର ବୃତ୍ତଚିତ୍ର ଓ ସଂଗୀତ ପରିବେଷଣ କରାଯିବ ବୋଲି ପୋପାର ପ୍ରତିଷ୍ଠାତା ତଥା ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ ପ୍ରକାଶ କରିଛନ୍ତି। ନୃତ୍ୟଗୁରୁ ସଫିଗୁଲ ହକ୍ (ବାବୁ), ଅମିତ୍ ଓ ବିଦୁଙ୍କ ନିର୍ଦ୍ଦେଶନାରେ ସବ୍ୟସାଚୀ ମିଶ୍ର, ଏଲିନା, ଶୀତଲ, ଶିବାନୀ, ସ୍ୱରାଜ, ଜ୍ୟୋତି, ଶୁଭାଶିଷ, ଶୈଳେନ୍ଦ୍ର, ଦିବ୍ୟା ପ୍ରମୁଖ କଳାକାର ନୃତ୍ୟ ପରିବେଷଣ କରିବେ। ଏଥିସହ ଲୋକପ୍ରିୟ ହାସ୍ୟାଭିନେତା ପ୍ରଜ୍ଞା ଓ ଶଙ୍କରଙ୍କ କମେଡ଼ି ଉତ୍ସବର ଆକର୍ଷଣ ସାଜିବ। ସେହିପରି ପ୍ରେମ୍ ଆନନ୍ଦଙ୍କ ନିର୍ଦ୍ଦେଶିତ ନମନ୍ ସଙ୍ଗୀତରେ କଳାକାରମାନେ ନୃତ୍ୟ ପରିବେଷଣ କରିବେ। ଅଭିନେତା ଗୁଡୁ, ଅଭିନେତ୍ରୀ ରାକ୍ଷୀ ଓ ଲୋରିଆ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥାପନା କରିବେ।

# ଅନ୍ତର୍ଜାତୀୟ ଭାସ୍କର୍ଯ୍ୟ ସିମ୍ପୋଜିୟମ ଉଦ୍‌ଘାଟିତ

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

କଳାଭୂମିଠାରେ ଗୁରୁବାର ୧୫ ଦିନିଆ ଅନ୍ତର୍ଜାତୀୟ ଭାସ୍କର୍ଯ୍ୟ କଳା ଶିବିର ସିମ୍ପୋଜିୟମ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଲଳିତକଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଖଣି ନିଗମ, ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ଉନ୍ନୟନ ନିଗମର ମିଳିତ ସହଯୋଗରେ ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ଏହି ଶିବିର ଆୟୋଜିତ ହେଉଛି। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସିମ୍ପୋଜିୟମକୁ ଉଦ୍‌ଘାଟନ କରିଥିଲେ। ଷ୍ଟାମ୍ପ-୩.୦ କାର୍ଯ୍ୟକ୍ରମ ମଧ୍ୟରେ ଉକ୍ତ ଭାସ୍କର୍ଯ୍ୟ କଳା ଶିବିରକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଶିବିରରୁ ପ୍ରସ୍ତୁତ ଭାସ୍କର୍ଯ୍ୟ କଳାଗୁଡ଼ିକ ଭୁବନେଶ୍ୱରର ପ୍ରମୁଖ ସ୍ଥାନଗୁଡ଼ିକରେ ସଂସ୍ଥାପନ କରାଯାଇ ସହରର ଶୋଭା ବୃଦ୍ଧି କରାଯିବ। ସିମ୍ପୋଜିୟମରେ ଆମେରିକାରୁ କାରୋଲ ଟର୍ନର, ଇଟାଲୀରୁ ଏଲିନା ସାରାସିନୋ, କୋରିଆରୁ ସୋଡ଼ଙ୍ଗ ଚୋଏ, ଇଜିପ୍ଟରୁ ଖଲିଦ ଅବଦୁଲା, ଫ୍ରାନ୍ସରୁ ଆଲେକ୍ସ ଲବେଜୋଫ ଓ ଗଦାଧର ଓଝା, ଶିଳ୍ପୀଗୁରୁ ପ୍ରଭାକର ମହାରଣା, ଦିଲ୍ଲୀରୁ ଟୁଗୁଲି ସାହୁ, କାଳିକିଙ୍କର ଦେ ଓ ଟୁଟୁ ପଟ୍ଟନାୟକ, ମହାରାଷ୍ଟ୍ରରୁ ପଙ୍କଜ ଗେହଲଟ, ଚଣ୍ଡିଗଡ଼ରୁ ବିଶାଲ ଭଟନାଗର, ମୁମ୍ବାଇରୁ ରତନ ସାହା, ବେଙ୍ଗାଲୁରୁରୁ ଡ. ଜ୍ଞାନେଶ ମିଶ୍ର, କେରଳରୁ ରାଜଶେଖର ନାୟର ଓ ଜମ୍ମୁ କଶ୍ମୀରରୁ ଚନ୍ଦର ପ୍ରକାଶ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି। ଭାସ୍କର୍ଯ୍ୟ ଶିଳ୍ପୀମାନେ ଡିସେମ୍ବର


କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

## ପ୍ରସ୍ତର, ସ୍କ୍ରାପ୍ ଗଢ଼ିବେ ୧୬ ଶିଳ୍ପୀ

୨୯ ପର୍ଯ୍ୟନ୍ତ ୮ଫୁଟ୍‌ରୁ ୧୦ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରସ୍ତର ଓ ସ୍କ୍ରାପମାନ ଗଢ଼ିବେ। ଏକାଡେମୀର ସଚିବ ପଞ୍ଚାନନ ସାମଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉଦ୍‌ଘାଟନ ଉତ୍ସବ ଅବସରରେ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଶ୍ୟାମସୁନ୍ଦର ପଟ୍ଟନାୟକ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ଓଡ଼ିଶା ଲଳିତକଳା ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସିମ୍ପୋଜିୟମ ଅବସରରେ ଭାସ୍କର୍ଯ୍ୟ ଶିଳ୍ପୀମାନଙ୍କ ଜୀବନ ଶୈଳୀ ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କାର୍ଯ୍ୟକ୍ରମ ରହିଛି।

# ୧.୫ ଏକର ଜମିରୁ ହଟିଲା ଜବରଦଖଲ

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

## ୧୫ ହଜାର ଟଙ୍କା ଜରିମାନା ଆଦାୟ

ହକି ବିଶ୍ୱକପ ପାଇଁ ରାଜଧାନୀକୁ ଜବରଦଖଲମୁକ୍ତ ଅଭିଯାନ ଜୋରଦାର ଚାଲିଛି। ସହରର ବିଭିନ୍ନ ଅଞ୍ଚଳରୁ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଦୋକାନଗୁଡ଼ିକୁ ହଟାଇବା ସହିତ ମୋଟ ୧୫ ହଜାର ଟଙ୍କା ଜରିମାନା ଆଦାୟ କରିଛି। ବିଏମ୍‌ସିର ଉତ୍ତର ଜୋନ ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଏଥିରେ ମୋଟ ୩୫ଟି ବେଆଇନ ନିର୍ମାଣକୁ ଭଙ୍ଗାଯାଇଛି। ସେଥିମଧ୍ୟରେ ୧୬ଟି ଆଜବେଷ୍ଟସ ଦୋକାନ, ୭ଟି ହୋଟେଲ, ଗ୍ୟାରେଜ ଓ ଟିଫିନ ଷ୍ଟଲ, ୯ଟି କ୍ୟାବିନ୍ ଏବଂ ୯ଟି ଫାଷ୍ଟଫୁଡ୍ ଦୋକାନ ମାଟିରେ ମିଶାଯାଇଛି। ପାଖାପାଖି ୧.୫ ଏକର ସରକାରୀ ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଏଥିରେ ସ୍କ୍ୱାଡ ୫, ୬, ୭ ଓ ୮ ସାମିଲ ହୋଇଥିଲେ। ସେହିଭଳି ସ୍କ୍ୱାଡ ନଂ. ୯, ୧୦, ୧୧ ଏବଂ ୧୨ ଶହୀଦ ନଗରଠାରୁ ବାଣୀବିହାର ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରିଛି। ଏଥିରେ ୩୩ଟି ଦୋକାନ, ୨୧ଟି ଆଜବେଷ୍ଟସ ଘର, ୬ଟି ବାଉଁଶ ଦୋକାନ, ୧୯ଟି କ୍ୟାବିନ୍ ହଟାଯାଇଛି। ସେମାନଙ୍କ ଠାରୁ ୧୫ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ସ୍କ୍ୱାଡ୍ ନଂ ୧୩, ୧୪, ୧୫ ଏବଂ ୧୬ ସିଆର୍‌ପି ଛକଠାରୁ ଫାୟାର ଷ୍ଟେଶନ ଛକ ପର୍ଯ୍ୟନ୍ତ ଉଚ୍ଛେଦ କରିଥିଲା। ଏହି ସ୍କ୍ୱାଡ୍ ଖଣ୍ଡଗିରି ଛକରୁ ଏମ୍ସ ଛକ ପର୍ଯ୍ୟନ୍ତ ୫ଟି ଦୋକାନ, ୬ଟି ପରିବା ଦୋକାନ, ୫ଟି ଟିଫିନ ଷ୍ଟଲ, ୨ଟି ମାଂସ ଦୋକାନ, ୨ଟି ମୋବାଇଲ ଦୋକାନ, ୧୨ଟି ବିଜ୍ଞାପନ ବୋର୍ଡ ଓ ୩ଟି ପଇଡ ଦୋକାନକୁ ହଟାଇଛି। ଶେଷରେ ସ୍କ୍ୱାଡ ୧୭ ବାଣୀବିହାର ଛକରୁ ଶିଶୁଭବନ ଛକ ପର୍ଯ୍ୟନ୍ତ ଉଚ୍ଛେଦ କରିଥିଲା। ଏଥିରେ ୪ଟି ଫଳ ଦୋକାନ, ୨ଟି ଆଇସକ୍ରିମ ଟ୍ରଲି, ୩ଟି ଦହିବରା ଷ୍ଟଲକୁ ହଟାଯାଇଛି।

## ବିଏମ୍‌ସିର ଚେତା ପଶିଲା

# ମଶା ମାରିବା ପାଇଁ ବ୍ୟବହାର ହେବ ଡ୍ରୋନ୍

**ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ)**

ଭୁବନେଶ୍ୱରରେ ହେବ ହକି ବିଶ୍ୱକପ। ସେଥିପାଇଁ ସଜେଇ ହେଉଛି ରାଜଧାନୀ। ପରିମଳ ବ୍ୟବସ୍ଥା ସହ ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଏମ୍‌ସି ତତ୍ପରତା ଦେଖାଉଥିବାବେଳେ ଲୋକଙ୍କ ନିଦ ହଜାଇ ଦେଲାଣି ମଶାଙ୍କ ପ୍ରାଦୁର୍ଭାବ। କେବଳ ରାତିରେ ନୁହେଁ, ଦିନରେ ବି ମଶା ବସାଇ ଦେଉନାହାନ୍ତି। ଅପରାହ୍ନ ୪ଟା ବେଳୁ ଘର ଝରକା, କବାଟ ବନ୍ଦ କରି ରହିବାକୁ ପଡୁଛି। ପୂର୍ବରୁ ଅଳିଆକୁ ନେଇ ସମାଲୋଚିତ ହେଉଥିବା ବିଏମ୍‌ସି ମଶା ଦମନରେ ମଧ୍ୟ ଫେଲ୍ ମାରିଛି। ମଶା ଉପଦ୍ରବକୁ ନେଇ ଲୋକେ ଅତିଷ୍ଠ ହେବା ପରେ ବିଏମ୍‌ସିର ଚେତା ପଶିଛି। ଏଣିକି ମଶା ବଂଶ ଲୋପ ପାଇଁ ବିଏମ୍‌ସି ଡ୍ରୋନ ବ୍ୟବହାର କରିବ। ପରୀକ୍ଷାମୂଳକ ଭାବେ ୩ଟି ୱାର୍ଡରେ ଏହା ଆରମ୍ଭ ହେବ ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଏଥିସହ ସାନ୍ଦ୍ରତା ବୃଦ୍ଧି ପାଇଥିବା ଅଞ୍ଚଳରେ ସ୍ୱତନ୍ତ୍ର ବୈଷୟିକ ଟିମ୍ ଗଠନ କରାଯାଇ ମଶାଙ୍କ ଉପରେ ଅଧିକ ସର୍ଭେ କରାଯିବ। ମଶାବଂଶ ବୃଦ୍ଧିର କାରଣ ଏବଂ ନିରାକରଣ ଜାଣିବା ପାଇଁ ବୈଜ୍ଞାନିକଙ୍କ ସାହାଯ୍ୟ ନିଆଯିବ। ଶୁକ୍ରବାରଠାରୁ ଫଗିଙ୍ଗ ଟିମ୍ ଏବଂ ଟିଫା ମେଶିନ ବୃଦ୍ଧି ପାଇବ। ସେହିପରି ଟିଫା ମେଶିନ୍ ଯାଇପାରୁ ନ ଥିବା ଅଞ୍ଚଳରେ ଜଳ ଉତ୍ସଗୁଡ଼ିକରେ ଦୁଇଦିନ ମଧ୍ୟରେ କେମିକାଲ ସ୍ପ୍ରେ ପାଇଁ ଡ୍ରୋନ୍‌ର ବ୍ୟବହାର କରାଯିବ। ଏଥିସହ ଆକାଶ ମାର୍ଗରୁ ରାସାୟନିକ ଔଷଧ ସିଞ୍ଚନ କରାଯିବ ବୋଲି କମିଶନର ସୂଚନା ଦେଇଛନ୍ତି।


ଛାତ୍ର ସଂସଦ ନିର୍ବାଚନ ଦାବିରେ ଅଲ୍ ଓଡ଼ିଶା ଷ୍ଟୁଡେଣ୍ଟ୍ସ ୟୁନିଅନ (ଏଓଏସ୍‌ୟୁ) ପକ୍ଷରୁ ଗୁରୁବାର ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ- ବିକାଶ)

# ସୁସ୍ଥ ପରିବେଶ ପାଇଁ ଜୀବନଶୈଳୀ ପରିବର୍ତ୍ତନ ଉପରେ ଗୁରୁତ୍ୱ



କର୍ମଶାଳାରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଉଦ୍‌ବୋଧନ ଦେଉଛନ୍ତି।

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

## 'ଜଳବାୟୁ ପରିବର୍ତ୍ତନ ଓ ମାନବ ଅଧିକାର' ସଂକ୍ରାନ୍ତ କର୍ମଶାଳା

ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନ ପକ୍ଷରୁ 'ଜଳବାୟୁ ପରିବର୍ତ୍ତନ ଓ ମାନବ ଅଧିକାର' ଶୀର୍ଷକ ଏକ ଜାତୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇଥିଲେ। ମିଳିତ ଜାତିସଂଘର ବାରମ୍ବାର ତାଗିଦ ସତ୍ତ୍ୱେ ବିକଶିତ ରାଷ୍ଟ୍ରଗୁଡ଼ିକ ଅଙ୍ଗାରକାମ୍ଳ ନିର୍ଗମନକୁ କମାଉ ନାହାନ୍ତି, ଯାହା ଫଳରେ ଦୁର୍ଭିକ୍ଷ, ମହାମାରୀ, ଝଡ଼ବାତ୍ୟା ଆଦି ସମସ୍ୟା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବା ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଥିଲା। ସଭାରେ ସଭାପତିତ୍ୱ କରି ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ଅଭିନ୍ନ ହୋତା ଏକ ସୁସ୍ଥ ପରିବେଶ ପାଇଁ ଜୀବନଶୈଳୀ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ। ହଳଦିଆ ଏନର୍ଜି ଉପାଧ୍ୟକ୍ଷ ସୋମନାଥ ଦତ୍ତ, ସ୍ୱଚ୍ଛଶକ୍ତି ଓ ସବୁଜ ଶକ୍ତି ସମ୍ପର୍କରେ କହିଥିଲେ। ଏସ୍‌ଏନ୍‌ଏମ୍ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଡ. ପ୍ରବୋଧ ମହାନ୍ତି ପ୍ରଦୂଷଣ ରୋକିବା ପାଇଁ ଟେକ୍ନୋଲୋଜିର ଉପଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ହାଇଦ୍ରାବାଦର ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡ. ସଞ୍ଜୀବ ବେହେରାଙ୍କୁ 'ଆଜାଦି କା ଅମୃତ ମହୋତ୍ସବ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡ. ମନୀଷା ଦାସ, ଡ. ମଙ୍ଗଳା ପ୍ରସାଦ ମହାନ୍ତି, ଡ. ପ୍ରଫୁଲ୍ଲ ଧଳଙ୍କୁ ସମ୍ମାନସୂଚକ ଡକ୍ଟରେଟ, ଡ. ଅନୁ ଭାଲ୍ଲା, ସସ୍ମିତା ମଲ୍ଲିକ, ଲୀନୁ ମିଶ୍ରଙ୍କୁ 'ମଦର ଟେରେସା ମାନବବାଦୀ' ସମ୍ମାନ ପ୍ରଦାନ କରାଯାଇଥିଲା। ସଭାରେ ଡ. ବିପିନ ମିଶ୍ର, ମାନସ ଦାସ, ରଶ୍ମିକାନ୍ତ ସ୍ୱାଇଁ, ସରୋଜ ସିଂହ, ଡ. ଆଲୋକ ଜେନା, ରାମଚନ୍ଦ୍ର ରାଉତରାୟ, ତାପସ ଦାସ, ଦିଲ୍ଲୀପ ବିଶ୍ୱାଳ, ମମତା ଦାସ, ପଙ୍କଜ ଭାଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ପେଶାଲ ଡ୍ରାଇଭ୍

# ୧୧ ଦିନରେ ୧୧୪ ଉଦ୍ଧାର

**କଟକ ଅଫିସ,୧୫।୧୨**

କମିଶନରେଟ ପୋଲିସ ପକ୍ଷରୁ ନିଖୋଜ ଶିଶୁ ଓ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ନିମନ୍ତେ ସ୍ପେଶାଲ ଡ୍ରାଇଭ୍ କରାଯାଇଛି। ଗତ ୧ରୁ ୧୧ ତାରିଖ ମଧ୍ୟରେ ମୋଟ ୧୧୪ ଜଣଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବୟସର ୩ ବାଳକ ଓ ୪ ଜଣ ବାଳିକା ଏବଂ ୧୮ ବର୍ଷରୁ ଅଧିକ ବୟସର ୧୭ ପୁରୁଷ ଓ ୯୦ ଜଣ ମହିଳା ଅଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ କ୍ରାଇମ୍ ବ୍ରାଞ୍ଚର ନିର୍ଦ୍ଦେଶକ୍ରମେ କଟକ ସହରାଞ୍ଚଳରେ ଏହି ସ୍ପେଶାଲ ଡ୍ରାଇଭ୍ କରାଯାଇଥିଲା। ପୋଲିସ ଅଧିକାରୀ ଓ କର୍ମଚାରୀମାନେ ବିଭିନ୍ନ ଅଞ୍ଚଳକୁ ଯାଇ ନିଖୋଜ ବ୍ୟକ୍ତି ବା ପିଲାଙ୍କୁ ଠାବ କରିବାର ପ୍ରୟାସ କରିଥିଲେ।

# ନାବାଳକଙ୍କୁ ନେଇ ଫେରାର ଥିବା ଅଭିଯୋଗ

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

## ଘରେ ଶ୍ୱଶୁରଙ୍କୁ ତାଲା ପକାଇ ବୋହୂ ନିଖୋଜ ଘଟଣା

ରାଜଧାନୀରେ ଶ୍ୱଶୁରଙ୍କୁ ବାହାର ପଟୁ ତାଲା ପକାଇ ଘରୁ ୧୦ ଲକ୍ଷ ଟଙ୍କାର ସୁନାଗହଣା ସହ ଦେଢ଼ ଲକ୍ଷ ଟଙ୍କା ନେଇ ବୋହୂ ଚମ୍ପଟ ମାରିବା ଘଟଣା ଭିନ୍ନ ମୋଡ଼ ନେଇଛି। ସ୍ତ୍ରୀ ନିଖୋଜ ହୋଇଥିବା ନେଇ ସ୍ୱାମୀ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ ନୟାଗଡ଼ ଜିଲା ଦଶପଲ୍ଲା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଘରୁ ପଳାଇଥିବା ମହିଳା ଜଣଙ୍କ ନିଖୋଜ ନୁହେଁ ବରଂ ଜଣେ ନାବାଳକଙ୍କୁ ଧରି ପଳାଇଥିବା କୁହାଯାଉଛି। ଏନେଇ ନାବାଳକଙ୍କ ପରିବାର ଗଣମାଧ୍ୟମ ଆଗରେ କହିଛନ୍ତି, ମୋ ପୁଅକୁ ସମ୍ପୃକ୍ତ ମହିଳା ଅପହରଣ କରିଛନ୍ତି। ଏପରିକି ତାଙ୍କର ଭବିଷ୍ୟତ ନଷ୍ଟ କରିଛି। ମୋ ପାଠ ପଢୁଆ ପିଲାକୁ ସୁରକ୍ଷିତ ଉଦ୍ଧାର କରି ଫେରାଇ ଆଣିବାକୁ ରାଜ୍ୟ ସରକାରଙ୍କୁ ନାବାଳକଙ୍କ ମା' ଅନୁରୋଧ କରିଛନ୍ତି। ଅପରପକ୍ଷରେ ମହିଳାଙ୍କ ପରିବାର ନାବାଳକଙ୍କ ପରିବାରଙ୍କୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ଫଳରେ ଦୁଇ ପରିବାର ମଧ୍ୟରେ ଯୁକ୍ତିତର୍କ ଲାଗିଥିବା ଜଣାପଡ଼ିଛି।

ସୂଚନାନୁସାରେ, ଏୟାରପୋର୍ଟ ଥାନା ଅଞ୍ଚଳରେ ନଭେମ୍ବରରେ ଜଣେ ବ୍ୟକ୍ତି ଅଭିଯୋଗ କରିଥିଲେ, ସେ ଘରେ ଅନୁପସ୍ଥିତ ଥିବାବେଳେ ତାଙ୍କ ବାପାଙ୍କୁ ସ୍ତ୍ରୀ ବାହାର ପଟୁ ତାଲା ପକାଇ ଘରୁ ଦେଢ଼ଲକ୍ଷ ଟଙ୍କା, ସୁନାଗହଣା ଆଦି ନେଇ ନିଖୋଜ ହୋଇଯାଇଛନ୍ତି। ଏପରି କି, ନୟାଗଡ଼ର ଜଣେ ପୁରୁଷ ବନ୍ଧୁଙ୍କ ସହ ଫେରାର ହୋଇଯାଇଥିବା ଅଭିଯୋଗ ଆଣିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିବା ସହ ପାରିବାରିକ ଘଟଣା ହୋଇଥିବାରୁ ଏ ବିଷୟରେ କୌଣସି ସୂଚନା ଦେବାକୁ ମନା କରିଦେଇଛି।

**OFFICE OF THE NOTIFIED AREA COUNCIL, REDHAKHOL**
ODISHA, DIST.: SAMBALPUR
E-mail: eonacrdl@gmail.com, Ph. No.: 06644-253466
No. 3103/NAC Dated: 13.12.2022

**QUOTATION CALL NOTICE**

No. C-1946: Sealed quotations in plain paper are invited by the undersigned from the intending Manufactures/ Suppliers/Firms having required certificates i.e. GST and PAN for supplying of 40 Nos Branded ladies Bicycles of HERO/AVON/ATLAS/BSA/HERCULAS make with standard specifications along with Carrier, Chain Cover and Basket including stickers 8 × 8 inches durable and water proofing quality to Redhakhol NAC. The quotations should reach in the Office of the undersigned on or before Dt.20.12.2022 upto 2.00 P.M. and no quotation will be entertained beyond the stipulated period. The quotation will be opened on same day i.e. Dt.20.12.2022 at 4.00 P.M. in the presence of the quotationers or their authorized representatives.
The undersigned reserve the rights to reject any or all quotation without assigning any reason thereof.
Sd./- Executive Officer, NAC, Redhakhol
OIPR-13175/11/0005/2223

**OFFICE OF DEOGARH MUNICIPAL COUNCIL, DEOGARH**
Email:eo-deogarhmncp@gov.in
www.deogarhmunicipality.in
Office No. 06641-295020
Letter No. 2818/DMC Date:13.12.2022

**SHORT QUOTATION CALL NOTICE**

**No.C-1931:** Sealed tenders are invited from the interested firm/ agency having valid GSTN for supply of 60 nos branded Ladies Bicycles with standard specifications along with Carries, Chain cover and Basket including stickering 8X8 inches durable and water proofing quality preferable Lady Bird /BSA/Hercules/Hero/ Avon brand to Municipality Deogarh. The sealed quotation should reach to the undersigned on or before 23.12.2022 up to 12 Noon through registered post, speed post and the
same will be opened at 4 P.M. on the same day. The rate should be quoted inclusive all taxes, transportation. For to Deogarh Municipality complete in all respect. The information also available at Deogarh Municipality website i.e. www.deogarhmunicipality.in. The authority reserves the right to reject any or all the quotations without assigning any reason thereof.
Encl: the logo specification attached.
Sd./- Executive Officer
Deogarh Municipality
OIPR-13088/11/0022/2223

**ପୌର ପରିଷଦ କାର୍ଯ୍ୟାଳୟ, ଖୋର୍ଦ୍ଧା**
**OFFICE OF THE MUNICIPAL COUNCIL, KHORDHA**
e-Mail:khurda_municipality@yahoo.co.in
Phone No.-06755-220674
H & UD Department Govt. of Odisha, Khordha-752055
No.3672 Date:09.12.22

**TENDER CALL NOTICE**

**No.C-1926:** Sealed tenders are invited from the interested Farm / Agency / Suppliers having GST / PAN and for supplying of 45 Nos. of Ladies Bye-cycles of (Brand-Lady Bird / BSA / Hercules / Hero / Avon make) as per specification along with fixing of Carrier, Chain Cover and Basket including snickering 8x8 inches durable and waterproofing quality to Khordha Municipality. The Bidder should quoted rates including all applicable taxes and transporting charges. The techno commercial bid Cover No. A and Price bid Cover No. B shall be superscribed in cover No. C. The sealed tenders should be reach to the undersigned on or before 22.12.2022 up to 12.00 Noon through Registered Post or Speed Post and the same (Cover No. A) will be opened at 3.00 PM and the Cover No. B will be opened at 4.00 P.M. on the same day in the presence of the bidders or their authorized representatives in the office of Khordha Municipality. The details of the Tender is also available at the Khordha Municipality website i.e.www.khordhamunicipality.in and www.khordha.nic.in. The authority reserves the right to reject any or all quotations without assigning any reason thereof.
Sd./- Executive Officer, Khordha Municipality
OIPR-13082/11/0014/2223

**OFFICE OF THE MUNICIPAL COUNCIL, PARADEEP**
**EXPRESSI OF INTEREST (EOI)**
Notice No. 7284 Dt.13.12.2022
No. C-1943: Executive Officer, Paradeep Municipality, Paradeep invites sealed Expression of Interest (EoI) from interested/ intending eligible Firms/Agencies/Painters for "Supplying erection of hoarding (Banner/Febric/Cotton), 3D Wall Painting within Paradeep Municipality Jurisdiction". DTCN alongwith terms & conditions can be obtained in the Office of the Municipal Council, Paradeep during office hours on payment of Rs.1,000.00 (Rupees One thousand) only (not refundable) and also available on office website **www.paradeepmunicipality.org** from **Dt.15.12.2022 to Dt.26.12.2022**. Paper cost shall be paid as per the same method noted in DTCN downloaded online. The firms/agencies/painters must be accompanied with photocopy of valid (i) PAN, (ii) GSTIN Clearance, (iii) Complete Organisation details, Authenticated Proof of the firm. The sealed EoI and other documents will be received **Offline on or before Dt.27.12.2022 upto 1.00 P.M. and will be opened on the same day at 4.30 P.M. in** presence of the bidder or their authorized representatives. The authority reserves the right to accept or cancel any or all quotations without assigning any reason thereof.
Sd./- Executive Office, Paradeep Municipality
OIPR-13120/11/0022/2223

**OFFICE OF THE EXECUTIVE ENGINEER (AGRIL.)**
No. L-104 **KEONJHAR DIVISION, KEONJHAR**
(At/P.O.: Madhapur, Dist.: Keonjhar, PIN - 758001, Odisha), Email Id: eeagril.kjr@gmail.com
**INVITATIONS FOR BIDS THROUGH e-Procurement**
No. 1145/Agril (KJR) Dated: 14.12.2022
Bid Identification No/E-Procurement Notice No. E.E. (A) - KEONJHAR DIVISION - 02/2022-23
1. The Executive Engineer (Agril.), Keonjhar Division, Keonjhar, Odisha on behalf of Governor of Odisha invites Percentage Rate Bids in Single Cover System for the works as detailed in table below.

| Sl. No. | Name of the Work | Approximate Estimated Cost put to Tender (Excluding GST) (Rs.) | Cost of Bid Documents (in Rs.) | Class of Contractor | Period of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Extension of FIAC Building, Banspal, Dist.: Keonjhar | 18,23,695.00 | 6000 | D & C | 120 Days |
| 2 | Extension of FIAC Building, Telkoi, Dist.: Keonjhar | 18,23,715.00 | 6000 | D & C | 120 Days |
| 3 | Extension of FIAC Building, Ghatagaon, Dist.: Keonjhar | 18,24,392.00 | 6000 | D & C | 120 Days |
| 4 | Extension of FIAC Building, Anandpur, Dist.: Keonjhar | 18,23,683.00 | 6000 | D & C | 120 Days |
| 5 | Extension of FIAC Building, Ghasipura, Dist.: Keonjhar | 18,23,683.00 | 6000 | D & C | 120 days |
| 6 | Extension of FIAC Building, Champua, Dist.: Keonjhar | 18,23,540.00 | 6000 | D & C | 120 days |

The bidders have to participate in ONLINE bidding only. The website for "ONLINE BIDDING" is **http://tendersorissa.gov.in**.
Bid document will be available in above website from Dt.20.12.2022 at 11.00 A.M. upto 5.00 P.M. of Dt.31.12.2022 for "ONLINE BIDDING".
Date of original bid documents submission Dt.22.12.2022 at 11.00 A.M. to Dt.02.01.2023 upto 5.00 P.M. Bids shall be opened at 11.00 A.M. & onwards on Dt.04.01.2023.
The bidder must possess matching class compatible Digital Signature Certificate (DSC).
Further details and other terms and conditions can be seen from DTCN in the e-procurement website **www.tendersorissa.gov.in**.
**N.B.:** Subsequent corrigendum/addendum if required shall be available in the website as indicated above.
Sd./- Executive Engineer (Agril.), Keonjhar Division, Keonjhar
OIPR-01460/11/0004/2223

**ପୌର ପରିଷଦ କାର୍ଯ୍ୟାଳୟ, ଫୁଲବାଣୀ**
**OFFICE OF THE MUNICIPAL COUNCIL, PHULBANI**
କନ୍ଧମାଳ/Kandhamal, Phulbani, Tel. No.: 06842-253619, Fax: 06842-253619
E-mail: municipality.plb@rediffmail.com
Letter No. 4490 Date: 12.12.2022

**QUOTATION CALL NOTICE**

No. C-1935: Sealed quotations are invited from the intending supplier/dealers for supplying of Branded Ladies Bicycle of BSA/AVON/HERO make with standard specifications along with Carrier, Chain Cover and Basket. They should quote the rate excluding GST. The quotation will be received through Speed Post/Regd. Post/by Person from **Date: 13.12.2022 to Date:20.12.2022 by 12.00 P.M.** and same will be opened on **20.12.2022 at 3.30 P.M.** in presence of bidder or their authorized representative. The details of items, terms and condition of the quotation will be availble **(13.12.2022 to 19.12.2022)** in the Office of the undersigned during office hour from 11.00 A.M. to 4.00 P.M. on all working days w.e.f. from date of publication of this quotation. They should submit the photo copy of the **GST Registration Certificate, PAN Card, Dealer Certificate along with the quotation**. The quotation paper can be purchased from Cashier of Phulbani Municipality and the cost of quotation paper is **Rs.2000.00 (Rupees two thousand) in shape of cash which is non-refundable**. The applicant should attach original Municipal Money Receipt of paper cost along with the quotation. The quotation received after due date and time shall not be entertained.
The undersigned reserves the right to accept or reject any or all the quotation without assigning reason thereof.
Sd./- Executive Officer, Phulbani Municipality
OIPR-13195/11/0020/2223

## ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର କର୍ମକର୍ତ୍ତା ଚୟନ

ବାଙ୍କୀ,(ସ୍ୱ.ପ୍ର.) ବାଙ୍କୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରମେଶ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ । ବୈଠକରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇ ସର୍ବସମ୍ମତି କ୍ରମେ ସଭାପତି ଭାବେ ଅଶୋକ କୁମାର ମିଶ୍ର, ସମ୍ପାଦକ କୃଷ୍ଣ ଚନ୍ଦ୍ର ମିଶ୍ର ଓ କୋଷାଧ୍ୟକ୍ଷଭାବେ ଦିନବନ୍ଧୁ ସ୍ୱାଇଁଙ୍କୁ ଚୟନ କରାଯାଇଛି ସ୍ ବୈଠକରେ ରମେଶ ଚନ୍ଦ୍ର ଜେନା, ଅକ୍ଷୟ କୁମାର ସାମଲ, ଦିନବନ୍ଧୁ ସ୍ୱାଇଁ, ବାଳକୃଷ୍ଣ ମିଶ୍ର, ଅଶୋକ କୁମାର ମିଶ୍ର, ଅୟସ୍କାନ୍ତ ଦାସ, ସବିତା ଦେହୁରୀ, ପ୍ରଦୀପ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଆଠଗଡ଼ ମହୋତ୍ସବ ଉଦ୍‌ଘାଟିତ



ମହୋତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

**ଆଠଗଡ଼,୧୫।୧୨(ସ୍ୱ:ପ୍ର.)**

ଦୀର୍ଘଦିନର ବ୍ୟବଧାନ ପରେ ହେଉଛି ଆଠଗଡ଼ ମହୋତ୍ସବ। ପାଞ୍ଚ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବକୁ ଗୁରୁବାର ସନ୍ଧ୍ୟାରେ ପୂର୍ବତନ ଏମ୍‌ପି ତଥା ଭାରତ ହକି ଫେଡେରେଶନର ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଞ୍ଚ ଉପରେ ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସାଇଁ, ମହୋତ୍ସବ କମିଟି ସମ୍ପାଦିକା ତଥା ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ସସ୍ମିତା ରାଉତ, ତିଗିରିଆ ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧକ୍ଷ ମାନସ ସାହୁ, ଆଠଗଡ଼ ବ୍ଲକ ଉପାଧକ୍ଷ ସୁବାସ ମଲ୍ଲିକ ଏବଂ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧକ୍ଷ ବି.ଶୁଭ୍ରଶଙ୍କର ଜ୍ୟୋତି ଉପସ୍ଥିତ ଥିଲେ। ପ୍ରଥମେ ଏହି ମହୋତ୍ସବ ପାଇଁ ଏକ ମଶାଲ ଶୋଭାଯାତ୍ରା କରାଯାଇ ଥିଲା। ଏହି ମଶାଲ ସହର ପରିକ୍ରମା କରିବା ପରେ ମହୋତ୍ସବ ପଡ଼ିଆରେ ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୀତିକାର ରାଧାନାଥ ଦାସଙ୍କ ଲିଖିତ ସଙ୍ଗୀତକୁ ଆଠଗଡ଼ କଳାକାରମାନେ ଗାନ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଶୁକ୍ଲା ଏହାର ନିର୍ଦ୍ଦେଶନା ଦେଇଥିଲେ।

ଆଠଗଡ଼ ମହୋତ୍ସବର ଆବାହକ ତଥା ତହସିଲଦାର ପ୍ରିୟବ୍ରତ ଦାସ ଉପସ୍ଥିତ ରହି ଅତିଥିମାନଙ୍କୁ ଆଠଗଡ଼ ମହୋତ୍ସବ ଲୋଗୋ ପ୍ରଦାନ କରିଥିଲେ। ପରେ ପାଲା ଗାୟିକା ମୀନତି ସ୍ୱାଇଁ ଓ ସାଥୀଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ସଙ୍ଗୀତ ନିର୍ଦ୍ଦେଶକ ନିମାକାନ୍ତ ରାଉତରାୟ ଏବଂ ସାଥୀମାନଙ୍କ ଦ୍ୱାରା ଓଡ଼ିଶୀ ଛାନ୍ଦ ଚମ୍ପୂ ପରିବେଷଣ କରାଯାଇଥିଲା। ସ୍ଥାନୀୟ କଳାକାର ସୌଜନ୍ୟା ରଥ, ସଞ୍ଜୟ ମହାନ୍ତି, ଗୁରୁଦତ୍ତ ନାୟକ, ମୋହିନୀ ସେଠୀ ଓ ସାଥୀ କଳାକାରମାନଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ପରିବେଷଣ

କରାଯାଇଥିଲା। ଏହି ଅବସରରେ ପୂର୍ବତନ କ୍ରୀଡ଼ାବିତ, କ୍ରୀଡା ପ୍ରଶାସକ, ସଙ୍ଗଠକ ଏବଂ ମହୋତ୍ସବ ପାଳନ ପାଇଁ ଅନୁଷ୍ଠିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କ୍ରୀଡାବିତ୍‌ଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନବକିଶୋର ରାଉତ, ପାର୍ଥସାରଥୀ ପଟ୍ଟନାୟକ, ଯଶୋବନ୍ତ ବାରିକ, ନୀଳକଣ୍ଠ ଦୋରା ସହଯୋଗ କରିଥିଲେ।

## ଜୋନସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ

**ମାଣିଆବନ୍ଧ,୧୫।୧୨(ଡି.ଏନ୍.ଏ.)**

ମାଣିଆବନ୍ଧ ଜୋନସ୍ତରୀୟ ବାର୍ଷିକ କ୍ରୀଡା ଉତ୍ସବ ମାଣିଆବନ୍ଧ ବ୍ୟୋମଜାନ ପଡ଼ିଆଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମାଣିଆବନ୍ଧ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ମଧୁସ୍ମିତା ରାଉତ ରାୟ ଯୋଗ ଦେଇ ଆନୁଷ୍ଠାନିକ ଭାବେ ବାର୍ଷିକ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୨ ଉଚ୍ଚ ବିଦ୍ୟାଳୟର ୨୩୬ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଜୋନ ସମ୍ପାଦିକା ତଥା ମାଣିଆବନ୍ଧ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ବାସନ୍ତୀ ଦେଇ, ମହୁଲିଆ ବିଦ୍ୟାପୀଠର କ୍ରୀଡା ଶିକ୍ଷକ ପରିମଳ ନନ୍ଦ, ବଡବାର ସିଂହ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଗୋକୁଳ ଚନ୍ଦ୍ର ସାହୁ ଖେଳ ପରିଚାଳନା କରିଥିଲେ। ପ୍ରତିଯୋଗୀମାନଙ୍କୁ ବରିଷ୍ଠ ଓ କନିଷ୍ଠ ବାଳିକା ଓ ବାଳକ ୪ଟି ବିଭାଗରେ ବିଭକ୍ତ କରାଯାଇ କ୍ରୀଡା ପ୍ରତିଯୋଗିତା କରାଯାଇଥିଲା । ଏହି ପ୍ରତିଯୋଗିତାରେ କବାଡି, ଖୋ ଖୋ , କ୍ରିକେଟ, ଭଲିବଲ, ଗୋଳାଫିଙ୍ଗା ଆଦି କ୍ରୀଡା ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ବିଭାଗର ୭୦ କୃତୀ ପ୍ରତିଯୋଗୀ ମଣ୍ଡଳସ୍ତରକୁ ମନୋନୀତ ହୋଇଥିଲେ। ମାଣିଆବନ୍ଧ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ଉପସଭାପତି ସବିତା ସାହୁ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ କ୍ରୀଡା ଶିକ୍ଷକ ବିପ୍ରଚରଣ ପ୍ରଧାନ, ସୌମ୍ୟ ରଞ୍ଜନ ପ୍ରଧାନ, ଉର୍ମିଳା ଦେଇ, ସୁପ୍ରଭା ଦେଇ, ଇତିସ୍ମିତା ସାହୁ, ବିଷ୍ଣୁପ୍ରିୟା ବିଶାଳ, ଲତାମଙ୍ଗେସ ଦେଇ ଏବଂ ସୁଜାତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ୱାର୍ଡସଭ୍ୟ ପଦ ହରାଇଲେ ଚାରୁଲତା

**ଜଗତ୍‌ସିଂହପୁର ଅଫିସ, ୧୫।୧୨**

- ୩ ସନ୍ତାନର ମା' ହେବା ମହଙ୍ଗା ପଡ଼ିଲା
- ପ୍ରତିଦ୍ୱନ୍ଦ୍ୱୀ ଲକ୍ଷ୍ମୀପ୍ରିୟା ହେଲେ ନୂତନ ୱାର୍ଡସଭ୍ୟା



ଖବରଦାତା ସମ୍ମିଳନୀରେ ଲକ୍ଷ୍ମୀପ୍ରିୟା ଦାସ ଓ ଅନ୍ୟମାନେ ।

ଓଡ଼ିଶା ଗ୍ରାମ ପଞ୍ଚାୟତ ଆକ୍ଟ ୧୯୬୪ ଅନୁଯାୟୀ, କୌଣସି ବ୍ୟକ୍ତିଙ୍କ ୨ରୁ ଅଧିକ ସନ୍ତାନ ଥିଲେ ସେ କୌଣସି ନିର୍ବାଚନରେ ପ୍ରାର୍ଥୀ ହୋଇପାରିବେ ନାହିଁ। କିନ୍ତୁ କଟକ ଜିଲା ନିଆଳି ବ୍ଲକ ସିଠାଲୋ ପଞ୍ଚାୟତ ଅନ୍ତର୍ଗତ ୨୧ ନଂ. ୱାର୍ଡରେ ଏହାର ବ୍ୟତିକ୍ରମ ହୋଇଥିଲା। ଏହି ୱାର୍ଡ ବଛସାଇଲୋ ଗାଁର କାହ୍ନୁଚରଣ ଦାସଙ୍କ ସ୍ତ୍ରୀ ଚାରୁଲତା ୩ ସନ୍ତାନର ମା' ହୋଇ ମଧ ଗତ ପଞ୍ଚାୟତ ନିର୍ବାଚନରେ ୨୧ନଂ. ୱାର୍ଡରୁ ୱାର୍ଡସଭ୍ୟା ପ୍ରାର୍ଥୀ ହୋଇ ଜିତିଥିଲେ। ତାଙ୍କ ପ୍ରାର୍ଥିତ୍ୱକୁ ଚ୍ୟାଲେଞ୍ଜ କରି ପ୍ରତିଦ୍ୱନ୍ଦ୍ୱୀ ତଥା ବଛସାଇଲୋର ଚନ୍ଦ୍ରକାନ୍ତ ଦାସଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ପ୍ରଥମେ ହାଇକୋର୍ଟ ଓ ପରେ କଟକ ଜିଲା ନିଆଳି ସିଭିଲ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ରାୟ ପ୍ରକାଶ ପାଇଛି। ମାମଲାର ବିଚାର କରି ନିଆଳି ସିଭିଲ କୋର୍ଟ ବିଚାରପତି ଅଭିନନ୍ଦନ ନନ୍ଦ ଉଲ୍ଲେଖନୀୟ ରାୟ ଶୁଣାଇଛନ୍ତି। ଚାରୁଲତା ବେଆଇନ ଭାବେ ୨୧ନଂ. ୱାର୍ଡର ୱାର୍ଡ ମେମ୍ବର ହୋଇଥିବାରୁ ତାଙ୍କୁ ଅସିଦ୍ଧ ଘୋଷଣା କରିଛନ୍ତି। ଏଥିସହ ଲକ୍ଷ୍ମୀପ୍ରିୟା ତାଙ୍କ ବିପକ୍ଷରେ ଏକମାତ୍ର ପ୍ରାର୍ଥୀ ହୋଇଥିବାରୁ ୱାର୍ଡ ମେମ୍ବର ଭାବେ ଘୋଷଣା କରିଛନ୍ତି। ଗୁରୁବାର ଜଗତ୍‌ସିଂହପୁର ଜିଲା ଆଳିପିଙ୍ଗଳ ନିକଟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲକ୍ଷ୍ମୀପ୍ରିୟା ଏହା କହିଛନ୍ତି।

ଲକ୍ଷ୍ମୀପ୍ରିୟାଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଆଇନଜୀବୀ ରବୀନ୍ଦ୍ରନାଥ ମହାନ୍ତି କହିଛନ୍ତି, ଚଳିତବର୍ଷ ଫେବୃୟାରୀ ୨୪ରେ ସିଠାଲୋ ପଞ୍ଚାୟତରେ ସରପଞ୍ଚ ଓ ୱାର୍ଡମେମ୍ବର ପଦବୀ ପାଇଁ ନିର୍ବାଚନ ହୋଇଥିଲା। ଗଣତି ପରେ ପଞ୍ଚାୟତ ୨୧ନଂ. ୱାର୍ଡ ମେମ୍ବର ଭାବେ ବଛସାଇଲୋ ଗାଁର ପ୍ରାର୍ଥୀ ଚାରୁଲତା ନିର୍ବାଚିତ ହୋଇଥିଲେ। ଚାରୁଲତା ପଞ୍ଚାୟତ ନିର୍ବାଚନ ପ୍ରାର୍ଥିପତ୍ର ଦାଖଲ ସମୟରେ ୩ଟି ସନ୍ତାନର ମା' ଥିଲେ। ତାଙ୍କ ପ୍ରାର୍ଥିପତ୍ର ନାକଚ କରିବାକୁ ଲକ୍ଷ୍ମୀପ୍ରିୟା ନିଆଳି ବିଡିଓ ତଥା ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ବିଡିଓ ଚାରୁଲତାଙ୍କ ପ୍ରାର୍ଥିପତ୍ରକୁ କାଏମ ରଖି ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରିଥିଲେ। ଲକ୍ଷ୍ମୀପ୍ରିୟା ବାଧ ହୋଇ ହାଇକୋର୍ଟଙ୍କ ନିକଟରେ ପୃଥକ୍ ସମୟରେ ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ଡବ୍ଲ୍ୟୁପି(ସି) ନଂ. ୩୮୭୫/୨୦୨୨ ଓ ଡବ୍ଲ୍ୟୁପିସି ନଂ. ୬୨୭୨/୨୨ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ଓ ଅନୁମତି ପ୍ରକାରେ ଚାରୁଲତା ଓ ନିଆଳି ବିଡିଓଙ୍କ ବିରୋଧରେ ଲକ୍ଷ୍ମୀପ୍ରିୟା ନିଆଳି ସିଭିଲ କୋର୍ଟରେ ଆଶ୍ରୟ ନେଇଥିଲେ। ସିଭିଲ କୋର୍ଟ ଏହା ଉପରେ ନିର୍ବାଚନ ମିସ୍ କେସ୍ (ନଂ. ୩/୨୨) ରୁଜୁ କରି ଶୁଣାଣି କରିଥିଲେ। କୋର୍ଟଙ୍କ ନୋଟିସ୍ ଆଧାରରେ ଉଭୟ ପ୍ରତିପକ୍ଷ ଧାର୍ଯ୍ୟ ସମୟରେ କାରଣ ଦର୍ଶାଅ/ଅଭିଯୋଗ ଦାଖଲ ପାଇଁ ଉପସ୍ଥିତ ହୋଇ ନ ଥିଲେ। ଅପରପକ୍ଷେ ଲକ୍ଷ୍ମୀପ୍ରିୟାଙ୍କ ପକ୍ଷରୁ ବିଡିଓଙ୍କ ନିକଟରେ କରାଯାଇଥିବା ଅଭିଯୋଗ, କଟକ ଜିଲାପାଳଙ୍କୁ ଦିଆଯାଇଥିବା ରିପ୍ରେଜେଣ୍ଟେଟେଶନ, ହାଇକୋର୍ଟଙ୍କ ରିଟ୍ ପିଟିଶନ୍, ବଛସାଇଲୋ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ପକ୍ଷରୁ ଦାଖଲ ସାର୍ଟିଫିକେଟ୍, ଭୋଟର ତାଲିକା, ବଛସାଇଲୋ ପ୍ରାଥମିକ ବିଦ୍ୟାଳୟ ଆଡମିଶନ ରେଜିଷ୍ଟାର ଆଦି ବିଚାରକୁ ନିଆଯାଇ ଗତ ୧୩ ତାରିଖରେ ଉପରୋକ୍ତ ରାୟ ଶୁଣାଇଛନ୍ତି।

# ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ




ଏନ୍‌ସିସି କ୍ୟାଡେଟ୍‌ମାନେ ଶକ୍ତି ସଂରକ୍ଷଣ ସମ୍ପର୍କରେ ସଚେତନ କରୁଛନ୍ତି ।

**ବାଙ୍କୀ,୧୫।୧୨(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମହିଳା ଏନ୍‌ସିସି ଆନୁକୁଲ୍ୟରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏନ୍‌ସିସି ମହିଳା ସଂସ୍ଥା ପକ୍ଷରୁ ପୋଷ୍ଟର ମାଧ୍ୟମରେ ଶକ୍ତି ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ମୁଖ୍ୟ ଅତିଥିଭବେ ଉପାଧକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଶକ୍ତି ଅପଚୟ ରୋକିବା ଦିଗରେ ମହିଳା ଏନସିସି କ୍ୟାଡେଟମାନଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି ଉଲ୍ଲେଖ କରିଥିଲେ। ମହିଳା ଏନ୍‌ସିସି ଅଧିକାରିଣୀ କ୍ୟାପଟେନ ସନ୍ଧ୍ୟାରାଣୀ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଚନ୍ଦ୍ରିକା ପ୍ରିୟଦର୍ଶିନୀ ବେହେରା ଏଥିରେ ସହଯୋଗ କରିଥିଲେ ।

## ନୀଳମଣି ସ୍ୱତନ୍ତ୍ର ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀ ଥିଲେ

**ବାଙ୍କୀ,୧୫।୧୨,(ସ୍ୱ.ପ୍ର.)**

ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ପରିସରରେ ବାଙ୍କୀର ବରପୁତ୍ର ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କର ୧୫୫ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ପଣ୍ଡିତ ନଗେନ୍ଦ୍ର ମହାପାତ୍ର ବେଦପାଠ କରିଥିଲେ। ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱ କରି କହିଥିଲେ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ୱତନ୍ତ୍ର ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ସୁବ୍ରତ କୁମାର ଖଟୁଆ, ଶିକ୍ଷୟିତ୍ରୀ ନିବେଦିତା ଜେନା, ଚିତ୍ରରେଖା ମିଶ୍ର, ଆୟୁଷ ଅପ୍ରିତା ସାହୁ, ମୋନାଲିସା ପଣ୍ଡା, ସୌମ୍ୟଲତା ସାହୁ, ମଧୁସ୍ମିତା ସୁବୁଦ୍ଧି ପ୍ରମୁଖ ଯୋଗଦେଇ ବିଦ୍ୟାରତ୍ନଙ୍କ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

## ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ପରଲୋକ

ମାହାଙ୍ଗା,୧୫।୧୨(ସ୍ୱ.ପ୍ର.):ମାହାଙ୍ଗା ବ୍ଲକ ଅନ୍ତର୍ଗତ ଅରିଲୋ ଗ୍ରାମର ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅଶୋକ କୁମାର ବାରିକ (୬୩)ଙ୍କ ପରଲୋକ ଘଟିଛି। କଟକସ୍ଥିତ ନିତ୍ୟାନନ୍ଦ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି । ସେ ଜଣେ ଦକ୍ଷ ପୋଲିସ ଅଧିକାରୀଭାବେ କାର୍ଯ୍ୟ କରିବା ସହ ସାମାଜିକ ସେବା, କ୍ରିଡାବିତ୍ ଓ ସଂସ୍କୃତି ପ୍ରେମୀ ଭାବେ ଅଞ୍ଚଳରେ ପରିଚିତ ଥିଲେ। ମାହାଙ୍ଗା ଗଣକବି ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ ଓ ସାହିତ୍ୟର ପ୍ରଚାର ଓ ପ୍ରସାରରେ ଅଶୋକଙ୍କ ପ୍ରମୁଖ ଭୂମିକା ଥିଲା। ତାଙ୍କ ବିୟୋଗରେ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ସମେତ ମୁର୍ସିଦ ରିଆଜୁଲ ହୋଦା, ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# କନ୍ତପଡା ରାଜ୍ୟସ୍ତରୀୟ କ୍ରିକେଟ: ଫାଇନାଲରେ ଖୋର୍ଦ୍ଧା

**ବଡ଼ମ୍ବା,୧୫।୧୨(ଡି.ଏନ୍.ଏ.):**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ କନ୍ତପଡାସ୍ଥିତ ବ୍ରଦର୍ସ ଆଣ୍ଡ ବ୍ରଦର୍ସ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ଖୋର୍ଦ୍ଧା ଓ ନରସିଂହପୁର ମଧ୍ୟରେ ଖେଳାଯାଇଥିଲା। ଖୋର୍ଦ୍ଧା ପ୍ରଥମେ ବ୍ୟାଟିଂ କରି ୧୪୧ ରନ୍ ସଂଗ୍ରହ କରିଥିଲା। ଜବାବରେ ନରସିଂହପୁର ନିର୍ଦ୍ଧାରିତ ୧୫ ଓଭରରେ ୧୧୫ ରନ୍ କରି ହାରି ଯାଇଥିଲା। ଫଳରେ ଖୋର୍ଦ୍ଧା ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ଖୋର୍ଦ୍ଧା ଦଳର ହାପି ନାୟକ ୪ ଉଇକେଟ ଅକ୍ତିଆର କରି ମ୍ୟାନ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ। ଶୁଭମ ରାଉତ ଓ ଚିତ୍ତରଞ୍ଜନ ନାୟକ ମ୍ୟାଚ ପରିଚାଳନା କରିଥିଲେ। ଖୋର୍ଦ୍ଧା ଓ ବାଙ୍କୋଇ (ନୟାଗଡ଼ ) ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ସୂଚନା ମିଳିଛି।

## କପୁରସିଂ ଫୁଟବଲ ଟୁର୍ନାମେଣ୍ଟ: ଫାଇନାଲରେ ମୃଷୁଳିଆ

**ଖୁଣ୍ଟୁଣୀ,୧୫।୧୨(ଡି.ଏନ.ଏ.)**

ଆଠଗଡ଼ ବ୍ଲକ ଓରନ୍ଦା ପଞ୍ଚାୟତ ଅନ୍ତର୍ଗତ କପୁରସିଂ ଗ୍ରାମର ଶ୍ରୀଜଗନ୍ନାଥ ଯୁବ ସଂସଦ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କପୁରସିଂ ଖେଳ ପଡ଼ିଆରେ ଖେଳାଯାଇଥିବା ଏହି ମ୍ୟାଚରେ ମୁଷୁଳିଆର ବିର୍ସା ମୁଣ୍ଡା କ୍ଲବ ତିଗିରିଆର କରଡ଼ାପଲ୍ଲୀ ଫୁଟ୍‌ବଲ କ୍ଲବ୍‌କୁ ୧–୦ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଏଥିରେ ଅତିଥି ଭାବେ କର୍ମା ରି–ରୋଲର୍ସର ଅଧିକାରୀ ପାରସ ସିଂ ଯୋଗ ଦେଇଥିଲେ। ରେଫରି ସଞ୍ଜୀବ କୁମାର ଦାଶ ଓ ତାଙ୍କ ସହଯୋଗୀ ଖେଳ ପରିଚାଳନା କରିଥିଲେ।

# ମଣ୍ଡଳସ୍ତରୀୟ ବିଜ୍ଞାନ, ଗଣିତ ମେଳାରେ ୧୬୭ ପ୍ରକଳ୍ପ

**ନିଶ୍ଚିନ୍ତକୋଇଲି/ନେମାଳୋ, ୧୫।୧୨(ସ୍ୱ.ପ୍ର./ଡି.ଏନ୍.ଏ.)**




ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

କଟକ ଜିଲା ନିଶ୍ଚିନ୍ତକୋଇଲି ମଣ୍ଡଳସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଗୁରୁବାର ନେମାଳ ଅଚ୍ୟୁତାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମେଳାରେ ୧୬୭ ପ୍ରକଳ୍ପ ସ୍ଥାନ ପାଇଥିଲାବେଳେ ୭ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା। ଉଦଘାଟନୀ ଉତ୍ସବରେ ମଣ୍ଡଳ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ସଭାପତିତ୍ୱ କରିଥିଲେ। ଉତ୍ସବକୁ ନିଶ୍ଚିନ୍ତକୋଇଲି ତହସିଲଦାର ଦୀଲିପ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ବିଜ୍ଞାନ ପରିଦର୍ଶକ ଅକ୍ଷୟ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରିଣୀ ପାର୍ବତୀ ନନ୍ଦ, ପ୍ରଧାନ ଶିକ୍ଷକ ବଲ୍ଲଭ କୁମାର ଦାସ, ଜିଲାପରିଷଦ ସଭ୍ୟ ବିଳାସ କୁମାର ଭୋଇ, ସମିତି ସଭ୍ୟ ବିଶ୍ୱେନ୍ଦୁ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଓ ଅନ୍ୟତମ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୋନାମିକା ରାୟ ଯୋଗଦେଇଥିଲେ। ପ୍ରାରମ୍ଭରେ ଶିକ୍ଷକ ଗଦାଧର ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କ ସମେତ ୩ୟ ଓ ୫ମ ଶ୍ରେଣୀରେ ମେଧାବୃତ୍ତି ପାଇଥିବା ୨୮ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।


**OFFICE OF THE NOTIFIED AREA COUNCIL, REDHAKHOL**
ODISHA, DIST.: SAMBALPUR
E-mail: eonacrdl@gmail.com, Ph. No.: 06644-253466
No. 3103/NAC Dated: 13.12.2022

**QUOTATION CALL NOTICE**

No. C-1946: Sealed quotations in plain paper are invited by the undersigned from the intending Manufactures/ Suppliers/Firms having required certificates i.e. GST and PAN for supplying of 40 Nos Branded ladies Bicycles of HERO/AVON/ATLAS/BSA/HERCULAS make with standard specifications along with Carrier, Chain Cover and Basket including stickers 8 × 8 inches durable and water proofing quality to Redhakhol NAC. The quotations should reach in the Office of the undersigned on or before Dt.20.12.2022 upto 2.00 P.M. and no quotation will be entertained beyond the stipulated period. The quotation will be opened on same day i.e. Dt.20.12.2022 at 4.00 P.M. in the presence of the quotationers or their authorized representatives.
The undersigned reserve the rights to reject any or all quotation without assigning any reason thereof.

Sd./- Executive Officer, NAC, Redhakhol
OIPR-13175/11/0005/2223

**OFFICE OF DEOGARH MUNICIPAL COUNCIL, DEOGARH**
Email:eo-deogarhmncp@gov.in
www.deogarhmunicipality.in
Office No. 06641-295020
Letter No. 2818/DMC Date:13.12.2022

**SHORT QUOTATION CALL NOTICE**

**No.C-1931:** Sealed tenders are invited from the interested firm/ agency having valid GSTN for supply of 60 nos branded Ladies Bicycles with standard specifications along with Carries, Chain cover and Basket including stickering 8X8 inches durable and water proofing quality preferable Lady Bird /BSA/Hercules/Hero/ Avon brand to Municipality Deogarh. The sealed quotation should reach to the undersigned on or before 23.12.2022 up to 12 Noon through registered post, speed post and the
same will be opened at 4 P.M. on the same day. The rate should be quoted inclusive all taxes, transportation. For to Deogarh Municipality complete in all respect. The information also available at Deogarh Municipality website i.e. www.deogarhmunicipality.in. The authority reserves the right to reject any or all the quotations without assigning any reason thereof.
Encl: the logo specification attached.

Sd./- Executive Officer
Deogarh Municipality
OIPR-13088/11/0022/2223

**ପୌର ପରିଷଦ କାର୍ଯ୍ୟାଳୟ,ଖୋର୍ଦ୍ଧା**
**OFFICE OF THE MUNICIPAL COUNCIL, KHORDHA**
e-Mail:khurda_municipality@yahoo.co.in
Phone No.-06755-220674
H & UD Department Govt. of Odisha, Khordha-752055
No.3672 Date:09.12.22

**TENDER CALL NOTICE**

**No.C-1926:** Sealed tenders are invited from the interested Farm / Agency / Suppliers having GST / PAN and for supplying of 45 Nos. of Ladies Bye-cycles of (Brand-Lady Bird / BSA / Hercules / Hero / Avon make) as per specification along with fixing of Carrier, Chain Cover and Basket including snickering 8x8 inches durable and waterproofing quality to Khordha Municipality. The Bidder should quoted rates including all applicable taxes and transporting charges. The techno commercial bid Cover No. A and Price bid Cover No. B shall be superscribed in cover No. C. The sealed tenders should be reach to the undersigned on or before 22.12.2022 up to 12.00 Noon through Registered Post or Speed Post and the same (Cover No. A) will be opened at 3.00 PM and the Cover No. B will be opened at 4.00 P.M. on the same day in the presence of the bidders or their authorized representatives in the office of Khordha Municipality. The details of the Tender is also available at the Khordha Municipality website i.e.www.khordhamunicipality.in and www.khordha.nic.in. The authority reserves the right to reject any or all quotations without assigning any reason thereof.

Sd./- Executive Officer, Khordha Municipality
OIPR-13082/11/0014/2223

**OFFICE OF THE MUNICIPAL COUNCIL, PARADEEP**
**EXPRESSI OF INTEREST (EOI)**
Notice No. 7284 Dt.13.12.2022

No. C-1943: Executive Officer, Paradeep Municipality, Paradeep invites sealed Expression of Interest (EoI) from interested/ intending eligible Firms/Agencies/Painters for "Supplying erection of hoarding (Banner/Febric/Cotton), 3D Wall Painting within Paradeep Municipality Jurisdiction". DTCN alongwith terms & conditions can be obtained in the Office of the Municipal Council, Paradeep during office hours on payment of Rs.1,000.00 (Rupees One thousand) only (not refundable) and also available on office website **www.paradeepmunicipality.org** from **Dt.15.12.2022 to Dt.26.12.2022**. Paper cost shall be paid as per the same method noted in DTCN downloaded online. The firms/agencies/painters must be accompanied with photocopy of valid (i) PAN, (ii) GSTIN Clearance, (iii) Complete Organisation details, Authenticated Proof of the firm. The sealed EoI and other documents will be received **Offline on or before Dt.27.12.2022 upto 1.00 P.M. and will be opened on the same day at 4.30 P.M. in** presence of the bidder or their authorized representatives. The authority reserves the right to accept or cancel any or all quotations without assigning any reason thereof.

Sd./- Executive Office, Paradeep Municipality
OIPR-13120/11/0022/2223

**OFFICE OF THE EXECUTIVE ENGINEER (AGRIL.)**
No. L-104 **KEONJHAR DIVISION, KEONJHAR**
(At/P.O.: Madhapur, Dist.: Keonjhar, PIN - 758001, Odisha), Email Id: eeagril.kjr@gmail.com

**INVITATIONS FOR BIDS THROUGH e-Procurement**

No. 1145/Agril (KJR) Dated: 14.12.2022
Bid Identification No/E-Procurement Notice No. E.E. (A) - KEONJHAR DIVISION - 02/2022-23
1. The Executive Engineer (Agril.), Keonjhar Division, Keonjhar, Odisha on behalf of Governor of Odisha invites Percentage Rate Bids in Single Cover System for the works as detailed in table below.

| Sl. No. | Name of the Work | Approximate Estimated Cost put to Tender (Excluding GST) (Rs.) | Cost of Bid Documents (in Rs.) | Class of Contractor | Period of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Extension of FIAC Building, Banspal, Dist.: Keonjhar | 18,23,695.00 | 6000 | D & C | 120 Days |
| 2 | Extension of FIAC Building, Telkoi, Dist.: Keonjhar | 18,23,715.00 | 6000 | D & C | 120 Days |
| 3 | Extension of FIAC Building, Ghatagaon, Dist.: Keonjhar | 18,24,392.00 | 6000 | D & C | 120 Days |
| 4 | Extension of FIAC Building, Anandpur, Dist.: Keonjhar | 18,23,683.00 | 6000 | D & C | 120 Days |
| 5 | Extension of FIAC Building, Ghasipura, Dist.: Keonjhar | 18,23,683.00 | 6000 | D & C | 120 days |
| 6 | Extension of FIAC Building, Champua, Dist.: Keonjhar | 18,23,540.00 | 6000 | D & C | 120 days |

The bidders have to participate in ONLINE bidding only. The website for "ONLINE BIDDING" is **http://tendersorissa.gov.in**.
Bid document will be available in above website from Dt.20.12.2022 at 11.00 A.M. upto 5.00 P.M. of Dt.31.12.2022 for "ONLINE BIDDING".
Date of original bid documents submission Dt.22.12.2022 at 11.00 A.M. to Dt.02.01.2023 upto 5.00 P.M. Bids shall be opened at 11.00 A.M. & onwards on Dt.04.01.2023.
The bidder must possess matching class compatible Digital Signature Certificate (DSC).
Further details and other terms and conditions can be seen from DTCN in the e-procurement website **www.tendersorissa.gov.in**.
**N.B.:** Subsequent corrigendum/addendum if required shall be available in the website as indicated above.

Sd./- Executive Engineer (Agril.), Keonjhar Division, Keonjhar
OIPR-01460/11/0004/2223

**ପୌର ପରିଷଦ କାର୍ଯ୍ୟାଳୟ, ଫୁଲବାଣୀ**
**OFFICE OF THE MUNICIPAL COUNCIL, PHULBANI**
କନ୍ଧମାଳ/Kandhamal, Phulbani, Tel. No.: 06842-253619, Fax: 06842-253619
E-mail: municipality.plb@rediffmail.com
Letter No. 4490 Date: 12.12.2022

**QUOTATION CALL NOTICE**

No. C-1935: Sealed quotations are invited from the intending supplier/dealers for supplying of Branded Ladies Bicycle of BSA/AVON/HERO make with standard specifications along with Carrier, Chain Cover and Basket. They should quote the rate excluding GST. The quotation will be received through Speed Post/Regd. Post/by Person from **Date: 13.12.2022 to Date:20.12.2022 by 12.00 P.M.** and same will be opened on **20.12.2022 at 3.30 P.M.** in presence of bidder or their authorized representative. The details of items, terms and condition of the quotation will be availble **(13.12.2022 to 19.12.2022)** in the Office of the undersigned during office hour from 11.00 A.M. to 4.00 P.M. on all working days w.e.f. from date of publication of this quotation. They should submit the photo copy of the **GST Registration Certificate, PAN Card, Dealer Certificate along with the quotation**. The quotation paper can be purchased from Cashier of Phulbani Municipality and the cost of quotation paper is **Rs.2000.00 (Rupees two thousand) in shape of cash which is non-refundable**. The applicant should attach original Municipal Money Receipt of paper cost along with the quotation. The quotation received after due date and time shall not be entertained.
The undersigned reserves the right to accept or reject any or all the quotation without assigning reason thereof.

Sd./- Executive Officer, Phulbani Municipality
OIPR-13195/11/0020/2223

# ୧୮ରେ 'ନମନ୍ - ୨୦୨୨' କାର୍ଯ୍ୟକ୍ରମ

**କଟକ ଅଫିସ,୧୫।୧୨:** ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ହ୍ୱାଇଟ୍ କାନ୍‌ଭାସ୍ ପକ୍ଷରୁ ସ୍ମାଇଲ୍ ପ୍ଲିଜ୍ ଟ୍ରଷ୍ଟ ଓ ପୋପାର ମିଳିତ ଉଦ୍ୟମରେ କମିଶନରେଟ୍ ପୋଲିସକୁ ସମର୍ପିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭୁବନେଶ୍ୱରସ୍ଥିତ ଉତ୍କଳ ମଣ୍ଡପରେ ଏହି କାର୍ଯ୍ୟକ୍ରମ 'ନମନ୍ - ୨୦୨୨' ଆସନ୍ତା ୧୮ ତାରିଖ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ ବୋଲି ହ୍ୱାଇଟ୍ କାନ୍‌ଭାସ୍‌ର ନିର୍ଦ୍ଦେଶକ ଉଲ୍ଲାସ ଚନ୍ଦ୍ର ବେହୁରା ସୂଚନା ଦେଇଛନ୍ତି। ପୋଲିସ୍ ଉଦ୍ଦେଶ୍ୟରେ ସମର୍ପିତ ଏହି ନିଆରା କାର୍ଯ୍ୟକ୍ରମ ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜନ କରାଯାଉଅଛି ବୋଲି ସ୍ମାଇଲ୍ ପ୍ଲିଜ ଟ୍ରଷ୍ଟର ଟ୍ରଷ୍ଟି ତଥା ଅଭିନେତା ସବ୍ୟସାଚୀ ମିଶ୍ର କହିଛନ୍ତି। ପୋଲିସର ନିଷ୍ଠା, ତ୍ୟାଗ ଓ କର୍ତ୍ତବ୍ୟ ପରାୟଣତାକୁ ସମ୍ମାନ ଜଣାଇ ଓଲିଉଡ୍‌ର ସୁନାମଧନ୍ୟ ଅଭିନେତ୍ରୀ, ଅଭିନେତା ଓ କଣ୍ଠଶିଳ୍ପୀମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏଥିସହ ଏକ ସ୍ୱତନ୍ତ୍ର ବୃତ୍ତଚିତ୍ର ଓ ସଂଗୀତ ପରିବେଷଣ କରାଯିବ ବୋଲି ପୋପାର ପ୍ରତିଷ୍ଠାତା ତଥା ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ ପ୍ରକାଶ କରିଛନ୍ତି। ନୃତ୍ୟଗୁରୁ ସଫିକୁଲ ହକ୍ (ବାବୁ), ଅମିତ୍ ଓ ବିଦ୍ୟୁଙ୍କ ନିର୍ଦ୍ଦେଶନାରେ ସବ୍ୟସାଚୀ ମିଶ୍ର, ଏଲିନା, ଶୀତଲ, ଶିବାନୀ, ସ୍ୱରାଜ, ଜ୍ୟୋତି, ଶୁଭାଶିଷ, ଶୈଳେନ୍ଦ୍ର, ଦିବ୍ୟା ପ୍ରମୁଖ କଳାକାରଙ୍କ ନୃତ୍ୟ ପରିବେଷଣ କରିବେ। ଏଥିସହ ଲୋକପ୍ରିୟ ହାସ୍ୟାଭିନେତା ପ୍ରଜ୍ଞା ଓ ଶଙ୍କରଙ୍କ କମେଡ଼ି ଉତ୍ସବର ଆକର୍ଷଣ ସାଜିବ। ସେହିପରି ପ୍ରେମ୍ ଆନନ୍ଦଙ୍କ ନିର୍ଦ୍ଦେଶିତ ନମନ୍ ସଙ୍ଗୀତରେ କଳାକାରମାନେ ନୃତ୍ୟ ପରିବେଷଣ କରିବେ। ଅଭିନେତା ଗୁଡ୍ଡୁ, ଅଭିନେତ୍ରୀ ରାକ୍ଷୀ ଓ ଲୋରିଆ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥାପନା କରିବେ।

# ଅନ୍ତର୍ଜାତୀୟ ଭାସ୍କର୍ଯ୍ୟ ସିମ୍ପୋଜିୟମ ଉଦ୍‌ଘାଟିତ

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

କଳାଭୂମିଠାରେ ଗୁରୁବାର ୧୫ ଦିନିଆ ଅନ୍ତର୍ଜାତୀୟ ଭାସ୍କର୍ଯ୍ୟ କଳା ଶିବିର ସିମ୍ପୋଜିୟମ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଲଳିତକଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଖଣି ନିଗମ, ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ଉନ୍ନୟନ ନିଗମର ମିଳିତ ସହଯୋଗରେ ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ଏହି ଶିବିର ଆୟୋଜିତ ହେଉଛି। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସିମ୍ପୋଜିୟମକୁ ଉଦ୍‌ଘାଟନ କରିଥିଲେ। ଷ୍ଟାମ୍ପ-୩.୦ କାର୍ଯ୍ୟକ୍ରମ ମଧ୍ୟରେ ଉକ୍ତ ଭାସ୍କର୍ଯ୍ୟ କଳା ଶିବିରକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଶିବିରରୁ ପ୍ରସ୍ତୁତ ଭାସ୍କର୍ଯ୍ୟ କଳାଗୁଡ଼ିକ ଭୁବନେଶ୍ୱରର ପ୍ରମୁଖ ସ୍ଥାନଗୁଡ଼ିକରେ ସଂସ୍ଥାପନ କରାଯାଇ ସହରର ଶୋଭା ବୃଦ୍ଧି କରାଯିବ। ସିମ୍ପୋଜିୟମରେ ଆମେରିକାରୁ କାରୋଲ ଟର୍ନର, ଇଟାଲୀରୁ ଏଲିନା ସାରାସିନୋ, କୋରିଆରୁ ସୋଡ଼ଙ୍ଗ ଚୋଏ, ଇଜିପ୍ଟରୁ ଖଲିଦ ଅବଦୁଲା, ଫ୍ରାନ୍ସରୁ ଆଲେକ୍ସ ଲବେଜୋଫ ଓ ଗଦାଧର ଓଝା, ଶିଳ୍ପୀଗୁରୁ ପ୍ରଭାକର ମହାରଣା, ଦିଲ୍ଲୀରୁ ଟୁଗୁଲି ସାହୁ, କାଳିକିଙ୍କର ଦେ ଓ ଗୁଟୁ ପଟ୍ଟନାୟକ, ମହାରାଷ୍ଟ୍ରରୁ ପଙ୍କଜ ଗେହଲଟ, ଚଣ୍ଡିଗଡ଼ରୁ ବିଶାଳ ଭଟନାଗର, ମୁମ୍ବାଇରୁ ରତନ ସାହା, ବେଙ୍ଗାଲୁରୁରୁ ଡ. ଜ୍ଞାନେଶ ମିଶ୍ର, କେରଳରୁ ରାଜଶେଖର ନାୟର ଓ ଜମ୍ମୁ କଶ୍ମୀରରୁ ଚନ୍ଦର ପ୍ରକାଶ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି। ଭାସ୍କର୍ଯ୍ୟ ଶିଳ୍ପୀମାନେ ଡିସେମ୍ବର



କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

### ପ୍ରସ୍ତର, ସ୍କ୍ରାପ୍ ଗଢ଼ିବେ ୧୬ ଶିଳ୍ପୀ

୨୯ ପର୍ଯ୍ୟନ୍ତ ୮ଫୁଟ୍‌ରୁ ୧୦ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରସ୍ତର ଓ ସ୍କ୍ରାପମାନ ଗଢ଼ିବେ। ଏକାଡେମୀର ସଚିବ ପଞ୍ଚାନନ ସାମଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉଦ୍‌ଘାଟନ ଉତ୍ସବ ଅବସରରେ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଶ୍ୟାମସୁନ୍ଦର ପଟ୍ଟନାୟକ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ଓଡ଼ିଶା ଲଳିତକଳା ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସିମ୍ପୋଜିୟମ ଅବସରରେ ଭାସ୍କର୍ଯ୍ୟ ଶିଳ୍ପୀମାନଙ୍କ ଜୀବନ ଶୈଳୀ ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କାର୍ଯ୍ୟକ୍ରମ ରହିଛି।

# ୧.୫ ଏକର ଜମିରୁ ହଟିଲା ଜବରଦଖଲ

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

ହକି ବିଶ୍ୱକପ ପାଇଁ ରାଜଧାନୀକୁ ଜବରଦଖଲମୁକ୍ତ ଅଭିଯାନ ଜୋରଦାର ଚାଲିଛି। ସହରର ବିଭିନ୍ନ ଅଞ୍ଚଳରୁ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଦୋକାନଗୁଡ଼ିକୁ ହଟାଇବା ସହିତ ମୋଟ ୧୫ ହଜାର ଟଙ୍କା ଜରିମାନା ଆଦାୟ କରିଛି। ବିଏମ୍‌ସିର ଉତ୍ତର ଜୋନ ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଏଥିରେ ମୋଟ ୩୫ଟି ବେଆଇନ ନିର୍ମାଣକୁ ଭଙ୍ଗାଯାଇଛି। ସେଥିମଧ୍ୟରେ ୧୬ଟି ଆଜବେଷ୍ଟସ ଦୋକାନ, ୭ଟି ହୋଟେଲ, ଗ୍ୟାରେଜ ଓ ଟିଫିନ ଷ୍ଟଲ, ୯ଟି କ୍ୟାବିନ୍ ଏବଂ ୯ଟି ଫାଷ୍ଟଫୁଡ୍ ଦୋକାନ ମାଟିରେ ମିଶାଯାଇଛି। ପାଖାପାଖି ୧.୫ ଏକର ସରକାରୀ ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଏଥିରେ ସ୍କ୍ୱାଡ ୫, ୬, ୭ ଓ ୮ ସାମିଲ ହୋଇଥିଲେ। ସେହିଭଳି ସ୍କ୍ୱାଡ ନଂ. ୯, ୧୦, ୧୧ ଏବଂ ୧୨ ଶହୀଦ ନଗରଠାରୁ ବାଣୀବିହାର ଛକ ପର୍ଯ୍ୟନ୍ତ

### ୧୫ ହଜାର ଟଙ୍କା ଜରିମାନା ଆଦାୟ

ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରିଛି। ଏଥିରେ ୩୩ଟି ଦୋକାନ, ୨୧ଟି ଆଜବେଷ୍ଟସ ଘର, ୬ଟି ବାଉଁଶ ଦୋକାନ, ୧୯ଟି କ୍ୟାବିନ୍ ହଟାଯାଇଛି। ସେମାନଙ୍କ ଠାରୁ ୧୫ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ସ୍କ୍ୱାଡ୍ ନଂ ୧୩, ୧୪, ୧୫ ଏବଂ ୧୬ ସିଆରପି ଛକଠାରୁ ଫାୟାର ଷ୍ଟେଶନ ଛକ ପର୍ଯ୍ୟନ୍ତ ଉଚ୍ଛେଦ କରିଥିଲା। ଏହି ସ୍କ୍ୱାଡ୍ ଖଣ୍ଡଗିରି ଛକରୁ ଏମ୍ସ ଛକ ପର୍ଯ୍ୟନ୍ତ ୫ଟି ଦୋକାନ, ୬ଟି ପରିବା ଦୋକାନ, ୫ଟି ଟିଫିନ ଷ୍ଟଲ, ୨ଟି ମାଂସ ଦୋକାନ, ୨ଟି ମୋବାଇଲ ଦୋକାନ, ୧୨ଟି ବିଜ୍ଞାପନ ବୋର୍ଡ ଓ ୩ଟି ପଇଡ ଦୋକାନକୁ ହଟାଇଛି। ଶେଷରେ ସ୍କ୍ୱାଡ ୧୭ ବାଣୀବିହାର ଛକରୁ ଶିଶୁଭବନ ଛକ ପର୍ଯ୍ୟନ୍ତ ଉଚ୍ଛେଦ କରିଥିଲା। ଏଥିରେ ୪ଟି ଫଳ ଦୋକାନ, ୨ଟି ଆଇସକ୍ରିମ ଟ୍ରଲି, ୩ଟି ଦହିବରା ଷ୍ଟଲକୁ ହଟାଯାଇଛି।



ବାୟାବାବା ରାସ୍ତା ମଠ ରାସ୍ତାରେ ଥିବା ବେଆଇନ ଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଉଛି।

# ବିଏମ୍‌ସିର ଚେତା ପଶିଲା ମଶା ମାରିବା ପାଇଁ ବ୍ୟବହାର ହେବ ଡ୍ରୋନ୍

ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ)

ଭୁବନେଶ୍ୱରରେ ହେବ ହକି ବିଶ୍ୱକପ। ସେଥିପାଇଁ ସଜେଇ ହେଉଛି ରାଜଧାନୀ। ପରିମଳ ବ୍ୟବସ୍ଥା ସହ ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଏମ୍‌ସି ତତ୍ପରତା ଦେଖାଉଥିବାବେଳେ ଲୋକଙ୍କ ନିଦ ହଜାଇ ଦେଲାଣି ମଶାଙ୍କ ପ୍ରାଦୁର୍ଭାବ। କେବଳ ରାତିରେ ନୁହେଁ, ଦିନରେ ବି ମଶା ବସାଇ ଦେଉନାହାନ୍ତି। ଅପରାହ୍ନ ୪ଟା ବେଳୁ ଘର ଝରକା, କବାଟ ବନ୍ଦ କରି ରହିବାକୁ ପଡୁଛି। ପୂର୍ବରୁ ଅଳିଆକୁ ନେଇ ସମାଲୋଚିତ ହେଉଥିବା ବିଏମ୍‌ସି ମଶା ଦମନରେ ମଧ୍ୟ ଫେଲ୍ ମାରିଛି। ମଶା ଉପଦ୍ରବକୁ ନେଇ ଲୋକେ ଅତିଷ୍ଠ ହେବା ପରେ ବିଏମ୍‌ସିର ଚେତା ପଶିଛି। ଏଣିକି ମଶା ବଂଶ ଲୋପ ପାଇଁ ବିଏମ୍‌ସି ଡ୍ରୋନ ବ୍ୟବହାର କରିବ। ପରୀକ୍ଷାମୂଳକ ଭାବେ ୩ଟି ୱାର୍ଡରେ ଏହା ଆରମ୍ଭ ହେବ ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଏଥିସହ ସାନ୍ଦ୍ରତା ବୃଦ୍ଧି ପାଇଥିବା ଅଞ୍ଚଳରେ ସ୍ୱତନ୍ତ୍ର ବୈଷୟିକ ଟିମ୍ ଗଠନ କରାଯାଇ ମଶାଙ୍କ ଉପରେ ଅଧିକ ସର୍ଭେ କରାଯିବ। ମଶାବଂଶ ବୃଦ୍ଧିର କାରଣ ଏବଂ ନିରାକରଣ ଜାଣିବା ପାଇଁ ବୈଜ୍ଞାନିକଙ୍କ ସାହାଯ୍ୟ ନିଆଯିବ। ଶୁକ୍ରବାରଠାରୁ ଫଗିଙ୍ଗ ଟିମ୍ ଏବଂ ଟିଫା ମେଶିନ ବୃଦ୍ଧି ପାଇବ। ସେହିପରି ଟିଫା ମେଶିନ୍ ଯାଇପାରୁ ନ ଥିବା ଅଞ୍ଚଳରେ ଜଳ ଉତ୍ସଗୁଡ଼ିକରେ ଦୁଇଦିନ ମଧ୍ୟରେ କେମିକାଲ ସ୍ପ୍ରେ ପାଇଁ ଡ୍ରୋନ୍‌ର ବ୍ୟବହାର କରାଯିବ। ଏଥିସହ ଆକାଶ ମାର୍ଗରୁ ରାସାୟନିକ ଔଷଧ ସିଞ୍ଚନ କରାଯିବ ବୋଲି କମିଶନର ସୂଚନା ଦେଇଛନ୍ତି।

# ସୁସ୍ଥ ପରିବେଶ ପାଇଁ ଜୀବନଶୈଳୀ ପରିବର୍ତ୍ତନ ଉପରେ ଗୁରୁତ୍ୱ



କର୍ମଶାଳାରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

### 'ଜଳବାୟୁ ପରିବର୍ତ୍ତନ ଓ ମାନବ ଅଧିକାର' ସଂକ୍ରାନ୍ତ କର୍ମଶାଳା

ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନ ପକ୍ଷରୁ 'ଜଳବାୟୁ ପରିବର୍ତ୍ତନ ଓ ମାନବ ଅଧିକାର' ଶୀର୍ଷକ ଏକ ଜାତୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇଥିଲେ। ମିଳିତ ଜାତିସଂଘର ବାରମ୍ବାର ତାଗିଦ ସତ୍ତ୍ୱେ ବିକଶିତ ରାଷ୍ଟ୍ରଗୁଡ଼ିକ ଅଙ୍ଗାରକାମ୍ଳ ନିର୍ଗମନକୁ କମାଉ ନାହାନ୍ତି, ଯାହା ଫଳରେ ଦୁର୍ଭିକ୍ଷ, ମହାମାରୀ, ଝଡ଼ବାତ୍ୟା ଆଦି ସମସ୍ୟା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବା ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଥିଲା। ସଭାରେ ସଭାପତିତ୍ୱ କରି ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ଅଭିନ୍ନ ହୋତା ଏକ ସୁସ୍ଥ ପରିବେଶ ପାଇଁ ଜୀବନଶୈଳୀ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ। ହଲଦିଆ ଏନର୍ଜି ଉପାଧ୍ୟକ୍ଷ ସୋମନାଥ ଦତ୍ତ, ସ୍ୱଚ୍ଛଶକ୍ତି ଓ ସବୁଜ ଶକ୍ତି ସମ୍ପର୍କରେ କହିଥିଲେ। ଏସ୍‌ଏନ୍‌ଏମ୍ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଡ. ପ୍ରବୋଧ ମହାନ୍ତି ପ୍ରଦୂଷଣ ରୋକିବା ପାଇଁ ଟେକ୍ନୋଲୋଜିର ଉପଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ହାଇଦ୍ରାବାଦର ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡ. ସଞ୍ଜୀବ ବେହେରାଙ୍କୁ 'ଆଜାଦି କା ଅମୃତ ମହୋତ୍ସବ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡ. ମନୀଷା ଦାସ, ଡ. ମଙ୍ଗଳା ପ୍ରସାଦ ମହାନ୍ତି, ଡ. ପ୍ରଫୁଲ୍ଲ ଧଳଙ୍କୁ ସମ୍ମାନସୂଚକ ଡକ୍ଟରେଟ, ଡ. ଅନୁ ଭାଲ୍ଲା, ସସ୍ମିତା ମଲ୍ଲିକ, ଲୀନୁ ମିଶ୍ରଙ୍କୁ 'ମଦର ଟେରେସା ମାନବବାଦୀ' ସମ୍ମାନ ପ୍ରଦାନ କରାଯାଇଥିଲା। ସଭାରେ ଡ. ବିପିନ ମିଶ୍ର, ମାନସ ଦାସ, ରଶ୍ମିକାନ୍ତ ସ୍ୱାଇଁ, ସରୋଜ ସିଂହ, ଡ. ଆଲୋକ ଜେନା, ରାମଚନ୍ଦ୍ର ରାଉତରାୟ, ତାପସ ଦାସ, ଦିଲ୍ଲୀପ ବିଶ୍ୱାଳ, ମମତା ଦାସ, ପଙ୍କଜ ଭାଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ପେଶାଲ ଡ୍ରାଇଭ୍ ୧୧ ଦିନରେ ୧୧୪ ଉଦ୍ଧାର

କଟକ ଅଫିସ,୧୫।୧୨

କମିଶନରେଟ ପୋଲିସ ପକ୍ଷରୁ ନିଖୋଜ ଶିଶୁ ଓ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ନିମନ୍ତେ ସ୍ପେଶାଲ ଡ୍ରାଇଭ୍ କରାଯାଇଛି। ଗତ ୧ରୁ ୧୧ ତାରିଖ ମଧ୍ୟରେ ମୋଟ ୧୧୪ ଜଣଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବୟସର ୩ ବାଳକ ଓ ୪ ଜଣ ବାଳିକା ଏବଂ ୧୮ ବର୍ଷରୁ ଅଧିକ ବୟସର ୧୭ ପୁରୁଷ ଓ ୯୦ ଜଣ ମହିଳା ଅଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ କ୍ରାଇମ୍ ବ୍ରାଞ୍ଚର ନିର୍ଦ୍ଦେଶକ୍ରମେ କଟକ ସହରାଞ୍ଚଳରେ ଏହି ସ୍ପେଶାଲ ଡ୍ରାଇଭ୍ କରାଯାଇଥିଲା। ପୋଲିସ ଅଧିକାରୀ ଓ କର୍ମଚାରୀମାନେ ବିଭିନ୍ନ ଅଞ୍ଚଳକୁ ଯାଇ ନିଖୋଜ ବ୍ୟକ୍ତି ବା ପିଲାଙ୍କୁ ଠାବ କରିବାର ପ୍ରୟାସ କରିଥିଲେ।

# ନାବାଳକଙ୍କୁ ନେଇ ଫେରାର ଥିବା ଅଭିଯୋଗ

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

### ଘରେ ଶ୍ୱଶୁରଙ୍କୁ ତାଲା ପକାଇ ବୋହୂ ନିଖୋଜ ଘଟଣା

ରାଜଧାନୀରେ ଶ୍ୱଶୁରଙ୍କୁ ବାହାର ପଟୁ ତାଲା ପକାଇ ଘରୁ ୧୦ ଲକ୍ଷ ଟଙ୍କାର ସୁନାଗହଣା ସହ ଦେଢ଼ ଲକ୍ଷ ଟଙ୍କା ନେଇ ବୋହୂ ଚମ୍ପଟ ମାରିବା ଘଟଣା ଭିନ୍ନ ମୋଡ଼ ନେଇଛି। ସ୍ତ୍ରୀ ନିଖୋଜ ହୋଇଥିବା ନେଇ ସ୍ୱାମୀ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ ନୟାଗଡ଼ ଜିଲା ଦଶପଲ୍ଲା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଘରୁ ପଳାଇଥିବା ମହିଳା ଜଣଙ୍କ ନିଖୋଜ ନୁହେଁ ବରଂ ଜଣେ ନାବାଳକଙ୍କୁ ଧରି ପଳାଇଥିବା କୁହାଯାଉଛି। ଏନେଇ ନାବାଳକଙ୍କ ପରିବାର ଗଣମାଧ୍ୟମ ଆଗରେ କହିଛନ୍ତି, ମୋ ପୁଅକୁ ସମ୍ପୃକ୍ତ ମହିଳା ଅପହରଣ କରିଛନ୍ତି। ଏପରିକି ତାଙ୍କର ଭବିଷ୍ୟତ ନଷ୍ଟ କରିଛି। ମୋ ପାଠ ପଢୁଆ ପିଲାକୁ ସୁରକ୍ଷିତ ଉଦ୍ଧାର କରି ଫେରାଇ ଆଣିବାକୁ ରାଜ୍ୟ ସରକାରଙ୍କୁ ନାବାଳକଙ୍କ ମା' ଅନୁରୋଧ କରିଛନ୍ତି। ଅପରପକ୍ଷରେ ମହିଳାଙ୍କ ପରିବାର ନାବାଳକଙ୍କ ପରିବାରଙ୍କୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ଫଳରେ ଦୁଇ ପରିବାର ମଧ୍ୟରେ ଯୁକ୍ତିତର୍କ ଲାଗିଥିବା ଜଣାପଡ଼ିଛି।

ସୂଚନାନୁସାରେ, ଏୟାରପୋର୍ଟ ଥାନା ଅଞ୍ଚଳରେ ନଭେମ୍ବରରେ ଜଣେ ବ୍ୟକ୍ତି ଅଭିଯୋଗ କରିଥିଲେ, ସେ ଘରେ ଅନୁପସ୍ଥିତ ଥିବାବେଳେ ତାଙ୍କ ବାପାଙ୍କୁ ସ୍ତ୍ରୀ ବାହାର ପଟୁ ତାଲା ପକାଇ ଘରୁ ଦେଢ଼ଲକ୍ଷ ଟଙ୍କା, ସୁନାଗହଣା ଆଦି ନେଇ ନିଖୋଜ ହୋଇଯାଇଛନ୍ତି। ଏପରି କି, ନୟାଗଡ଼ର ଜଣେ ପୁରୁଷ ବନ୍ଧୁଙ୍କ ସହ ଫେରାର ହୋଇଯାଇଥିବା ଅଭିଯୋଗ ଆଣିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିବା ସହ ପାରିବାରିକ ଘଟଣା ହୋଇଥିବାରୁ ଏ ବିଷୟରେ କୌଣସି ସୂଚନା ଦେବାକୁ ମନା କରିଦେଇଛି।

OFFICE OF THE
NOTIFIED AREA COUNCIL, REDHAKHOL
ODISHA, DIST.: SAMBALPUR
E-mail: eonacrdl@gmail.com, Ph. No.: 06644-253466
No. 3103/NAC Dated: 13.12.2022
QUOTATION CALL NOTICE
No. C-1946: Sealed quotations in plain paper are invited by the undersigned from the intending Manufactures/ Suppliers/Firms having required certificates i.e. GST and PAN for supplying of 40 Nos Branded ladies Bicycles of HERO/AVON/ATLAS/BSA/HERCULAS make with standard specifications along with Carrier, Chain Cover and Basket including stickers 8 × 8 inches durable and water proofing quality to Redhakhol NAC. The quotations should reach in the Office of the undersigned on or before Dt.20.12.2022 upto 2.00 P.M. and no quotation will be entertained beyond the stipulated period. The quotation will be opened on same day i.e. Dt.20.12.2022 at 4.00 P.M. in the presence of the quotationers or their authorized representatives.
The undersigned reserve the rights to reject any or all quotation without assigning any reason thereof.
Sd./- Executive Officer, NAC, Redhakhol
OIPR-13175/11/0005/2223

OFFICE OF DEOGARH
MUNICIPAL COUNCIL, DEOGARH
Email:eo-deogarhmncp@gov.in
www.deogarhmunicipality.in
Office No. 06641-295020
Letter No. 2818/DMC Date:13.12.2022
SHORT QUOTATION CALL NOTICE
No.C-1931:Sealed tenders are invited from the interested firm/ agency having valid GSTN for supply of 60 nos branded Ladies Bicycles with standard specifications along with Carries, Chain cover and Basket including stickering 8X8 inches durable and water proofing quality preferable Lady Bird /BSA/Hercules/Hero/ Avon brand to Municipality Deogarh. The sealed quotation should reach to the undersigned on or before 23.12.2022 up to 12 Noon through registered post, speed post and the
same will be opened at 4 P.M. on the same day. The rate should be quoted inclusive all taxes, transportation. For to Deogarh Municipality complete in all respect. The information also available at Deogarh Municipality website i.e. www.deogarhmunicipality.in. The authority reserves the right to reject any or all the quotations without assigning any reason thereof.
Encl: the logo specification attached.
Sd./- Executive Officer
Deogarh Municipality
OIPR-13088/11/0022/2223

ପୌର ପରିଷଦ କାର୍ଯ୍ୟାଳୟ,ଖୋର୍ଦ୍ଧା
OFFICE OF THE
MUNICIPAL COUNCIL, KHORDHA
e-Mail:khurda_municipality@yahoo.co.in
Phone No.-06755-220674
H & UD Department Govt. of Odisha, Khordha-752055
No.3672 Date:09.12.22
TENDER CALL NOTICE
No.C-1926:Sealed tenders are invited from the interested Farm / Agency / Suppliers having GST / PAN and for supplying of 45 Nos. of Ladies Bye-cycles of (Brand-Lady Bird / BSA / Hercules / Hero / Avon make) as per specification along with fixing of Carrier, Chain Cover and Basket including snickering 8x8 inches durable and waterproofing quality to Khordha Municipality. The Bidder should quoted rates including all applicable taxes and transporting charges. The techno commercial bid Cover No. A and Price bid Cover No. B shall be superscribed in cover No. C. The sealed tenders should be reach to the undersigned on or before 22.12.2022 up to 12.00 Noon through Registered Post or Speed Post and the same (Cover No. A) will be opened at 3.00 PM and the Cover No. B will be opened at 4.00 P.M. on the same day in the presence of the bidders or their authorized representatives in the office of Khordha Municipality. The details of the Tender is also available at the Khordha Municipality website i.e.www.khordhamunicipality.in and www.khordha.nic.in. The authority reserves the right to reject any or all quotations without assigning any reason thereof.
Sd./- Executive Officer, Khordha Municipality
OIPR-13082/11/0014/2223

OFFICE OF THE
MUNICIPAL COUNCIL, PARADEEP
EXPRESSI OF INTEREST (EOI)
Notice No. 7284 Dt.13.12.2022
No. C-1943: Executive Officer, Paradeep Municipality, Paradeep invites sealed Expression of Interest (EoI) from interested/ intending eligible Firms/Agencies/Painters for "Supplying erection of hoarding (Banner/Febric/Cotton), 3D Wall Painting within Paradeep Municipality Jurisdiction". DTCN alongwith terms & conditions can be obtained in the Office of the Municipal Council, Paradeep during office hours on payment of Rs.1,000.00 (Rupees One thousand) only (not refundable) and also available on office website **www.paradeepmunicipality.org** from **Dt.15.12.2022 to Dt.26.12.2022**. Paper cost shall be paid as per the same method noted in DTCN downloaded online. The firms/agencies/painters must be accompanied with photocopy of valid (i) PAN, (ii) GSTIN Clearance, (iii) Complete Organisation details, Authenticated Proof of the firm. The sealed EoI and other documents will be received **Offline on or before Dt.27.12.2022 upto 1.00 P.M. and will be opened on the same day at 4.30 P.M. in** presence of the bidder or their authorized representatives. The authority reserves the right to accept or cancel any or all quotations without assigning any reason thereof.
Sd./- Executive Office, Paradeep Municipality
OIPR-13120/11/0022/2223

OFFICE OF THE EXECUTIVE ENGINEER (AGRIL.)
No. L-104 KEONJHAR DIVISION, KEONJHAR
(At/P.O.: Madhapur, Dist.: Keonjhar, PIN - 758001, Odisha), Email Id: eeagril.kjr@gmail.com
INVITATIONS FOR BIDS THROUGH e-Procurement
No. 1145/Agril (KJR) Dated: 14.12.2022
Bid Identification No/E-Procurement Notice No. E.E. (A) - KEONJHAR DIVISION - 02/2022-23
1. The Executive Engineer (Agril.), Keonjhar Division, Keonjhar, Odisha on behalf of Governor of Odisha invites Percentage Rate Bids in Single Cover System for the works as detailed in table below.

| Sl. No. | Name of the Work | Approximate Estimated Cost put to Tender (Excluding GST) (Rs.) | Cost of Bid Documents (in Rs.) | Class of Contractor | Period of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Extension of FIAC Building, Banspal, Dist.: Keonjhar | 18,23,695.00 | 6000 | D & C | 120 Days |
| 2 | Extension of FIAC Building, Telkoi, Dist.: Keonjhar | 18,23,715.00 | 6000 | D & C | 120 Days |
| 3 | Extension of FIAC Building, Ghatagaon, Dist.: Keonjhar | 18,24,392.00 | 6000 | D & C | 120 Days |
| 4 | Extension of FIAC Building, Anandpur, Dist.: Keonjhar | 18,23,683.00 | 6000 | D & C | 120 Days |
| 5 | Extension of FIAC Building, Ghasipura, Dist.: Keonjhar | 18,23,683.00 | 6000 | D & C | 120 days |
| 6 | Extension of FIAC Building, Champua, Dist.: Keonjhar | 18,23,540.00 | 6000 | D & C | 120 days |

The bidders have to participate in ONLINE bidding only. The website for "ONLINE BIDDING" is **http://tendersorissa.gov.in**.
Bid document will be available in above website from Dt.20.12.2022 at 11.00 A.M. upto 5.00 P.M. of Dt.31.12.2022 for "ONLINE BIDDING".
Date of original bid documents submission Dt.22.12.2022 at 11.00 A.M. to Dt.02.01.2023 upto 5.00 P.M. Bids shall be opened at 11.00 A.M. & onwards on Dt.04.01.2023.
The bidder must possess matching class compatible Digital Signature Certificate (DSC).
Further details and other terms and conditions can be seen from DTCN in the e-procurement website **www.tendersorissa.gov.in**.
**N.B.:** Subsequent corrigendum/addendum if required shall be available in the website as indicated above.
Sd./- Executive Engineer (Agril.), Keonjhar Division, Keonjhar
OIPR-01460/11/0004/2223

ପୌର ପରିଷଦ କାର୍ଯ୍ୟାଳୟ, ଫୁଲବାଣୀ
OFFICE OF THE
MUNICIPAL COUNCIL, PHULBANI
କନ୍ଧମାଳ/Kandhamal, Phulbani, Tel. No.: 06842-253619, Fax: 06842-253619
E-mail: municipality.plb@rediffmail.com
Letter No. 4490 Date: 12.12.2022
QUOTATION CALL NOTICE
No. C-1935: Sealed quotations are invited from the intending supplier/dealers for supplying of Branded Ladies Bicycle of BSA/AVON/HERO make with standard specifications along with Carrier, Chain Cover and Basket. They should quote the rate excluding GST. The quotation will be received through Speed Post/Regd. Post/by Person from **Date: 13.12.2022 to Date:20.12.2022 by 12.00 P.M.** and same will be opened on **20.12.2022 at 3.30 P.M.** in presence of bidder or their authorized representative. The details of items, terms and condition of the quotation will be availble **(13.12.2022 to 19.12.2022)** in the Office of the undersigned during office hour from 11.00 A.M. to 4.00 P.M. on all working days w.e.f. from date of publication of this quotation. They should submit the photo copy of the **GST Registration Certificate, PAN Card, Dealer Certificate along with the quotation**. The quotation paper can be purchased from Cashier of Phulbani Municipality and the cost of quotation paper is **Rs.2000.00 (Rupees two thousand) in shape of cash which is non-refundable**. The applicant should attach original Municipal Money Receipt of paper cost along with the quotation. The quotation received after due date and time shall not be entertained.
The undersigned reserves the right to accept or reject any or all the quotation without assigning reason thereof.
Sd./- Executive Officer, Phulbani Municipality
OIPR-13195/11/0020/2223

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫.୧୨.୨୦୨୨

| | |
|---|---|
| ୨,୮୬,୫୦୫ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୩୧ ଗ୍ରାମ |

## ଆଜି କ'ଣ କେଉଁଠି

ପୁରୀ

- ସ୍ୱତନ୍ତ୍ର ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା-୨୦୨୨, ନୀଳାଚଳ ଅର୍ବାନ ହାଟ, ପୂର୍ବାହ୍ନ ୧୧ଟା।
- ଦିବଂଗତ ବରିଷ୍ଠ ଡ. ଅଶୋକ କୁମାର ମହାପାତ୍ରଙ୍କ ୨ୟ ଶ୍ରାଦ୍ଧୋତ୍ସବ ଅବସରରେ ସ୍ମୃତି ସଭା, ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷ, ଅପରାହ୍ନ ୪ଟା ୪୫।

# ଜାନୁୟାରୀ ୨୬ରେ ଐତିହ୍ୟ ପ୍ରକଳ୍ପ ଲୋକାର୍ପଣ ଉତ୍ସବ

**ପୁରୀ ଅଫିସ/ସାକ୍ଷୀଗୋପାଳ, ୧୫।୧୨(ଡି.ଏନ୍.ଏ./ସ୍ୱ.ପ୍ର.)**

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଗୁରୁବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡ ଗ୍ରାମକୁ ଯାଇ ଉତ୍କଳମଣିଙ୍କ ସ୍ମାରକୀସ୍ଥଳ ପରିଦର୍ଶନ କରିଛନ୍ତି। ସ୍ମାରକୀ ଭିତରେ ନିର୍ମାଣଧୀନ ମନ୍ଦିର, ସଫିକେନ୍ଦ୍ର, ପାର୍କିଂସ୍ଥଳୀ, ଉତ୍କଳମଣିଙ୍କ ପୈତୃକ ଘର, ଗ୍ରାମ ରାସ୍ତା, ପ୍ରାକୃତିକ ଭୂଚିତ୍ର ଓ ଉଦ୍ୟାନ କାର୍ଯ୍ୟ ଏବଂ ସଂଗ୍ରହାଳୟ ଘର ସହ ଅନ୍ୟାନ୍ୟ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଆଗାମୀ ସାଧାରଣତନ୍ତ୍ର ଦିବସ ତଥା ଜାନୁୟାରୀ ମାସ ୨୬ତାରିଖରେ ଏହି ଐତିହ୍ୟ ସମ୍ପନ୍ନ ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଆୟୋଜନ ଲକ୍ଷ୍ୟରେ କାମଗୁଡ଼ିକ ଶୀଘ୍ର ଶେଷ କରିବା ପାଇଁ ସଚିବ ଉପସ୍ଥିତ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଜିଲାପାଳ ସମର୍ଥ ବର୍ମା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ସଂସ୍କୃତ ଅଧିକାରୀ ହେମନ୍ତ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା, ତହସିଲଦାର ଜୟନ୍ତ ଜୟସିଂ, ବିଡିଓ ଲୋଚନ ଦାସ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଇଂ. ଜେ କେ ଦାସ ଏବଂ ଗୋପବନ୍ଧୁଙ୍କ ନାତି ଧୀରେନ୍ ଦାଶଙ୍କ ସମେତ ସମ୍ପୃକ୍ତ ନିର୍ମାଣଧୀନ ସଂସ୍ଥାର ମୁଖ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ସଂସ୍କୃତି ବିଭାଗ ଅତିରିକ୍ତ ସଚିବ ସତ୍ୟବ୍ରତ ସାହୁ ସୁଆଣ୍ଡୋ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ।

**ସଂସ୍କୃତି ବିଭାଗ ଅତିରିକ୍ତ ସଚିବଙ୍କ ସୁଆଣ୍ଡୋ ପରିଦର୍ଶନ**

# ଆଜିଠୁ ଶ୍ରୀମନ୍ଦିରରେ ପହିଲି ଭୋଗ ନୀତି

**ପୁରୀ ଅଫିସ,୧୫।୧୨**

ଶୁକ୍ରବାର ଧନୁ ସଂକ୍ରାନ୍ତି ପଡୁଥିବାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଅନୁଷ୍ଠିତ ହେବ। ଏହି ନୀତି ଧନୁ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ୧ମାସ ଧରି ସମ୍ପନ୍ନ ହେବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ପହିଲି ଭୋଗରେ ମହାପ୍ରଭୁଙ୍କ ପାଇଁ ବିଭିନ୍ନ ବ୍ୟଞ୍ଜନ, ବଡ଼ ଝିଲି, ବଡ଼ି, ଝିଲି, ବଡ଼ବଡ଼ା, କାକେରା, ଅମାଲୁ, ଏଣ୍ଡୁରି, ଲଡୁ ଓ ଖଇର ଚୁଳ ପରି ବିଭିନ୍ନ ଭୋଗ ଲାଗି ହେବ। ପ୍ରତିଦିନ ସୂର୍ଯ୍ୟ ଉଦୟ ପୂର୍ବରୁ ଶ୍ରୀମନ୍ଦିର ଦ୍ୱାର ଫିଟାଯାଇ ଭିତର ଶୋଧ, ମହାପ୍ରଭୁଙ୍କ ମଙ୍ଗଳ ଆରତି, ତଡ଼ପଲାଗି, ଅବକାଶ, ବେଶ ଶେଷ ପରେ ମହାପ୍ରଭୁଙ୍କୁ ପହିଲି ଭୋଗ ଲାଗି କରାଯାଏ। ପହିଲି ଭୋଗ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିଘଣ୍ଟ ସ୍ଥିର କରାଯାଇଛି। ଚଳିତ ମାସ ୧୬ ତାରିଖରୁ ଜାନୁୟାରୀ ୧୩ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପହିଲି ଭୋଗ ନୀତି ହେବ। ସେଥିପାଇଁ ରାତି ୨ଟାରେ ଶ୍ରୀମନ୍ଦିର ଦ୍ୱାର ଫିଟାଯାଇ ଭିତର ଶୋଧ କରାଯିବ ୨.୩୦, ମଙ୍ଗଳଆଳତି ୨.୪୫, ରୋଷହୋମ ୨.୪୫, ମଇଲମ ଓ ତଡ଼ପ ଲାଗି ୩.୧୫, ଅବକାଶ ୪ଟା, ସୂର୍ଯ୍ୟ ପୂଜା ୪.୪୫ ଦ୍ୱାରପାଳ ପୂଜା ୫ଟା, ବେଶ ଶେଷ ୫ଟା, ପହିଲି ଭୋଗ ଓ ଗୋପାଳ ବଲ୍ଲଭ ୫.୨୦ରୁ ୬ଟା, ସକାଳ ଧୂପ (କେବଳ କୋଠଭୋଗ) ୬.୩୦ରୁ ୮ଟା, ମଇଲମ ଓ ବେଶ ୮.୨୦ରୁ ୯ଟା, ଭୋଗମଣ୍ଡପ ୮.୨୦ରୁ ୧୦ଟା, ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ) ୧୦.୩୦ରୁ ୧୨ଟା, ଦ୍ୱିତୀୟ ଭୋଗମଣ୍ଡପ ୧୧.୪୫ରୁ ୧ଟା, ଦକ୍ଷିଣୀଘର ଭୋଗ ଶେଷ ୧ଟା, ମଇଲମ ବେଶ ୧.୧୫ରୁ ୨ଟା, ଦିବା ପହୁଡ଼ ୨.୩୦, ଦ୍ୱାରଫିଟା ୪.୩୦, ସନ୍ଧ୍ୟା ଆଳତି ୫ଟା, ମଇଲମ – ବେଶ ସନ୍ଧ୍ୟା ୫ଟାରୁ ୬ଟା, ସନ୍ଧ୍ୟା ଧୂପ ୬.୩୦ରୁ ୮ଟା, ମଇଲମ ୮.୩୦, ଚନ୍ଦନ ଲାଗି ୯ଟା, ବଡ଼ସିଂହାର ବେଶ ୧୦ଟା, ଭୋଗ ୧୦.୩୦, ଟୋପରଲାଗି ୧୦.୪୫ ଏବଂ ରାତ୍ର ପହୁଡ ରାତି ୧୧ଟା ସମୟରେ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ସହ ପୁରୀରେ ଥିବା ଦେବଦେବୀ ଏବଂ ଜାଗା ଆଖଡ଼ା ପରିସରରେ ମଧ୍ୟ ପହିଲି ଭୋଗ ଆରମ୍ଭ ହେବ।

# ଲମ୍ପି ରୋଗ ନେଇ ବିଧାୟକଙ୍କ ସମୀକ୍ଷା

**ପିପିଲି,୧୫।୧୨(ଡି.ଏନ୍.ଏ)**

ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଗୁରୁବାର ଅଚାନକ ପିପିଲି ମଣ୍ଡଳ ପ୍ରାଣୀ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେ ସମସ୍ତ ଅଞ୍ଚଳ ବୁଲି ଦେଖିବା ପରେ ଉକ୍ତ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ବସିଥିଲା। ବ୍ଲକ ଓ ଏନ୍ଏସି ଅଞ୍ଚଳରେ ଲମ୍ପି(ବିଣ୍ଡି ଜନିତ ଗୋବସନ୍ତ ରୋଗ) ନାମକ ଏକ ଭୂତାଣୁ ଜନିତ ରୋଗ ଗୋରୁଙ୍କ ମଧ୍ୟରେ ବ୍ୟାପିଛି। ଏହି ରୋଗର ନିରାକରଣ କିପରି କରାଯାଉଛି, ଏନେଇ କେତେ ଟିକା ଆସିଛି ବୋଲି ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୫୦୦୦ ଟିକା ଆସି ଗୋରୁଗାଈଙ୍କୁ ଦିଆଯାଇଥିବାବେଳେ ଗୁରୁବାର ୨୨୦୦ ଟିକା ଆସିଛି। ପ୍ରତ୍ୟେକ ପଞ୍ଚାୟତକୁ ପର୍ଯ୍ୟାୟକ୍ରମେ ଦିଆଯାଉଛି ବୋଲି ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଆଲୋକ ମିଶ୍ର କହିଥିଲେ। ପରେ ବିଧାୟକ ଅଫିସ ପରିସର ବୁଲି ଦେଖିଥିଲେ। ଏହି ବୈଠକରେ ପିପିଲି ପ୍ରାଣୀ ଚିକିତ୍ସାକେନ୍ଦ୍ରର ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡ. ପିନାକୀ ସାମଲଙ୍କ ସମେତ କେତେକ ପ୍ରାଣୀଧନ ନିରୀକ୍ଷକ ଉପସ୍ଥିତ ଥିଲେ। ଗୋରୁଗାଈଙ୍କୁ ହେଉଥିବା ରୋଗର ନିରାକରଣ ଉପରେ ବିଭିନ୍ନ ପଞ୍ଚାୟତରେ ଜନସଚେତନତା କାର୍ଯ୍ୟକ୍ରମ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଏଥିରେ ପିପିଲି ଏନ୍ଏସି ଅଧ୍ୟକ୍ଷ ସେକ୍ ବାବୁ ଉପସ୍ଥିତ ଥିଲେ।



ପିପିଲିର ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଆଲୋଚନା କରୁଛନ୍ତି ।

# ଚୋରାରେ ଚାଲିଛି କରତକଳ

**କଣାସ,୧୫।୧୨(ସ୍ୱ.ପ୍ର.)**

ରାଜ୍ୟ ସରକାର କରତକଳ ବସାଇବା ପାଇଁ ଅନେକ ନିୟମ କରିଛନ୍ତି। ହେଲେ ସେହି ନିୟମ ନ ମାନି ଚୋରାରେ ଅନେକ କରତକଳ ବସାଇ କାଠ ଚିରାଯାଉଥିବା କଣାସ ବ୍ଲକରେ ଦେଖିବାକୁ ମିଳିଛି। ଖବରନେବାରେ ଜଣାପଡିଛି ପୂର୍ବରୁ କାଳିଘଡିଠାରେ ଏକ କରତକଳ ଚୋରାରେ ଚାଲିଥିବାବେଳେ କିଛିଦିନ ହେଲା ଉକ୍ତ କଳ ବନ୍ଦ ହୋଇଯାଇଥିଲା। ୧୫ଦିନ ହେଲା ବ୍ଲକର ଭଗବତୀରୋଡର ଖଣ୍ଡହତା ଗ୍ରାମଠାରୁ ଦୁଇପୁର ଗ୍ରାମପର୍ଯ୍ୟନ୍ତ ଯାଇଥିବା ରାସ୍ତାର ମଝିରେ ଏକ କରତକଳ ବସାଯାଇ ଚୋରାରେ ଦିନରାତି କାଠ ଚିରାଯାଉଥିବା ଜଣାପଡିଛି। ବନ ବିଭାଗ କର୍ମଚାରୀ ଏବଂ ପୋଲିସ ବିଭାଗ ନଜରକୁ ଏହା କିପରି ଆସୁନି, ତାହା ସାଧାରଣରେ ଆଲୋଚନାର ବିଷୟବସ୍ତୁ ପାଲଟିଛି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଜଣେ ମୃତ

ପିପିଲି,୧୫।୧୨(ସ୍ୱ.ପ୍ର)- ପୋଖରୀରେ ବୁଡ଼ି ଗୁରୁବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପିପିଲି ଥାନା ଅନ୍ତର୍ଗତ ଦାଣ୍ଡମୁକୁନ୍ଦପୁର ପ୍ରଧାନ ସାହିର ରବୀନ୍ଦ୍ର ପ୍ରଧାନ (୪୨)। ସେ ଅପରାହ୍ନ ସମୟରେ ବିଲକୁ କାମ କରିବାକୁ ଯାଇ ସେଠାରୁ ଘରକୁ ଫେରି ନ ଥିଲେ। ତେବେ ଘର ନିକଟବର୍ତ୍ତୀ ଏକ ପୋଖରୀରେ ରବୀନ୍ଦ୍ର ପଡିଥିବା ଗ୍ରାମର ବ୍ୟକ୍ତି ତାଙ୍କ ଘରେ ଜଣାଇବାରୁ ପରିବାର ଲୋକ ପହଞ୍ଚି ରବୀନ୍ଦ୍ରଙ୍କୁ ପାଣିରୁ ଉଦ୍ଧାର କରି ପିପିଲି ସରକାରୀ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପିପିଲି ପୋଲିସ ମେଡିକାଲଠାରେ ପହଞ୍ଚି ରବୀନ୍ଦ୍ରଙ୍କ ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି।

### ବଳାତ୍କାର ଘଟଣା, ୨ବର୍ଷ ପରେ ଦମ୍ପତି ଗିରଫ

କାକଟପୁର,୧୫।୧୨(ଡି.ଏନ୍.ଏ.)- କାକଟପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଦୀର୍ଘ ୨ବର୍ଷ ଧରି ଫେରାର ଥିବା ଅଭିଯୁକ୍ତଙ୍କୁ କାକଟପୁର ଥାନା ପୋଲିସ ପଡ଼ୋଶୀ ଜିଲା ଜଗତ୍‌ସିଂହପୁର ଅଞ୍ଚଳରୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଅଞ୍ଚଳର ରମାକାନ୍ତ ମଲ୍ଲିକ(୩୫)। ଏହି ଘଟଣାରେ ରମାକାନ୍ତଙ୍କୁ ଫେରାର କରିବାରେ ସହଯୋଗ କରିଥିବାରୁ ତାଙ୍କ ସ୍ତ୍ରୀଙ୍କୁ ମଧ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ରମାକାନ୍ତ ଗତ ୨ ବର୍ଷ ତଳେ କାକଟପୁର ଅଞ୍ଚଳର ଜଣେ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତାଙ୍କ ପରିବାର ଲୋକ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବାକୁ ତଦନ୍ତ ଚଳାଇଥିଲା। ଏ ବିଷୟରେ ଜାଣି ରମାକାନ୍ତ ନିଜ ନାଁ ବଦଳାଇ ରାଜ୍ୟ ଓ ରାଜ୍ୟ ବାହାରେ ରହୁଥିଲେ। ଏପରିକି ଏହି କାର୍ଯ୍ୟରେ ରମାକାନ୍ତଙ୍କୁ ତାଙ୍କ ସ୍ତ୍ରୀ ସହଯୋଗ କରିଥିଲେ। ଫଳରେ ପୋଲିସ ଏହାର କୌଣସି ସୁରାକ ପାଇପାରୁ ନ ଥିଲା। ପ୍ରାୟ ୨ବର୍ଷ ପରେ ଅଭିଯୁକ୍ତ ରମାକାନ୍ତ ଜଗତ୍‌ସିଂହପୁରରେ ଥିବା ନେଇ ବିଶେଷ ସୂତ୍ରରୁ କାକଟପୁର ଥାନା ଆଇଆଇସି ପ୍ରିୟରଞ୍ଜନ ନାୟକ ଖବରପାଇଥିଲେ। ପରେ ଗୁରୁବାର ଏକ ଟିମ୍ ପ୍ରସ୍ତୁତ କରି ଜଗତ୍‌ସିଂହପୁରରେ ଚଢ଼ାଉ କରି ରମାକାନ୍ତ ଓ ତାଙ୍କ ସ୍ତ୍ରୀଙ୍କୁ ଗିରଫ କରିଥିଲେ।

# ଗଡ଼ିଶାଗୋଦା-ଜଙ୍କିଆ ଦୟାନଦୀ ବନ୍ଧ କାମ ନିମ୍ନମାନର

**କଣାସ,୧୫।୧୨(ସ୍ୱ.ପ୍ର.)**

କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ରାସ୍ତାଘାଟର ନିର୍ମାଣ ଦିଗରେ ଅଧିକ ଗୁରୁତ୍ୱ ଦେଇ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ରାସ୍ତା ନିର୍ମାଣବେଳେ ନିମ୍ନମାନର କାର୍ଯ୍ୟ କରାଯାଉଛି। ବର୍ତ୍ତମାନ ସମୟରେ କଣାସ ବ୍ଲକର ଗଡିଶାଗୋଦାଠାରୁ ଜଙ୍କିଆ ବଜାର ପର୍ଯ୍ୟନ୍ତ ନିର୍ମାଣ କରାଯାଉଥିବା ଦୟାନଦୀର ବନ୍ଧ ନିର୍ମାଣ କାର୍ଯ୍ୟ ଚାଲିଛି। ସେହି କାର୍ଯ୍ୟ ନିମ୍ନମାନର ହେଉଥିବା ଗଡିଶାଗୋଦାବାସୀ ପୁରୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି। ଖବରନେବାରେ ଜଣାପଡିଛି ଗଡିଶାଗୋଦାଠାରୁ ଜଙ୍କିଆ ପର୍ଯ୍ୟନ୍ତ ଦୟାନଦୀ ବନ୍ଧ ସୁଦୃଢ ପାଇଁ ଢଳେଇ ରାସ୍ତା କରିବାକୁ ଠିକାଦାର ନିଯୁକ୍ତ ହୋଇଛନ୍ତି। ବନ୍ଧରେ ସର୍ବପ୍ରଥମେ ୬ ଇଞ୍ଚ ବାଲି ଓ ନାଲିମୋରମ ଦେବାକୁ ଥିବାବେଳେ ନାମକୁମାତ୍ର ବାଲି ମିଶାଇ ନିମ୍ନମାନର ମୋରମ ଦେଇ ୬ ଇଞ୍ଚ ବଦଳରେ ୩ରୁ ୪ ଇଞ୍ଚ ପକାଯାଇଛି। ତାହା ଉପରେ ୩ ଇଞ୍ଚର ଚିପ୍ସ ପକାଇବାକୁ ନିୟମ ଥିବାବେଳେ ମାତ୍ର ୧ଇଞ୍ଚରୁ ୨ ଇଞ୍ଚ ମଧ୍ୟରେ କଳାଚିପ୍ସ ପକାଯାଇ ତାହା ପରେ ନାଲି ମୋରମ ଛିଞ୍ଚା ଯାଉଛି। ଚିପ୍ସ ଉପରେ ୮ ଇଞ୍ଚର ଢଳେଇ ପକାଇବାକୁ ବ୍ୟବସ୍ଥା ଥିବା ଏବଂ ଢଳେଇ ଦୁଇପାଖକୁ ସୁଦୃଢ ରଖିବା ପାଇଁ କଂକ୍ରିଟ୍ ବନ୍ଧ ହେବାକୁ ଥିବାବେଳେ ଉକ୍ତ ଠିକାଦାର ବନ୍ଧର ଦାଢରୁ ମାଟି ଖୋଳି ବନ୍ଧ ତିଆରି କରୁଛନ୍ତି। ଫଳରେ ଥରକ ବର୍ଷାରେ ଦୁଇପାର୍ଶ୍ୱ ମାଟି ଧୋଇଯାଇ ଢଳେଇ ଫାଟି ଯିବାର ସମ୍ଭାବନା ରହିଛି। ଯେଉଁ ୮ଇଞ୍ଚ ଢଳେଇ କରାଯିବା ବଦଳରେ ମାତ୍ର ୬ଇଞ୍ଚ ଢଳେଇ କରାଯାଉଛି। ଢଳେଇ ମଧ୍ୟରେ ଲୁହାରଡ଼ ଦେବାର ବ୍ୟବସ୍ଥା ନ ଥିବାରୁ ବନ୍ୟା ସମୟରେ ଢଳେଇଗୁଡିକ ଫାଟିଯାଇ ଖଣ୍ଡ ଖଣ୍ଡ ହୋଇଯିବାର ସମ୍ଭାବନା ରହିଛି। ଢଳେଇବେଳେ ୩ପେଟି ଚିପ୍ସ, ୨ପେଟି ବାଲି, ଗୋଟିଏ ପେଟି ସିମେଣ୍ଟ ଦିଆଯାଉଥିବାରୁ ତାହା ଚିରସ୍ଥାୟୀ ନୁହେଁ ବୋଲି ଗଡିଶାଗୋଦା ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ନଦୀବନ୍ଧ ଢଳେଇର ଦୁଇପାର୍ଶ୍ୱ ସୁରକ୍ଷା ପାଇଁ କଂକ୍ରିଟ୍ ୱାଲ୍ ନିର୍ମାଣ କରାଯିବା ସହିତ ଢଳେଇ ମଧ୍ୟରେ ଲୁହାରଡ୍ ଦେବା ପାଇଁ ଗ୍ରାମବାସୀ ଦାବିକରିଛନ୍ତି। ଏ ସମ୍ପର୍କରେ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକାର ବେହେରାଙ୍କୁ ପଚାରିବାରୁ, ସେ କୌଣସି ସନ୍ତୋଜନକ ଉତ୍ତର ଦେଇପାରି ନ ଥିଲେ।



କଣାସ ବ୍ଲକର ଗଡିଶାଗୋଦାଠାରୁ ଜଙ୍କିଆ ବଜାର ପର୍ଯ୍ୟନ୍ତ ଦୟାନଦୀ ବନ୍ଧ କାମ ଚାଲିଛି ।

# ଗଜପତିଙ୍କ ଉଦ୍ଦେଶ୍ୟରେ ୧୧ଦଫା ଦାବିପତ୍ର

**ପୁରୀ ଅଫିସ,୧୫।୧୨**

ଭକ୍ତ ଏବଂ ଶ୍ରୀମନ୍ଦିର ସମ୍ପର୍କରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଗୁରୁବାର ଗଜପତି ମହାରାଜଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ଶ୍ରୀନହରରେ ପ୍ରଦାନ କରିବା ସହ ଏଥିରେ ଗଜପତିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ପ୍ରତିଦିନ ପୁରୀବାସୀ ମହାପ୍ରଭୁଙ୍କ ଦର୍ଶନ କରିବା ସହ ମହାପ୍ରସାଦ ନେବାକୁ ଶ୍ରୀମନ୍ଦିରକୁ ଯାଇଥାନ୍ତି। ଏଥିସହ ମହାପ୍ରଭୁଙ୍କ ନିମନ୍ତେ ଫୁଲ, ତୁଳସୀ, ବିବାହ କାର୍ଡ ସହ ବିଭିନ୍ନ କାର୍ଯ୍ୟକ୍ରମରେ ମହାପ୍ରଭୁଙ୍କୁ ନିମନ୍ତ୍ରଣ କରାଯାଇଥାଏ। ମାତ୍ର ଶ୍ରୀମନ୍ଦିରର ଚାରିଦ୍ୱାର ଭକ୍ତଙ୍କ ପ୍ରବେଶ ଉପରେ ପ୍ରଶାସନ କଟକଣା ଲଗାଇଛି। ଫଳରେ ପୁରୀବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଚାରିଦ୍ୱାର ଦେଇ ପୁରୀବାସୀ ଶ୍ରୀମନ୍ଦିରକୁ ପ୍ରବେଶ କରୁଥିଲେ। ମାତ୍ର କରୋନାଠାରୁ ଚାରିଦ୍ୱାର ବନ୍ଦ କରାଯାଇଥିଲା। ଏବେ ସିଂହଦ୍ୱାର ଦେଇ ଯାତ୍ରୀମାନଙ୍କ ସହ ପୁରୀବାସୀ ପ୍ରବେଶ କରୁଛନ୍ତି। ତେଣୁ ଅନେକ ସମୟରେ ସମସ୍ୟା ଦେଖାଯାଉଛି। ତେଣୁ ପୁରୀବାସୀଙ୍କ ନିମନ୍ତେ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲାଯାଉ। ସେହିପରି ରତ୍ନଭଣ୍ଡାରର ତୁରନ୍ତ ମରାମତି କରାଯିବା ସହ ସମସ୍ତ ଅଳଙ୍କାରର ମଣତି ଓ ଗଣତି କରାଯାଉ। ଇଂଲଣ୍ଡରେ ଥିବା କୋହିନୁର ହୀରାକୁ ମହାପ୍ରଭୁଙ୍କ ପାଖକୁ ଫେରାଇଆଣିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉ। ଏମାରମଠରୁ ବାହାରିଥିବା ସମସ୍ତ ୫୨୨ ରୁପା ଇଟା ତୁରନ୍ତ ଶ୍ରୀମନ୍ଦିର ରତ୍ନ ଭଣ୍ଡାରକୁ ଅଣାଯାଉ। ପୁରୀବାସୀଙ୍କ ଜମିବାଡିର ତୁରନ୍ତ ସମାଧାନ କରାଯାଉ। ଶ୍ରୀମନ୍ଦିର ସିଂହଦ୍ୱାରରୁ କଢାଯାଇଥିବା ଦଶାବତାର ମୂର୍ତ୍ତିକୁ ପୁଣିଥରେ ସ୍ଥାପନ କରାଯାଉ। ଡିସେମ୍ବର ୩୧ ତାରିଖ ରାତି ଅଧରୁ ମହାପ୍ରଭୁଙ୍କୁ ଅଯଥାରେ ନିଦ୍ରୁ ନ ଉଠାଯାଉ ଏଭଳି ୧୧ ଦଫା ଦାବି ବିଷୟରେ ପ୍ରିୟଦର୍ଶନ ପଟ୍ଟନାୟକ ଦାବିପତ୍ରରେ ଜଣାଇଛନ୍ତି।



ଗଜପତି ମହାରାଜଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଉଛି ।


**OFFICE OF THE NOTIFIED AREA COUNCIL, REDHAKHOL**
ODISHA, DIST.: SAMBALPUR
E-mail: eonacrdl@gmail.com, Ph. No.: 06644-253466
No. 3103/NAC Dated: 13.12.2022

**QUOTATION CALL NOTICE**

No. C-1946: Sealed quotations in plain paper are invited by the undersigned from the intending Manufactures/Suppliers/Firms having required certificates i.e. GST and PAN for supplying of 40 Nos Branded ladies Bicycles of HERO/AVON/ATLAS/BSA/HERCULAS make with standard specifications along with Carrier, Chain Cover and Basket including stickers 8 × 8 inches durable and water proofing quality to Redhakhol NAC. The quotations should reach in the Office of the undersigned on or before Dt.20.12.2022 upto 2.00 P.M. and no quotation will be entertained beyond the stipulated period. The quotation will be opened on same day i.e. Dt.20.12.2022 at 4.00 P.M. in the presence of the quotationers or their authorized representatives.
The undersigned reserve the rights to reject any or all quotation without assigning any reason thereof.

Sd./- Executive Officer, NAC, Redhakhol
OIPR-13175/11/0005/2223



**OFFICE OF DEOGARH MUNICIPAL COUNCIL, DEOGARH**
Email:eo-deogarhmncp@gov.in
www.deogarhmunicipality.in
Office No. 06641-295020
Letter No. 2818/DMC Date:13.12.2022

**SHORT QUOTATION CALL NOTICE**

No.C-1931:Sealed tenders are invited from the interested firm/agency having valid GSTN for supply of 60 nos branded Ladies Bicycles with standard specifications along with Carries, Chain cover and Basket including stickering 8X8 inches durable and water proofing quality preferable Lady Bird /BSA/Hercules/Hero/Avon brand to Municipality Deogarh. The sealed quotation should reach to the undersigned on or before 23.12.2022 up to 12 Noon through registered post, speed post and the
same will be opened at 4 P.M. on the same day. The rate should be quoted inclusive all taxes, transportation. For to Deogarh Municipality complete in all respect. The information also available at Deogarh Municipality website i.e. www.deogarhmunicipality.in. The authority reserves the right to reject any or all the quotations without assigning any reason thereof.
Encl: the logo specification attached.

Sd./- Executive Officer
Deogarh Municipality
OIPR-13088/11/0022/2223



**ପୌର ପରିଷଦ କାର୍ଯ୍ୟାଳୟ,ଖୋର୍ଦ୍ଧା**
**OFFICE OF THE MUNICIPAL COUNCIL, KHORDHA**
e-Mail:khurda_municipality@yahoo.co.in
Phone No.-06755-220674
H & UD Department Govt. of Odisha, Khordha-752055
No.3672 Date:09.12.22

**TENDER CALL NOTICE**

No.C-1926:Sealed tenders are invited from the interested Farm / Agency / Suppliers having GST / PAN and for supplying of 45 Nos. of Ladies Bye-cycles of (Brand-Lady Bird / BSA / Hercules / Hero / Avon make) as per specification along with fixing of Carrier, Chain Cover and Basket including snickering 8x8 inches durable and waterproofing quality to Khordha Municipality. The Bidder should quoted rates including all applicable taxes and transporting charges. The techno commercial bid Cover No. A and Price bid Cover No. B shall be superscribed in cover No. C. The sealed tenders should be reach to the undersigned on or before 22.12.2022 up to 12.00 Noon through Registered Post or Speed Post and the same (Cover No. A) will be opened at 3.00 PM and the Cover No. B will be opened at 4.00 P.M. on the same day in the presence of the bidders or their authorized representatives in the office of Khordha Municipality. The details of the Tender is also available at the Khordha Municipality website i.e.www.khordhamunicipality.in and www.khordha.nic.in. The authority reserves the right to reject any or all quotations without assigning any reason thereof.

Sd./- Executive Officer, Khordha Municipality
OIPR-13082/11/0014/2223



**OFFICE OF THE MUNICIPAL COUNCIL, PARADEEP**

**EXPRESSI OF INTEREST (EOI)**

Notice No. 7284 Dt.13.12.2022

No. C-1943: Executive Officer, Paradeep Municipality, Paradeep invites sealed Expression of Interest (EoI) from interested/intending eligible Firms/Agencies/Painters for "Supplying erection of hoarding (Banner/Febric/Cotton), 3D Wall Painting within Paradeep Municipality Jurisdiction". DTCN alongwith terms & conditions can be obtained in the Office of the Municipal Council, Paradeep during office hours on payment of Rs.1,000.00 (Rupees One thousand) only (not refundable) and also available on office website **www.paradeepmunicipality.org** from **Dt.15.12.2022 to Dt.26.12.2022**. Paper cost shall be paid as per the same method noted in DTCN downloaded online. The firms/agencies/painters must be accompanied with photocopy of valid (i) PAN, (ii) GSTIN Clearance, (iii) Complete Organisation details, Authenticated Proof of the firm. The sealed EoI and other documents will be received **Offline on or before Dt.27.12.2022 upto 1.00 P.M. and will be opened on the same day at 4.30 P.M. in** presence of the bidder or their authorized representatives. The authority reserves the right to accept or cancel any or all quotations without assigning any reason thereof.

Sd./- Executive Office, Paradeep Municipality
OIPR-13120/11/0022/2223



**OFFICE OF THE EXECUTIVE ENGINEER (AGRIL.)**
No. L-104 **KEONJHAR DIVISION, KEONJHAR**
(At/P.O.: Madhapur, Dist.: Keonjhar, PIN - 758001, Odisha), Email Id: eeagril.kjr@gmail.com

**INVITATIONS FOR BIDS THROUGH e-Procurement**

No. 1145/Agril (KJR) Dated: 14.12.2022
Bid Identification No/E-Procurement Notice No. E.E. (A) - KEONJHAR DIVISION - 02/2022-23
1. The Executive Engineer (Agril.), Keonjhar Division, Keonjhar, Odisha on behalf of Governor of Odisha invites Percentage Rate Bids in Single Cover System for the works as detailed in table below.

| Sl. No. | Name of the Work | Approximate Estimated Cost put to Tender (Excluding GST) (Rs.) | Cost of Bid Documents (in Rs.) | Class of Contractor | Period of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Extension of FIAC Building, Banspal, Dist.: Keonjhar | 18,23,695.00 | 6000 | D & C | 120 Days |
| 2 | Extension of FIAC Building, Telkoi, Dist.: Keonjhar | 18,23,715.00 | 6000 | D & C | 120 Days |
| 3 | Extension of FIAC Building, Ghatagaon, Dist.: Keonjhar | 18,24,392.00 | 6000 | D & C | 120 Days |
| 4 | Extension of FIAC Building, Anandpur, Dist.: Keonjhar | 18,23,683.00 | 6000 | D & C | 120 Days |
| 5 | Extension of FIAC Building, Ghasipura, Dist.: Keonjhar | 18,23,683.00 | 6000 | D & C | 120 days |
| 6 | Extension of FIAC Building, Champua, Dist.: Keonjhar | 18,23,540.00 | 6000 | D & C | 120 days |

The bidders have to participate in ONLINE bidding only. The website for "ONLINE BIDDING" is **http://tendersorissa.gov.in**.
Bid document will be available in above website from Dt.20.12.2022 at 11.00 A.M. upto 5.00 P.M. of Dt.31.12.2022 for "ONLINE BIDDING".
Date of original bid documents submission Dt.22.12.2022 at 11.00 A.M. to Dt.02.01.2023 upto 5.00 P.M. Bids shall be opened at 11.00 A.M. & onwards on Dt.04.01.2023.
The bidder must possess matching class compatible Digital Signature Certificate (DSC).
Further details and other terms and conditions can be seen from DTCN in the e-procurement website **www.tendersorissa.gov.in**.
**N.B.:** Subsequent corrigendum/addendum if required shall be available in the website as indicated above.

Sd./- Executive Engineer (Agril.), Keonjhar Division, Keonjhar
OIPR-01460/11/0004/2223



**ପୌର ପରିଷଦ କାର୍ଯ୍ୟାଳୟ, ଫୁଲବାଣୀ**
**OFFICE OF THE MUNICIPAL COUNCIL, PHULBANI**
କନ୍ଧମାଳ/Kandhamal, Phulbani, Tel. No.: 06842-253619, Fax: 06842-253619
E-mail: municipality.plb@rediffmail.com
Letter No. 4490 Date: 12.12.2022

**QUOTATION CALL NOTICE**

No. C-1935: Sealed quotations are invited from the intending supplier/dealers for supplying of Branded Ladies Bicycle of BSA/AVON/HERO make with standard specifications along with Carrier, Chain Cover and Basket. They should quote the rate excluding GST. The quotation will be received through Speed Post/Regd. Post/by Person from **Date: 13.12.2022 to Date:20.12.2022 by 12.00 P.M.** and same will be opened on **20.12.2022 at 3.30 P.M.** in presence of bidder or their authorized representative. The details of items, terms and condition of the quotation will be availble **(13.12.2022 to 19.12.2022)** in the Office of the undersigned during office hour from 11.00 A.M. to 4.00 P.M. on all working days w.e.f. from date of publication of this quotation. They should submit the photo copy of the **GST Registration Certificate, PAN Card, Dealer Certificate along with the quotation**. The quotation paper can be purchased from Cashier of Phulbani Municipality and the cost of quotation paper is **Rs.2000.00 (Rupees two thousand) in shape of cash which is non-refundable**. The applicant should attach original Municipal Money Receipt of paper cost along with the quotation. The quotation received after due date and time shall not be entertained.
The undersigned reserves the right to accept or reject any or all the quotation without assigning reason thereof.

Sd./- Executive Officer, Phulbani Municipality
OIPR-13195/11/0020/2223

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୬ ଡିସେମ୍ବର, ୨୦୨୨

**ୱାର୍ଡସଭ୍ୟ ପଦ ହରାଇଲେ ଚାରୁଲତା**

ଜଗତସିଂହପୁର ଅଫିସ୍ : କଟକ ଜିଲା ନିଆଳି ବ୍ଲକ ସିଠାଲୋ ପଞ୍ଚାୟତ ଅନ୍ତର୍ଗତ ୨୧ ନଂ. ୱାର୍ଡର ନିର୍ବାଚିତ ସଭ୍ୟା ଚାରୁଲତା ଦାସ ୩ ସନ୍ତାନରେ ଜନନୀ ହୋଇଥିବାରୁ ତାଙ୍କର ସଭପଦ ରଦ୍ଦ ହୋଇଛି। ତାଙ୍କ ପ୍ରାର୍ଥିତ୍ୱକୁ ଚ୍ୟାଲେଞ୍ଜ କରି ପ୍ରତିଦ୍ୱନ୍ଦ୍ୱୀ ତଥା ବଛସାଇଲୋର ଚନ୍ଦ୍ରକାନ୍ତ ଦାସଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ପ୍ରଥମେ ହାଇକୋର୍ଟ ଓ ପରେ କଟକ ଜିଲା ନିଆଳି ସିଭିଲ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ୧୩ତମ ଚାରିଟେବୁଲ କର୍ପୋରେଟ୍ କ୍ରିକେଟ୍ ଲିଗ୍, ଇନ୍ଦିରା ମଇଦାନ, ସିଆର୍‌ପି ଛକ, ଘାଟିକିଆ ମିନି ଷ୍ଟାଡିୟମ୍, ସକାଳ ୭ଟା ୩୦।
- ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲର ୩୫ତମ ବାର୍ଷିକ କ୍ରୀଡ଼ା ମିଟ୍, ସ୍କୁଲ ପରିସର, ସକାଳ ୮ଟା ୩୦।
- ଆଇସିଆଇ ଆଇସିସିର ଅନ୍ତର୍ଜାତୀୟ ସମ୍ମିଳନୀ, ଉତ୍କଳ ୟୁନିଭର୍ସିଟି, ପୂର୍ବାହ୍ନ ୧୦ଟା ୩୦।
- ସିଆଇଟିୟୁ ପକ୍ଷରୁ ଗଣବିକ୍ଷୋଭ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା ୩୦।
- ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ଶୋଭାଯାତ୍ରା, ରେଲୱେ ଷ୍ଟେଶନରୁ ଆରମ୍ଭ, ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ବିକ୍ଷୋଭ, ବିଏମ୍‌ସି କାର୍ଯ୍ୟାଳୟ, ମଧ୍ୟାହ୍ନ ୧୨ଟା।
- ୪ର୍ଥ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର', ଇଡ୍‌କୋ ପଡ଼ିଆ, ଅପରାହ୍ନ ୨ଟା।
- ଅଲ୍ ଓଡ଼ିଶା ୨୭ତମ ତମାଣ୍ଡୋ କପ୍ ଫୁଟବଲ୍ ଟୁର୍ନାମେଣ୍ଟ, ତମାଣ୍ଡୋ ମିନି ଷ୍ଟାଡିୟମ୍, ଅପରାହ୍ନ ୨ଟା ୩୦।
- ଓଡ଼ିଶା ଆର୍ଟ ଆଣ୍ଡ କ୍ରାଫ୍ଟ ଏକାଡେମୀ ଅନୁଷ୍ଠାନ ପକ୍ଷରୁ କଳା ପ୍ରଦର୍ଶନୀ, ସେକ୍ଟର –୧, ପ୍ଲଟ ନଂ. ୩୦୨, ନୀଳାଦ୍ରି ବିହାର, ଅପରାହ୍ନ ୪ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ନାଟ୍ୟକାର ଭଞ୍ଜକିଶୋର ପଟ୍ଟନାୟକ ଜନ୍ମ ଶତବାର୍ଷିକୀ ଅବସରରେ ଆୟୋଜିତ ସ୍ମାରକୀ–ବକ୍ତୃତା ସମାରୋହ, ୪ର୍ଥ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ (ଦ୍ୱିତୀୟ ମଞ୍ଚ), ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍–୩, ଅପରାହ୍ନ ୪ଟା।
- ଜୋସେଫ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍କୁଲ ପରିସର, ଅପରାହ୍ନ ୫ଟା।
- ସାଇ କିଡ୍‌ସର ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୫ଟା।
- ପ୍ରଣବ ସଙ୍ଗୀତା ପ୍ରତିଯୋଗିତା, ସୂଚନା ଭବନ, ଅପରାହ୍ନ ୫ଟା।
- ପ୍ରୋଜେକ୍ଟ ଚାଉନି ପକ୍ଷରୁ ମୟୂରଭଞ୍ଜ ଚାଉର ଜାତୀୟ ଉତ୍ସବ, 'ନାଟ୍‌କି', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ପୋଲିସ କମିଶନରେଟ୍ ଓଏସ୍‌ଏପି ୭ମ ବାଟାଲିଅନ, ଭୁବନେଶ୍ୱରର ୪୩ତମ ବାର୍ଷିକ ଉତ୍ସବ, ବାଟାଲିଅନ ପଡ଼ିଆ, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ବ୍ଲକସ୍ତରୀୟ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ଭିଙ୍ଗାରପୁର, ସକାଳ ୯ଟା ୩୦।

# ୨୫ରେ ଭୁବନେଶ୍ୱରରେ ପହଞ୍ଚିବ ଟ୍ରଫି

**ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ)**

ଓଡ଼ିଶାରେ ଦ୍ୱିତୀୟଥର ହକି ବିଶ୍ୱକପ୍ ଆୟୋଜନ ହେଉଥିବା ବେଳେ ଏଥିପାଇଁ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର ସହରକୁ ମଧ୍ୟ ବେଶ୍ ସୁନ୍ଦର ଭାବେ ସଜାଯାଉଛି। ଆୟୋଜନକୁ ଗୋଷ୍ଠୀ ଅଭିମୁଖୀ କରାଇବା ପାଇଁ ପ୍ରୟାସ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା (ସୁଡା) ସଭାଗୃହରେ ଦୁଇଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଏବଂ କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତିରେ ଏହି ସଭା ଅନୁଷ୍ଠିତ ହୋଇଥିଲା।
ପ୍ରଥମ ବୈଠକରେ ଭୁବନେଶ୍ୱରରୁ ପ୍ରାୟ ୭୦ଟି ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇ ସରକାରଙ୍କ ପ୍ରୟାସରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସଫେଇ, ଇଲେକ୍ଟ୍ରିସିଟି ଏବଂ ହକିର ଛାପ ନିମନ୍ତେ କଟ୍‌ଆଉଟ୍ ଯୋଗାଇବାକୁ କେତେକ ଅନୁଷ୍ଠାନ



ସଭାରେ ମେୟର ସୁଲୋଚନା ଦାସ ସୂଚାନ ଦେଉଛନ୍ତି।

ଅନୁରୋଧ କରିଥିଲେ। ନିଜ ନିଜର ମଣ୍ଡପକୁ ଯଥାସାଧ୍ୟ ସଜେଇବା ଏବଂ ଏଲ୍‌ଇଡି ଲଗାଇ ହକି ଦେଖାଇବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିବା ପାଇଁ କେତେକ ଅନୁଷ୍ଠାନ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ବିଏମ୍‌ସି ପକ୍ଷରୁ କ'ଣ ସହଯୋଗ ରହିବ ସେ ନେଇ ସରକାରଙ୍କ ସହିତ ଆଲୋଚନା ପରେ ଜଣାଇ ଦିଆଯିବ ବୋଲି ମେୟର ସୂଚନା ଦେଇଛନ୍ତି। ସେହିଭଳି ଆସନ୍ତା ୨୫ରେ ଭୁବନେଶ୍ୱରରେ ୨୦୨୩ ହକି ବିଶ୍ୱକପ୍ ଟ୍ରଫି ପହଞ୍ଚିବ। ଏହାର ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ବିଏମ୍‌ସି ପ୍ରସ୍ତୁତ ଅଛି। ସେହିଭଳି ୨୫ରୁ ବିଭିନ୍ନ କାର୍ଯ୍ୟକ୍ରମ ଯଥା ମିନି ମାରାଥନ୍, ବିଭିନ୍ନ ୱାର୍ଡର ସ୍କୁଲ, କଲେଜରେ ହକି ସମ୍ପର୍କିତ କୁଇଜ୍, ପେଣ୍ଟିଂ ପ୍ରତିଯୋଗିତା କରାଯିବ। ଏଥିସହ ପ୍ରତି ରବିବାର ରାହାଗିରି ଆୟୋଜନ ହେବ ବୋଲି ମେୟର ସୂଚନା ଦେଇଛନ୍ତି।
ଅନୁରୂପ ଭାବେ ବିଭିନ୍ନ ପରିବହନ ଅନୁଷ୍ଠାନରୁ ପ୍ରାୟ ୪୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବୈଠକରେ ଯୋଗ ଦେଇଥିଲେ।

### ହକି ବିଶ୍ୱକପ୍ ପାଇଁ ସଜେଇ ହେଉଛି ସହର

ଏମାନଙ୍କ ସହିତ ପରିମଳ, ସହରର ସୌନ୍ଦର୍ଯ୍ୟ, ପରିବହନ ସମୟରେ ଆଚରଣ, ଟ୍ରାଫିକ୍ ନିୟମ, ସହରର ହକି ପର୍ବକୁ ସୂଚାଇବା ପାଇଁ ଷ୍ଟିକର୍ ଆଦି ବିଭିନ୍ନ ବାବଦରେ ଆଲୋଚନା କରାଯାଇଥିଲା। ସେହିପରି ଘରୋଇ ପରିବହନ ଯାନର ରହଣିସ୍ଥଳ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ସଂସ୍ଥାର କର୍ମକର୍ତ୍ତମାନେ ଅନୁରୋଧ କରିଥିଲେ। ବୈଠକରେ ବିଏମ୍‌ସିର ଅତିରିକ୍ତ କମିଶନର ବିନୟ କୁମାର ଦାଶ, ଡିସିପି ଟ୍ରାଫିକ୍ ଠାକୁର ପ୍ରସାଦ ପାତ୍ର, ଆର୍‌ଟିଓ ୧ ଏବଂ ୨ ବିକାଶ ଚନ୍ଦ୍ର ଚୌଧୁରୀ ଓ ସନତ କୁମାର ଜେନା, ଏସିପି ସ୍ୱସ୍ତିକ୍ ପଣ୍ଡା ଓ ପୋଲିସ୍ ଅଧିକାରୀ ରଞ୍ଜନ କୁମାର ଦୋରା ଯୋଗ ଦେଇଥିଲେ। ବିଏମ୍‌ସିର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମିହିର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# 'ବାର୍ଡ୍ସ ଆର୍ ମିଣ୍ଟ ଟୁ ଫ୍ଲାଏ' ପୁସ୍ତକ ଉନ୍ମୋଚିତ



ଅତିଥିମାନେ 'ବାର୍ଡ୍ସ ଆର୍ ମିଣ୍ଟ ଟୁ ଫ୍ଲାଏ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

ପକ୍ଷୀଘର ପ୍ରକାଶନୀ ପକ୍ଷରୁ ଗୁରୁବାର ସୂଚନା ଭବନରେ ତାବିସୀ ମହାପାତ୍ରଙ୍କ ଇଂରାଜୀ ପୁସ୍ତକ 'ବାର୍ଡ୍ସ ଆର୍ ମିଣ୍ଟ ଟୁ ଫ୍ଲାଏ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏହି ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ସାମାଜିକ କର୍ମୀ ଶ୍ରୁତି ମହାପାତ୍ର ଯୋଗଦେଇ କହିଥିଲେ, ତାବିସୀ ଭବିଷ୍ୟତରେ ବଡ଼ ଲେଖିକା ହୋଇପାରିବେ। ସମ୍ମାନିତ ଅତିଥି ଭାବେ କଥାଶିଳ୍ପୀ ତଥା କୁନିକଥା କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତ ଯୋଗଦେଇ କହିଥିଲେ, ଲେଖିବା ଗୋଟିଏ କଳା। ସେହି କଳାକୁ ତାବିସୀ ହାସଲ କରିଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଯୋଗଦେଇ କହିଥିଲେ। କମ୍ ବୟସରେ ଏତେ ଚମତ୍କାର ବହି ଲେଖିବା କେବଳ ସରସ୍ୱତୀଙ୍କ ଆଶୀର୍ବାଦ। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଅଧ୍ୟକ୍ଷା ମୋନାଲିସା ବଳ କହିଥିଲେ, ତାବିସି ସୁନ୍ଦର ଭାବେ ଛୋଟ ଛୋଟ କଥାକୁ ଚମତ୍କାର ଭାବେ ଯେପରି କାହାଣୀ ଓ କବିତାରେ ରୂପାନ୍ତରିତ କରିପାରିଛନ୍ତି ତାହା ଆଶ୍ଚର୍ଯ୍ୟ। ପକ୍ଷୀଘର ପ୍ରକାଶନୀର ପ୍ରକାଶିକା ବବିତା ଦାଶ ତ୍ରିପାଠୀ ତାବିସିଙ୍କ ଲେଖାର ପ୍ରଶଂସା କରିଥିଲେ। ଶେଷରେ ଲେଖିକା ତାବିସି ଲେଖକୀୟ ବକ୍ତବ୍ୟ ରଖିଥିଲେ। କମେଡିଆନ୍ ହରିହର ମହାପାତ୍ର ସ୍ୱାଗତ ଅଭିଭାଷଣ ଏବଂ ବ୍ରଜେଶ୍ୱରୀ ସିଂହ ଧନ୍ୟବାଦ ଦେଇଥିଲେ। ଏମ୍. ସଞ୍ଜିବନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଅବସରକାଳୀନ ପେନ୍‌ସନ୍ ଓ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବିରେ ସିନିୟର ଜର୍ନାଲିଷ୍ଟ ଆସୋସିଏଶନ, ଓଡ଼ିଶା ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି। (ଫଟୋ– ମନୋରଞ୍ଜନ)

# ବୃଦ୍ଧାବସ୍ଥାରେ ନିଃସଙ୍ଗତା ବଡ଼ ସମସ୍ୟା

**ପୁରୁଣା ଭୁବନେଶ୍ୱର,୧୫।୧୨(ଡି.ଏନ୍.ଏ.)**

ବୃଦ୍ଧାବସ୍ଥାରେ ନିଃସଙ୍ଗତା ବଡ଼ ସମସ୍ୟା। ବିଶେଷକରି ବହୁ ସନ୍ତାନ ସନ୍ତତି ମା'ବାପାଙ୍କୁ ଛାଡ଼ି ଅନ୍ୟତ୍ର ରହୁଛନ୍ତି। ପରିଣତ ବୟସରେ ସେମାନଙ୍କୁ ଦେଖାଶୁଣା କରିବାକୁ କେହି ନାହାନ୍ତି। ଏପରିକି ଅନେକ ମା'ବାପାଙ୍କୁ ଓଲ୍ଡ ଏଜ୍‌ହୋମରେ ରଖି ଦାୟିତ୍ୱ ସାରିଦେଉଛନ୍ତି। ଏଠାରେ ବରିଷ୍ଠ ନାଗରିକଙ୍କ ନିଃସଙ୍ଗତା କମ ଜଣାପଡ଼ିଥିଲେ ମଧ୍ୟ ବନ୍ଧୁପରିଜନଙ୍କ ବିଚ୍ଛେଦରେ ପ୍ରକୃତ ନିଃସଙ୍ଗତା ବଡ଼ ସମସ୍ୟା ଭାବେ ଦେଖାଦେଇଥାଏ ବୋଲି ଗୁରୁବାର ସ୍ଥାନୀୟ ଶାସନ ପଡ଼ିଆସ୍ଥିତ ଶ୍ରୀକୃଷ୍ଣା ଓଲ୍ଡଏଜ୍ ହୋମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଡ. ଦାମୋଦର ରାଉତ ଏହା କହିଛନ୍ତି। ଏଠାରେ ରହୁଥିବା ୨୩ ଜଣ ବୃଦ୍ଧାବୃଦ୍ଧଙ୍କୁ ରନ୍ଧାଖାଦ୍ୟ ସହ କମ୍ବଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ବିରଞ୍ଚି ନାରାୟଣ ମହାସୁପକାର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ବରିଷ୍ଠ ସାମ୍ବାଦିକ ରବି ଦାସ, ପ୍ରୀତିନନ୍ଦା ରାଉତରାୟ, ସୁଚିସ୍ମିତା ଦାଶ, କୁମୁଦ ଦାସ, ଅଂଶୁମାନ ମିଶ୍ର, ରାଜେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଟିଏ ରାତିରେ ୨ ଦୁର୍ଘଟଣା

- ୨ ବାଇକକୁ ପିଟିଲା ଟ୍ରକ୍, ଜଣେ ଗୁରୁତର
- ଟ୍ରକ ପଛକୁ ପିଟିଲା ପିକଅପ୍ ଭ୍ୟାନ୍

**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)**



ରାଜଧାନୀରେ ଗୁରୁବାର ରାତିରେ ୨ଟି ଦୁର୍ଘଟଣା ଘଟିଛି। ଗୋଟିଏ ଦୁର୍ଘଟଣା ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏବଂ ଅନ୍ୟଟି ଖଣ୍ଡଗିରି ଥାନା ଅଞ୍ଚଳରେ ଘଟିଛି। ରାତି ପ୍ରାୟ ୧୧ଟାବେଳେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡ଼ ଫ୍ଲାଏଓଭର ତଳେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳକୁ ଯିବା ପାଇଁ ଥିବା ଛକ ନିକଟରେ ୨ ବାଇକ୍‌କୁ ପଛପଟୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଉଭୟ ବାଇକ୍‌ର ଚାଳକ ଛିଟିକି ହୋଇ ପଡ଼ିଥିଲେ। ଏଥିରେ ଜଣେ ଯୁବକ ଗୁରୁତର ହୋଇଥିବାବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ଅନ୍ୟପଟେ ଦୁର୍ଘଟଣା ଘଟାଇ ଟ୍ରକ୍‌ଟି ଫେରାର ହୋଇଯାଇଛି। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଯୁବକଦ୍ୱୟଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଯୁବକଦ୍ୱୟଙ୍କ ପରିଚୟ ଜଣାପଡ଼ିନାହିଁ। ଅନ୍ୟ ଏକ ଘଟଣାରେ ରାତି ପ୍ରାୟ ୧୧ଟା ୩୦ବେଳେ ଖଣ୍ଡଗିରି ଜାତୀୟ ରାଜପଥ ପାର୍ଶ୍ୱରେ ବରମୁଣ୍ଡା ପଟକୁ ମୁହଁ କରି ଠିଆ ହୋଇଥିବା ଏକ ଟ୍ରକ୍ ପଛପାର୍ଶ୍ୱକୁ ଏକ ଗ୍ୟାସ ସିଲିଣ୍ଡର ବୋଝେଇ ପିକ୍‌ଅପ୍ ଭ୍ୟାନ ଧକ୍କା ଦେଇଥିଲା। ଫଳରେ ଭ୍ୟାନର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ଡ୍ରାଇଭର କୌଶଳକ୍ରମେ ଜୀବନ ବଞ୍ଚାଇ ଗାଡ଼ିରୁ ଡେଇଁ ପଡ଼ିଥିଲେ। ଦୁର୍ଘଟଣା ପରେ କିଛି ସମୟ ରାସ୍ତା ଜାମ୍ ହୋଇଥିବାବେଳେ ପୋଲିସ ପହଞ୍ଚି ସ୍ଥିତି ସ୍ୱାଭାବିକ କରିଥିଲା।
ପ୍ରକାଶ ଯେ, କିଛିଦିନ ହେଲା ଭୁବନେଶ୍ୱରରେ ଦୁର୍ଘଟଣା ହାର ବଢ଼ି ଚାଲିଛି। ଗତ ୬ତାରିଖ ରାତିରେ ପଳାଶୁଣୀ ଛକରେ ଏକ ତେଲ ଟ୍ୟାଙ୍କର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ସେହିପରି ମଙ୍ଗଳବାର ରସୁଲଗଡ଼ରେ ଏକ ଯୁବକଙ୍କୁ ଟ୍ରକ ଧକ୍କା ଦେବାକୁ ତାଙ୍କର ମୃତ୍ୟୁ ହୋଇଥିଲା। ମଞ୍ଚେଶ୍ୱର ଶିଳ୍ପାଞ୍ଚଳକୁ ଯିବାକୁ ଥିବା ଛକରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସେଠାରେ ରାତି ସମୟରେ ପାର୍କିଂ ସମସ୍ୟା ଅଧିକ ଜଟିଳ ହେଉଛି। ତେଣୁ ସେଠାରେ ଟ୍ରାଫିକ ପୋଲିସ ନିୟୋଜିତ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବାଲ୍ୟ ବିବାହ: ୨ ନାବାଳିକା ଉଦ୍ଧାର

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

ରାଜଧାନୀରେ ଦୁଇଟି ବାଲ୍ୟବିବାହ ଘଟଣା ସାମ୍ନାକୁ ଆସିଛି। ବାଲିଅନ୍ତା ଥାନା ଅଞ୍ଚଳରୁ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ବୁଧବାର ସ୍ଥାନୀୟ ପୋଲିସ, ସିଡିପିଓ ଏବଂ ଚାଇଲ୍ଡ ଲାଇନର ମିଳିତ ଉଦ୍ୟମରେ ଉଦ୍ଧାର କରାଯାଇଛି। ଏହାପରେ ନାବାଳିକାଙ୍କୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯାଇଥିଲା। ସେଠାରୁ ନାବାଳିକାଙ୍କୁ କଳିଙ୍ଗ ବିହାରରେ ଥିବା ଏକ ଓପନ ସେଣ୍ଟରକୁ ପଠାଯାଇଥିବା ଚାଇଲ୍ଡ ଲାଇନ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଚାଇଲ୍ଡ ଲାଇନ ପକ୍ଷରୁ ବାଲିଅନ୍ତା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୪୫୮/୨୨) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ଉଦ୍ଧାର ନାବାଳିକା ଜଣଙ୍କ ଉକ୍ତ ଥାନା ଅନ୍ତର୍ଗତ ବ୍ରାହ୍ମଣ ଷଡ଼ଙ୍ଗୀ ଗ୍ରାମର ଜଣେ ଯୁବକଙ୍କୁ ୨ମାସ ପୂର୍ବରୁ ପରିବାର ସହମତିରେ ବିହାହ କରିଥିଲେ। ଏନେଇ ଚାଇଲ୍ଡ ଲାଇନ ଖବର ପାଇ ସମ୍ପୃକ୍ତ ଯୁବକଙ୍କ ଘରୁ ନାବାଳିକାଙ୍କୁ ଉଦ୍ଧାର କରିଥିବା ବେଳେ ସେ ଫେରାର ହୋଇଯାଇଛନ୍ତି। ଅନ୍ୟପଟେ ଶହୀଦନଗର ଥାନା ଅନ୍ତର୍ଗତ କେଶୁରା ଅଞ୍ଚଳରୁ ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ପୋଲିସ ସହାୟତାରେ ଚାଇଲ୍ଡ ଲାଇନ ଉଦ୍ଧାର କରିଛି। ନାବାଳିକାଙ୍କ ବାପାଙ୍କ ଦେହାନ୍ତ ହୋଇଯାଇଥିବାବେଳେ ସେ ମା'ଙ୍କ ସହ ରହୁଥିଲେ। ପରବର୍ତ୍ତୀ ସମୟରେ ଗଞ୍ଜାମ ଜିଲାର ଜଣେ ଯୁବକଙ୍କୁ ବିବାହ କରି ରାଜଧାନୀରେ ରହୁଥିଲେ। ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଏନେଇ ଶହୀଦନଗର ଥାନାରେ ଅଭିଯୋଗ ହୋଇଛି।

# ଜନଜାତି ମହିଳାଙ୍କ ପାଇଁ ସମନ୍ୱିତ କୃଷି ପ୍ରଶିକ୍ଷଣ, କର୍ମଶାଳା

**ବାଲକାଟୀ,୧୫।୧୨(ଡି.ଏନ୍.ଏ.)**

ମହିଳା ଜନଜାତିଙ୍କ ପାଇଁ ସମନ୍ୱିତ କୃଷି ପ୍ରଶିକ୍ଷଣ କର୍ମଶାଳା କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ଅନୁସନ୍ଧାନ ସଂସ୍ଥା (ସିଫା)ର ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ତଥା ତଫସିଲଭୁକ୍ତ ଜାତି ଜନଜାତି ସଚିବ ଡ. ଅରବିନ୍ଦ ବେହେରା ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ବୈଜ୍ଞାନିକ ଡ. ପି. ରାଉତରାୟ ଯୋଗଦେଇ ପ୍ରଶିକ୍ଷଣ ଓ କର୍ମଶାଳା ସମ୍ପର୍କରେ କହିବା ସହିତ କ୍ଷେତ୍ର ପ୍ରଦର୍ଶନ ଦ୍ୱାରା ଜନଜାତି



ମହିଳାମାନେ ମାଛଚାଷ କରିବାକୁ ଆଗ୍ରହ ପ୍ରକାଶ କରିବେ ବୋଲି କହିଥିଲେ। ମତ୍ସ୍ୟ ରୋଗ ପରିଚାଳନା ବିଭାଗର ମୁଖ୍ୟ ଡ. ଏସ୍.ଏସ୍. ମିଶ୍ର ଗଜପତି ଓ ରାୟଗଡା ଜିଲାରେ ଆଇସିଏଆର୍ –ସିଫା ପକ୍ଷରୁ ଜନଜାତିଙ୍କ ଅର୍ଥନୈତିକ ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସିଫାର ଭାରପ୍ରାପ୍ତ ନିର୍ଦ୍ଦେଶକ ଡ. ପି. ଦାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜକକୁ ଅଭିନନ୍ଦନ ଜଣାଇବା ସହ ବେଞ୍ଚ ମାର୍କ ସର୍ଭେ ଓ ଅର୍ଥନୈତିକ ବିକାଶ ପାଇଁ ସିଫା ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ବିଶ୍ଳେଷଣ କରି ଆହୁରି ଅଧିକ ସଫଳତା ହାସଲ ନିମନ୍ତେ ଆହ୍ୱାନ ଦେଇଥିଲେ। ୩ ଦିନ ଧରି ଚାଲିବାକୁ ଥିବା ଏହି କର୍ମଶାଳାରେ ୬୪ଜଣ ହିତାଧିକାରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏକ ପୁସ୍ତିକା ଓ ଡକ୍ୟୁମେଣ୍ଟାରୀ ଫିଲ୍ମର ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ସତ୍ୟ ନାରାୟଣ ସାହୁ ଓ ଦୁର୍ଗା ପ୍ରସାଦ ରଥ ପରିଚାଳନା କରିଥିଲେ।


ରବୀନ୍ଦ୍ର ମଣ୍ଡପରେ ଗୁରୁବାର 'ଦି କ୍ୟାଚ ଓଡ଼ିଶା' ପକ୍ଷରୁ ମଞ୍ଚସ୍ଥ ନାଟକ 'ଚନ୍ଦ୍ରଭାଗା ଅତୁଲ୍ୟ କୋଣାର୍କର ଇତିହାସ'ର ଏକ ଦୃଶ୍ୟ। ଡ. ପ୍ରତିଭା ରାୟଙ୍କ ଉପନ୍ୟାସ ଶିଳାପଦ୍ମର ଏହା ନାଟ୍ୟ ରୂପାନ୍ତର ହୋଇଥିବାବେଳେ ଚିତ୍ତରଞ୍ଜନ ଶତପଥୀ ନିର୍ଦ୍ଦେଶନା ଦେଇଥିଲେ।

## ସଂକ୍ଷେପରେ

### ୧୩୨ କେଜି ଭାଙ୍ଗ ଜବତ

ବାରଙ୍ଗ,୧୫।୧୨(ଡି.ଏନ୍.ଏ.)- କଟକ ଅବକାରୀ ବିଭାଗ ଗୁରୁବାର ନରାଜ ମାର୍ଥାପୁର ଷ୍ଟେଶନରୁ ୧୩୨ କେଜି ଭାଙ୍ଗ ଜବତ କରିବା ସହ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ଯାଜପୁର ଟାଉନ ଥାନା ଅଧୀନ ମୁଣ୍ଡମାଳା ଗ୍ରାମର ସଞ୍ଜୁ ବେହେରା। ଅବକାରୀ ବିଭାଗ କୌଣସିସୂତ୍ରରୁ ଖବରପାଇ ନରାଜ ମାର୍ଥାପୁର ଷ୍ଟେଶନ ଉପରେ ଚଢାଉ କରିଥିଲା। ସେଠାରେ ସଞ୍ଜୁଙ୍କଠାରୁ ୨ଟି ବ୍ୟାଗ ଓ ୨ଟି ମୁଣିରେ ଭର୍ତ୍ତି ୧୩୨କେଜି ଭାଙ୍ଗକୁ ଜବତ କରିବା ସହ ମହିଳାଙ୍କୁ ଗିରଫ କରିଥିଲା। ଏହି ଭାଙ୍ଗ ବିହାରରୁ ଆସିଥିବା ପଚରାଉଚରାବେଳେ ମହିଳାଜଣକ ଅବକାରୀ ବିଭାଗ ଆଗରେ ମାନିଥିଲେ। ଜବତ ଭାଙ୍ଗର ଆନୁମାନିକ ମୂଲ୍ୟ ୧ଲକ୍ଷ ୩୨ହଜାରେ ଟଙ୍କା ହେବ ବୋଲି ଜଣାପଡିଛି।

### ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପରଲୋକ

ବାଲିଅନ୍ତା,୧୫।୧୨(ଡି.ଏନ୍.ଏ.)- ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର (ବଣିଆ ସାହି) ଗ୍ରାମର ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀ କାର୍ତ୍ତିକ ସାହୁ(୬୫)ଙ୍କ ବୁଧବାର ପରଲୋକ ଘଟିଛି। ତାଙ୍କ ପାକସ୍ଥଳୀରେ ଯନ୍ତ୍ରଣା ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ମର ଶରୀରକୁ ଗ୍ରାମ ଭିଙ୍ଗାରପୁର ଓ ପରେ କର୍ମସ୍ଥଳୀ ବନମାଳୀପୁରକୁ ନିଆଯାଇଥିଲା। ସେଠାରେ ତାଙ୍କର ବହୁ ସହକର୍ମୀ ଓ ଆତ୍ମୀୟ ସ୍ୱଜନ ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଡା. ସୁଧାଂଶୁ ସାହୁ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ସାହୁ ଫାର୍ମାସିଷ୍ଟରେ ଦୀର୍ଘ ୪୨ବର୍ଷ ସମର୍ପିତ ହୋଇଥିଲେ। ସେ ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ।

# ସତ୍ୟସାଇ ଇଂଲିଶ୍ ମିଡିୟମ୍ ସ୍କୁଲର ବାର୍ଷିକ ଉତ୍ସବ

**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)**

ସତ୍ୟସାଇ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସୁରେନ୍ଦ୍ର ସାଏ ବିଦ୍ୟା ମନ୍ଦିର ପରିସରରେ ଆୟୋଜିତ ହୋଇଯାଇଛି। ଏଥିରେ ଉପସଭାପତି ବିଭୂତି ଭୂଷଣ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସ୍କାଉଟ ଗାଇଡ୍ ମୁଖ୍ୟ କମିଶନର ଡ. କାଳୀପ୍ରସାଦ ମିଶ୍ର ଯୋଗଦେଇ ଗୁଣାତ୍ମକ ଓ ନୈତିକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନର ଉପସଭାପତି ଡ. ନିହାର ରଞ୍ଜନ ମହାନ୍ତି ଯୋଗଦେଇ ଅଭିଭାବକଙ୍କ ସ୍ନେହ ଓ ଅନୁଶାସନ ସହ ଉତ୍ତମ ଚରିତ୍ର ଗଠନ କରାଯାଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସ୍କାଉଟ ଗାଇଡ୍‌ର ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ, ଭାରତୀୟ ରେଡକ୍ରସ ସୋସାଇଟିର ଆଜୀବନ ସଦସ୍ୟ କୈଳାସ ଚନ୍ଦ୍ର ମିଶ୍ର, ସୁରେନ୍ଦ୍ର ସାଏ ବିଦ୍ୟା ମନ୍ଦିର ସମ୍ପାଦକ ବିପିନ ବିହାରୀ ରାୟ, ସଭାପତି ବଂଶୀଧର ବାରିକ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟକ୍ଷା ଲିପିକା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# 'ଶ୍ରମିକ, କର୍ମଚାରୀଙ୍କ ଅଧିକାରକୁ କେନ୍ଦ୍ର-ରାଜ୍ୟ ଗୁରୁତ୍ୱ ଦିଅନ୍ତୁ'

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

ଶ୍ରମିକ ଓ କର୍ମଚାରୀଙ୍କ ସ୍ୱାର୍ଥ ତଥା ମୌଳିକ ଅଧିକାରକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରାଧାନ୍ୟ ଦେବା ଆବଶ୍ୟକ ବୋଲି ବିଶିଷ୍ଟ ବକ୍ତାମାନେ ମତପୋଷଣ କରିଛନ୍ତି। ଲେବର ପ୍ରୋଗ୍ରେସିଭ ଫେଡେରେଶନ (ଏଲ୍‌ପିଏଫ୍) ଓଡ଼ିଶା ରାଜ୍ୟ ପରିଷଦର ପ୍ରଥମ ବାର୍ଷିକ ଉତ୍ସବକୁ ରାଜ୍ୟ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଉଦ୍‌ଘାଟନ କରି କହିଲେ, ଓଡ଼ିଶାରେ ଶ୍ରମିକ ସଙ୍ଗଠନ ବଳିଷ୍ଠ ସଙ୍ଗଠନରେ ପରିଣତ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗୁଜରାଟର ସୁରଟରେ ଶ୍ରମିକଙ୍କ ପାଇଁ ୧୦ କୋଟି ଟଙ୍କା ବ୍ୟୟରେ ଏକ ସାଂସ୍କୃତିକ ଭବନ ନିର୍ମାଣ କରାଯିବ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଲ୍‌ପିଏଫ୍‌ର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ରାଜ୍ୟ ସଭା ସଦସ୍ୟ ଏମ୍. ସନମୁଗମ୍ ଯୋଗଦେଇ କହିଲେ ଯେ ଓଡ଼ିଶାରେ କାର୍ଯ୍ୟରତ ନିର୍ମାଣ ଶ୍ରମିକ, ଅଙ୍ଗନୱାଡ଼ି, ଏଏନ୍‌ଏମ୍, ଆଶା, ପାଚିକା ଓ ଡ୍ରାଇଭରଙ୍କ ପ୍ରତି ରାଜ୍ୟ ସରକାର ଯଥୋଚିତ ନ୍ୟାୟ ଦେବା ଦରକାର। କୋଭିଡ୍ ସମୟରେ ଯେଉଁ ଏଏନ୍‌ଏମ୍‌ମାନେ ନିଜ ଜୀବନକୁ ବାଜି ଲଗାଇ ଜନସାଧାରଣଙ୍କ ପାଇଁ କାମ କଲେ, ସେମାନଙ୍କୁ ସରକାର ଛଟେଇ କରିବା ଦୁଃଖ ଓ ପରିତାପର ବିଷୟ। ତେଣୁ ଏମାନଙ୍କ ସମସ୍ୟାକୁ ବିଚାରକୁ ନେଇ ସରକାର ତୁରନ୍ତ ଏ ଦିଗରେ ସମାଧାନ ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଏଥିରେ ଏଲ୍‌ପିଏଫ୍‌ର ରାଷ୍ଟ୍ରୀୟ ସାଙ୍ଗଠନିକ ସମ୍ପାଦକ ଭି. ଭେଲୁସ୍ୱାମୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏଲ୍‌ପିଏଫ୍‌ର ରାଷ୍ଟ୍ରୀୟ ଉପସଭାପତି ତଥା ରାଜ୍ୟ ପ୍ରତିଷ୍ଠାତା ସଭାପତି ବୀରେନ୍ଦ୍ର ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି



ଏଲ୍‌ପିଏଫ୍‌ର ପ୍ରଥମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି। (ଫଟୋ– ବିକାଶ)

### ଏଲ୍‌ପିଏଫ୍‌ର ବାର୍ଷିକ ଉତ୍ସବ

ଉତ୍ସବରେ ଆଇଏନ୍‌ଟିୟୁସିର କିଶୋର ଜେନା, ଏଆଇଟିୟୁସିର ଦେବାଶିଷ ଘୋଷ, ଏଚ୍‌ଏମ୍‌ଏସ୍‌ର ସଂଯୁକ୍ତା ମହଲ, ବିଏମ୍‌ଏସ୍‌ର ବସନ୍ତ କୁମାର ସାହୁ, ଏଆଇୟୁଟିୟୁସିର ଜୟସେନ ମେହେର, ଟିୟୁସିସିର ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଏଆଇସିସିଟିୟୁର ମହେନ୍ଦ୍ର ପରିଡ଼ା, ସିଆଇଟିୟୁର ସତ୍ୟାନନ୍ଦ ବେହେରା, ବିଜୁ ଶ୍ରମିକ ସାମ୍ମୁଖ୍ୟ (ବିଏସ୍‌ଏସ୍)ର ବୈଦ୍ୟନାଥ ଦାସ ଏବଂ ସେୱାର ପରିଲତା ମହାପାତ୍ର ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ରାଜ୍ୟ ସରକାରଙ୍କ ଶ୍ରମିକମାନଙ୍କ ନିମନ୍ତେ ଥିବା ବ୍ୟବସ୍ଥା ଓ ଅଧିକାର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥି ଓ ଶ୍ରମିକ ନେତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ତହସିଲଦାର ଭାବେ ଦାୟିତ୍ୱ ନେଲେ ବିଡିଓ

**ବେଗୁନିଆ,୧୫।୧୨(ଡି.ଏନ୍.ଏ.):** ବେଗୁନିଆ ହସିଲଦାର ତଥା ସବ-ରେଜିଷ୍ଟ୍ରାର ପୃଥ୍ୱୀରାଜ ମଣ୍ଡଳ ଲାଞ୍ଚ ନେବା ବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡିଥିଲେ। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଆଦେଶନାମା ପ୍ରକାରେ ଗୁରୁବାର ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ ତହସିଲଦାର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏନେଇ ସାହୁ କୁହନ୍ତି, ମିଳିଥିବା ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବି। ଦୁର୍ନୀତିମୁକ୍ତ କାର୍ଯ୍ୟାଳୟ କରିବାକୁ ହେଲେ ଜନସାଧାରଣଙ୍କ ସହଯୋଗ ଜରୁରୀ। ଜନସାଧାରଣଙ୍କୁ ଉପଯୁକ୍ତ ସେବା ମିଳିବ ବୋଲି ସେ କହିଛନ୍ତି।

### ବିଦ୍ୟାଳୟରେ ଚାରାରୋପଣ

**କୃଷ୍ଣପ୍ରସାଦ,୧୫।୧୨(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଅଲଣ୍ଡା ଓ ପାଟଣା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଗ୍ରୀନ ପାରିକୁଦ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଲଣ୍ଡା ଗ୍ରାମର ମାମାଜିକକର୍ମୀ ପ୍ରବୀର ମହାପାତ୍ରଙ୍କ ସହଧର୍ମିଣୀ ଛବିରାଣୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଗ୍ରୀନ ପାରିକୁଦର ସଦସ୍ୟା ଅମିତା ତରେଇଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକ, ବିଦ୍ୟାଳୟର ସହକାରୀ ଶିକ୍ଷକ ଅକ୍ଷୟ ସାମନ୍ତସିଂହାର, ଶ୍ୱେତ ଜେନା, ବିଷ୍ଣୁ ପ୍ରସାଦ ବେହେରା, ପାରିକୁଦ ସଙ୍ଗଠନ ଆବାହକ ଶଙ୍କର୍ଷଣ ପଲେଇ, ମୀନା ରାଣୀ ସାହୁ, ପ୍ରଭାତୀ ପାହାଣ ପ୍ରମୁଖ ଯୋଗଦେଇ କଦମ୍ବ, ନଡ଼ିଆ,ପେସ୍ତା, ଅଁଳା ଆଦି ଔଷଧୀୟ ଚାରାରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଆଜିଠୁ ଶ୍ରୀମନ୍ଦିରରେ ପହିଲି ଭୋଗ ନୀତି

**ପୁରୀ ଅଫିସ,୧୫।୧୨:** ଶୁକ୍ରବାର ଧନୁ ସଂକ୍ରାନ୍ତି ପଡୁଥିବାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଅନୁଷ୍ଠିତ ହେବ। ଏହି ନୀତି ଧନୁ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ୧ମାସ ଧରି ସମ୍ପନ୍ନ ହେବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ପହିଲି ଭୋଗରେ ମହାପ୍ରଭୁଙ୍କ ପାଇଁ ବିଭିନ୍ନ ବ୍ୟଞ୍ଜନ, ବଡ଼ ଝିଲି, ବଡ଼ି, ଝିଲି, ବଡ଼ବଡ଼ା, କାକେରା, ଅମାଲୁ, ଏଣ୍ଡୁରି, ଲଡୁ ଓ ଖଇର ଚୁଳ ପରି ବିଭିନ୍ନ ଭୋଗ ଲାଗି ହେବ। ପ୍ରତିଦିନ ସୂର୍ଯ୍ୟ ଉଦୟ ପୂର୍ବରୁ ଶ୍ରୀମନ୍ଦିର ଦ୍ୱାର ଫିଟାଯାଇ ଭିତର ଶୋଧ, ମହାପ୍ରଭୁଙ୍କ ମଙ୍ଗଳ ଆରତି, ତଡ଼ପଲାଗି, ଅବକାଶ, ବେଶ ଶେଷ ପରେ ମହାପ୍ରଭୁଙ୍କୁ ପହିଲି ଭୋଗ ଲାଗି କରାଯାଏ। ପହିଲି ଭୋଗ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିଘଣ୍ଟ ସ୍ଥିର କରାଯାଇଛି। ଚଳିତ ମାସ ୧୬ ତାରିଖରୁ ଜାନୁୟାରୀ ୧୩ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପହିଲି ଭୋଗ ନୀତି ହେବ। ସେଥିପାଇଁ ରାତି ୨ଟାରେ ଶ୍ରୀମନ୍ଦିର ଦ୍ୱାର ଫିଟାଯାଇ ଭିତର ଶୋଧ କରାଯିବ ୨.୩୦, ମଙ୍ଗଳଆଳତି ୨.୪୫, ରୋଷହୋମ ୨.୪୫, ମଇଲମ ଓ ତଡ଼ପ ଲାଗି ୩.୧୫, ଅବକାଶ ୪ଟା, ସୂର୍ଯ୍ୟ ପୂଜା ୪.୪୫ ଦ୍ୱାରପାଳ ପୂଜା ୫ଟା, ବେଶ ଶେଷ ୫ଟା, ପହିଲି ଭୋଗ ଓ ଗୋପାଳ ବଲ୍ଲଭ ୫.୨୦ରୁ ୬ଟା, ସକାଳ ଧୂପ (କେବଳ କୋଠଭୋଗ) ୬.୩୦ରୁ ୮ଟା ପର୍ଯ୍ୟନ୍ତ ଏବଂ ରାତ୍ର ପହୁଡ ରାତି ୧୧ଟାରେ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ସହ ପୁରୀରେ ଥିବା ଦେବଦେବୀ ଏବଂ ଜାଗା ଆଖଡ଼ା ପରିସରରେ ମଧ ପହିଲି ଭୋଗ ଆରମ୍ଭ ହେବ।

### ବଡ଼ପାରୀ କପ୍ ଫୁଟ୍‌ବଲ: ଶାନ୍ କ୍ଲବ ଫାଇନାଲରେ

**ଟାଙ୍ଗୀ (ଖୋର୍ଦ୍ଧା),୧୫।୧୨(ଡି.ଏନ୍.ଏ.):** ରାଜ୍ୟସ୍ତରୀୟ ବଡ଼ପାରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଗୁରୁବାର ଖୋର୍ଦ୍ଧାର ଶରଧାପୁର ସ୍ପୋର୍ଟସ କ୍ଲବ ଏବଂ ଭୁବନେଶ୍ୱର ଶାନ୍ କ୍ଲବ ମଧ୍ୟରେ ହୋଇଥିଲା। ଶାନ୍ କ୍ଲବର ୭ ନଂ. ଖେଳାଳି ସନ୍ତୋଷ ବେହେରା ଦୁଇଟି ଓ ଟିକି ନାୟକ ଗୋଟିଏ ଗୋଲ ଦେଇଥିଲେ। ମ୍ୟାଚ୍ ଶେଷ ସୁଦ୍ଧା ଶରଧାପୁର ସ୍ପୋର୍ଟସ କ୍ଲବ ଗୋଲ୍ ଦେଇପାରି ନ ଥିଲା। ଫଳରେ ଶାନ୍ କ୍ଲବ ୩-୦ ଗୋଲରେ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଗୋପାଳ ସାମନ୍ତରାୟ, ଅବିନାଶ ପଟ୍ଟନାୟକ, ପପୁ ନାୟକ, ବିପିନ କୁମାର ସାମନ୍ତରାୟ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ କୁମାର ବଳବନ୍ତରାୟ, ପୁରୀ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ, ଅବସରପ୍ରାପ୍ତ ଇଞ୍ଜିନିୟର ମାଧବ ଚନ୍ଦ୍ର ଜୟସିଂହ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶୁକ୍ରବାର କୁଶୁପଲା ଫୁଟବଲ କ୍ଲବ ଏବଂ ଖଣ୍ଡପଡ଼ା କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ହେବ ବୋଲି ସମ୍ପାଦକ ନନ୍ଦ କିଶୋର ସ୍ୱାଇଁ କହିଛନ୍ତି।

# ପର୍ଯ୍ୟଟନ ଭିତ୍ତିଭୂମି, ପର୍ଯ୍ୟଟକଙ୍କ ସୁରକ୍ଷାକୁ ଗୁରୁତ୍ୱ

- ବଡ଼କୂଳ ପାନ୍ଥନିବାସ ଜେଟି ଚତୁଃପାର୍ଶ୍ୱରେ ଲାଗିବ ସିସି କ୍ୟାମେରା
- ଅମାନିଆ ଡଙ୍ଗା ଚାଳକଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ
- ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ନିର୍ମାଣ ହେବ ୱାଟର ଫାଉଣ୍ଟେନ୍

**ବାଲୁଗାଁ,୧୫।୧୨(ଡି.ଏନ୍.ଏ.)**


ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ବଡ଼କୂଳ ପାନ୍ଥନିବାସ ପରିସରରେ ଗୁରୁବାର ଜିଲା ପ୍ରଶାସନର ଆବାହକତ୍ୱକ୍ରମେ ଇକୋ ଟୁରିଜମ୍ ଡେଭଲପମେଣ୍ଟ ସୋସାଇଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚିଲିକା ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ଏବଂ ପର୍ଯ୍ୟଟନର ଭିତ୍ତିଭୂମି ବିକାଶ ନିମନ୍ତେ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ହେବା ସହ ଏହାର କାର୍ଯ୍ୟକାରିତାକୁ ଗୁରୁତ୍ୱ ଦିଆଯାଇଥିଲା।

ପ୍ରକାଶ ଯେ, ଶୀତଋତୁର ଆଗମନ ହୋଇଥିବା ବେଳେ ଚିଲିକା ପରିଭ୍ରମଣରେ ଦୈନନ୍ଦିନ ହଜାର ହଜାର ପର୍ଯ୍ୟଟକଙ୍କ ଆଗମନ ହେବାରେ ଲାଗିଛି। ବିଗତ ଦିନରେ ଡଙ୍ଗାଚାଳକଙ୍କ ଅସାବଧାନତାରୁ ଚିଲିକାରେ ବହୁ ଦୁର୍ଘଟଣା ଘଟିଛି। ଏପରିସ୍ଥଳେ ଗତ ସୋମବାର ଖୋର୍ଦ୍ଧା ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ବାଲୁଗାଁ ଚିଲିକା କୂଳ ଗସ୍ତ କରି ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ପଚାରି ବୁଝିବା ସହ ଏଦିଗରେ ନଜର ରଖିବା ପାଇଁ ଚିଲିକା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଗୁରୁବାର ବଡ଼କୂଳ ପାନ୍ଥନିବାସ ସ୍ଥିତ ସମ୍ମିଳନୀ କକ୍ଷରେ ଚିଲିକା ତହସିଲଦାର ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପର୍ଯ୍ୟଟକଙ୍କ ସୁରକ୍ଷା ନିମିତ୍ତ ବିଭିନ୍ନ ପ୍ରସ୍ତାବ ତଥା ଚିଲିକାରେ ଚଳାଚଳ କରୁଥିବା କୌଣସି ଡଙ୍ଗା ବିନା ଲାଇଫ ଜ୍ୟାକେଟରେ ଯାତ୍ରୀ ପରିବହନ କରିପାରିବେ ନାହିଁ। ଏଥିରେ ଖିଲାପ ହେଲେ ଆବଶ୍ୟକସ୍ଥଳେ ଅମାନିଆ ଡଙ୍ଗା ଚାଳକଙ୍କ ଲାଇସେନ୍ସ ବାତିଲ କରାଯିବ। ଅପରାହ୍ନ ୪ଟା ପରେ ସରକାରୀ ନିୟମ ମୁତାବକ କୌଣସି ଡଙ୍ଗା କାଳିଜାଇ ମନ୍ଦିରକୁ ଯାତ୍ରୀ ପରିବହନ ନିଷେଧ। ଏ ଦିଗରେ ଅମାନିଆଙ୍କ ଉପରେ ନଜର ରଖିବା ପାଇଁ ବଡ଼କୂଳ ପାନ୍ଥନିବାସ ଜେଟି ଚତୁଃପାର୍ଶ୍ୱରେ ସିସିଟିଭି ଲଗାଯିବ। କୌଣସି ଜରୁରୀ ପରିସ୍ଥିତିରେ ଯାତ୍ରୀଙ୍କ ସହାୟତା ପାଇଁ ଏକ ଟିମ୍ ଗଠନ ନିମନ୍ତେ ସରକାରଙ୍କୁ ସୁପାରିସ କରାଯିବ। ଏଥିସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ଜେଟି ନିକଟରେ ୱାଟର ଫାଉଣ୍ଟେନ୍ ନିର୍ମାଣ ହେବ। ଓଡ଼ିଶାର ନୌବାଣିଜ୍ୟ, ଐତିହ୍ୟକୁ ସ୍ମୃତିଚାରଣ ଉଦ୍ଦେଶ୍ୟରେ ପ୍ରସ୍ତର ନିର୍ମିତ କଳାକୃତି ସ୍ଥାପନ ସହ ବାଣପୁରର ବୀରପୁତ୍ର ପଣ୍ଡିତ ଗୋଦାବରୀଶ ମିଶ୍ର ଓ ଗୋଦାବରୀଶ ମହାପାତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଏଥିସହ ପାନ୍ଥନିବାସର ସୌନ୍ଦର୍ଯ୍ୟକରଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପାନ୍ଥନିବାସ ପରିଚାଳକ ସବ୍ୟସାଚୀ କର, ବାଲୁଗାଁ ଥାନା ଅଧିକାରୀ ରଶ୍ମୀରଞ୍ଜନ ଦାଶ, ନାଭାଲ ଫାଣ୍ଡି ଅଧିକାରୀ ଦିଲ୍ଲୀପ ସାହୁ, ୬ନଂ. ଜିଲାପରିଷଦ ପ୍ରତିନିଧି ପ୍ରଭାସ ସୁନ୍ଦରାୟ, ଭ୍ରମରବର ପାଇକରାୟଙ୍କ ସମେତ ଦୁଙ୍ଗମାଳ ଓ ବଡ଼କୂଳ ସରପଞ୍ଚ, ଆଞ୍ଚଳିକ ଶାନ୍ତି କମିଟିର ସଭ୍ୟ, ଡଙ୍ଗା ମାଲିକ ଓ ଚାଳକ, ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ ।

### ୨୫ରେ ଭୁବନେଶ୍ୱରରେ ପହଞ୍ଚିବ ହକି ବିଶ୍ୱକପ୍ ଟ୍ରଫି

**ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ)**

ଓଡ଼ିଶାରେ ଦ୍ୱିତୀୟଥର ହକି ବିଶ୍ୱକପ୍ ଆୟୋଜନ ହେଉଥିବା ବେଳେ ଏଥିପାଇଁ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର ସହରକୁ ମଧ ବେଶ୍ ସୁନ୍ଦର ଭାବେ ସଜାଯାଉଛି। ଆୟୋଜନକୁ ଗୋଷ୍ଠୀ ଅଭିମୁଖୀ କରାଇବା ପାଇଁ ପ୍ରୟାସ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା (ସୁଡା) ସଭାଗୃହରେ ଦୁଇଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଏବଂ କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତିରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମ ବୈଠକରେ ଭୁବନେଶ୍ୱରରୁ ପ୍ରାୟ ୭୦ଟି ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ସଫେଇ, ଇଲେକ୍ଟ୍ରିସିଟି ଏବଂ ହକିର ଛାପ ନିମନ୍ତେ କଟ୍‌ଆଉଟ୍ ଯୋଗାଇବାକୁ କେତେକ ଅନୁଷ୍ଠାନ ଅନୁରୋଧ କରିଥିଲେ। ସେହିଭଳି ଆସନ୍ତା ୨୫ରେ ଭୁବନେଶ୍ୱରରେ ୨୦୨୩ ହକି ବିଶ୍ୱକପ୍ ଟ୍ରଫି ପହଞ୍ଚିବ। ଏହାର ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ବିଏମ୍‌ସି ପ୍ରସ୍ତୁତ ଅଛି। ସେହିଭଳି ୨୫ରୁ ବିଭିନ୍ନ ପ୍ରତିଯୋଗିତା କରାଯିବ। ଏଥିସହ ପ୍ରତି ରବିବାର ରାହାଗିରି ଆୟୋଜନ ହେବ ବୋଲି ମେୟର ସୂଚନା ଦେଇଛନ୍ତି।

# ‘କ୍ରୀଡ଼ା ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରେ’


କାର୍ଯ୍ୟକ୍ରମରେ ପୌରପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଉଦ୍‌ବୋଧନ ଦେଉଛନ୍ତି।

**ଖୋର୍ଦ୍ଧା ଅଫିସ,୧୫।୧୨**

#### ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଖୋର୍ଦ୍ଧା ମଣ୍ଡଳ ବିଦ୍ୟାଳୟ ସମୂହ ଫୁଟବଲ୍, ଭଲିବଲ୍, କବାଡ଼ି, ହକି (୧୪ ଓ ୧୭ ବର୍ଷରୁ କମ୍) ବାଳକ ଓ ବାଳିକା କ୍ରୀଡ଼ା ପ୍ରତିଯୋଗିତା-୨୨ ହକି ପୁରୁଷ ବିଶ୍ୱକପ୍ ୨୦୨୩ ଉପଲକ୍ଷେ ସ୍ଥାନୀୟ ଷ୍ଟାଡିୟମ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୨୫୦ ଜଣ ବାଳକ, ବାଳିକା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବ୍ଲକ ଉପାଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ମୁଖ୍ୟ ଅତିଥି, ପୌରପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ବିଜେବି ହାଇସ୍କୁଲ ପ୍ରଧାନଶିକ୍ଷକ ସେକ୍ ଗୋହର ଅଲ୍ଲୀ, ଜିଲା କ୍ରୀଡ଼ା ଶିକ୍ଷା ନିରୀକ୍ଷକ ପଠାଣି ଆଗ୍ରାସିଂହ, ମଣ୍ଡଳ ବିଦ୍ୟାଳୟ କ୍ରୀଡ଼ା ସମୂହ ସମ୍ପାଦକ ତଥା କ୍ରୀଡାବିତ୍ ଉପେନ୍ଦ୍ର ନାଥ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ଦକ୍ଷତା ବିକାଶରେ ସହାୟକ ହୋଇଥାଏ। ଛାତ୍ରଛାତ୍ରୀଙ୍କ ମନରେ ସାମାଜିକ ସଦ୍‌ଭାବନା ଜାଗ୍ରତ କରିଥାଏ। ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସାହାଯ୍ୟ କରିଥାଏ ବୋଲି ମତପ୍ରକାଶ ପାଇଛି। ବ୍ଲକର ସମସ୍ତ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ, କ୍ରୀଡ଼ା ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଫିସିଆଲ ପରିଚାଳନା କରିଥିଲେ।

### ସେମିରେ ଫ୍ରେଣ୍ଡ୍‌ସ ପାରାଡାଇଜ୍

**ଯାଁଳା,୧୫।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଶବର ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଶବର କପ୍ ଫୁଟବଲ ଟୁର୍ନାମେଣ୍ଟରେ ଗୁରୁବାର ଜଟଣୀର ଫ୍ରେଣ୍ଡସ୍ ପାରାଡାଇଜ୍ ୫-୩ ଗୋଲରେ ଯାଜପୁରର ଧର୍ମଶାଳା ସ୍ପୋର୍ଟିଂ କ୍ଲବକୁ ପରାଜିତ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟ୍ରାଇବେକରର ସହାୟତା ନିଆଯାଇଥିଲା। ଫ୍ରେଣ୍ଡସ୍ ପାରାଡାଇଜ୍ ଟିମର ୮ନଂ. ଖେଳାଳି ଗଗନ, ୭ନଂ. ଖେଳାଳି ବିଭୁ ରଞ୍ଜନ, ୯ନଂ. ଖେଳାଳି ଆସପାକ, ୬ନଂ. ଖେଳାଳି ଗୁମାନ ଓ ୩ନଂ. ଖେଳାଳି ଲୁଲୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଧର୍ମଶାଳା ସ୍ପୋର୍ଟିଂ କ୍ଲବର ଖେଳାଳିମାନେ ୩ଟି ଗୋଲ ଦେଇଥିଲେ। ଅବିନାଶ କଅଁର, ବିଦେଶୀ ନାଏକ, ସେଖାବତ ଖାନ୍ ଓ ସୁବାସ ସିଂ ମ୍ୟାଚ ପରିଚାଳନା କରିଥିଲେ। ଅତିଥିଭାବେ ପୂର୍ବତନ ଜାତୀୟ ଫୁଟବଲ ଖେଳାଳି ଅବଦୁଲ ଦୟାନ ଖାନ୍ ଓ ଉତ୍କଳ ସ୍ପୋର୍ଟିଂର ମ୍ୟାନେଜର ସୁରେନ୍ଦ୍ର ମହାରଣା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବୁଲବୁଲ ବବଲିନା ମଞ୍ଚ ପରିଚାଳନା କରିଥିଲେ।

### ଅହମ୍ମଦୀୟା କ୍ଲବ୍ ଫାଇନାଲରେ

**ବୋଲଗଡ଼,୧୫।୧୨(ଡି.ଏନ୍.ଏ.)**

ବୋଲଗଡ଼ ବାମନ ଉଚ୍ଚ ବିଦ୍ୟାଳୟ ମିନିଷ୍ଟାଡିୟମରେ ଚାଲିଥିବା ଜାନକୀ ବଲ୍ଲଭ ପାଢ଼ୀ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ବୋଲଗଡ଼ର ଫ୍ରେଣ୍ଡସ କ୍ଲବ ଓ ଖୋର୍ଦ୍ଧା କେରଙ୍ଗର ଅହମ୍ମଦୀୟା କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଅହମ୍ମଦୀୟା କ୍ଲବ ୫-୪ ଗୋଲରେ ଫ୍ରେଣ୍ଡସ କ୍ଲବକୁ ପରାଜିତ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ସଞ୍ଜୟ ଫତେସିଂ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନସରେ ଲକ୍ଷ୍ମୀଧର ଚୌଧୁରୀ ଓ ଏମ୍.ଏସ ବେଗ ସହାୟତା କରିଥିଲେ। ଚତୁର୍ଥ ରେଫରି ଭାବେ ଭଞ୍ଜକିଶୋର ଯତି ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ସ୍ଥାନୀୟ ମଣ୍ଡଳ ଉନ୍ନୟନ ଅଧିକାରୀ ଧୋବେଇ ଚରଣ ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ପଟ୍ଟନାୟକ, ରାକେଶ ମହାପାତ୍ର, ଜିତେନ୍ଦ୍ର ମାର୍ଥା, ରମାକାନ୍ତ ପଟ୍ଟନାୟକ, ସୌମେନ୍ଦୁ ପଟ୍ଟନାୟକ, ବାବୁ ସିଂ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ଫ୍ରେଣ୍ଡସ କ୍ଲବର ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

### ‘ଆମରି ସତ୍ୟ’ ପତ୍ରିକା ଉନ୍ମୋଚିତ


ପତ୍ରିକା ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥିମାନେ।

**ଖୋର୍ଦ୍ଧା ଅଫିସ,୧୫।୧୨**

ଖୋର୍ଦ୍ଧା ମହୋତ୍ସବର ଦ୍ୱିତୀୟ ଦିବସରେ ମାସିକ ଓଡ଼ିଆ ପତ୍ରିକା ‘ଆମରି ସତ୍ୟ’ର ପୁସ୍ତକ ଘର ଓ ଡିସେମ୍ବର ମାସ ସଂଖ୍ୟା ଗୁରୁବାର ଉନ୍ମୋଚନ ହୋଇଯାଇଛି। ଏଥିରେ ପ୍ରତିଷ୍ଠାତା ସମ୍ପାଦକ ଡ.ପ୍ରମୋଦ ଚନ୍ଦ୍ର ଦାଶ, ଡ.ଶରତ ଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ, ଜବାହରଲାଲ ସୁବୁଦ୍ଧି, ରୋଟାରିଆନ୍ ଆଦି ନାରାୟଣ ଖଣ୍ଡୁଆଳ, ନାଟ୍ୟକାର ସମରଜିତ୍ ପଟ୍ଟନାୟକ, ବିଭୁପ୍ରସାଦ ହରିଚନ୍ଦନ, ଦାଶରଥି ପଟ୍ଟନାୟକ, ବାସୁଦେବ ସାହୁ, ବିଜୟ କୁମାର ବ୍ରହ୍ମା, ଆମରି ସତ୍ୟର ଉପଦେଷ୍ଟା ରାମଶଙ୍କର ଯୋଗ ଦେଇଥିଲେ।

### ବ୍ଲକସ୍ତରୀୟ ବାର୍ଷିକ କ୍ରୀଡ଼ା ଆରମ୍ଭ

**ଗମ୍ଭାରୀମୁଣ୍ଡା,୧୫।୧୨(ଡି.ଏନ୍.ଏ.)**

ବାଣପୁର ବ୍ଲକ ଗମ୍ଭାରୀମୁଣ୍ଡାସ୍ଥିତ ପତିତପାବନସରକାରୀଉଚ୍ଚବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୯ଟି ଉଚ୍ଚ ବିଦ୍ୟାଳୟର ମୋଟ୍ ୩୦୦ ଛାତ୍ରୀଛାତ୍ର ଭାଗନେଇଥିଲେ। ବାଣପୁର କ୍ରୀଡା ସଙ୍ଗଠନ ସଭାପତି ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶୁକ୍ରବାର ବ୍ଲକସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବାଣପୁରସ୍ଥିତ ଗୋଦାବରୀଶ ବିଦ୍ୟାପୀଠରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଉଭୟ ସ୍ଥାନର କୃତୀ ଛାତ୍ରୀଛାତ୍ର ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବେ ବୋଲି ଜାଲି କହିଛନ୍ତି।

# ପଶୁମୁଖାରେ ବନ୍ୟଜନ୍ତୁ ସୁରକ୍ଷାର ବାର୍ତ୍ତା

**ଖୋର୍ଦ୍ଧା ଅଫିସ,୧୫।୧୨**

**ଖୋର୍ଦ୍ଧା ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା**
- ଗୋଟିପୁଅ, ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ମନମୋହିଲା

ଖୋର୍ଦ୍ଧା ମହୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ନିଉ ଥିଙ୍କିଙ୍ଗ ଫୋରମ ପକ୍ଷରୁ ସ୍ଥାନୀୟ ହାବେଳି ପଡିଆରେ ଚାଲିଥିବା ମହୋତ୍ସବର ଦ୍ୱିତୀୟ ଦିବସରେ ଆକର୍ଷଣ ପାଲଟିଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଶୀତୁଆ ସନ୍ଧ୍ୟାର ପ୍ରଥମ ଅର୍ଘ୍ୟରେ ଦର୍ଶକଙ୍କ ମନ ଜିଣିଥିଲା ଗଞ୍ଜାମ ବିଶ୍ୱ ଜନନୀ କଳା ପରିଷଦର ପଶୁମୁଖା ନୃତ୍ୟ। ସିଂହ ଉପରେ ମା’ ଦୁର୍ଗାଙ୍କ ମହିଷମର୍ଦ୍ଦିନୀ ବେଶ ଥିଲା ମୁଖ୍ୟ ଆକର୍ଷଣ। ମଞ୍ଚରେ ପରିବେଶ, ବନ୍ୟଜନ୍ତୁ ସୁରକ୍ଷାର ବାର୍ତ୍ତା ଦେଇଥିଲେ କଳାକାର। ଦ୍ୱିତୀୟ ଅର୍ଘ୍ୟରେ ଦର୍ଶକଙ୍କ ମନଜିଣିଥିଲା ଗୋଟିପୁଅ ନୃତ୍ୟ। ସାକ୍ଷୀଗୋପାଳ ନୀଳାଦ୍ରି ଗୋଟିପୁଅ ନୃତ୍ୟ ପରିଷଦର କଳାକାରମାନେ ୨୦ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ଧରି ବାଦ୍ୟଯନ୍ତ୍ରର ତାଳେ ତାଳେ ଆହେ ନୀଳ ଶୈଳ, ଭଜନ ନୃତ୍ୟ ପରିବେଷଣ କରିଥିଲେ। ଅନ୍ୟତମ ଆକର୍ଷଣ ରହିଥିଲା ଦୟାଳ ଏକାଡେମୀର ଓଡ଼ିଶୀ ନୃତ୍ୟ। କଳାକାରମାନେ ମଙ୍ଗଳାଚାରଣ, ଶୀତ କମଳା ଆଦି ପରିବେଷଣ କରିଥିଲେ। ପରେ ସ୍ଥାନୀୟ ଗୋରୀ ସାଂସ୍କୃତିକ ପରିଷଦର କଳାକାରମାନେ ସମ୍ବଲପୁରୀ ନୃତ୍ୟରେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଲୋକନୃତ୍ୟ ଡାଲଖାଇ ନୃତ୍ୟ ପରିବେଷଣ କରିଥିଲେ। ଶୁଭଶ୍ରୀ ବାରିକ ଓ ଗ୍ରୁପ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବା ବେଳେ ପଲ୍ଲାର ନୃତ୍ୟଶ୍ରୀ ଅନୁଷ୍ଠାନ କଳାକାରମାନେ ଭଜନ ନୃତ୍ୟରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲେ। ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲର କୁନି କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଅନ୍ୟପଟେ ରାମଦୋଳି, ଫାଷ୍ଟଫୁଡ ଷ୍ଟଲ ଏବଂ ବିଭିନ୍ନ ଦୋକାନ ବଜାରରେ ଦର୍ଶକଙ୍କ ଭିଡ଼ ରହିଥିଲା। ମହୋତ୍ସବ କମିଟି ସଭାପତି ଦିଲୀପ ଶ୍ରୀଚନ୍ଦନ, କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ପୃଷ୍ଟି, ସମ୍ପାଦକ ସଞ୍ଜୟ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବେଳେ ଲଳିତ ମୋହନ ମହାପାତ୍ର, ପ୍ରଫୁଲ୍ଲ ସାମନ୍ତରାୟ, ଦୁର୍ଗାପ୍ରସାଦ ବାରିକ, ଆଶିଷ ମହାନ୍ତି ଓ କମିଟିର ଅନ୍ୟ ସଦସ୍ୟ ସହଯୋଗ କରୁଛନ୍ତି।


**ଖୋର୍ଦ୍ଧା :** ହାବେଳି ପଡ଼ିଆରେ ଅନୁଷ୍ଠିତ ଖୋର୍ଦ୍ଧା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।


ନୃତ୍ୟ ମାଧ୍ୟମରେ କଳାକାରମାନେ ବନ୍ୟଜନ୍ତୁ ସୁରକ୍ଷାର ବାର୍ତ୍ତା ଦେଉଛନ୍ତି।

## ସଂକ୍ଷେପରେ

### ୨୫ରେ ଭୁବନେଶ୍ୱରରେ ପହଞ୍ଚିବ ହକି ବିଶ୍ୱକପ୍ ଟ୍ରଫି

ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ)- ଓଡ଼ିଶାରେ ଦ୍ୱିତୀୟଥର ହକି ବିଶ୍ୱକପ୍ ଆୟୋଜନ ହେଉଥିବା ବେଳେ ଏଥିପାଇଁ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର ସହରକୁ ମଧ ବେଶ୍ ସୁନ୍ଦର ଭାବେ ସଜାଯାଉଛି। ଆୟୋଜନକୁ ଗୋଷ୍ଠୀ ଅଭିମୁଖୀ କରାଇବା ପାଇଁ ପ୍ରୟାସ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା (ସୁଡା) ସଭାଗୃହରେ ଦୁଇଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଏବଂ କମିଶନର ବିଜୟ୍ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତିରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମ ବୈଠକରେ ଭୁବନେଶ୍ୱରରୁ ପ୍ରାୟ ୭୦ଟି ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇ ସରକାରଙ୍କ ପ୍ରୟାସରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସଫେଇ, ଇଲେକ୍ଟ୍ରିସିଟି ଏବଂ ହକିର ଛାପ ନିମନ୍ତେ କଟ୍‌ଆଉଟ୍ ଯୋଗାଇବାକୁ କେତେକ ଅନୁଷ୍ଠାନ ଅନୁରୋଧ କରିଥିଲେ। ନିଜ ନିଜର ମଣ୍ଡପକୁ ଯଥାସାଧ ସଜେଇବା ଏବଂ ଏଲ୍‌ଇଡି ଲଗାଇ ହକି ଦେଖାଇବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିବା ପାଇଁ କେତେକ ଅନୁଷ୍ଠାନ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ବିଏମ୍‌ସି ପକ୍ଷରୁ କ'ଣ ସହଯୋଗ ରହିବ ସେ ନେଇ ସରକାରଙ୍କ ସହିତ ଆଲୋଚନା ପରେ ଜଣାଇ ଦିଆଯିବ ବୋଲି ମେୟର ସୂଚନା ଦେଇଛନ୍ତି। ସେହିଭଳି ଆସନ୍ତା ୨୫ରେ ଭୁବନେଶ୍ୱରରେ ୨୦୨୩ ହକି ବିଶ୍ୱକପ୍ ଟ୍ରଫି ପହଞ୍ଚିବ। ଏହାର ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ବିଏମ୍‌ସି ପ୍ରସ୍ତୁତ ଅଛି। ସେହିଭଳି ୨୫ରୁ ବିଭିନ୍ନ କାର୍ଯ୍ୟକ୍ରମ ଯଥା ମିନି ମାରାଥନ୍, ବିଭିନ୍ନ ୱାର୍ଡର ସ୍କୁଲ, କଲେଜରେ ହକି ସମ୍ପର୍କିତ କୁଇଜ୍, ପେଣ୍ଟିଂ ପ୍ରତିଯୋଗିତା କରାଯିବ। ଏଥିସହ ପ୍ରତି ରବିବାର ରାହାଗିରି ଆୟୋଜନ ହେବ ବୋଲି ମେୟର ସୂଚନା ଦେଇଛନ୍ତି। ଅନୁରୂପ ଭାବେ ବିଭିନ୍ନ ପରିବହନ ଅନୁଷ୍ଠାନରୁ ପ୍ରାୟ ୪୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବୈଠକରେ ଯୋଗ ଦେଇଥିଲେ। ବୈଠକରେ ବିଏମ୍‌ସିର ଅତିରିକ୍ତ କମିଶନର ବିନୟ୍ କୁମାର ଦାଶ, ଡିସିପି ଟ୍ରାଫିକ୍ ଠାକୁର ପ୍ରସାଦ ପାତ୍ର, ଆର୍‌ଟିଓ ୧ ଏବଂ ୨ ବିକାଶ ଚନ୍ଦ୍ର ଚୌଧୁରୀ ଓ ସନତ କୁମାର ଜେନା, ଏସିପି ସ୍ୱସ୍ତିକ୍ ପଣ୍ଡା ଓ ପୋଲିସ୍ ଅଧିକାରୀ ରଞ୍ଜନ କୁମାର ଦୋରା ଯୋଗ ଦେଇଥିଲେ। ବିଏମ୍‌ସିର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମିହିର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଦ୍ୟାଳୟରେ ଚାରାରୋପଣ

କୃଷ୍ଣପ୍ରସାଦ,୧୫।୧୨(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଅଲଣ୍ଡା ଓ ପାଟଣା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଗ୍ରୀନ ପାରିକୁଦ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଲଣ୍ଡା ଗ୍ରାମର ସାମାଜିକକର୍ମୀ ପ୍ରବୀର ମହାପାତ୍ରଙ୍କ ସହଧର୍ମିଣୀ ଛବିରାଣୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଗ୍ରୀନ ପାରିକୁଦର ସଦସ୍ୟା ଅମିତା ତରେଇଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକ, ବିଦ୍ୟାଳୟର ସହକାରୀ ଶିକ୍ଷକ ଅକ୍ଷୟ ସାମନ୍ତସିଂହାର, ଶ୍ୱେତ ଜେନା, ବିଷ୍ଣୁ ପ୍ରସାଦ ବେହେରା, ପାରିକୁଦ ସଙ୍ଗଠନ ଆବାହକ ଶଙ୍କର୍ଷଣ ପଲେଇ, ମୀନା ରାଣୀ ସାହୁ, ପ୍ରଭାତୀ ପାହାଣ ପ୍ରମୁଖ ଯୋଗଦେଇ କଦମ୍ବ, ନଡ଼ିଆ,ପେସ୍ତା, ଅଁଳା ଆଦି ଔଷଧୀୟ ଚାରାରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନିମାପଡ଼ାକୁ ସବ୍‌ଡିଭିଜନ ମାନ୍ୟତା ଦାବି ତେଜୁଛି

ଗୋପ,୧୫।୧୨(ଡି.ଏନ୍.ଏ.)

ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ୧୯୭୬ ମସିହାରେ ନବ ଦାଶ କମିଶନ ବସାଇ ଜିଲା ସଂଖ୍ୟା ବୃଦ୍ଧି ସହ ସବ୍‌ଡିଭିଜନ ସଂଖ୍ୟା ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ସବ୍‌ଡିଭିଜନ ସଂଖ୍ୟା ଜନସଂଖ୍ୟା ଅନୁସାରେ ବୃଦ୍ଧି କରିବାକୁ କମିଶନରେ ପ୍ରସ୍ତାବ ରହିଥିଲା। ଏହି ପ୍ରସ୍ତାବ ଅନୁଯାୟୀ ଓଡ଼ିଶାରେ ୧୩ଟି ଜିଲାରୁ ୩୦ଟି ଜିଲାକୁ ବୃଦ୍ଧି ହୋଇଥିବାବେଳେ ୪୬ବର୍ଷ ପରେ ବି ୫୨ଟି ସବ୍‌ଡିଭିଜନ ସଂଖ୍ୟାରୁ ମାତ୍ର ୬ଟି ସବ୍‌ଡିଭିଜନ ବୃଦ୍ଧି ପାଇ ସଂଖ୍ୟା ୫୮ରେ ପହଞ୍ଚିଛି। ଦାଶ କମିଶନ ବସିବା ସମୟରେ ନିମାପଡ଼ାକୁ ସ୍ୱତନ୍ତ୍ର ସବ୍‌ଡିଭିଜନ ଲାଗି ପ୍ରସ୍ତାବ ରହିଥିଲା। ମାତ୍ର ଏହା ଏଯାବତ୍ ତାହା କାର୍ଯ୍ୟ ହୋଇ ନ ଥିବା ଖବରଦାତା ସମ୍ମିଳନୀରେ ଆଇନଜୀବୀ ସୁଧୀର ମହାନ୍ତି ସୂଚନା ଦେଇଛନ୍ତି। ଗୋପ ବ୍ଲକ ଅଧୀନ ଗଣେଶ୍ୱରପୁରରେ ଗୁରୁବାର ଗୋପ-ନିମାପଡ଼ା ସ୍ୱାଭିମାନ ମଞ୍ଚ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିବାବେଳେ ୪ଟି ବ୍ଲକ୍ ଓ ୨ଟି ଏନ୍‌ଏସିକୁ ନେଇ ସ୍ୱତନ୍ତ୍ର ଭାବେ ସବ୍‌ଡିଭିଜନ କରିବାକୁ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅଶୋକ ନନ୍ଦ ଯୋଗଦେଇ ନିମାପଡ଼ାକୁ ସବ୍-ଡିଭିଜନ କରିବାକୁ ଉଚ୍ଚ ନ୍ୟାୟାଳୟରେ ପି.ଆଇ.ଏଲ୍. ନଂ ୩୩୧୯୩/୨୦୨୨ରେ ହୋଇଥିବା ନିର୍ଦ୍ଦେଶାନାମା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଇନ୍‌ଜୀବୀ ମହାନ୍ତି, ଅଶୋକ ନନ୍ଦ, ଆଇନ୍‌ଜୀବୀ ଅଭୟ ରାଉତଙ୍କ ତରଫରୁ ସରକାରଙ୍କୁ ଦରଖାସ୍ତ କରାଯାଇଥିବାବେଳେ ୨୦୨୩ ଏପ୍ରିଲ ୧୦ ସୁଦ୍ଧା ସହାନୁଭୂତି ସହିତ ବିଚାର କରିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଥିବା ଏହି ସମ୍ମିଳନୀରେ ସୂଚନା ଦେଇଥିଲେ।

୨୦୧୧ ଜନଗଣନା ଅନୁସାରେ କଟକ ଜିଲାରେ ୨୬ ଲକ୍ଷ ୨୪ ହଜାର ୪୭୦ ଜନସଂଖ୍ୟାରେ ୩ଟି ସବ୍‌ଡିଭିଜନ ରହିଥିବାବେଳେ ମୟୂରଭଞ୍ଜ ଜିଲାରେ ୨୫ ଲକ୍ଷ ୧୯ ହଜାର ୭୩୮ ଜନସଂଖ୍ୟା ରହିଥିବାବେଳେ ୩ଟି ସବ୍‌ଡିଭିଜନ ରହିଛି। ମାତ୍ର ପୁରୀ ଜିଲାରେ ୧୬ ଲକ୍ଷ ୯୮ ହଜାର ୭୩୦ ଜନସଂଖ୍ୟା ରହିଥିବାବେଳେ ଏହା ଗୋଟିଏ ସବ୍-ଡିଭିଜନରେ ସୀମିତ ରହିଛି।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଗୋପ-ନିମାପଡ଼ା ସ୍ୱାଭିମାନ ମଞ୍ଚର ସଦସ୍ୟ ।

### ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀ ଥିବାବେଳେ ଉଠିଥିଲା ଦାବି

ନିମାପଡ଼ାକୁ ସ୍ୱତନ୍ତ୍ର ସବ୍-ଡିଭିଜନ କରିବା ଲାଗି ବାରମ୍ବାର ଦାବି ହେଉଥିବାବେଳେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁ ନାହିଁ। କାକଟପୁର ଥାନା ଅଞ୍ଚଳରେ ୧ ଲକ୍ଷ ୫୨୫ଜଣ ଜନସାଧାରଣ ରହିଥିବାବେଳେ ଅସ୍ତରଙ୍ଗ ଥାନା ଅଞ୍ଚଳରେ ୬୭ ହଜାର ୭୪୮ ଜନସଂଖ୍ୟା ରହିଛି। ସେହିପରି ଗୋପ ଥାନା ଅଞ୍ଚଳରେ ୧ ଲକ୍ଷ ୨୧ ହଜାର ୬୬୫ ଜନସଂଖ୍ୟା ଥିବାବେଳେ କୋଣାର୍କରେ ୫୪ହଜାର, ନିମାପଡ଼ାରେ ୨ ଲକ୍ଷ ୮ ହଜାର ୧୩୯, ରାମଚଣ୍ଡୀ ଥାନା ଅଞ୍ଚଳରେ ୨୦ ହଜାର ୫୩୧ ଜନସଂଖ୍ୟା ରହିଥିବାବେଳେ ମୋଟ ଦାବି ହେଉଥିବା ସବ୍‌ଡିଭିଜନ ଅଞ୍ଚଳରେ ୫ ଲକ୍ଷ ୭୫ ହଜାର ୬୦୭ ଜନସଂଖ୍ୟା ରହିଛି। ମାତ୍ର ଏହା ସବ୍‌ଡିଭିଜନ ଘୋଷଣା ନ ହେବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ହାଇକୋର୍ଟରେ ହୋଇଥିବା ମାମଲାକୁ ବିପିନ କୁମାର ନାୟକ ପରିଚାଳନା କରୁଛନ୍ତି।

# ମୁଖ୍ୟ ଅଭିଯୁକ୍ତଙ୍କୁ ୨ଦିନରେ ଗିରଫ କରାଯିବ: ଏଏସ୍‌ପି

କୋଣାର୍କ,୧୫।୧୨(ଡି.ଏନ୍.ଏ.)

କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ ବ୍ୟବସାୟୀଙ୍କଠାରୁ ଖବର ସଂଗ୍ରହ କରୁଥିବାବେଳେ ଖବରଦାତା ଅବନୀ ଭୂଷଣ ବାରିକ ଓ ଜ୍ୟୋତିରାଜ ମହାନ୍ତିଙ୍କୁ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ୨ଦିନ ମଧ୍ୟରେ ଗିରଫ କରାଯିବ ବୋଲି କୋଣାର୍କ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। କୋଣାର୍କ ଅଞ୍ଚଳକୁ ଗୁରୁବାର ଏଏସ୍‌ପି ପ୍ରଧାନ ପରିଦର୍ଶନ ପାଇଁ ଆସିଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଖବରଦାତାମାନେ ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ଜଣାଇବା ସହ ୨ଖବରଦାତାଙ୍କୁ ଆକ୍ରମଣ ବିଷୟରେ ଅବଗତ କରାଇଥିଲେ। ପୋଲିସ କେବଳ ଜଣଙ୍କୁ ଗିରଫ କରି ଚୁପ ବସିଥିବା ବେଳେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହେଉ ନାହିଁ ବୋଲି ଖବରଦାତାମାନେ କହିଥିଲେ। ତେବେ ଏ ନେଇ ଏଏସ୍‌ପି ପ୍ରଧାନ ଖବରଦାତା ସମ୍ମିଳନୀ ଜରିଆରେ କହିଛନ୍ତି, କୋଣାର୍କ ବିଶ୍ୱ ପର୍ଯ୍ୟଟନ ସ୍ଥଳୀ ହୋଇଥିବାରୁ ଏଠାରେ ଆପରାଧିକ କାର୍ଯ୍ୟକଳାପ,

### ୨ ଖବରଦାତାଙ୍କୁ ଆକ୍ରମଣ ଘଟଣା

ଚୋରା ମଦ ଓ ନିଶା କାରବାର ରୋକିବା ସହ ୨୪ଘଣ୍ଟିଆ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା, ସାଧାରଣ ଜନତା ଓ ସାମ୍ବାଦିକଙ୍କୁ ସୁରକ୍ଷା ପ୍ରଦାନ ଦିଗରେ ପୋଲିସ ପ୍ରଶାସନ ପ୍ରାଥମିକତା ଦେବା ସହିତ କୋଣାର୍କକୁ ଅପରାଧମୁକ୍ତ କରାଯିବ। ତେଣୁ ଏହି ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ୨ଦିନ ମଧ୍ୟରେ ଗିରଫ କରାଯିବ ବୋଲି ସେ କହିଛନ୍ତି। ଏହି ସମ୍ମିଳନୀରେ ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ, ବରିଷ୍ଠ ସାମ୍ବାଦିକ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ସଞ୍ଜୟ ପତି, ଆମ ପୋଲିସ ସମିତି ସଭାପତି ରାମକୃଷ୍ଣ ମହାନ୍ତି, ଖବରଦାତା ଭାଗୀରଥି ସ୍ୱାଇଁ, ଅବନୀ ଭୂଷଣ ବାରିକ, ଧନଞ୍ଜୟ ବେହେରା, ମାନସ ରଞ୍ଜନ ପାତ୍ର, ମନୋରଞ୍ଜନ ପଣ୍ଡା, ପ୍ରକାଶ କାଣ୍ଡି, ସୁକାନ୍ତ ବିଶ୍ୱାଳ, ବିଶ୍ୱରଞ୍ଜନ ବିଶ୍ୱଶ୍ରୀ, ମିଳନ ମହାନ୍ତି, ଅଜିତ ମଲ୍ଲିକଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଖବରଦାତା ଯୋଗଦେଇଥିଲେ।

# ପ୍ରଜ୍ଞାନ ମିଶନ ପକ୍ଷରୁ ବ୍ରହ୍ମଚାରୀ ପ୍ରଶିକ୍ଷଣ


ପୁରୀ ବାଲିଘାଇ ସ୍ଥିତ ଗୁରୁକୁଳ ଆଶ୍ରମରେ ଗୁରୁବାର ଆରମ୍ଭ ହୋଇଥିବା ବ୍ରହ୍ମଚାରୀ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ସନ୍ନ୍ୟାସୀମାନେ ।

ପୁରୀ ଅଫିସ,୧୫।୧୨

ଭାରତୀୟ ମୁନିଋଷିମାନେ ମନୁଷ୍ୟ ଜୀବନକୁ ଚାରି ଭାଗରେ ବିଭକ୍ତ କରିଥିଲେ। ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଓ ସନ୍ନ୍ୟାସ। ଜୀବନର ପ୍ରଥମ ସୋପାନରେ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ ପୂର୍ବକ ପିଲାଟିଏ ବିଦ୍ୟାରମ୍ଭ କରୁଥିଲା। ତେଣୁ ତା'ର ଗୃହସ୍ଥ ଆଶ୍ରମ ସହିତ ସମଗ୍ର ଜୀବନ ସୁଖମୟ ହେଉଥିଲା। କିନ୍ତୁ ଏବେକାର ଆଧୁନିକ ପାଠ୍ୟକ୍ରମରେ କେବଳ ଭୌତିକ ପାଠକୁ ଛାଡ଼ିଦେଲେ ନୈତିକତା ତଥା ଜୀବନ ଜୀଇଁବାର କଳା ଶିଖିବାର ସୁଯୋଗ ନାହିଁ। ଏଥିନିମନ୍ତେ ପ୍ରଜ୍ଞାନ ମିଶନ ତରଫରୁ ପୁରୀର ବାଲିଘାଇସ୍ଥିତ ହରିହରାନନ୍ଦ ଗୁରୁକୁଳମ୍‌ରେ ଅନ୍ତଃରାଷ୍ଟ୍ରୀୟ କ୍ରିୟାଯୋଗ ସଂସ୍ଥାନ ତଥା ପ୍ରଜ୍ଞାନ ମିଶନର ଆଧ୍ୟାତ୍ମିକ ପ୍ରମୁଖ ପରମପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ତତ୍ତ୍ୱାବଧାନରେ ୨୦୦୨ ମସିହାରୁ ଆବାସିକ ବ୍ରହ୍ମଚାରୀ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି ପ୍ରଶିକ୍ଷଣ ଶିବିରରେ ଦେଶ ବିଦେଶରୁ ପ୍ରଶିକ୍ଷାର୍ଥୀମାନେ ଅଂଶଗ୍ରହଣ କରିଥାନ୍ତି।

- ଚଳିତବର୍ଷ ହିନ୍ଦୀରେ ପ୍ରଶିକ୍ଷଣ ଦିଆଯିବ
- ଫେବୃୟାରୀ ୯ ଯାଏଁ ଚାଲିବ

ପ୍ରତିବର୍ଷ ଇଂଲିଶ୍‌ରେ ପ୍ରଶିକ୍ଷଣ ହେଉଥିବା ବେଳେ ଚଳିତବର୍ଷ ହିନ୍ଦୀ ଭାଷାରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏଥିରେ ଭାରତର ବିଭିନ୍ନ ରାଜ୍ୟରୁ ପ୍ରଶିକ୍ଷାର୍ଥୀମାନେ ଯୋଗଦେଇଛନ୍ତି। ଗୁରୁବାର ୯ମ ଆବାସିକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଥିଲା। ଶୁକ୍ରବାରଠାରୁ ନିୟମିତ ପାଠ୍ୟକ୍ରମ ଆରମ୍ଭ ହୋଇ ୯ ଫେବୃୟାରୀ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୮ ବର୍ଷରୁ ୪୦ ବର୍ଷ ବୟସର ସ୍ନାତକରୁ ଊର୍ଦ୍ଧ୍ୱ ଶିକ୍ଷା ହାସଲ କରିଥିବା ଯୁବ ପ୍ରଶିକ୍ଷାର୍ଥୀମାନେ ଭାଗ ନେଇଛନ୍ତି। ପ୍ରଶିକ୍ଷାର୍ଥୀମାନେ ସଂସ୍କୃତ ଏବଂ ବେଦାନ୍ତ ଶିକ୍ଷା ସହିତ ବ୍ରହ୍ମଚାରୀ ଜୀବନ ଶୈଳୀ, ଷଡ଼ଦର୍ଶନ ତଥା କ୍ରିୟାଯୋଗ ସାଧନ କୌଶଳ ଶିକ୍ଷା କରିବେ। ତତ୍ତ୍ୱବୋଧ, ଆତ୍ମବୋଧ, ନାରଦ ଭକ୍ତିସୂତ୍ର, ପତଞ୍ଜଳି ଯୋଗସୂତ୍ର, ଶ୍ରୀମଦ୍ ଭଗବଦ୍ ଗୀତା ଓ ଉପନିଷଦ ଆଦି ବିଷୟ ଉପରେ ଶିକ୍ଷା ଦିଆଯିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାରତର ପ୍ରସିଦ୍ଧ କୈଳାସ ଆଶ୍ରମର ବେଦାନ୍ତ ଗୁରୁ ସ୍ୱାମୀ ବିଷ୍ଣୁ ତୀର୍ଥ ମହାରାଜ, ସ୍ୱାମୀ ଶୁଦ୍ଧାନନ୍ଦ ଗିରି, ସ୍ୱାମୀ ସମର୍ପଣାନନ୍ଦ ଗିରି, ସ୍ୱାମୀ ଅଚଳାନନ୍ଦ ଗିରି, ସ୍ୱାମୀ ପରିପୂର୍ଣ୍ଣାନନ୍ଦ ଗିରି, ସ୍ୱାମୀ ଅନିର୍ବାଣାନନ୍ଦ ଗିରି, ସ୍ୱାମୀ ଦେବପ୍ରିୟାନନ୍ଦ ଗିରି, ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ଗିରି, ସ୍ୱାମୀ ଅଧ୍ୟାତ୍ମାନନ୍ଦ ଗିରି ପ୍ରମୁଖ ଶିକ୍ଷକତା କରିବେ। ଏତଦ୍‌ବ୍ୟତୀତ ମଝିରେ ଭାରତବର୍ଷର ବିଶିଷ୍ଟ ବିଦ୍ୱାନ୍ ପ୍ରଶିକ୍ଷକମାନେ ମଧ୍ୟ ଯୋଗଦେବେ। ପ୍ରଶିକ୍ଷାର୍ଥୀମାନେ ପ୍ରାତଃ ୪ଟାରୁ ଉଠି ଯୋଗାସନ, ପ୍ରାର୍ଥନା ସହିତ ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟାରେ ଧ୍ୟାନ ଅଭ୍ୟାସ କରିବେ। ଶ୍ରେଣୀଗୃହ ପାଠ ପରେ ମଧ ଦ୍ୱିପ୍ରହରରେ ପିଲାମାନେ ଲାଇବ୍ରେରିରେ ସ୍ୱାଧ୍ୟାୟ ଓ ସେବା କାର୍ଯ୍ୟ କରିବେ। ଏହାଦ୍ୱାରା ପ୍ରଶିକ୍ଷାର୍ଥୀମାନେ ଶାରୀରିକ, ମାନସିକ ଓ ଭାବଗତ ଦୃଢ଼ ତଥା ଉତ୍ତମ ନାଗରିକ ଭାବେ ପ୍ରତିଷ୍ଠିତ ହୋଇ ନିଜର ଓ ସମାଜର କଲ୍ୟାଣରେ ସହାୟକ ହୋଇପାରିବେ ବୋଲି ସାଧୁମାନେ ମତପ୍ରକାଶ କରିଛନ୍ତି।

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ସାକ୍ଷୀଗୋପାଳ, ୧୫।୧୨(ସ୍ୱ.ପ୍ର./ଡି.ଏନ୍.ଏ.)

ହକି ବିଶ୍ୱକପ ଉପଲକ୍ଷେ ସତ୍ୟବାଦୀରେ ଆରମ୍ଭ ହୋଇଯାଇଛି ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା। ବୁଧବାର ସକାଳ ୯ଟାରେ ସାକ୍ଷୀଗୋପାଳ ବସଷ୍ଟାଣ୍ଡଠାରୁ ବ୍ଲକର ଶତାଧିକ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ବଜାର ଦେଇ ସତ୍ୟବାଦୀ ହାଇସ୍କୁଲରେ ପହଞ୍ଚିଥିଲେ। ସେଠାରେ ଶୋଭାଯାତ୍ରାରେ ସାମିଲ ହୋଇଥିବା ମାସ୍କଟ ଓଲିର ପ୍ରତିଛବି ଓ ଅନ୍ତର୍ଜାତୀୟ ପାରା ଆଥଲେଟ ଜୟନ୍ତୀ ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ସେଠାରେ ଥିବା ୫ ମହାପୁରୁଷଙ୍କୁ ଉପସ୍ଥିତ ଥିବା ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସ୍କୁଲସ୍ତରୀୟ ବ୍ୟାଡମିଣ୍ଟନ, ଭଲିବଲ, କବାଡ଼ି ଖୋଖୋ ପ୍ରତିଯୋଗିତା ହୋଇଥିଲା। ଆୟୋଜିତ ଉତ୍ସବରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ତହସିଲଦାର ଜୟନ୍ତ ଜୟସିଂ, ବିଡିଓ ଲୋଚନ ଦାସ, ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ, ବିଇଓ ଭବମ ପ୍ରଧାନ, ଦୀପକ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଆଥଲେଟ ଜୟନ୍ତୀ ବେହେରାଙ୍କ କୋଚ ବିଷ୍ଣୁପ୍ରସାଦ ମିଶ୍ରଙ୍କୁ ସତ୍ୟବାଦୀ କ୍ରୀଡ଼ା ମଣ୍ଡଳ ତରଫରୁ ଅତିଥିମାନେ ସମ୍ମାନିତ କରିଥିଲେ। କ୍ରୀଡ଼ା ଶିକ୍ଷକ ଲକ୍ଷ୍ମୀପ୍ରସାଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୁକ୍ତା ଯୋଜନାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହେବ


ବୈଠକରେ ଯୋଗଦେଇଥିବା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟ ଅତିଥିମାନେ ।

ନିମାପଡ଼ା,୧୫।୧୨(ଡି.ଏନ୍.ଏ.)

ନିମାପଡ଼ା ଏନ୍‌ଏସିରେ ମୁଖ୍ୟମନ୍ତ୍ରୀଙ୍କ ମୁକ୍ତା ଯୋଜନାରେ ବିଭିନ୍ନ ପ୍ରକାର ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ। ଏହି ଯୋଜନାରେ ଏନ୍‌ଏସିର ପ୍ରତ୍ୟେକ ୱାର୍ଡରେ ରାସ୍ତାଘାଟ, ଡ୍ରେନ ନିର୍ମାଣ, ମରାମତି କାର୍ଯ୍ୟ କରାଯିବା ସହ ସ୍ମାର୍ଟ ପାର୍କ, ସ୍ମାର୍ଟ ଶ୍ମଶାନର ନିର୍ମାଣ ସମେତ ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ଖୋଲା ଜାଗାର ସୌନ୍ଦର୍ଯ୍ୟକରଣ ଆଦି କାର୍ଯ୍ୟ ମୁକ୍ତା ଯୋଜନାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା କରାଯିବ ବୋଲି ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଏନ୍‌ଏସିର କାଉନସିଲ ବୈଠକରେ ଯୋଗଦେଇ କହିଛନ୍ତି। ପ୍ରାୟ ୮୦ ଲକ୍ଷ ଟଙ୍କା ବ୍ୟୟରେ ଏନ୍‌ଏସି ପକ୍ଷରୁ ସ୍ମାର୍ଟ ପାର୍କ ପାଇଁ ସୀମା ନିର୍ଦ୍ଧାରଣ କରାଯାଇ ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟାରମ୍ଭ ହେବା ସହ ସ୍ମାର୍ଟ ଶ୍ମଶାନର ନିର୍ମାଣ କାର୍ଯ୍ୟ ମଧ ଖୁବଶୀଘ୍ର କରାଯିବ। ମାର୍କେଟ୍ କମ୍ପ୍ଲେକ୍ସ ଗୃହ ବଣ୍ଟନ ପାଇଁ ଏକ ସ୍ୱତନ୍ତ୍ର ତାଲିମ ନିର୍ଦ୍ଧାରଣ କରାଯିବା ସହ ଆସନ୍ତା ବର୍ଷାଦିନ ପୂର୍ବରୁ ଏନ୍‌ଏସି ଅଞ୍ଚଳରେ ଥିବା ପ୍ରତ୍ୟେକ ଡ୍ରେନ୍‌ର ପୁନରୁଦ୍ଧାର ସହ ସଫେଇ, ନୂତନ ଡ୍ରେନ୍ ନିର୍ମାଣ କାର୍ଯ୍ୟ କରାଯିବା ପାଇଁ ଆୟୋଜିତ କାଉନସିଲ୍ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିମାପଡ଼ା ସହର ବଜାରରେ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ଏନ୍‌ଏସି ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ରଶାସନିକ ବୈଠକ ଡକାଯାଇ ଏ ଦିଗରେ ବିହିତ ପ୍ରତିକାର ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ବୈଠକରେ ଏନ୍‌ଏସି ଅଞ୍ଚଳର ଆଲୋକୀକରଣ, ଆୟବ୍ୟୟର ବିବରଣୀ ଉପସ୍ଥାପନ ଓ ଅନୁମୋଦନ ସମ୍ପର୍କରେ ବିଶଦ ଆଲୋଚନା କରାଯାଇ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ଗ୍ରହଣ କରାଯାଇଥିବା ଏନ୍‌ଏସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ବୈଠକରେ ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ସହକାରୀ ଯନ୍ତ୍ରୀ ଯତୀନ୍ଦ୍ର ମୋହନ ବେହେରା, ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ, ପୂର୍ବତନ ଅଧ୍ୟକ୍ଷ ସନାତନ ପ୍ରଧାନ, ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ପ୍ରଦୀପ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗଣଶିକ୍ଷାମନ୍ତ୍ରୀ ଏକ ନୂତନ ଡ୍ରେନ୍ ଓ ବର୍ଜ୍ୟବସ୍ତୁ ସଫେଇ ଯାନକୁ ଉଦ୍‌ଘାଟନ କରି ପୌରବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ।

# ୫୫ ବିଦ୍ୟାଳୟର ୨୫୭ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ

ନିମାପଡ଼ା,୧୫।୧୨(ଡି.ଏନ୍.ଏ.)

### ବ୍ଲକସ୍ତରୀୟ ୩ ଦିନିଆ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ନିମାପଡ଼ା ବ୍ଲକ ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ପକ୍ଷରୁ ୩ ଦିନିଆ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ବ୍ଲକ ଶିକ୍ଷା ଅଧିକାରୀ ବିଇଓ ଦ୍ୱିତିକାନ୍ତ ପ୍ରଧାନ, ନିମାପଡ଼ା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ବାରିକ୍, ନିମାପଡ଼ା ବ୍ଲକ ବିଦ୍ୟାଳୟ ସମୂହର ସମ୍ପାଦକ ରଣଜିତ୍ କେଶରୀ ନାୟକ, ସହସମ୍ପାଦକ ନେତ୍ରାନନ୍ଦ ବାରିକ୍, ଭିଲିଗ୍ରାମ ହାଇସ୍କୁଲ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାୟକ, ନାଗବସ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରା, ନିମାପଡ଼ା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପ୍ରତିଯୋଗିତାର ସଫଳ କାମନା କରିବା ସହ ପ୍ରତିଯୋଗୀ ଆଗାମୀ ଦିନରେ କ୍ରୀଡ଼ା କ୍ଷେତ୍ରରେ ତାରକା ସଦୃଶ, ଦେଶ ଓ ରାଜ୍ୟର ଭବିଷ୍ୟତ ବୋଲି ମତବ୍ୟକ୍ତ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ କୋମଳମତୀ ବାଳିକା ବାଳକଙ୍କୁ ଏବେଠାରୁ ଗଢି ତୋଳିବା, ସେମାନଙ୍କୁ ଉତ୍ତମ ଭାବେ ତାଲିମ ପ୍ରଦାନ କରି ପ୍ରୋତ୍ସାହନ ଯୋଗାଇବା କ୍ଷେତ୍ରରେ ପ୍ରତ୍ୟେକ କ୍ରୀଡ଼ା ଶିକ୍ଷକମାନେ ଯତ୍ନବାନ ହେବା ଆବଶ୍ୟକ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ପ୍ରତିଯୋଗିତାରେ ବ୍ଲକର ୪୭ଟି ଉଚ୍ଚ ବିଦ୍ୟାଳୟ, ୮ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ମୋଟରେ ୫୫ଟି ବିଦ୍ୟାଳୟର ୨୫୭ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ, ମୁରଲୀଧର ପ୍ରଧାନ, ପ୍ରମୋଦ ବରାଳ, ଏଲିନା ଖୁଣ୍ଟିଆ, ଲିପ୍‌ସା ପ୍ରିୟଦର୍ଶିନୀ ଦଳେଇ, ସରୋଜିନୀ ପୃଷ୍ଟି, ପ୍ରଭାତମଞ୍ଜରୀ ସ୍ୱାଇଁ ପ୍ରମୁଖ ବିଭିନ୍ନ କ୍ରୀଡ଼ା ପରିଚାଳନା କରିଥିଲେ। ଫୁଟବଲ୍, ଭଲିବଲ୍, କବାଡ଼ି, ଖୋଖୋ, କ୍ରିକେଟ୍, ଚେସ୍, ବ୍ୟାଡମିଣ୍ଟନ୍, ଯୋଗ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହ ଶ୍ରେଷ୍ଠ ପ୍ରତିଯୋଗୀମାନେ ପୁରୀ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗଗ୍ରହଣ କରିବେ ବୋଲି କ୍ରୀଡ଼ା ଶିକ୍ଷକ ରଣଜିତ୍ କେଶରୀ ନାୟକ କହିଛନ୍ତି।



ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ମୋ ପୋଖରୀ ଖୋଳାରେ ଦୁର୍ନୀତି ଅଭିଯୋଗ

ଗୋପ,୧୫।୧୨(ଡି.ଏନ୍.ଏ.)

ଗୋପ ବ୍ଲକ ନାଗପୁର ପଞ୍ଚାୟତର ନାରୁଅ ଗ୍ରାମରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଅନ୍ତର୍ଭୁକ୍ତ ୬ଟି ମୋ ପୋଖରୀ ଖୋଳାରେ ଦୁର୍ନୀତି ହେବା ନେଇ ଅଭିଯୋଗ ହୋଇଥିଲା। ତେବେ ଏହି ଅଭିଯୋଗକ୍ରମେ ଗୁରୁବାର ରାଜ୍ୟସ୍ତରୀୟ ଏକ ୬ଜଣିଆ ଟିମ୍ ଉକ୍ତ ପଞ୍ଚାୟତକୁ ଯାଇ କାର୍ଯ୍ୟର ତଦନ୍ତ ଆରମ୍ଭ କରିବା ସହିତ ପୋଖରୀକୁ ମାପଚୁପ କରିଛନ୍ତି। ପ୍ରକାଶ ଯେ, ନାଗପୁର ପଞ୍ଚାୟତ ନାରୁଅ ଗ୍ରାମରେ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ପୋଖରୀ ଖୋଳାଯାଇଥିଲା। ହେଲେ ଏହି କାର୍ଯ୍ୟରେ ଦୁର୍ନୀତି ହୋଇଥିବା ସହ ମେସିନ ସାହାଯ୍ୟରେ ପୋଖରୀ ଖୋଳା ହୋଇଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ସମେତ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ଓ ସଚିବଙ୍କ ସହିତ ବିଭିନ୍ନ ଉଚ୍ଚ ପଦାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ନେଇ ଯୁଗ୍ମ ସଚିବ ତ୍ରିଲୋଚନ ମହାନ୍ତି, ଏଫ୍‌ଏ ବରିଷ୍ଠ ଅଧିକାରୀ ଲୁନା ମଲ୍ଲ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ରାଜ୍ୟ ସହକାରୀ ଯନ୍ତ୍ରୀ ପ୍ରଦୋଷ ଦାଶ, କମ୍ପ୍ୟୁଟର ପ୍ରୋଗ୍ରାମର ସତ୍ୟରଞ୍ଜନ ଲେଙ୍କା, ସାମାଜିକ ସମୀକ୍ଷକ ସୁକାନ୍ତ କୁମାର ପ୍ରମୁଖ ଗୁରୁବାର ଗୋପ ବ୍ଲକରେ ପହଞ୍ଚି ବିଡିଓ ଦୀପ୍ତିରାଣୀ ଦାସଙ୍କଠାରୁ ସବିଶେଷ ତଥ୍ୟ ସଂଗ୍ରହ କରିବା ସହ ଅଭିଯୋଗ ହୋଇଥିବା ନାରୁଅ ଗ୍ରାମକୁ ଯାଇ ୬ଟି ପୋଖରୀ ବୁଲି ଦେଖିଥିଲେ। ବ୍ଲକ କନିଷ୍ଠ ଯନ୍ତ୍ରୀ ସୁଦୀପ୍ କୁମାର ବେସ୍ରା ଓ ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ ଗୋପୀନାଥ ବେହେରା ପ୍ରମୁଖ ମାପଚୁପ କରି ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। କେତେକ ସମୟରେ ମୃତ୍ତିକା ବିଭାଗର ଅଧିକାରୀ ଜଣଙ୍କ ଚାଷ ଜମି ସହିତ କେତେକ ପଡ଼ିଆରେ ପୋଖରୀ ଖୋଳା ନାଁରେ ମିଥ୍ୟା ବିଲ୍ କରିବା ଭଳି ଅଭିଯୋଗ ଆସୁଥିବାବେଳେ ଏଭଳି ଯାଞ୍ଚ ଦ୍ୱାରା ଏହି ଦୁର୍ନୀତିର ପର୍ଦ୍ଦାଫାଶ ହେଲେ ଅନ୍ୟ ଦୁର୍ନୀତି ପଦାକୁ ଆସିବ। ଏହି ତଦନ୍ତ ସମୟରେ ବିଡିଓ, ଏମ୍‌ଜିଏନ୍‌ଆରଇଜିଏସ୍ ସହକାରୀ ଅଧିକାରୀ ପ୍ରୋଗ୍ରାମ ଅଫିସର ମୋନାଲିସା ଶତପଥୀ, ନାଗପୁର ଗ୍ରାମ ରୋଜଗାର ସେବକଙ୍କ ସମେତ ହିତାଧିକାରୀମାନେ ଉପସ୍ଥିତ ଥିଲେ। ଏ ନେଇ ତଦନ୍ତ ଅଧିକାରୀ ଯୁଗ୍ମ ସଚିବ ତ୍ରିଲୋଚନ ମହାନ୍ତି କହିଛନ୍ତି, ଅଭିଯୋଗକୁ ନେଇ ତଦନ୍ତ ଆରମ୍ଭ ହୋଇଛି। କୌଣସି ତ୍ରୁଟିବିଚ୍ୟୁତି ଆସିଲେ ନିଶ୍ଚିତ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।



ନାଗପୁର ପଞ୍ଚାୟତରେ ପୋଖରୀ ଖୋଳା ଦୁର୍ନୀତି ଅଭିଯୋଗରେ ତଦନ୍ତ ପାଇଁ ଆସିଥିବା ଟିମ୍ ।

### ୬ଜଣିଆ ଟିମ୍‌ର ତଦନ୍ତ ଆରମ୍ଭ

## ୧୩୨ କେଜି ଭାଙ୍ଗ ଜବତ, ଜଣେ ଗିରଫ

କଟକ ଅଫିସ: କଟକ ଜିଲା ଅବକାରୀ ବିଭାଗ ପକ୍ଷରୁ ବାରଙ୍ଗ ଥାନା ଅନ୍ତର୍ଗତ ନରାଜ ମାର୍ଥାପୁର ରେଳଷ୍ଟେଶନ ନିକଟରେ ଗୁରୁବାର ଚଢ଼ାଉ କରାଯାଇଛି। ବେଆଇନ ନିଶା କାରବାର ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ୧୩୨ କେଜି ଭାଙ୍ଗ ଜବତ କରାଯାଇଛି। ସେ ହେଲେ ଯାଜପୁର ଟାଉନ ଥାନା ଅନ୍ତର୍ଗତ ମୁଣ୍ଡମାଳ ଗ୍ରାମର ସଞ୍ଜୁ ବେହେରା। ଜବତ ଭାଙ୍ଗ ବିହାରରୁ ଅଣାଯାଇଥିବା ପଚରାଉଚୁରା ବେଳେ ଅଭିଯୁକ୍ତ ସ୍ୱୀକାର କରିଛନ୍ତି। ଏନେଇ ଏକ ମାମଲା ରୁଜୁ ହୋଇଥିବା ସଦର ଅବକାରୀ ଆଇଆଇସି ଶ୍ରୁତିକାନ୍ତ ରାଉତ କହିଛନ୍ତି।

## ଆଜି କ'ଣ କେଉଁଠି

କଟକ

- ଜାତୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀର ଉଦ୍‌ଯାପନୀ, ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ କମ୍ପ୍ଲେକ୍ସ, ସକାଳ ୯ଟା ୩୦।
- ଖ୍ରୀଷ୍ଟ କଲିଜିଏଟ ସ୍କୁଲ ପକ୍ଷରୁ ଖ୍ରୀଷ୍ଟମାସ କାରୋଲ, ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ସାହିତ୍ୟ ସଂସଦ ପକ୍ଷରୁ ୬୩ତମ ଶିଶିର ଉତ୍ସବରେ ଗଳ୍ପ ପାଠୋତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ଅପରାହ୍ନ ୫ଟା।
- ଜଷ୍ଟିସ ରାଜକିଶୋର ଦାସଙ୍କ ବାର୍ଷିକ ସ୍ମୃତିସଭା, ଶତାବ୍ଦୀ ଭବନ, ସନ୍ଧ୍ୟା ୬ଟା।

## ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋନୟନ ପାଇଁ ଜିଲାପାଳଙ୍କ ଚିଠି

**କଟକ ସଦର, ୧୫।୧୨ (ଡି.ଏନ.ଏ.):** କଟକ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋନୟନ ପାଇଁ ବାଟ ଖୋଲିଛି। ଜିଲାପାଳ ଭବାନୀ ଶଙ୍କର ଚୟନୀ ଗୁରୁବାର ଏକ ପତ୍ର ଲେଖି ୨୩ ଜଣ ସମିତି ସଭ୍ୟାସଭ୍ୟଙ୍କ ମଧ୍ୟରୁ ଜଣଙ୍କୁ ମନୋନୟନ କରିବା ପାଇଁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ନିବେଦନ କରିଛନ୍ତି। ଗତ ଏପ୍ରିଲ ୨୦ରେ ନବ ନିର୍ବାଚିତ ପଞ୍ଚାୟତ ସମିତି ଅଧ୍ୟକ୍ଷା ବିଷ୍ଣୁପ୍ରିୟା ରାଉତଙ୍କ ଅକାଳ ବିୟୋଗ ଘଟିବାରୁ ଉକ୍ତ ପଦବୀ ଖାଲି ପଡିଛି। ଉପନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ଜୁଲାଇ ୬ ଓ ୨୭ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ମାତ୍ର କୌଣସି ସଭ୍ୟାସଭ୍ୟ ନିର୍ବାଚନରେ ଅଂଶଗ୍ରହଣ ନ କରିବାରୁ ଏପର୍ଯ୍ୟନ୍ତ ଉକ୍ତ ପଦବୀ ପୂରଣ ହୋଇପାରିନାହିଁ। ତେଣୁ ଓଡ଼ିଶା ପଞ୍ଚାୟତ ସମିତି ଆଇନ ୧୯୫୯ ଧାରା ୪୫(ଗ) ମୁତାବକ ମନୋନୟନ କରିବା ପାଇଁ ସରକାରଙ୍କୁ କ୍ଷମତା ମିଳିଛି। ନୂଆବର୍ଷ ପୂର୍ବରୁ ନୂତନ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବେ ବୋଲି ଆଶା କରାଯାଉଛି।

## ଟିକସ ଆଦାୟ ପରିଚାଳନାରେ ସାମିଲ ହେବେ ୧୪ ଆଦାୟକାରୀ

**କଟକ ଅଫିସ, ୧୫।୧୨:** ସହରରେ ଟିକସ ଆଦାୟକୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୧୪ଜଣ ଟିକସ ଓ ଦେୟ ଆଦାୟକାରୀଙ୍କୁ କଟକ ମହାନଗର ନିଗମ (ସିଏମ୍‌ସି)ରେ ନିଯୁକ୍ତି ଦିଆଯାଇଛି। ବିଭିନ୍ନ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି), ପୌରାଞ୍ଚଳ ଏବଂ ମହାନଗର ନିଗମରେ ଟିକସ ଓ ଦେୟ ଆଦାୟକାରୀଙ୍କୁ ବଦଳି କରାଯାଇଛି। ଏହି ପରିପ୍ରେକ୍ଷୀରେ ୧୪ ଜଣ ନୂଆ ଟିକସ ଓ ଦେୟ ଆଦାୟକାରୀଙ୍କୁ ସିଏମ୍‌ସିକୁ ବଦଳି ହୋଇଛି। ବୌଦ୍ଧ ଏନ୍‌ଏସିରୁ ୩ ଜଣ, ବାଙ୍କୀ ଏନ୍‌ଏସିରୁ ଜଣେ, ଚୌଦ୍ୱାର ମ୍ୟୁନିସିପାଲିଟିରୁ ଜଣେ, ଢେଙ୍କାନାଳ ମ୍ୟୁନିସିପାଲିଟିରୁ ୩, କାମାକ୍ଷାନଗର ଏନ୍‌ଏସିରୁ ୨ ଓ ବ୍ରହ୍ମପୁର ମହାନଗର ନିଗମରୁ ୪ ଜଣ ବଦଳି ହୋଇଛନ୍ତି।

## କେନ୍ଦ୍ରମନ୍ତ୍ରୀଙ୍କ ଏସଭି ନିର୍‌ତାର ପରିଦର୍ଶନ

**କଣ୍ଟାପଡ଼ା, ୧୫।୧୨ (ଡି.ଏନ୍.ଏ.):** କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ ରାଷ୍ଟ୍ରମନ୍ତ୍ରୀ ପ୍ରତିମା ଭୌମିକ୍ ଗୁରୁବାର କଟକ ଜିଲା କଣ୍ଟାପଡା ବ୍ଲକ ଅଧୀନ ଓଲଟପୁରଠାରେ ଥିବା ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ର ଏସଭି ନିର୍‌ତାର୍ ପରିଦର୍ଶନରେ ଆସିଥିଲେ। ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ପହଞ୍ଚି ନିର୍‌ତାର୍‌ର ରୋଗୀ ୱାର୍ଡ, ଫିଜିଓଥେରାପି, ଅକ୍ୟୁପେସନାଲ ଥେରାପି, ପ୍ରସ୍ଥେଟିକ ଓ ଅର୍ଥୋଟିକ୍ ବିଭାଗ ବୁଲି ଦେଖିବା ସହ ଉକ୍ତ ବିଭାଗର ମୁଖ୍ୟଙ୍କ ସହ ଆଲୋଚନା କରିଥିଲେ। ନିର୍‌ତାର୍‌ରେ ଚାଲିଥିବା ଦିବ୍ୟାଙ୍ଗ ସେବାକାର୍ଯ୍ୟକୁ ଦେଖି ସେ ସନ୍ତୋଷ ପ୍ରକାଶ କରିଥିଲେ। ନିର୍‌ତାର୍‌ର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି, ପ୍ରଶାସନିକ ଉପନିର୍ଦ୍ଦେଶକ ଡା. ପବିତ୍ର ସାହୁ, ବୈଷୟିକ ଉପନିର୍ଦ୍ଦେଶକ ଡା. କିଶୋର ଚନ୍ଦ୍ର ମହାପାତ୍ର ପ୍ରମୁଖ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ସ୍ପେଶାଲ ଡ୍ରାଇଭ୍: ୧୧ ଦିନରେ ୧୧୪ ଉଦ୍ଧାର

**କଟକ ଅଫିସ, ୧୫।୧୨:** କମିଶନରେଟ ପୋଲିସ ପକ୍ଷରୁ ନିଖୋଜ ଶିଶୁ ଓ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ନିମନ୍ତେ ସ୍ପେଶାଲ ଡ୍ରାଇଭ୍ କରାଯାଇଛି। ଗତ ୧ରୁ ୧୧ ତାରିଖ ମଧ୍ୟରେ ମୋଟ ୧୧୪ ଜଣଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବୟସର ୩ ବାଳକ ଓ ୪ ଜଣ ବାଳିକା ଏବଂ ୧୮ ବର୍ଷରୁ ଅଧିକ ବୟସର ୧୭ ପୁରୁଷ ଓ ୯୦ ଜଣ ମହିଳା ଅଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ କ୍ରାଇମ୍ ବ୍ରାଞ୍ଚର ନିର୍ଦ୍ଦେଶକ୍ରମେ କଟକ ସହରାଞ୍ଚଳରେ ଏହି ସ୍ପେଶାଲ ଡ୍ରାଇଭ୍ କରାଯାଇଥିଲା। ପୋଲିସ ଅଧିକାରୀ ଓ କର୍ମଚାରୀମାନେ ବିଭିନ୍ନ ଅଞ୍ଚଳକୁ ଯାଇ ନିଖୋଜ ବ୍ୟକ୍ତି ବା ପିଲାଙ୍କୁ ଠାବ କରିବାର ପ୍ରୟାସ କରିଥିଲେ।

# 'ଦୁର୍ଘଟଣା ଏଡ଼ାଇବାକୁ ଉତ୍ପାଦନକାରୀ ଯତ୍ନବାନ୍ ହୁଅନ୍ତୁ'

### ଜିଲା ଆପାତ୍‌କାଳୀନ ବୈଠକ

**କଟକ ଅଫିସ, ୧୫।୧୨**

ପେଟ୍ରୋଲ, ଡିଜେଲ, ମିଥେନ, କ୍ଲୋରିନ୍, ଆମୋନିଆ, ଜାଳେଣୀ ଗ୍ୟାସ ବୋଝେଇ ଗାଡ଼ିଗୁଡିକ ରାସାୟନିକ ଗ୍ୟାସ୍‌ର ପରିମାଣ ଓ ଉଦ୍ଦିଷ୍ଟ ନିୟାମକୁ ଉଲ୍ଲଂଘନ କରୁଛି। ଏହା ଦୁର୍ଘଟଣାର ପ୍ରମୁଖ କାରଣ ଭାବେ ଉଭା ହୋଇଛି। ଏଣୁ ସମ୍ପୃକ୍ତ କାରଖାନାର ମାଲିକମାନେ ଏଭଳି ସମ୍ବେଦନଶୀଳ ବିଷୟକୁ ଗୁରୁତ୍ୱର ସହ ଗ୍ରହଣ କଲେ ରାଜପଥରେ ଘଟୁଥିବା ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିବ। ରାସାୟନିକ ଗ୍ୟାସ୍ ଓ ପାରିପାର୍ଶ୍ୱିକ ଦୁର୍ଘଟଣା ଏଡାଇବା ପାଇଁ ଉତ୍ପାଦନକାରୀ ଯତ୍ନବାନ ହୁଅନ୍ତୁ ବୋଲି ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର କହିଛନ୍ତି। କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ଆପାତ୍‌କାଳୀନ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ମିଶ୍ର ଅଧ୍ୟକ୍ଷତା



ଜିଲା ଆପାତ୍‌କାଳୀନ ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

କରି ଉପରୋକ୍ତ ବିଷୟ କହିଥିଲେ।

ସେହିପରି କାରଖାନା ଓ ବାଷ୍ପିତ୍ର ଉପନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା ଯୋଗଦେଇ ଜିଲାର ବିଭିନ୍ନ କମ୍ପାନୀ ଓ କାରଖାନା କର୍ତ୍ତୃପକ୍ଷଙ୍କଠାରୁ ସେମାନଙ୍କର ଆକସ୍ମିକ ଦୁର୍ଘଟଣାଜନିତ ମୁକାବିଲା ଓ ଉଦ୍ଧାର-କାର୍ଯ୍ୟଖସଡା ପ୍ରସ୍ତୁତି ସମ୍ବନ୍ଧରେ ବୁଝିଥିଲେ। ଏଥିସହ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ, ସ୍ଥାନୀୟ ବାସିନ୍ଦା ଓ ବିଭିନ୍ନ ଦାୟିତ୍ୱ ସମ୍ପର୍ନ୍ନ ବିଭାଗଗୁଡିକୁ ସଚେତନ କରିବା ନିମନ୍ତେ ନକଲ ଅଭ୍ୟାସ କରିବାକୁ କହିଥିଲେ। ସିଡିଏସ୍ଥିତ ପରିମଳ ବିଶୋଧନ ପ୍ରକଳ୍ପ ଓ ୱାଟ୍‌କୋ ପକ୍ଷରୁ ପରିଚାଳିତ ଜଳବିଶୋଧନ ପ୍ରକଳ୍ପରେ ସମ୍ଭାବ୍ୟ କ୍ଲୋରିନ ଗ୍ୟାସ୍ ଲିକେଜ୍ ଏବଂ ସୁରକ୍ଷା ପଦ୍ଧତି ଉପରେ ଉକ୍ତ ଅନୁଷ୍ଠାନର କର୍ମକର୍ତ୍ତାମାନେ ନିଜ ପ୍ଲାଣ୍ଟରେ ବ୍ୟବହାର ହେଉଥିବା ଗ୍ୟାସ୍‌ର ସୁରକ୍ଷା ପଦ୍ଧତି ତଥ୍ୟ ଉପସ୍ଥାପନ କରିଥିଲେ। କାରଖାନା ଓ ବାଷ୍ପିତ୍ର କଟକ ଖଣ୍ଡ-୧ ସହକାରୀ ନିର୍ଦ୍ଦେଶକ ଚିତ୍ତରଞ୍ଜନ ବେହୁରା ପାୱାର ପଏଣ୍ଟ ମାଧ୍ୟମରେ ଆକସ୍ମିକ ରାସାୟନିକ ଗ୍ୟାସ୍ ଦୁର୍ଘଟଣାର ସଫଳ ମୁକାବିଲା ଦିଗରେ ସୂଚନା ଦେଇଥିଲେ। ଏହି ବୈଠକରେ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଆରକ୍ଷୀ ଅଧୀକ୍ଷକ ରଞ୍ଜିତ୍ ପୃଷ୍ଟି, ଡେପୁଟି କଲେକ୍ଟର ଏନ୍.ଏନ୍. ରାଜଲକ୍ଷ୍ମୀ ଓଝା, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ମନୋଜ ଟୋପୋ, ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ୍ର କଟକ ଖଣ୍ଡ-୨ ଚନ୍ଦ୍ରକାନ୍ତ ଦଳାଇ, ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫ୍ ନିରୀକ୍ଷକ ଉଦିତ କୁମାର ଦାଶ, ସହକାରୀ ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା, ଓଡ୍ରାଫ ଉପନିରୀକ୍ଷକ ସୁନୀଲ ନାୟକ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ସଚ୍ଚିଦାନନ୍ଦ ପତି, ୱାଟ୍‌କୋ ସାଧାରଣ ପରିଚାଳକ ଦେବବ୍ରତ ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର

**କଟକ ଅଫିସ, ୧୫।୧୨**

କଟକ ମହାନଗର ନିଗମ(ସିଏମ୍‌ସି) ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ୫୧ ନଂ. ୱାର୍ଡ ନୂଆପଡା ବାଲିସାହି ପରିଚୟ କେନ୍ଦ୍ରରେ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାନଗର ଅଗ୍ନି ନିରାପତ୍ତା ପ୍ରକଳ୍ପ ସଂଯୋଜକ ରାକେଶ ସ୍ୱାଇଁ ଯୋଗଦେଇ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଗ୍ନିଶମ ବିଭାଗର କେନ୍ଦ୍ରୀୟ ଜୋନ୍ ଅଧିକାରୀ ରମେଶ ଚନ୍ଦ୍ର ମାଝିଙ୍କ ତତ୍ତ୍ୱାଧାନରେ ପ୍ରଶିକ୍ଷକ କ୍ଷୀରୋଦ ଚନ୍ଦ୍ର ଶତପଥୀ ଶିବିର ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜାଗା ମିଶନର ତପନ କୁମାର ପରିଡା, ଏସ୍.ଜି. ଫାଉଣ୍ଡେଶନର ପ୍ରଦୀପ୍ତ ମହାନ୍ତି, ବାଲିସାହି ସଂଘ ସମ୍ପାଦକ ତୋଫାନ ସିଂହ, ଗଜେନ୍ଦ୍ର ଦାସ, ଶିବପ୍ରସାଦ ଦାସ, ଅଗ୍ନିଶମ ବିଭାଗର ଶ୍ରୀନିବାସ ପଣ୍ଡାଙ୍କ ସମେତ ୫୧ ନଂ. ୱାର୍ଡର କର୍ପୋରେଟର ରାକେଶ ସ୍ୱାଇଁଙ୍କ ସମେତ ୪ ୱାର୍ଡର ବସ୍ତିବାସିନ୍ଦା ଯୋଗଦେଇଥିଲେ।


କଟକ ଶ୍ରୀରାମଚନ୍ଦ୍ର ଭବନରେ ଗୁରୁବାର ଅନୁଷ୍ଠିତ ଶିଶିର ଉତ୍ସବ ଓ ଓଡ଼ିଆ ଲେଖକ ସମ୍ମେଳନରେ ଉପସ୍ଥିତ ଅତିଥି ବୃନ୍ଦ।

# 'ସମାଜକୁ ସୁଧାରିବାରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ'

### ଶିଶିର ଉତ୍ସବ ଉଦ୍‌ଘାଟିତ

**କଟକ ଅଫିସ, ୧୫।୧୨**

ସାହିତ୍ୟ ଅନୁଷ୍ଠାନ ସାହିତ୍ୟ ସଂସଦ ପକ୍ଷରୁ ୬୩ତମ ଶିଶିର ଉତ୍ସବ ଓ ଓଡ଼ିଆ ଲେଖକ ସମ୍ମେଳନ କଟକ ଶ୍ରୀରାମଚନ୍ଦ୍ର ଭବନରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଭୁବନେଶ୍ୱର ସାହିତ୍ୟ ସମାଜର ସଭାପତି ସୂର୍ଯ୍ୟ ମିଶ୍ର ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଆଇନଜୀବୀ ଗୁରୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଶାସକ ତଥା କବି ବ୍ରହ୍ମାନନ୍ଦ ବେହେରା ଯୋଗଦେଇ କହିଥିଲେ, ସମାଜକୁ ସୁଧାରିବାରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାହିତ୍ୟ ହିଁ ମଣିଷର ଜୀବନକୁ ପ୍ରଭାବିତ କରିବା ସହ ଆଗେଇ ନେବାରେ ସାହାଯ୍ୟ କରିଥାଏ ବୋଲି ସେ କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ପ୍ରାଧାପିକା ଡ. ବିଜୟଲକ୍ଷ୍ମୀ ଦାଶ ଯୋଗ ଦେଇଥିଲେ। ଏହି ଅବସରରେ କବି ବିଜୟ କୁମାର ନାଥ ଓ କବି ନିରୁପମା କରଙ୍କ ସଂଯୋଜନାରେ ୭୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ସାହିତ୍ୟ ସଂସଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଜିତ୍ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା, ସଙ୍ଗଠନ ସମ୍ପାଦକ ରାଜୀବ କୁମାର ଷଡଙ୍ଗୀ ସ୍ୱାଗତ ଭାଷଣ ଓ କାର୍ଯ୍ୟକାରୀ ସମ୍ପାଦକ ସୁରଜିତ୍ ନାଥ ଧନ୍ୟବାଦ ଦେଇଥିଲେ।

## ପଦ୍ମିନୀ କେୟାରରେ ପୋଷଣଯୁକ୍ତ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା

**କଟକ ଅଫିସ, ୧୫।୧୨**

ପଦ୍ମିନୀ କେୟାର ହସ୍ପିଟାଲର ଖାଦ୍ୟ ଓ ପୁଷ୍ଟିସାଧନ ବିଭାଗ ଆନୁକୂଲ୍ୟରେ ପୋଷଣଯୁକ୍ତ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ହସ୍ପିଟାଲରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ଦ୍ୱାରା ମାଣ୍ଡିଆ, ବାଜରା, ଯଅ, ସୁଆଁ, କାଙ୍ଗୁରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଏଥିରେ ପ୍ରଦର୍ଶିତ ହୋଇଥିଲା। ପ୍ରତିଯୋଗିତାରେ ଆରାଧନା ପଣ୍ଡା ପ୍ରଥମ, ଦୀପା ଜେନା ଦ୍ୱିତୀୟ ଓ ସାଇକ୍ରିଷ୍ଣା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦେଇଥିଲେ। ଏଥିରେ ସହ ଅଧ୍ୟକ୍ଷ ଇଂ. ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜା, ଡା. ହିମାଂଶୁ ମିଶ୍ର, ସଚିବ ଚନ୍ଦ୍ରକାନ୍ତ ପଣ୍ଡା, ପ୍ରାଣବନ୍ଧୁ ନାୟକ, ପ୍ରଦ୍ୟୁତ୍ କୁମାର ଷଡଙ୍ଗୀ, ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଶୁତୋଷ ଦ୍ୱିବେଦୀ, ହେମନ୍ତ ପାଇକରାୟ ଓ ସଞ୍ଜୀବ ପ୍ରହରାଜ ପ୍ରମୁଖ ବିଚାରକ ଭାବରେ ଯୋଗ ଦେଇଥିଲେ।

## ଉନ୍ନତୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉ

### ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ

**କଟକ ଅଫିସ, ୧୫।୧୨**

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବିଭିନ୍ନ ଯୋଜନାରେ କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟର ଅଗ୍ରଗତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ଗୁରୁବାର ସିଏମ୍‌ସି ବିଜୁଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଅଧିକାରୀମାନେ କାର୍ଯ୍ୟର ସ୍ଥିତି ସମ୍ପର୍କରେ ଅବଗତ କରାଇବା ସହ ଦେଖାଦେଇଥିବା କେତେକ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷକରି ହିତାଧିକାରୀମାନେ ପାଉଥିବା ଭତ୍ତାକୁ ଆଗାମୀ ଦିନରେ ସମ୍ପୂର୍ଣ୍ଣ ଭାବେ ଯେପରି ବ୍ୟାଙ୍କ୍ ସହ ସଂଯୁକ୍ତ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା। ଜାଗା ମିଶନ କାର୍ଯ୍ୟକ୍ରମରେ ବସ୍ତିଗୁଡିକର ଉନ୍ନତୀକରଣ ସମ୍ପର୍କରେ ସମୀକ୍ଷା କରାଯିବା ସହ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ କମିଶନର ପରାମର୍ଶ ଦେଇଥିଲେ। ବିଭିନ୍ନ ୱାର୍ଡରେ ଗୃହକର୍ତ୍ତାମାନଙ୍କ ସବିଶେଷ ତଥ୍ୟ ସଂଗ୍ରହ ଡ୍ରୋନ୍ ସର୍ଭେ ଦ୍ୱାରା କରାଯାଉଛି। ଏହାକୁ ଅଧିକ କ୍ରିୟାଶୀଳ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇ 'ମୁକ୍ତା' ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ, ସିଟି ମିଶନ ପରିଚାଳକ ଓ ମୁକ୍ତା ପ୍ରକଳ୍ପର ସଂଯୋଜକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଓଟିଏମ୍ ପୁନରୁଦ୍ଧାର ମାମଲା › ୧୧ ଶ୍ରମିକଙ୍କୁ ମିଳିଲା ବକେୟା ପ୍ରାପ୍ୟ

**ମଙ୍ଗୁଳି-ଜଗତ୍‌ପୁର/ଚୌଦ୍ୱାର, ୧୫।୧୨ (ଡି.ଏନ.ଏ.)**

ଚୌଦ୍ୱାରସ୍ଥିତ ଓଡ଼ିଶା ଟେକ୍ସଟାଇଲ୍ ମିଲ୍ସ(ଓଟିଏମ୍)ର ଶ୍ରମିକ ଓ କର୍ମଚାରୀଙ୍କ ବକେୟା ପ୍ରାପ୍ୟ ପ୍ରଦାନ ପ୍ରକ୍ରିୟା ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୧ ଜଣ ଶ୍ରମିକଙ୍କ ବ୍ୟାଙ୍କ ଆକାଉଣ୍ଟରେ ମୋଟ ୩୮ ଲକ୍ଷ ୨୮ ହଜାର ୮୮୧ ଟଙ୍କା ଜମା କରାଯାଇଥିବା ଅଫିସିଆଲ ଲିକ୍ୟୁଡେଟର ହିମାଂଶୁ ଶେଖର ସୂଚନା ଦେଇଛନ୍ତି। ସେମାନେ ହେଲେ ମୋହନୀ ସାହୁ, ମହେନ୍ଦ୍ର ମହାରଣା, ଶରତ ଆଚାର୍ଯ୍ୟ, ପବିତ୍ର ନାୟକ, ବଂଶୀଧର ସେଠୀ, ଜୁମା ସାହା, ଭୋଳାନାଥ ବେହେରା, ବନମାଳୀ ବେହେରା, ଶତ୍ରୁଘ୍ନ ଭୋଳ, ନାରାୟଣ ଦାସ ଓ ପ୍ରଦୀପ୍ତ କୁମାର ପଣ୍ଡା। ହିମାଂଶୁ ଶେଖରଙ୍କ ସୂଚନା ଅନୁଯାୟୀ, ଲିକ୍ୟୁଡେଶନ୍ ଅଫିସ୍ ପକ୍ଷରୁ ଓଟିଏମ୍‌ର ମୋଟ ୧୦୮ ଜଣ ଶ୍ରମିକ ଓ କର୍ମଚାରୀଙ୍କୁ ସେମାନଙ୍କ ବକେୟା ପ୍ରାପ୍ୟ


ଅଫିସିଆଲ ଲିକ୍ୟୁଡେଟର ହିମାଂଶୁ ଶେଖରଙ୍କୁ ଜଣେ ଶ୍ରମିକ ନୋଟିସ୍ ପ୍ରଦାନ କରୁଛନ୍ତି।

ପ୍ରଦାନ ପାଇଁ ବୁଧବାର ନୋଟିସ୍ ଜାରି କରାଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ସ୍ୱୀକାରପତ୍ର ପ୍ରଦାନ କରିବାରୁ ସେମାନଙ୍କୁ ବକେୟା ପ୍ରାପ୍ୟ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଯେତେ ସ୍ୱୀକାରପତ୍ର ହସ୍ତଗତ ହେବ ଏନ୍‌ଇଏଫ୍‌ଟି ଓ ଆରଟିଜିଏସ୍ ମାଧ୍ୟମରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇ ଦିଆଯିବ ବୋଲି ହିମାଂଶୁ କହିଛନ୍ତି। ପ୍ରାପ୍ୟ ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଦୀର୍ଘଦିନ ଧରି ଅପେକ୍ଷା କରିଥିବା ଶ୍ରମିକ ଓ ତାଙ୍କ ପରିବାର ଲୋକେ ଖୁସିବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଓଟିଏମ୍ ପୁନରୁଦ୍ଧାର ମାମଲାର ଶୁଣାଣି ହାଇକୋର୍ଟରେ ଜାରି ରହିଛି। ହାଇକୋର୍ଟ ଏହାର ଶୁଣାଣି କରି ବକେୟା ଅର୍ଥ ଓଟିଏମ୍ ଶ୍ରମିକ ଓ କର୍ମଚାରୀଙ୍କୁ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ବଚନ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ, କଟକ ଭେଟେରାନ ବିଜୟୀ

**ଚୌଦ୍ୱାର, ୧୫।୧୨ (ଡି.ଏନ.ଏ.)**

ଚୌଦ୍ୱାରସ୍ଥିତ ଓଟିଏମ୍ ହାଇସ୍କୁଲ ଖେଳ ପଡିଆରେ ଗତ ୪ ତାରିଖରୁ ଚାଲିଥିବା ବଚନ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଏକ ପ୍ରଦର୍ଶନୀ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଟକ ଭେଟେରାନ୍ ଓ ଚୌଦ୍ୱାର ଭେଟେରାନ୍ କ୍ଲବ୍ ମଧ୍ୟରେ ଏହି ମ୍ୟାଚ୍ ହୋଇଥିଲା। ଏଥିରେ ୪-୧ ଗୋଲରେ କଟକ ଭେଟେରାନ ବିଜୟୀ ହୋଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ସନ୍ତୋଷ ଟ୍ରଫିର ମନ୍ମଥନାଥ ସିଂ ଅତିଥି ଭାବେ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ବଦଳିବ ସହରର ଚେହେରା


ସିଡିଏ ଅଧ୍ୟକ୍ଷ ଅନିଲ ସାମଲ ଓ ସିଏମ୍‌ସି କମିଶନର ନିଖିଲ୍ ପୱନ କଲ୍ୟାଣ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ତଦାରଖ କରୁଛନ୍ତି।

### ବିଶ୍ୱକପ୍ ହକି ଉଦ୍‌ଘାଟନୀ ଉତ୍ସବ ପାଇଁ ପ୍ରସ୍ତୁତି

**କଟକ ଅଫିସ, ୧୫।୧୨**

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ଜାନୁୟାରୀ ୧୧ରେ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ସହରରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଦ୍ରୁତଗତିରେ ଜାରି ରହିଛି। ଗୁରୁବାର ମଧ୍ୟାହ୍ନରେ ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ ଓ ସିଏମ୍‌ସି କମିଶନର ନିଖିଲ୍ ପୱନ କଲ୍ୟାଣ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ତଦାରଖ କରିଥିଲେ। ସେମାନେ ଜୁଡିସିଆଲ ଏକାଡେମୀ ନିକଟ, ଚହଟା ରାସ୍ତା, ଗୋରାକବର ନିକଟ ଟିଂବନ୍ଧ, ଷ୍ଟାଡିୟମ ରାସ୍ତା ପରିଦର୍ଶନ କରିବା ସହ ଶିଖରପୁର ନିକଟରେ ଚାଲିଥିବା କାର୍ଯ୍ୟ ଦେଖିଥିଲେ। ଏଥିସହ ଧାର୍ଯ୍ୟ ସମୟରେ ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀ ଓ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟ ଶୀଘ୍ର ସରିବ ଓ ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ସହରର ଚେହେରା ବଦଳିଯାଇଥିବ ବୋଲି ସାମଲ କହିଛନ୍ତି। ଏହି ପରିଦର୍ଶନ ସମୟରେ ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ, ନନ୍ଦକିଶୋର ପାଲ, ସହକାରୀ ନିର୍ବାହୀ ଯନ୍ତ୍ରୀ ଧୀରେନ୍ଦ୍ର କୁମାର ପ୍ରଧାନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ୧୮ରେ 'ନମନ୍ - ୨୦୨୨'

**କଟକ ଅଫିସ, ୧୫।୧୨**

ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ହ୍ୱାଇଟ୍ କାନ୍‌ଭାସ୍ ପକ୍ଷରୁ ସ୍ମାଇଲ୍ ପ୍ଲିଜ୍ ଟ୍ରଷ୍ଟ ଓ ପୋପାର ମିଳିତ ଉଦ୍ୟମରେ କମିଶନ୍‌ରେଟ୍ ପୋଲିସକୁ ସମର୍ପିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭୁବନେଶ୍ୱରସ୍ଥିତ ଉତ୍କଳ ମଣ୍ଡପରେ ଏହି କାର୍ଯ୍ୟକ୍ରମ 'ନମନ୍ - ୨୦୨୨' ଆସନ୍ତା ୧୮ ତାରିଖ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ ବୋଲି ହ୍ୱାଇଟ୍ କାନ୍‌ଭାସ୍‌ର ନିର୍ଦ୍ଦେଶକ ଉଲ୍ଲାସ ଚନ୍ଦ୍ର ବେହୁରା ସୂଚନା ଦେଇଛନ୍ତି। ପୋଲିସ୍ ଉଦ୍ଦେଶ୍ୟରେ ସମର୍ପିତ ଏହି ନିଆରା କାର୍ଯ୍ୟକ୍ରମ ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜନ କରାଯାଉଅଛି ବୋଲି ସ୍ମାଇଲ୍ ପ୍ଲିଜ ଟ୍ରଷ୍ଟର ଟ୍ରଷ୍ଟି ତଥା ଅଭିନେତା ସବ୍ୟସାଚୀ ମିଶ୍ର କହିଛନ୍ତି। ପୋଲିସର ନିଷ୍ଠା, ତ୍ୟାଗ ଓ କର୍ତ୍ତବ୍ୟ ପରାୟଣତାକୁ ସମ୍ମାନ ଜଣାଇ ଓଲିଉଡ୍‌ର ସୁନାମଧନ୍ୟ ଅଭିନେତ୍ରୀ, ଅଭିନେତା ଓ କଣ୍ଠଶିଳ୍ପୀମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏଥିସହ ଏକ ସ୍ୱତନ୍ତ୍ର ବୃତ୍ତଚିତ୍ର ଓ ସଂଗୀତ ପରିବେଷଣ କରାଯିବ ବୋଲି ପୋପାର ପ୍ରତିଷ୍ଠାତା ତଥା ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ ପ୍ରକାଶ କରିଛନ୍ତି। ନୃତ୍ୟଗୁରୁ ସଫିକୁଲ ହକ୍ (ବାବୁ), ଅମିତ୍ ଓ ବିଦୁଙ୍କ ନିର୍ଦ୍ଦେଶନାରେ ସବ୍ୟସାଚୀ ମିଶ୍ର, ଏଲିନା, ଶୀତଲ, ଶିବାନୀ, ସ୍ୱରାଜ, ଜ୍ୟୋତି, ଶୁଭାଶିଷ, ଶୈଳେନ୍ଦ୍ର, ଦିବ୍ୟା ପ୍ରମୁଖ କଳାକାର ନୃତ୍ୟ ପରିବେଷଣ କରିବେ। ଏଥିସହ ଲୋକପ୍ରିୟ ହାସ୍ୟାଭିନେତା ପ୍ରଜ୍ଞା ଓ ଶଙ୍କରଙ୍କ କମେଡ଼ି ଉତ୍ସବର ଆକର୍ଷଣ ସାଜିବ। ସେହିପରି ପ୍ରେମ୍ ଆନନ୍ଦଙ୍କ ନିର୍ଦ୍ଦେଶିତ ନମନ୍ ସଙ୍ଗୀତରେ କଳାକାରମାନେ ନୃତ୍ୟ ପରିବେଷଣ କରିବେ। ଅଭିନେତା ଗୁଡ୍ଡୁ, ଅଭିନେତ୍ରୀ ରାକ୍ଷୀ ଓ ଲୋରିଆ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥାପନା କରିବେ।

## ଭାରତନାଟ୍ୟମ୍‌ରେ ଦର୍ଶକ ବିଭୋର

### ସାତସାହି କଟକ ନୃତ୍ୟୋତ୍ସବ

**କଟକ ଅଫିସ, ୧୫।୧୨**

କଟକ ଉପର ବାଲିଯାତ୍ରା ପଡ଼ିଆରେ ଚାଲିଥିବା ସାତସାହି କଟକ ନୃତ୍ୟୋତ୍ସବର ଗୁରୁବାର ଥିଲା ଷଷ୍ଠ ସନ୍ଧ୍ୟାକୁ ସଙ୍ଗୀତଜ୍ଞ ବାସୁଦେବ ରଥଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଥିଲା। ଉତ୍ସବରେ କୋଲକାତାର ନୃତ୍ୟଶିଳ୍ପୀ ସଙ୍ଗୀତ ଆଇଚ ଭୌମିକ୍ ଓ ସାଥି କଳାକାରମାନେ ଭାରତ ନାଟ୍ୟମ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ଦର୍ଶକ ବିଭୋର ହୋଇଥିଲେ। ସେହିପରି ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିସହ ତରୁଣ ପତି ଓ ତମାଶା ତାନିସ୍କଙ୍କ ମ୍ୟାଜିକ୍ ଶୋ' ଦର୍ଶକଙ୍କୁ ଆକର୍ଷିତ କରିଥିଲା। କମିଟି ସଭାପତି ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରବିନାରାୟଣ ନନ୍ଦଙ୍କ ଅଧ୍ୟକ୍ଷତାରେ



ନୃତ୍ୟଶିଳ୍ପୀ ସଙ୍ଗୀତ ଆଇଚ ଭୌମିକ୍ ଓ ସାଥୀ କଳାକାରଙ୍କ ଦ୍ୱାରା ପରିବେଷିତ ଭାରତନାଟ୍ୟମ୍ ନୃତ୍ୟ।

ଆୟୋଜିତ ବୈଠକରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥିଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ସଂଯୋଜକ ଅମ୍ବର କୁମାର କର, ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡା. ସତ୍ୟନାରାୟଣ ରାଉତରାୟ, ନାଗରିକ ସ୍ୱାଭିମାନ ମଞ୍ଚର ସଭାପତି ସକିଲ ଅହମ୍ମଦ, ଅଭିନେତ୍ରୀ ପ୍ରତିଭା ପଣ୍ଡା, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ।

ଏହି ଅବସରରେ ପ୍ରତିଭା ପଣ୍ଡାଙ୍କୁ ଓଡ଼ିଶା ସିନେରତ୍ନ ସମ୍ମାନ, ଇଂ. ରାଜେଶ ମହାନ୍ତି, ଇଂ. ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ନିର୍ମାଣ ରତ୍ନ ସମ୍ମାନ, ମନୋରଞ୍ଜନ ମିଶ୍ରଙ୍କୁ ଆଇନ ରତ୍ନ ସମ୍ମାନ, ଡା. ବିଶ୍ୱଜିତ୍ ଦାସ, ଡା. ଅମ୍ରିତ ଗୁରୁ, ଡା. ମଧୁସ୍ମିତା ନାୟକଙ୍କୁ ସେବାରତ୍ନ ପୁରସ୍କାର, ପ୍ରତିଶ୍ରୁତି ଜେନା, ସନ୍ତୋଷ ପ୍ରଧାନ, ମନ୍ଦାକିନୀ ବଳିଆରସିଂହଙ୍କୁ ଶିଳ୍ପ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। କମିଟିର ସାଧାରଣ ସମ୍ପାଦକ ଦୀପେଶ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ଓ ବିନୋଦ ଦାସ ଧନ୍ୟବାଦ ଦେଇଥିଲେ।

# ମେସି, ରୋନାଲ୍ଡୋଙ୍କ ପରେ କିଏ



ସାମ୍ପ୍ରତିକ ସମୟରେ ବିଶ୍ୱ ଫୁଟବଲର ଦୁଇ ଶ୍ରେଷ୍ଠ ତାରକା ହେଉଛନ୍ତି ଲିଓନେଲ ମେସି ଓ କ୍ରିଷ୍ଟିଆନୋ ରୋନାଲ୍ଡୋ। କ୍ୟାରିୟରର ସାୟାହ୍ନରେ ପହଞ୍ଚିଥିବାରୁ ଦୁଇ ତାରକା ଖେଳାଳିଙ୍କର ଏହା ଶେଷ ବିଶ୍ୱକପ୍ ବୋଲି ବିବେଚନା କରାଯାଉଛି। ଯଦି ଏହା ହୁଏ ତେବେ ଫୁଟବଲର ଶୀର୍ଷ ମଞ୍ଚରେ ରୋନାଲ୍ଡୋଙ୍କ ଲଢ଼େଇ ଶେଷ ହୋଇଥିବାବେଳେ ମେସି ନିଜର ସ୍ୱପ୍ନ ସାକାର କରିବା ଦ୍ୱାରରେ ପହଞ୍ଚି ଯାଇଛନ୍ତି। କାରଣ ଆର୍ଜେଣ୍ଟିନା ଫାଇନାଲରେ ପ୍ରବେଶ କରିଛି। ଉଭୟ ୧୫ ବର୍ଷ ଧରି ଫୁଟବଲ ଦୁନିଆରେ ରାଜ କରିଥିବା ବେଳେ ୧୨ ବର୍ଷ ଧରି ବାଲନ୍ ଡି ଓର ପୁରସ୍କାର ନିଜ ପାଖରେ ରଖିଥିଲେ। ଏହା ସହିତ ଉଭୟ ମିଳିତ ଭାବରେ ୯ ଚାମ୍ପିୟନ୍ସ ଲିଗ୍ ଟାଇଟଲ ମଧ୍ୟ ଅକ୍ତିଆର କରିଛନ୍ତି। ଉଭୟ ଖେଳାଳି ଫୁଟବଲକୁ ଅଲବିଦା ଜଣାଇବା ପରେ ଫୁଟବଲ ଦୁନିଆରେ ଏକ ଶୂନ୍ୟସ୍ଥାନ ନିଶ୍ଚିତ ସୃଷ୍ଟିହେବ। ଉଭୟ ଖେଳାଳି ଫ୍ୟାନମାନଙ୍କ ପାଇଁ ଭଗବାନ ଭଳି ମନେ ହେଉଥିବା ବେଳେ ଏମାନଙ୍କ ସ୍ଥାନ ନେବା ନିହାତି କଷ୍ଟସାଧ୍ୟ। ତେବେ ଜୀବନ ଆଉ ଖେଳ ମଧ୍ୟରେ ଗୋଟିଏ ସମାନତା ହେଉଛି ଏହା ସର୍ବଦା ଚାଲିଥାଏ।

ନୂତନ ପିଢିର କିଛି ଖେଳାଳି ନିଶ୍ଚିତ ଭାବରେ ଫୁଟବଲର ଏହି ମହାନାୟକଙ୍କ ସ୍ଥାନ ଗ୍ରହଣ କରିବେ। ଏହି ଦୌଡରେ ସବୁଠାରୁ ଆଗରେ ରହିଥିବା ନାମଟି ହେଉଛି କିଲିଆନ୍ ଏମ୍ବାପେ।

୨୩ ବର୍ଷୀୟ ଏହି ଫ୍ରାନ୍ସ ଷ୍ଟ୍ରାଇକରଙ୍କୁ ଯଦିଓ ଅପେକ୍ଷାକୃତ ଯୁବ ଖେଳାଳି ବୋଲି କୁହାଯିବ ସେ ମେସି ଓ ରୋନାଲ୍ଡୋଙ୍କ ପରି ଦକ୍ଷ ଅଟନ୍ତି। ଏମ୍ବାପେଙ୍କ ନିକଟରେ ବାଲନ୍ ଡି ଓର୍ ଓ ଚାମ୍ପିୟନ୍ସ ଲିଗ୍ ଟାଇଟଲ ନ ଥିଲେ ମଧ୍ୟ ସେ ନିଜର ଛୋଟ କ୍ୟାରିୟର ମଧ୍ୟରେ ଗୋଟିଏ ବିଶ୍ୱକପ ଜିତି ସାରିଛନ୍ତି, ଯାହା ଉଭୟ ମେସି ଓ ରୋନାଲ୍ଡୋଙ୍କ ପାଇଁ ସ୍ୱପ୍ନ ହୋଇ ରହିଛି। ୫ ଗୋଲ ସହିତ ଚଳିତ ଟୁର୍ନାମେଣ୍ଟରେ ଯୁଗ୍ମଭାବେ ସର୍ବାଧିକ ସ୍କୋରର ରହିଥିବା ଏମ୍ବାପେଙ୍କ ନିକଟରେ ଦ୍ୱିତୀୟ ଟାଇଟଲ ହାସଲର ସୁଯୋଗ ମଧ୍ୟ ରହିଛି। କାରଣ ଫ୍ରାନ୍ସ ମଧ୍ୟ ଫାଇନାଲରେ ପ୍ରବେଶ କରି ସାରିଛି। ବୟସକୁ ଦୃଷ୍ଟିରେ ରଖିଲେ ଏମ୍ବାପେ ଆହୁରି ୨-୩ ବିଶ୍ୱକପ ଖେଳି ପାରିବେ। ଏହା ସହିତ ସେ ଜର୍ମାନୀର ମିରୋସ୍ଲାଭ କ୍ଲୋଜଙ୍କ ୧୬ ଗୋଲର ରେକର୍ଡ ଭାଙ୍ଗିବାର ଦାବିଦାର ରହିଛନ୍ତି। କାତାର ବିଶ୍ୱକପ୍ ଉଭୟ ମେସି ଓ ରୋନାଲ୍ଡୋଙ୍କ ପାଇଁ ମଶାଲ ହସ୍ତାନ୍ତର ସମୟ ହୋଇଥିବା ବେଳେ ଗ୍ରହଣ କରିବା ସ୍ଥାନରେ ରହିଛନ୍ତି ଏମ୍ବାପେ। ଏମ୍ବାପେଙ୍କ

ଫୁଟୱର୍କ, କ୍ଷିପ୍ରତା ଓ ଫିନିଶିଂ ଦକ୍ଷତା ମେସି ଓ ରୋନାଲ୍ଡୋଙ୍କ ସମକକ୍ଷ। ମାତ୍ର ମେସି ଓ ରୋନାଲ୍ଡୋଙ୍କ ପରି କ୍ୟାରିୟରକୁ ଦୀର୍ଘ ସ୍ଥାୟୀ କରିପାରିଲେ ଯାଇ ସେ ଆଗକୁ ବଢିପାରିବେ। ମେସି ଓ ରୋନାଲ୍ଡୋଙ୍କ ମଧ୍ୟରେ ରହିଥିବା ପ୍ରତିଦ୍ୱନ୍ଦ୍ୱିତା ହିଁ ସେମାନଙ୍କୁ ଆଗକୁ ବଢିବାରେ ସହାୟତା କରିଥିଲା। ସମାନ ଢଙ୍ଗରେ ଏମ୍ବାପେଙ୍କ ପାଇଁ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ଏର୍ଲିଙ୍ଗ ହାଲାଣ୍ଡ। ମାଞ୍ଚେଷ୍ଟର ସିଟିର ଏହି ଗୋଲ ମେଶିନ୍ ନରୱେ ପକ୍ଷରୁ ଖେଳୁଛନ୍ତି। ତେବେ ଏହି ଦଳ ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲରେ ବିଫଳ ହୋଇଛି। ହାଲାଣ୍ଡଙ୍କ ନିକଟରେ ଶକ୍ତି ଓ ସାମର୍ଥ୍ୟ ଥିଲେ ହେଁ ସେ ଏମ୍ବାପେଙ୍କ ପରି ଦକ୍ଷ ନୁହନ୍ତି।

ତେବେ ଗୋଲସ୍କୋରିଂ ସଂଖ୍ୟାକୁ ଦେଖିଲେ ସେ ହିଁ ଏକମାତ୍ର ଖେଳାଳି ଯିଏ ଏମ୍ବାପେଙ୍କୁ କଡା ଟକ୍କର ଦେଇପାରିବେ। ଚଳିତ ବିଶ୍ୱକପ୍‌ରେ ଏମ୍ବାପେଙ୍କ ପାଇଁ ଅନେକ ପ୍ରତିଦ୍ୱନ୍ଦ୍ୱୀ ନଜର ଆସିଛନ୍ତି। ଇଂଲଣ୍ଡର ଜୁଡ୍ ବେଲିଂହାମ, ନେଦରଲାଣ୍ଡସର କୋଡି ଗାକ୍‌ପୋ, ପର୍ତ୍ତୁଗାଲର ଜୋଆଓ ଫେଲିକ୍ସ, ଆର୍ଜେଣ୍ଟିନାର ଜୁଲିଆନ୍ ଆଲଭାରେଜ୍ ଓ ଜର୍ମାନୀର ଜମାଲ ମୁସିଆଲା ଏହି ତାଲିକାର ପ୍ରମୁଖ ନାମ ଅଟନ୍ତି। ମିଡ୍‌ଫିଲ୍ଡର ଭାବରେ ଖେଳୁଥିବା ବେଲିଂହାମଙ୍କ ପ୍ରୋଫାଇଲ ଭିନ୍ନ। ତେବେ ନିଜ ଚମତ୍କାର ପ୍ରଦର୍ଶନ ବଳରେ ସେ ଇଂଲଣ୍ଡକୁ କ୍ୱାର୍ଟର ଯାଏ ନେଇଛନ୍ତି। ବେଲିଂହାମଙ୍କ ସହିତ ଖେଳିବାର ଅଭିଜ୍ଞତା ବେଶ୍ ରୋଚକ ବୋଲି ସାଥୀ ଖେଳାଳି ଡେକ୍ଲାନ ରାଇସ୍ ପ୍ରକାଶ କରିଛନ୍ତି। ନେଦରଲାଣ୍ଡସର କୋଡି ଗାକ୍‌ପୋ ଚଳିତ ବିଶ୍ୱକପ୍‌ରେ ୩ ଗୋଲ କରିଛନ୍ତି। ଡଚ୍ ଲିଗ୍‌ରେ ପିଏସ୍‌ଭି ଏଣ୍ଡୋବେନ ପକ୍ଷରୁ ଖେଳି ନ ଥିଲେ ହେଁ ଗାକ୍‌ପୋଙ୍କୁ ମାଞ୍ଚେଷ୍ଟର ୟୁନାଇଟେଡ୍ ପକ୍ଷରୁ ଅଫର ମିଳିଛି। ପର୍ତ୍ତୁଗାଲର ଜୋଆଓ ଫେଲିକ୍ସଙ୍କୁ ସମ୍ପୂର୍ଣ୍ଣ ଭାବରେ ବ୍ୟବହାର କରିପାରେ ଆଟଲେଟିକୋ ମାଡ୍ରିଡ୍। ଭିଡ ଭିତରେ ନିଜକୁ ପ୍ରତିଷ୍ଠା କରିପାରୁଥିବା ଫେଲିକ୍ସଙ୍କୁ ରୋନାଲ୍ଡୋଙ୍କ ପ୍ରତିଛବି ଭାବରେ ଆକଳନ କରାଯାଉଛି। ଆର୍ଜେଣ୍ଟିନାର ଜୁଲିଆନ୍ ଆଲଭାରାଜଙ୍କୁ ଜଣେ ନାଚୁରାଲ ସ୍କୋରର ଭାବରେ ବର୍ଣ୍ଣନା କରାଯାଉଛି। ଜର୍ମାନୀର ଜମାଲ ମୁସିଆଲାଙ୍କ ଦେଶର ବଡ ସମ୍ଭାବନା ଭାବରେ ଉଭା ହୋଇଛନ୍ତି। ସ୍ପେନ୍‌ର ମିଡ୍‌ଫିଲ୍ଡର ଯୋଡ ପେଡ୍ରି ଓ ଗାଭିଙ୍କୁ ମଧ୍ୟ ଜାଭି ଓ ଆନ୍ଦ୍ରେ ଇନେଷ୍ଟାଙ୍କ ସହ ତୁଳନା କରାଯାଏ। ଯଦିଓ ମେସଙ୍କ ସମୟ ଶେଷ ହୋଇନାହିଁ ଚଳିତ ବର୍ଷ କିଏ ବାଜି ମାରୁଛି ତାହା ଦେଖିବାକୁ ବାକି ରହିଛି।

କିଲିଆନ୍ ଏମ୍ବାପେ



ଓସ୍ମାନେ ଡେମ୍ବେଲେ

## ଫାଇନାଲରେ ଲା ଲିଗାର ୧୬ ଖେଳାଳି

ଫିଫା ବିଶ୍ୱକପ ଶେଷ ପର୍ଯ୍ୟାୟରେ। ରବିବାର ଫାଇନାଲ ମ୍ୟାଚରେ ଫ୍ରାନ୍ସ ଓ ଆର୍ଜେଣ୍ଟିନା ପରସ୍ପରକୁ ସମ୍ମୁଖୀନ ହେବେ। ଚଳିତ ସଂସ୍କରଣର ବିଶ୍ୱକପରେ ଦେଖିବାକୁ ମିଳିଛି ଲା ଲିଗାର ପ୍ରଭାବ। ବିଶ୍ୱକପ୍ ଫାଇନାଲରେ ପ୍ରବେଶ କାରିଥିବା ଦୁଇ ଦଳରେ ୧୬ ଜଣ ଖେଳାଳି ଅଛନ୍ତି, ଯେଉଁମାନେ ଲିଗାରେ ଅଂଶ ଗ୍ରହଣ କରିଛନ୍ତି। ଫ୍ରାନ୍ସ ଓ ଆର୍ଜେଣ୍ଟିନା ଦଳର ୧୬ ଜଣ ଖେଳାଳି ସ୍ପାନିଶ ଲିଗ୍ ଲା ଲିଗାରେ ଖେଳନ୍ତି। ଆର୍ଜେଣ୍ଟିନାର ୧୦ ଜଣ ଏବଂ ଫ୍ରାନ୍ସର ୬ ଜଣ ଖେଳାଳି ଲା ଲିଗାରେ ଖେଳନ୍ତି। ଲା ଲିଗା ବ୍ୟତିରେକ ବିଶ୍ୱ ଅନ୍ୟ କୌଣସି ଲିଗର ଏତେ ସଂଖ୍ୟକ ଖେଳାଳି ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁନାହାନ୍ତି। ଏହା ବାଦ ପ୍ରିମିୟର ଲିଗ୍‌ରୁ ୧୦ ଜଣ ଖେଳାଳି ବିଶ୍ୱକପ ଫାଇନାଲରେ ସାମିଲ ଅଛନ୍ତି। ୬ଟି ଲା ଲିଗା ଫ୍ରାଞ୍ଚାଇଜି - ଆଟଲେଟିକୋ ଡି ମାଡ୍ରିଡ୍, ଏଫ୍‌ସି ବାର୍ସେଲୋନା, ରିଅଲ ବେଟିସ, ରିଅଲ ମାଡ୍ରିଡ, ସେଭିଲା ଓ ଭିଲ୍ଲା ରିଏଲ ପକ୍ଷରୁ ଏହି ୧୬ ଖେଳାଳି ଖେଳିଥାନ୍ତି। ଆର୍ଜେଣ୍ଟିନାର ଜେରୋନିମୋ ରୁଲି, ଜୁଆନ ଫୋଏଥ୍, ଗୋଞ୍ଜାଲୋ ମଣ୍ଟେଲ, ଜର୍ମାନ ପେଜେଲ୍ଲା, ରଡ୍ରିଗୋ ଡେ ପଲ, ମାର୍କୋସ୍ ଆକୁନା, ଆଞ୍ଜେଲ କୋରିଆ, ପପୁ ଗୋମେଜ, ଗୁଲ୍‌ଡୋ ରଡ୍ରିଗେଜ୍ ଓ ନାହୁଏଲ ମୋଲିନା ଲା ଲିଗାରେ ଅଂଶ ଗ୍ରହଣ କରନ୍ତି। ଅନ୍ୟ ପକ୍ଷରେ ଫ୍ରାନ୍ସର ଜୁଲସ କୋଉଣ୍ଡେ, ଆଣ୍ଟୋନିଓ ଗ୍ରୀଜମାନ୍, ଅଉରେଲିନ୍ ଚିଉେଲିନ ଓସୁମାନେ ଡେମ୍ବେଲେ, ଏଡୁରାର୍ଡୋ କାମାଭିଙ୍ଗା ଓ କରିମ୍ ବେଞ୍ଜେମା ପ୍ରମୁଖ ଲା ଲିଗା ଖେଳୁଛନ୍ତି।

ଚଳିତ ସଂସ୍କରଣରେ ଏହି ଖେଳାଳିଙ୍କ ମଧ୍ୟରୁ ଅନେକ ବେଶ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଆଟଲେଟିକୋ ଡି ମାଡ୍ରିଡ୍ ପକ୍ଷରୁ ଖେଳୁଥିବା ଆଣ୍ଟୋନିଓ ଗ୍ରୀଜମାନ ଚମତ୍କାର ଖେଳିଛନ୍ତି। ଇଂଲଣ୍ଡ ବିପକ୍ଷ ମ୍ୟାଚରେ ସେ ଦୁଇଟି ଯାକ ଗୋଲରେ ଆସିଷ୍ଟ କରିଥିଲେ। କେବଳ ଫାଇନାଲ ନୁହେଁ ତୃତୀୟ ସ୍ଥାନ ପ୍ଲେଅଫ୍‌ରେ ମଧ୍ୟ ସର୍ବାଧିକ ଲା ଲିଗା ଖେଳାଳି ରହିଛନ୍ତି। କ୍ରୋଏସିଆ-ମରକ୍କୋ ମଧ୍ୟରେ ଖେଳାଯିବାକୁ ଥିବା ତୃତୀୟ ସ୍ଥାନ ମ୍ୟାଚରେ ୭ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଏହି ଖେଳାଳିଙ୍କ ମଧ୍ୟରେ କ୍ରୋଏସିଆ ଅଧିନାୟକ ଲୁକା ମୋଡ୍ରିକ୍ ଏବଂ ମରକ୍କୋର ବୋନୋ ଓ ୟୁସୁଫ୍ ଏନ୍ ନେସିରୀ ସାମିଲ ଅଛନ୍ତି।

## ଫୁର୍‌ସତ୍



### ଓଟିଟିରେ ଶାହିଦ୍‌ଙ୍କ ଡେବ୍ୟୁ

**ମୁମ୍ବାଇ:** ବଲିଉଡ୍ ଅଭିନେତା ଶାହିଦ୍ କପୁର ତାଙ୍କ ଆଗାମୀ ଫିଲ୍ମ ନେଇ ଓଟିଟିକୁ ଓହ୍ଲାଇଛନ୍ତି। ନିର୍ଦ୍ଦେଶକ ନିଦିମୋରୁ ଏବଂ କୃଷ୍ଣା ଡିକେଙ୍କ ଦ୍ୱାରା ନିର୍ଦ୍ଦେଶିତ ଫିଲ୍ମ 'ଫର୍ଜି' ଆସନ୍ତା ବର୍ଷ ରିଲିଜ୍ ହେବାକୁ ଯାଉଛି। ଏଥିରେ ଶାହିଦ୍ କପୁରଙ୍କୁ ଏକ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବେ। ତାଙ୍କ ସହ ସ୍କ୍ରିନ ଶେୟାର କରିଛନ୍ତି କ୍ରିତି ସାନନ୍। ଏହି ଫିଲ୍ମର କାହାଣୀ ବିଷୟରେ କୌଣସି ଘୋଷଣା କରାଯାଇ ନ ଥିବାବେଳେ ଏହା ଏକ ରୋବଟ ଆଧାରିତ ରୋମାଣ୍ଟିକ୍ କମେଡି ଫିଲ୍ମ ବୋଲି ଆଲୋଚନା ହେଉଛି। ଏହି ଫିଲ୍ମର ପ୍ରଥମ ପୋଷ୍ଟରରେ ଶାହିଦ୍ ଏକ ଚେୟାରରେ ବସି କିଛି ଚିତ୍ର କରୁଥିବା ଦେଖିବାକୁ ମିଳିଛି। ଏଥିରେ ଶାହିଦ୍ କହିଛନ୍ତି, ସେ ତାଙ୍କର ଏହି ଫିଲ୍ମକୁ ନେଇ ଟିକେ ବ୍ୟତିବ୍ୟସ୍ତ ରହିଛନ୍ତି। କିନ୍ତୁ ସେ ମଧ୍ୟ ଉତ୍ସାହିତ ଅଛନ୍ତି। ପିଙ୍କଭିଲ୍ଲାର ରିପୋର୍ଟ ଅନୁସାରେ, ଫିଲ୍ମଟି ଓଟିଟିର ଆମାଜନ୍ ପ୍ରାଇମ ଭିଡିଓରେ ଫେବୃୟାରୀ ୨୦୨୩ରେ ରିଲିଜ୍ ହେବା ଯୋଜନା ରହିଛି। ତେବେ ଶାହିଦ୍ ଫିଲ୍ମ 'ଜର୍ସି' ପରେ ତାଙ୍କୁ ଏଥିରେ ଦେଖିବାକୁ ମିଳିବ।

### ସୁରକ୍ଷା ପ୍ରତି ସତର୍କ

ଭାରତୀୟ ସେନା ସର୍ବଦା ଦେଶ ସୁରକ୍ଷାରେ ନିଜକୁ ଉତ୍ସର୍ଗ କରିଛନ୍ତି। ୧୯୭୧ଯୁଦ୍ଧରେ ପାକିସ୍ତାନ ଉପରେ ଭାରତର ବିଜୟ ବାର୍ଷିକୀ ପାଳନ ପାଇଁ ପ୍ରତିବର୍ଷ ଡିସେମ୍ବର ୧୬ରେ ବିଜୟ ଦିବସ ପାଳନ କରାଯାଇଥାଏ। ଏହି ଯୁଦ୍ଧ ଯୋଗୁ ବାଂଲାଦେଶ ସୃଷ୍ଟି ହୋଇଥିଲା। ପାକିସ୍ତାନୀ ସଶସ୍ତ୍ର ବାହିନୀ ଆତ୍ମସମର୍ପଣ କରିବା ପରେ ୧୬ ଡିସେମ୍ବର ୧୯୭୧ରେ ଭାରତ ପାକିସ୍ତାନ ଉପରେ ବିଜୟ ଘୋଷଣା କରିଥିଲା। ସେହି ଦିନଠାରୁ ବୀର ସୈନିକଙ୍କ ବଳିଦାନକୁ ମନେରଖିବା ପାଇଁ ବିଜୟ ଦିବସ ଭାବରେ ଏହି ଦିନକୁ ସ୍ମରଣ କରାଯାଇଆସୁଛି। ୧୯୭୧ ଯୁଦ୍ଧ କେବଳ ବାଂଲାଦେଶକୁ ମୁକ୍ତ କରି ନ ଥିଲା, ବରଂ ଏହା ପାକିସ୍ତାନକୁ ମଧ୍ୟ ଏକ ବଡ଼ ଝଟକା ଦେଇଥିଲା। ପାକିସ୍ତାନ ମେଜର-ଜେନେରାଲ ଆମିର ଅବଦୁଲ୍ଲା ଖାନ୍ ନିଆଜୀ ଭାରତୀୟ ସେନା ଏବଂ ବାଂଲାଦେଶର ମୁକ୍ତିବାହିନୀ ସହିତ 'ଇନଷ୍ଟ୍ରୁମେଣ୍ଟ ଅଫ୍ ସରେଣ୍ଡର'ରେ ସ୍ୱାକ୍ଷର କରିଥିଲେ। ମେଜର-ଜେନେରାଲ ନିଆଜୀ ତାଙ୍କର ୯୩ ହଜାର ସୈନ୍ୟଙ୍କ ସହିତ ଭାରତର ଇଷ୍ଟର୍ନ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଜଗଜିତ ସିଂ ଅରୋରାଙ୍କ ନିକଟରେ ଆତ୍ମସମର୍ପଣ




କରିଥିଲେ। ଦ୍ୱିତୀୟବିଶ୍ୱଯୁଦ୍ଧପରଠାରୁଏହାସର୍ବବୃହତସାମରିକଆତ୍ମସମର୍ପଣଥିଲା। ୧୯୭୧ ଯୁଦ୍ଧ ପୂର୍ବ ପାକିସ୍ତାନରେ ବଙ୍ଗଳା ଭାଷାଭାଷୀ ସଂଖ୍ୟାଲଘୁଙ୍କ ପ୍ରତି ପାକିସ୍ତାନୀ ସୈନ୍ୟଙ୍କ ଅତ୍ୟାଚାରର ଫଳାଫଳ ଥିଲା। ୧୯୭୦ ନିର୍ବାଚନରେ ଶେକ୍ ମୁଜିବୁର ରହମନଙ୍କ ନେତୃତ୍ୱରେ ପୂର୍ବ ପାକିସ୍ତାନ ସ୍ଥିତ ଆୱାମୀ ଲିଗା ବିଜୟ ପରେ ପାକିସ୍ତାନୀ ସୈନ୍ୟମାନେ ବଳ ପ୍ରୟୋଗ କରି ଫଳାଫଳକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ। ଏହାଦ୍ୱାରା ବାଂଲାଦେଶରୁ ବହୁ ଲୋକ ଶରଣାର୍ଥୀ ଭାବେ ଭାରତକୁ ଆସିଥିଲେ। ଫଳ ସ୍ୱରୂପ ଭାରତ ଏଥିରେ ହସ୍ତକ୍ଷେପ କରିବାକୁ ବାଧ୍ୟ ହୋଇଥିଲା। ୩ ଡିସେମ୍ବର ୧୯୭୧ରେ ପାକିସ୍ତାନ ଭାରତୀୟ ବାୟୁସେନା ଷ୍ଟେଶନରେ ପୂର୍ବ-ବାୟୁସେନାର ଆକ୍ରମଣ ପରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଗୋଟିଏ ଦିନ ପରେ ଭାରତ ବାଂଲାଦେଶୀ ଜାତୀୟତାବାଦୀ ଗୋଷ୍ଠୀକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ଅପରେଶନ ଟ୍ରାଇଡେଣ୍ଟ ଆରମ୍ଭ କରିଥିଲା ଏବଂ ପଶ୍ଚିମ ପାକିସ୍ତାନର କରାଚୀ ବନ୍ଦରକୁ ସଫଳତାର ସହ ଟାର୍ଗେଟ୍ କରିଥିଲା।

### ଶୀର୍ଷରେ ରାମ୍‌ଚରଣ, ଜୁନିୟର ଏନ୍‌ଟିଆର୍

ୟୁକେର ଟପ୍ ୫୦ ଏସିଆନ୍ ସେଲିବ୍ରିଟି ଲିଷ୍ଟ



ମୁମ୍ବାଇ: ଚଳିତବର୍ଷ ଟପ୍ ୫୦ଏସିଆନ୍ ସେଲିବ୍ରିଟି ଲିଷ୍ଟର ଟପ୍‌ରେ ସାଉଥ୍ ଅଭିନେତା ରାମଚରଣ ଏବଂ ଜୁନିୟର୍ ଏନ୍‌ଟିଆର୍ ତାଙ୍କ ସ୍ଥାନ ପକ୍କା କରିଛନ୍ତି। ନିର୍ଦ୍ଦେଶକ ଏସ୍‌ଏସ୍ ରାଜମୌଳିଙ୍କ ଦ୍ୱାରା ପ୍ରସ୍ତୁତ ଫିଲ୍ମ 'ଆର୍‌ଆର୍‌ଆର୍'ରେ ଏହି ଦୁଇ ସାଉଥ୍ ଅଭିନେତାଙ୍କ ଅଭିନୟରେ ଦର୍ଶକ ବିମୋହିତ ହୋଇପଡିଥିଲେ। ଫିଲ୍ମଟି ୫ଟି ଭାଷାରେ ମାର୍ଚ୍ଚରେ ରିଲିଜ୍ ହୋଇଥିବାବେଳେ ବିଦେଶରେ ଏହା ଧମାଲ କରିଥିଲା। ରାମଚରଣ ଏବଂ ଜୁନିୟର୍ ଏନ୍‌ଟିଆର୍ ଅନ୍ତର୍ଜାତୀୟ ରେକର୍ଡକୁ ଭାଙ୍ଗିବା ସହ ୨ଟି ଗୋଲ୍ଡେନ୍ ଗ୍ଲୋବ୍ ୨୦୨୩ ପାଇଁ ଫିଲ୍ମ ଆର୍‌ଆର୍‌ଆର୍ ନୋମିନେଟ୍ ହୋଇଛି। ବେଷ୍ଟ ବିଦେଶୀ ଭାଷାଯୁକ୍ତ ଫିଲ୍ମ, ବେଷ୍ଟ ଗୀତ ତେଲୁଗୁରେ ନାଟୁ ନାଟୁ ଏବଂ ବେଷ୍ଟ ଭିଜୁଆଲ ଇଫେକ୍ଟ ପାଇଁ ଫିଲ୍ମ 'ଆର୍‌ଆର୍‌ଆର୍' ୨୮ତମ ଆନୁଆଲ କ୍ରିଟିକ୍ସ ଚଏସ୍ ପାଇଁ ନୋମିନେଟ୍ ହୋଇଛି। ଏହି ଟପ୍ ଲିଷ୍ଟରେ ପାକିସ୍ତାନ ଅଭିନେତା ଫୱାଦ୍ ଖାନ୍ ୨ୟ ସ୍ଥାନରେ ରହିଥିବାବେଳେ ବିଦେଶୀ-ଭାରତୀୟ ଅଭିନେତା ସାଇମନ୍ ଆସ୍‌ଲେ ୩ୟ ସ୍ଥାନରେ ରହିଛନ୍ତି। ଏହି ଟପ୍ ଲିଷ୍ଟରେ ୪ର୍ଥ ସ୍ଥାନରେ ରହିଛନ୍ତି ଅଭିନେତ୍ରୀ ଆଲିଆ ଭଟ୍ଟ। ତେବେ ଆଲିଆ ପ୍ରଥମ ଭାରତୀୟ ଅଭିନେତ୍ରୀ ଭାବେ ଏଥିରେ ସ୍ଥାନ ପାଇ ନିଜକୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଦର୍ଶାଇ ପାରିଛନ୍ତି। ଫିଲ୍ମ 'ଆର୍‌ଆର୍‌ଆର୍'ରେ ଆଲିଆ ମଧ୍ୟ ତାଙ୍କ ଅଭିନୟର ଯାଦୁ ଦେଖାଇଛନ୍ତି। ଏହା ତାଙ୍କର ପ୍ରଥମ ସାଉଥ୍ ଡେବ୍ୟୁ ଥିଲା।

### ଏକସଙ୍ଗେ ୯ ସନ୍ତାନ ଜନ୍ମକରି ରେକର୍ଡ



**ରୋବଟ୍:** ମନୁଷ୍ୟ ଯାଆଁଳା ପିଲା ଦେବା କଥା ଜାଣିଥିବେ। ତେବେ କେହି ୨ କିମ୍ବା ୩ ପିଲା ଜନ୍ମ କରିଥିବା ଶୁଣିଥିବେ। କିନ୍ତୁ ଜଣେ ମହିଳା ଥରକରେ ୯ଟି ପିଲାଙ୍କୁ ଜନ୍ମ ଦେଇ ଗିନିଜ୍ ୱାର୍ଲ୍ଡରେ ନାମ ରେକର୍ଡ କରିଥିବା ଜଣାପଡିଛି। ମାଲିର ରାଜଧାନୀ ବାମାକୋରେ ରହୁଥିବା ଏକ ଦମ୍ପତି ହଲିମା କେସେ ଏବଂ ଅବଦେଲକାଦର ଅର୍ବେ ସେମାନଙ୍କ ସନ୍ତାନ ଜନ୍ମ ପାଇଁ ଦୁହେଁ ୨୦୨୧ରେ ମରକ୍କୋ ଯାଇଥିଲେ। ସେଠାରେ ହଲିମା ତାଙ୍କ ୯ ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ୫ଟି କନ୍ୟା ସନ୍ତାନ ଏବଂ ୪ଟି ପୁତ୍ର ସନ୍ତାନ ଜନ୍ମ ହୋଇଥିଲେ। ଜନ୍ମ ସମୟରେ ସମସ୍ତଙ୍କର ଓଜନ ୫୦୦ ଗ୍ରାମ ହୋଇଥିବାବେଳେ ସମସ୍ତଙ୍କୁ ଗୋଟେ ମାସ ହସ୍ପିଟାଲରେ ରହିବାକୁ ପଡିଥିଲା। ତେବେ ୧୩ ଡିସେମ୍ବରରେ ସେମାନେ ବାମାକୋ ଫେରିଆସିଛନ୍ତି। ତେବେ ମାଲି ସରକାର ସେମାନଙ୍କୁ ସହାୟତା ପ୍ରଦାନ କରିଥିବାରୁ ଅବଦେଲକାଦର ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେତେବେଳର ମାଲିର ସ୍ୱାସ୍ଥ୍ୟମନ୍ତ୍ରୀ ଡାଇମିନତଉ ସାଙ୍ଗରେ ମଧ୍ୟ ଅବଦେଲକାଦରଙ୍କୁ ଏଥିନେଇ ଶୁଭେଚ୍ଛା ଜଣାଇଥିଲେ। ଏହା ପୂର୍ବରୁ ନଦ୍ୟା ସୁଲେମାନ ନାମ୍ନୀ ମହିଳା ୨୦୦୯ରେ ୮ଟି ପିଲା ଜନ୍ମ ଦେଇ ଏହି ରେକର୍ଡ କରିଥିଲେ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୬/୨୦୨୨ Bhubaneswar, Friday, December 16/ 2022




ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଏଫସି ଓ ଏଟିକେ ମୋହନବାଗାନ ମଧ୍ୟରେ ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ ମ୍ୟାଚ।

## ଜେଲ୍‌ରୁ ମୁକୁଳିଲେ ବୋରିସ ବେକର

**ଲଣ୍ଡନ, ୧୫।୧୨ (ଏପି):** ଜର୍ମାନୀ ଟେନିସ କିମ୍ବଦନ୍ତୀ ବୋରିସ ବେକର ୮ମାସ ବନ୍ଦୀ ଜୀବନ ବିତାଇବା ପରେ ଜେଲ୍‌ରୁ ମୁକୁଳିଛନ୍ତି। ବର୍ତ୍ତମାନ ସେ ୟୁନାଇଟେଡ କିଙ୍ଗ୍‌ଡମ୍ (ୟୁକେ)ରୁ ପ୍ରତ୍ୟର୍ପଣର ସମ୍ମୁଖୀନ ହେବେ। ଜର୍ମାନୀର ଏହି ୫୫ ବର୍ଷୀୟ ବୋରିସ ୨୦୧୨ରୁ ବ୍ରିଟେନରେ ରହି ଆସୁଛନ୍ତି। ପ୍ରତ୍ୟର୍ପଣ ପୂର୍ବରୁ ଗୁରୁବାର ସକାଳେ ତାଙ୍କୁ ଜେଲ୍‌ରୁ ଖଲାସ କରାଯାଇଛି। ହେଲେ କେଉଁ କାରଣରୁ ତାଙ୍କୁ ମୁକ୍ତ କରାଗଲା ସେ ସମ୍ପର୍କରେ ସ୍ପଷ୍ଟ କରାଯାଇ ନାହିଁ। ଉଧାର ଶୁଝିବା ଏଡାଇବାକୁ ଯାଇ ୩ଥର ୱିମ୍ବଲଡନ ଚାମ୍ପିୟନ ତାଙ୍କର ୨.୫ ନିୟୁତ ପାଉଣ୍ଡ (୩.୧ ନିୟୁତ ଡଲାର) ସମ୍ପତ୍ତି ଓ ଋଣ ସମ୍ପର୍କିତ ତଥ୍ୟକୁ ଲୁଚାଇ ରଖିଥିଲେ। ଏଥିପାଇଁ ଏପ୍ରିଲରେ ତାଙ୍କୁ ୩୦ ମାସ ଜେଲ୍ ଦଣ୍ଡ ହୋଇଥିଲା। ପୂର୍ବତନ ବିଶ୍ୱ ଚାମ୍ପିୟନଙ୍କୁ ୨୦୧୭ ଜୁନ୍‌ରେ ଦେବାଳିଆ ଘୋଷଣା କରାଯାଇଥିଲା। ବେକର ୧୯୮୫ରେ ମାତ୍ର ୧୭ ବର୍ଷ ବୟସରେ ପ୍ରଥମ ଅଣସିଡ୍ ଖେଳାଳି ଭାବେ ୱିମ୍ବଲଡନ ସିଙ୍ଗଲ୍ସ ଟାଇଟଲ ଜିତି ଟେନିସ ଷ୍ଟାର ବନିଯାଇଥିଲେ।

## ବିଦ୍ୟାଳୟରରୁ ଚେସ୍ କାର୍ଯ୍ୟକ୍ରମର ଶୁଭାରମ୍ଭ

**ଭୁବନେଶ୍ୱର, ୧୫।୧୨ (କ୍ରୀଡ଼ା ପ୍ରତିନିଧି)**

କ୍ରୀଡ଼ା ଓ ଯୁବସେବା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଅଲ ଓଡିଶା ଚେସ ଆସୋସିଏସନର ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟରୁ ଚେସ୍ କାର୍ଯ୍ୟକ୍ରମ ଗୁରୁବାର ଭୁବନେଶ୍ୱରରେ ଆରମ୍ଭ ହୋଇଛି । ୧୫ ଓ ୧୬ ତାରିଖ ଦୁଇ ଦିନ ଧରି ବିଦ୍ୟାଳୟରରୁ ଚେସ୍ କାର୍ଯ୍ୟକ୍ରମରେ ରାଜଧାନୀ ଭୁବନେଶ୍ୱର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ସ୍କୁଲ ସ୍ତରୀୟ ପ୍ରତିଯୋଗିତାରୁ କୃତୀ ପ୍ରତିଯୋଗୀ ଚୟନ କରାଯାଇ ଆଗାମୀ ଦିନରେ ଭୁବନେଶ୍ୱର ଓପନ ଚେସ୍ ଅନୁଷ୍ଠିତ ହେବ।

ପ୍ରକାଶ ଯୋଗ୍ୟ ଯେ, ରାଜ୍ୟ ସରକାର ବିଭିନ୍ନ କ୍ରୀଡ଼ାକୁ ପ୍ରୋତ୍ସାହନ ଦେଇ ଆସୁଛନ୍ତି। ହକି, ଫୁଟବଲ, କ୍ରିକେଟ, ବ୍ୟାଡ଼ମିଣ୍ଟନ, ସନ୍ତରଣ ପରି ବୌଦ୍ଧିକ ଖେଳ ଚେସ୍ ପ୍ରତି ପିଲାଙ୍କ ଆଗ୍ରହ ବଢ଼ିଛି । ଏହି ପରିପ୍ରେକ୍ଷୀରେ ଚେସ୍ ଖେଳକୁ ଅଧିକ ପରିବ୍ୟାପ୍ତ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ସ୍ତରରୁ ଚେସ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ଗତ ୧୦ ତାରିଖରେ କଳିଙ୍ଗ ଷ୍ଟାଡିୟମ ପରିସରରେ ବିଦ୍ୟାଳୟ ଶିକ୍ଷକ ମାନଙ୍କୁ ନେଇ ଚେସ୍ ଖେଳ ସମ୍ପର୍କିତ ଏକ କର୍ମଶାଳା ହୋଇଥିଲା । ଚେସ୍ କାର୍ଯ୍ୟକ୍ରମକୁ ନେଇ ରାଜଧାନୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି। ଆଗାମୀ ଦିନରେ ବିଦ୍ୟାଳୟରୁ ଚେସ୍ କାର୍ଯ୍ୟକ୍ରମକୁ ସାରା ରାଜ୍ୟକୁ ପ୍ରସାରିତ କରାଯିବ। ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ଶାସନ ସଚିବ ଶୁଭ୍ରାଂଶୁ ମିଶ୍ର, ଓସେପାର ଯୁଗ୍ମ ନିର୍ଦ୍ଦେଶକ ସରୋଜ ବେହେରାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ଏଓସିଏ କର୍ମକର୍ତ୍ତା ମାନେ ବିଭିନ୍ନ ସ୍କୁଲ ପରିଦର୍ଶନରେ ଯାଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ ।



ସ୍କୁଲରେ ପିଲାମାନେ ଚେସ୍ ଖେଳୁଛନ୍ତି।

## ସୌଦି ନୂଆ ଟେଷ୍ଟ ଅଧିନାୟକ

**ଅକ୍‌ଲାଣ୍ଡ, ୧୫।୧୨ (ପି.ଟି.)**

କେନ୍ ୱିଲିୟମସନ ନ୍ୟୁଜିଲାଣ୍ଡ ଟେଷ୍ଟ ଦଳର ଅଧିନାୟକ ପଦବୀରୁ ଓହରିଯାଇଥିବା ଦେଶର କ୍ରିକେଟ ବୋର୍ଡ ଗୁରୁବାର ଘୋଷଣା କରିଛି। ୱିଲିୟମସନଙ୍କ ସଫଳ ନେତୃତ୍ୱରେ ନ୍ୟୁଜିଲାଣ୍ଡ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି)ର ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇପାରିଥିଲା। ତାଙ୍କ ସ୍ଥାନରେ ଟିମ୍ ସୌଦିଙ୍କୁ ଟେଷ୍ଟ ଦଳର ନୂଆ ଅଧିନାୟକ କରାଯାଇଛି। ୱିଲିୟମସନ କିନ୍ତୁ ହ୍ୱାଇଟ୍‌ବଲ ଫର୍ମାଟରେ ଅଧିନାୟକ ରହିବେ। ଆଗାମୀ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ୨୦୨୩ ଓ ଟି୨୦ ବିଶ୍ୱକପ୍ ୨୦୨୪ରେ ତାଙ୍କର ଧ୍ୟାନ ରହିବ। ଟମ୍ ଲଥାମଙ୍କୁ ଉପ ଅଧିନାୟକ କରାଯାଇଛି। ପରିସଂଖ୍ୟାନ ଅନୁସାରେ ନ୍ୟୁଜିଲାଣ୍ଡ ଇତିହାସରେ ୱିଲିୟମସନ ହେଉଛନ୍ତି ଶ୍ରେଷ୍ଠ ଅଧିନାୟକ। ତାଙ୍କ ଅଧୀନରେ ଦଳ ଖେଳିଥିବା ୪୦ ଟେଷ୍ଟ ମ୍ୟାଚ ମଧ୍ୟରୁ ୨୨ଟିରେ ବିଜୟ ଲାଭ କରିଛି। ନ୍ୟୁଜିଲାଣ୍ଡ ୮ଟି ମ୍ୟାଚ ଡ୍ର ରଖିଥିବା ବେଳେ ୧୦ଟିରେ ପରାଜୟ ବରଣ କରିଛି। ଗତବର୍ଷ ଜୁନ୍‌ରେ ତାଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ଫାଇନାଲରେ ଭାରତକୁ ପରାସ୍ତ କରି ଆଇସିସି ଟେଷ୍ଟ ଚାମ୍ପିୟନଶିପ୍ ଜିତିଥିଲା। ଏହାପୂର୍ବରୁ ଟେଷ୍ଟ ର୍‌ୟାଙ୍କିଙ୍ଗରେ ମଧ୍ୟ ଦଳ ଶୀର୍ଷ ସ୍ଥାନରେ ପହଞ୍ଚିଥିଲା। ୱିଲିୟମସନ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେବାକୁ ଯାଇ କହିଛନ୍ତି, ପଡ଼ିଆ ଓ ପଡ଼ିଆ ବାହାରେ ତାଙ୍କ କାର୍ଯ୍ୟଭାର ଯଥେଷ୍ଟ ବୃଦ୍ଧିପାଇଥିବାରୁ କ୍ୟାରିୟରର ଏହି ସମୟରେ ଏପରି ନିଷ୍ପତ୍ତି ନେବାକୁ ସେ ବାଧ୍ୟ ହୋଇଛନ୍ତି। ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡ୍‌ସି) ସହିତ ଆଲୋଚନା ପରେ ଆସନ୍ତା ଦୁଇ ବର୍ଷରେ ଖେଳାଯିବାକୁ ଥିବା ଦୁଇଟି ବିଶ୍ୱକପ୍ ଲାଗି ହ୍ୱାଇଟ ଫର୍ମାଟରେ ତାଙ୍କ ନେତୃତ୍ୱର ଆବଶ୍ୟକତା ରହିଛି ବୋଲି ଅନୁଭବ କରିଥିଲେ। ୱିଲିୟମସନ କହିଛନ୍ତି, ଟେଷ୍ଟ ଅଧିନାୟକ ଭାବେ ତାଙ୍କ କାର୍ଯ୍ୟକାଳ ସମୟରେ ସୌଦି ଓ ଲଥାମ ତାଙ୍କୁ ସହାୟତା କରି ଆସିଛନ୍ତି। ଟିମ୍‌ଙ୍କୁ ଅଧିନାୟକ ଏବଂ ଟମ୍‌ଙ୍କୁ ଉପ ଅଧିନାୟକ ଭାବେ ମୋର ଅନୁରୂପ ସମର୍ଥନ ରହିବ। ୩୪୬ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ସାଉଦି ୨୨ଥର ଟି୨୦ ଦଳର ନେତୃତ୍ୱ ନେଇଛନ୍ତି। ସେ ନ୍ୟୁଜିଲାଣ୍ଡର ୩୧ତମ ଟେଷ୍ଟ ଅଧିନାୟକ ଭାବେ ଦାୟିତ୍ୱ ଗ୍ରହଣ କରିବେ। ଚଳିତ ମାସରେ ପାକିସ୍ତାନକୁ ଟେଷ୍ଟ ଟୁର୍ ବେଳେ ସେ ନ୍ୟୁଜିଲାଣ୍ଡ ଦଳର ନେତୃତ୍ୱ ନେବେ। ପ୍ରଥମ ଟେଷ୍ଟ ବକ୍ସିଂ ଡେ'ରେ କରାଚୀରେ ଖେଳାଯିବ।



ଟିମ୍ ସୌଦି

## ବିଜୟ ଉତ୍ସବ ପାଳନ ବେଳେ କାର୍ ଦୁର୍ଘଟଣାରେ ବାଳକର ମୃତ୍ୟୁ

**ପ୍ୟାରିସ, ୧୫।୧୨(ଏପି)**

ଫ୍ରାନ୍ସର ଫାଇନାଲ ପ୍ରବେଶକୁ ନେଇ ଫ୍ରେଞ୍ଚ ଦକ୍ଷିଣାଞ୍ଚଳ ସହର ମଣ୍ଟପେଲିଅରରେ ବିଜୟ ଉତ୍ସବ ପାଳନ ଚାଲିଥିବା ବେଳେ ଏକ କାର୍ ଦୁର୍ଘଟଣାରେ ଜଣେ ବାଳକର ମୃତ୍ୟୁ ଘଟିଛି। ଡ୍ରାଇଭର ଜଣକ ଫେରାର ହୋଇଯାଇଛନ୍ତି, କିନ୍ତୁ ଗାଡ଼ିଟିକୁ ନିକଟବର୍ତ୍ତୀ ଅଞ୍ଚଳରେ ଠାବ କରାଯାଇଛି। କେଉଁ କାରଣରୁ ଦୁର୍ଘଟଣା ଘଟିଲା ପୋଲିସ ତାହାର ତଦନ୍ତ ଚଳାଇଛି। ଟୁଇଟରରେ ପୋଷ୍ଟ କରାଯାଇଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି ଯେ, ବୁଧବାର ରାତିରେ ମରକ୍କୋ ବିପକ୍ଷରେ ଫ୍ରେଞ୍ଚ୍ ଜାତୀୟ ଦଳର ବିଜୟ ପରେ ଦେଶ ଉତ୍ସବ ମୁଖରିତ ହୋଇପଡ଼ିଥିଲା। ବହୁ ଲୋକ ରୁଣ୍ଡ ହୋଇ ଖୁସି ମନାଉଥିବା ବେଳେ ସେହି ବାଟ ଦେଇ ଜଣେ କେହି ବିପଜ୍ଜନକ ଭାବେ କାର ଡ୍ରାଇଭିଂ କରି ଯାଉଥିଲେ। ବାଳକଟିର ନାମ ସର୍ବସାଧାରଣରେ ପ୍ରକାଶ କରାଯାଇ ନାହିଁ। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବାଳକଟିର ବୟସ ୧୪ ବର୍ଷ ବୋଲି କୁହାଯାଉଛି। ଫ୍ରେଞ୍ଚ୍ ଲମେକର ନାଥାଲି ଓଜିଓଲ ଦୁଃଖ ପ୍ରକାଶ କରିବା ସହ ବିଜୟ ଉତ୍ସବ ଦୁଃଖଦ ଘଟଣାରେ ଶେଷ ହୋଇଛି ବୋଲି କହିଛନ୍ତି। ଫ୍ରାନ୍ସ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିବା ପରେ ପ୍ୟାରିସ ଓ ଅନ୍ୟାନ୍ୟ ସହରଗୁଡ଼ିକରେ ଲୋକେ ଖୁସିରେ ରାସ୍ତାକୁ ଆସି ହୋହଲ୍ଲା କରିଥିଲେ।

## ପଏଣ୍ଟ ବାଣ୍ଟିଲା ଓଏଫ୍‌ସି

**ଭୁବନେଶ୍ୱର, ୧୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

**ଇଣ୍ଡିଆନ୍ ସୁପର୍ ଲିଗ୍**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ନିଜର ଅପରାଜେୟ ଧାରା ବଜାୟ ରଖିଛି ଓଡ଼ିଶା ଏଫ୍‌ସି (ଓଏଫ୍‌ସି)। ଗୁରୁବାର ଅନୁଷ୍ଠିତ ମ୍ୟାଚଟି ୦-୦ରେ ଡ୍ର ରହିଥିବା ବେଳେ ଏଟିକେ ମୋହନ ବାଗାନ (ଏଟିକେଏମ୍‌ବି) ସହିତ ପଏଣ୍ଟ ବାଣ୍ଟିଛି ଓଏଫ୍‌ସି। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଓଏଫ୍‌ସି ମ୍ୟାଚର ୫୩ % ସମୟ ବଲ୍ ନିୟନ୍ତ୍ରଣରେ ରଖିଥିଲା। ଉଭୟ ଦଳ ୪-୨-୩-୧ କମ୍ବିନେଶନରେ ପଡିଆକୁ ଓହ୍ଲାଇଥିଲେ। ଓଏଫ୍‌ସି ପକ୍ଷରୁ ୧୭ଟି ଗୋଲ ସ୍କୋରିଂ ପ୍ରୟାସ କରାଯାଇଥିବା ବେଳେ ଏଟିକେଏମ୍‌ବି ୭ ଥର ସ୍କୋରିଂ ପ୍ରୟାସ କରିଥିଲା। ଉଭୟ ଦଳର ଗୋଟିଏ ଲେଖାଏ ଗୋଲ ଅଫ୍‌ସାଇଡ ହୋଇଥିଲା। ଓଏଫ୍‌ସିକୁ ୮ କର୍ନର ମିଳିଥିବା ବେଳେ ଏଟିକେଏମ୍‌ବିକୁ ମିଳିଥିଲା ୩ଟି କର୍ନର। ସେହିପରି ଉଭୟ ଦଳ ପକ୍ଷରୁ ମାତ୍ରାଧିକ ଫାଉଲ ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ଉଭୟ ଦଳର ଦଳର ୩ ଜଣ ଲେଖାଏ ଖେଳାଳିଙ୍କୁ ୟେଲୋ କାର୍ଡ ପ୍ରଦାନ କରାଯାଇଥିଲା। ଆଜିର ମୁକାବିଲାକୁ ମିଶାଇ ଓଏଫ୍‌ସି ୧୦ ମ୍ୟାଚରୁ ୬ ବିଜୟ ଓ ୧ ପରାଜୟ ସହିତ ୧୯ ପଏଣ୍ଟ ଓ ସମାନ ସଂଖ୍ୟକ ମ୍ୟାଚ ଖେଳି ଏଟିକେଏମ୍‌ବି ୨୦ ପଏଣ୍ଟ ହାସଲ କରିଛି। ଏଟିକେଏମ୍‌ବି ପଏଣ୍ଟ ଟେବଲର ତୃତୀୟ ସ୍ଥାନରେ ରହିଥିବା ବେଳେ ପୂର୍ବବତ ୪ର୍ଥ ସ୍ଥାନରେ ଅପରିବର୍ତ୍ତିତ ରହିଛି ଓଏଫ୍‌ସି। ଖେଳର ଶେଷ ଆଡକୁ ଏକ ନିଷ୍ପତ୍ତିକୁ କେନ୍ଦ୍ର କରି ଉଭୟ ଦଳର ଖେଳାଳିଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏହାପରେ ୮୯ରୁ ୯୦+୪ ମିନିଟ ମଧ୍ୟରେ ଉଭୟ ଦଳର ୩ ଖେଳାଳିଙ୍କୁ ୟେଲୋ କାର୍ଡ ପ୍ରଦାନ କରାଯାଇଥିଲା।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ